# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୮/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, April 18/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 143 | ମୂଲ୍ୟ ₹୭/-




**ଡେଭନ କନ୍‌ୱେଙ୍କ ପ୍ରଭାବୀ ବ୍ୟାଟିଂ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସର ଡେଭନ କନ୍‌ୱେ ଆକର୍ଷଣୀୟ ୮୩ ରନ୍ କରିଛନ୍ତି।

**୧୨**

**୧୦**

**ସଲ୍‌ମାନଙ୍କ ସହ କାମ କରିବାକୁ କିଛି ରୁଲ୍ ନାହିଁ**

ସଲ୍‌ମାନଙ୍କ ସହ କାମ କରିବାକୁ ହେଲେ ସେପରି କୌଣସି ରୁଲ୍ ମାନିବାକୁ ହୁଏନି ବୋଲି ଶେହେନାଜ୍ ଗିଲ୍ ତାଙ୍କର ଏକ ମନ୍ତବ୍ୟରେ କହିଛନ୍ତି।





ଫାୟାର ସର୍ଭିସେସ୍, ଏନ୍‌ଡିଆର୍‌ଏଫ୍ ଓ ସିଭିଲ୍ ଡିଫେନ୍ସ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ରେ ଅଗ୍ନିକାଣ୍ଡ ମକ୍‌ଡ୍ରିଲ୍‌ରେ ଜଣଙ୍କୁ ଉଦ୍ଧାର କରାଯାଉଛି। (ଫଟୋ-ବିକାଶ)

# ମେ' ତୃତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ୍ ଫଳ

## ସରିଲା ଖାତା ମୂଲ୍ୟାୟନ

**କଟକ ଅଫିସ,୧୭।୪**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ୍-୨ ପରୀକ୍ଷା ଖାତା ମୂଲ୍ୟାୟନ ସୋମବାର ଶେଷ ହୋଇଛି। ମେ' ତୃତୀୟ ସପ୍ତାହ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତ୍ରୁଟିଶୂନ୍ୟ ରେଜଲ୍ଟ ପ୍ରକାଶ ପାଇବା ପାଇଁ ପ୍ରକ୍ରିୟା ଜାରି ରହିଛି। ଅନ୍ୟ ବୋର୍ଡ ତୁଳନାରେ ଆଗୁଆ ରେଜଲ୍ଟ ପ୍ରକାଶ ନିମନ୍ତେ ବୋର୍ଡ ଲକ୍ଷ୍ୟ ରଖିଛି। ସେହିପରି ସାମାଜିକ ବିଜ୍ଞାନର ବି ସେଟ୍ ପ୍ରଶ୍ନପତ୍ରରେ ରହିଥିବା ତ୍ରୁଟିର ସମାଧାନ ପାଇଁ ଛାତ୍ରୀଛାତ୍ରଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ମାଟ୍ରିକ୍, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫ ଲକ୍ଷ ୪୧ ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ୩,୨୧୮ କେନ୍ଦ୍ରରେ ଗତ ମାର୍ଚ୍ଚ ୧୦ ତାରିଖରୁ ଏହି ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା। ରାଜ୍ୟରେ ମୋଟ୍ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିବାବେଳେ ସବୁଠି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଗତ ଏପ୍ରିଲ ୩ରୁ ମୂଲ୍ୟାୟନ ଆରମ୍ଭ ହୋଇଥିଲା। ଏଥିପାଇଁ ୧୩,୦୦୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା। ମୂଲ୍ୟାୟନ କାର୍ଯ୍ୟ ୧୦ରୁ ୧୨ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି କହିଥିଲେ। ଏହା ମଧ୍ୟ ଯଥା ସମୟରେ ଶେଷ ହୋଇଛି। ମୂଲ୍ୟାୟନ ପ୍ରକ୍ରିୟା ପରେ ବୋର୍ଡ ପକ୍ଷରୁ ଟାବୁଲେଶନ ଭଳି ଅନ୍ୟାନ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି।

# ସମଲିଙ୍ଗୀ ବିବାହର ଆଇନଗତ ବୈଧତାକୁ ବିରୋଧ

## ସହରୀ ଆଭିଜାତ୍ୟ ଚିନ୍ତାଧାରା କହିଲା କେନ୍ଦ୍ର

**ନୂଆଦିଲ୍ଲୀ,୧୭।୪**

ସମଲିଙ୍ଗୀ ବିବାହର ଆଇନଗତ ବୈଧତା ପାଇଁ ସୁପ୍ରିମକୋର୍ଟରେ ଦାଏର ପିଟିଶନକୁ କେନ୍ଦ୍ର ସରକାର ସୋମବାର ବିରୋଧ କରିଛନ୍ତି। ସମାଜ ଗ୍ରହଣ କରୁଥିବା ନାଁରେ ଏଭଳି ଆବେଦନ ସହରୀ ଆଭିଜାତ୍ୟ ଚିନ୍ତାଧାରାର ପ୍ରତିଫଳନ ବୋଲି ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି। ବିବାହକୁ ସ୍ୱୀକୃତି ଦେବା ନିଶ୍ଚିତ ଭାବେ ବ୍ୟବସ୍ଥାପିକା କାର୍ଯ୍ୟ ହୋଇଥିବାରୁ କୋର୍ଟ ନିଷ୍ପତ୍ତି ନେବାରୁ ଦୂରେଇ ରହିବା ଉଚିତ ବୋଲି କେନ୍ଦ୍ର ମତ ରଖିଛି। ବିବାହ ଏକ ଅନୁଷ୍ଠାନ, ଯାହା ଦୁଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଖବରକୁ ପ୍ରତିରୋଧ**

# ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଏସ୍ମା

## ଆନ୍ଦୋଳନକୁ ଓହ୍ଲାଇବା ପୂର୍ବରୁ ଅଟକିଲେ

**ରାଜ୍ୟରେ ଏବେ ପ୍ରବଳ ରୌଦ୍ରତାପଜନିତ ଅସୁସ୍ଥତା ଏବଂ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସ୍ୱାସ୍ଥ୍ୟ ସେବାକୁ ସୁବ୍ୟବସ୍ଥିତ କରିବା ସହ ସମସ୍ତଙ୍କୁ ଠିକ୍‌ଭାବେ ସେବା ଯୋଗାଇବା ଉଦ୍ଦେଶ୍ୟରେ ସରକାର ସୋମବାରଠାରୁ ୬ମାସ ପର୍ଯ୍ୟନ୍ତ ଏସ୍ମା ଲାଗୁ କରିଛନ୍ତି। ଏହି ସମୟରେ ସରକାରୀ ଡାକ୍ତରଖାନାରେ ନିୟୋଜିତ କୌଣସି ସ୍ୱାସ୍ଥ୍ୟକର୍ମୀ ଯେପରି ଧାରଣା କିମ୍ବା ଆନ୍ଦୋଳନରେ ସାମିଲ ନ ହେବେ ସେନେଇ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି।**

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ସରକାରୀ ଡାକ୍ତରଖାନାରେ ନିୟୋଜିତ ନର୍ସ, ଫାର୍ମାସିଷ୍ଟ, ପାରାମେଡିକ୍, ଟେକ୍ନିସିଆନ୍‌ଙ୍କ ଉପରେ ରାଜ୍ୟ ସରକାର ସୋମବାର ଅତ୍ୟାବଶ୍ୟକ ସେବା ଏବଂ ପରିଚାଳନା ଆଇନ(ଏସ୍ମା) ଲାଗୁ କରିଛନ୍ତି। ଏଥିସହିତ ସ୍ୱାସ୍ଥ୍ୟ ସେବାରେ ଜଡ଼ିତ ଅନ୍ୟ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମେତ ଠିକା କର୍ମଚାରୀଙ୍କ ଉପରେ ଏହି ନିର୍ଦ୍ଦେଶ ଲାଗୁ ହେବ। ଜରୁରୀ ସେବାରେ ବ୍ୟାଘାତ ନ ଘଟାଇବା ପାଇଁ ଆସନ୍ତା ୬ମାସ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଗୃହ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ସେମାନଙ୍କ ଦାବି ପାଇଁ ଆନ୍ଦୋଳନକୁ ଓହ୍ଲାଇବା ବାଟ ବନ୍ଦ ହୋଇଯାଇଛି। ଗୃହ ବିଭାଗ ଏସ୍ମା ଆଇନ ୧୯୮୮ ଅନୁଯାୟୀ ଏହି ନିର୍ଦ୍ଦେଶନାମା ଲାଗୁ କରାଯାଇଛି।

ସେହିପରି ଜିଲା ମୁଖ୍ୟାଳୟ, ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଠିକା କର୍ମଚାରୀ ଅଥବା ପରିଚାଳନାରେ ନିୟୋଜିତ ଥିବା କର୍ମଚାରୀମାନେ ମଧ୍ୟ ଧାରଣା ଦେଇପାରିବେ ନାହିଁ। ଏହାବାଦ୍ ବିଭିନ୍ନ ମେଡିକାଲ କଲେଜ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ର, କାରାଗାର ଓ ପୋଲିସ ଚିକିତ୍ସାଳୟ ଆଦି ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମଧ୍ୟ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ ହେବ। ଏଥିସହିତ କର୍ମଚାରୀମାନେ ବିନା ଅନୁମତିରେ ଛୁଟିରେ ରହିପାରିବେ ନାହିଁ।

ଅପରପକ୍ଷରେ ଏହି ନିର୍ଦ୍ଦେଶନାମା ଜାରି କରି ସରକାର ସ୍ୱାସ୍ଥ୍ୟକର୍ମୀଙ୍କ କଣ୍ଠରୋଧ କରିବା ପାଇଁ ଉଦ୍ୟମ କରିଛନ୍ତି ବୋଲି ଫାର୍ମାସିଷ୍ଟ ଓ ନର୍ସ ସଂଘ କହିଛନ୍ତି। ସଂଘ ସଭାପତି ସୁଚିସ୍ମିତା ଦାଶ ଓ ସମ୍ପାଦକ ସବ୍ୟସାଚୀ ପଣ୍ଡା କହିଛନ୍ତି, ଯେଉଁ କଟକଣା ଜାରି କରାଗଲା, ଏହା ଠିକ୍ ନୁହେଁ। ସେମାନେ ମଧ୍ୟ ମଣିଷ। ସେମାନଙ୍କ ପ୍ରତି ହେଉଥିବା ଦରମା ଅସଙ୍ଗତି ଦୂର ଏବଂ ଚାକିରି ନିୟମିତ କରିବା ଦାବିକୁ ଠିକ୍‌ଭାବେ ସରକାର ଲାଗୁ କରୁନାହାନ୍ତି। ୨୦୧୩ ପୂର୍ବରୁ ଠିକାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ଏ ପର୍ଯ୍ୟନ୍ତ ସରକାର ସ୍ଥାୟୀ କରି ନାହାନ୍ତି। ସରକାରଙ୍କ ଐତିହାସିକ ନିଷ୍ପତ୍ତିରେ ସେମାନଙ୍କୁ ନ୍ୟାୟ ମିଳିଲାନି। ଯଦି ସରକାର କଟକଣା ☞ପୃଷ୍ଠା-୪

# ପ୍ରଚଣ୍ଡ ତାତି: ଉହଳବିକଳ ଜଙ୍ଗଲୀ ଜନ୍ତୁ

## ଜଙ୍ଗଲ ଜଳାଶୟ ଭରିବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ

- ବାରିପଦା ପୁଣି ୪୪.୨ଡିଗ୍ରୀ
- ୨୨ ଯାଏ ନିସ୍ତାର ନାହିଁ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

କଲବଲ କରୁଛି ପ୍ରଚଣ୍ଡ ଗ୍ରୀଷ୍ମ। ଘରେ କି ବାହାରେ ନିସ୍ତାର ନାହିଁ। ମଣିଷ, ଜୀବଜନ୍ତୁ ସମସ୍ତେ ତାତିର ଜ୍ୱାଳାରେ ଛଟପଟ ହେଉଛନ୍ତି। ଜଙ୍ଗଲରେ ପାଣି ଅଭାବରୁ ଜୀବଜନ୍ତୁ କଲବଲ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀଙ୍କ ନିମନ୍ତେ ଜଙ୍ଗଲରେ ପାଣି ବ୍ୟବସ୍ଥା କରିବାକୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ଦେବୀଦତ୍ତ ବିଶ୍ୱାଳ ରାଜ୍ୟର ସମସ୍ତ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଖରା ଯୋଗୁ ଜଙ୍ଗଲରେ ଥିବା ଛୋଟ ବଡ଼ ଜଳାଶୟ ଶୁଖି ଯାଉଛି। ତେଣୁ ଏହି ଜଳାଶୟଗୁଡ଼ିକୁ ଗଭୀର କରିବା ସହ ଟ୍ୟାଙ୍କରରେ ଶୁଖିଲା ପୋଖରୀ, ଗଡ଼ିଆରେ ପାଣି ଭର୍ତ୍ତି କରିବାକୁ ପିସିସିଏଫ୍ ସମସ୍ତ ଡିଏଫ୍‌ଓଙ୍କୁ ଚିଠି ଲେଖିଛନ୍ତି। ଜଳାଶୟ ନିକଟରେ ଛାଇ ବ୍ୟବସ୍ଥା କରିବା ସହିତ ନିୟମିତ ଭାବେ ସ୍ଥିତି ଅନୁଧ୍ୟାନ କରିବାକୁ ମଧ୍ୟ କୁହାଯାଇଛି। ଜଙ୍ଗଲରେ ପାଣିର ଅଭାବ ହେଲେ ବନ୍ୟଜନ୍ତୁ ଜନବସତିକୁ ପଳାଇ ଆସିବା ଆଶଙ୍କା ରହିଛି। ଜଳାଶୟଗୁଡ଼ିକରେ ନିୟମିତ ପାଣି ଭରିବା ସହ ସ୍ଥିତି ପରଖିବା ପାଇଁ ଦୈନିକ ପାଟ୍ରୋଲିଂ କରିବାକୁ କୁହାଯାଇଛି। ଏହାସହ ଜଙ୍ଗଲ ନିକଟ ଗ୍ରାମରେ ଜନସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହିତ ଚିଡ଼ିଆଖାନା, ରେସ୍‌କ୍ୟୁ ସେଣ୍ଟର ଏବଂ ବନ୍ୟଜନ୍ତୁ ପାର୍କଗୁଡ଼ିକରେ ଜୀବଜନ୍ତୁଙ୍କୁ ଖରା ଓ ତାତିରୁ ରକ୍ଷା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ତେବେ ପାଣି ଅଭାବରୁ କଟକ ଜିଲା ଆଠଗଡ଼ ବନଖଣ୍ଡରେ ହାତୀଛୁଆର ମୃତ୍ୟୁ ଘଟିଥିବା ବିଷୟକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅସ୍ୱୀକାର କରିଛି। ☞ପୃଷ୍ଠା-୪

# ନଗଦ ଟଙ୍କା ଅଭାବ, ଲୋକେ ହଇରାଣ

## ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା ଘଟଣା

- କର୍ଫ୍ୟୁ କୋହଳ, ସମାଧାନ ପାଇଁ ବୈଠକ: ଜିଲାପାଳ
- ଗିରଫ ସଂଖ୍ୟା ୮୫କୁ ବୃଦ୍ଧି, ସ୍ଥିତି ନିୟନ୍ତ୍ରଣାଧୀନ: ଏସ୍‌ପି

**ସମ୍ବଲପୁର,୧୭।୪(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ବାଇକ୍ ଶୋଭାଯାତ୍ରା ସମୟରେ ଘଟିଥିବା ସାମ୍ପ୍ରଦାୟିକ ହିଂସା ଘଟଣାକୁ ନେଇ ଜିଲାରେ ୫ଦିନ ହେଲା ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ଏହାସହ କର୍ଫ୍ୟୁ ମଧ୍ୟ ଲଗାଯାଇଛି। ଏଥିଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ନେଟ୍ ସେବା ବନ୍ଦ ଯୋଗୁ ଏହାର ପ୍ରଭାବ ବ୍ୟାଙ୍କ ଉପରେ ପଡ଼ିଛି। ଲୋକେ ଅନ୍‌ଲାଇନରେ ଟଙ୍କା ନେଣଦେଣ କରୁଥିଲେ। ଏପରି କି ଦୋକାନ ବଜାରରେ ମଧ୍ୟ ଅନ୍‌ଲାଇନରେ କିଣାବିକା ହେଉଥିଲା। ନେଟ୍ ସେବା ବନ୍ଦ ହେବା ଫଳରେ ଅନ୍‌ଲାଇନ ବ୍ୟାଙ୍କ ସେବା ମଧ୍ୟ ବନ୍ଦ ହୋଇଯାଇଛି। ଲୋକେ ନଗଦ ଟଙ୍କା ଉପରେ ଭରସା କରୁଥିବାରୁ ଏହାର ଚାହିଦା ବୃଦ୍ଧି ପାଇଛି। ଏଥିଯୋଗୁ ଏଟିଏମ୍ କାଉଣ୍ଟରରେ ଲମ୍ବା ଲାଇନ୍ ଲାଗୁଛି। ହେଲେ ସହରରେ ଥିବା କେତେକ ଏଟିଏମ୍ କାଉଣ୍ଟରରେ ଟଙ୍କା ବାହାରୁ ନାହିଁ। ସର୍ଭର ଡାଉନ ଥିବା ସୂଚନା ଆସୁଛି। ଜିଲାରେ ମୋଟାମୋଟି ଭାବେ ନଗଦ ଟଙ୍କାର ଅଭାବ ଦେଖାଦେଇଛି। ଫଳରେ ଜନସାଧାରଣ ☞ପୃଷ୍ଠା-୪



ସମ୍ବଲପୁର ସହରର ଏକ ଏଟିଏମ୍‌ରେ ଗ୍ରାହକଙ୍କ ଭିଡ଼ ।

# ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କଠାରୁ କିଙ୍ଗ୍ ଚାର୍ଲ୍ସ ଧନୀ

**ଲଣ୍ଡନ,୧୭।୪**

ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟ ୬୦୦ ମିଲିୟନ୍ ପାଉଣ୍ଡ (୭୪୫ ମିଲିୟନ୍ ଡଲାର) ସମ୍ପତ୍ତିର ମାଲିକ। ସଣ୍ଡେ ଟାଇମ୍ସ ପକ୍ଷରୁ ପ୍ରକାଶ ପାଇଥିବା ଧନୀ ତାଲିକା ଅନୁସାରେ ସ୍ୱର୍ଗତ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସମ୍ପତ୍ତି ତୁଳନାରେ ଚାର୍ଲ୍ସ ଅଧିକ ସମ୍ପତ୍ତିର ଅଧିକାରୀ। ଚାର୍ଲ୍ସଙ୍କ ମା' ଏଲିଜାବେଥ୍ ଦ୍ୱିତୀୟଙ୍କ ସମ୍ପତ୍ତିର ପରିମାଣ ୩୭୦ ମିଲିୟନ୍ ପାଉଣ୍ଡ (୪୬୦ ମିଲିୟନ୍ ଡଲାର)। ତେବେ ପ୍ରକାଶିତ ତଥ୍ୟ ଅନୁସାରେ ଫୁଟ୍‌ବଲର୍ ଡେଭିଡ ବେକ୍‌ହାମ୍ ଏବଂ ବ୍ରିଟେନ୍‌ର ଖ୍ୟାତନାମା ଗାୟକ ସାର୍ ଇଲଟୋନ୍ ଜନ୍‌ଙ୍କୁ ମଧ୍ୟ କିଙ୍ଗ୍ ଚାର୍ଲ୍ସ ପଛରେ ପକାଇ ଦେଇଛନ୍ତି।

କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ସମ୍ପତ୍ତି ତାଲିକାରେ ୨ଟି ପ୍ରାଇଭେଟ୍ ରୟାଲ୍ ଇଷ୍ଟେଟ୍ ସାଣ୍ଡିନ୍‌ଘାମ୍ ଇଷ୍ଟେଟ୍ ଏବଂ ବାଲମୋରାଲ କାଷ୍ଟଲ୍ ରହିଛି। ୧୯୯୦ରେ ପ୍ରିନ୍ସ ଓ ଡାଏନାଙ୍କ ବିବାହ ବିଚ୍ଛେଦ ହେବା ପରେ କିଙ୍ଗ ଚାର୍ଲ୍ସ ଯତ୍ନର ସହିତ ସମ୍ପତ୍ତି ସବୁ ଠୁଳ କରିବା ଆରମ୍ଭ କରିଥିଲେ ବୋଲି ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ୨୦୧୧ରୁ ୨୦୨୨ ମଧ୍ୟରେ ଡଚି ଅଫ୍ କୋର୍ନୱାଲ୍ସର ବାର୍ଷିକ ଲାଭ ୪୨.୬ ପ୍ରତିଶତ ଥିଲା, ଯାହାର ଆନୁମାନିକ ମୂଲ୍ୟ ୨୫.୪ ମିଲିୟନ୍ ପାଉଣ୍ଡ। ଚାର୍ଲ୍ସ ଏଥିରୁ ୧୦ଗୁଣା ମିଲିୟନ୍ ପରିମାଣର ଅର୍ଥ ନେଇଯାଇଥିବା କୁହାଯାଉଛି।



ମହାରାଣୀ ଏଲିଜାବେଥ୍ ଏବଂ ରାଜା ଚାର୍ଲ୍ସ

ପରିବେଶ ସମସ୍ୟାର ସମାଧାନ ଲାଗି ଚାର୍ଲ୍ସ ସବୁବେଳେ ତତ୍ପର। ବିଦ୍ୟୁତ୍ ସଞ୍ଚୟ କରିବା ପାଇଁ ଚାର୍ଲ୍ସ ଲାଇଟ୍ ବନ୍ଦ କରିଦିଅନ୍ତି। ଅନ୍ୟପକ୍ଷେ କପଡ଼ା ହେଉ ଅବା ଖାଦ୍ୟ ଚାର୍ଲ୍ସଙ୍କୁ କୌଣସ ଜିନିଷ ନଷ୍ଟ କରିବାକୁ ପସନ୍ଦ ନୁହେଁ ବୋଲି ଭୋଗ୍‌କୁ ଏକ ସାକ୍ଷାତ୍‌କାର ଦେଇ ସେ କହିଥିଲେ। ହିଘଗ୍ରୋଭ୍ ହାଉସ୍ ଇଷ୍ଟେଟ୍‌ରୁ ହର୍ବାଲ୍ ମେଡିସିନ୍, ବିସ୍କୁଟ୍ ତିଆରି କରାଯାଉଥିବାବେଳେ ଏଗୁଡ଼ିକୁ ଚାର୍ଲ୍ସ ବିକ୍ରି କରି ଅର୍ଥ ଉପାର୍ଜନ କରୁଥିବା କୁହାଯାଏ। ବ୍ରିଟିଶ୍ ରାଜପରିବାରର ଆୟକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଉପୁଜିଥିବା ବ୍ରିଟିଶ୍ ରୟାଲ ଫ୍ୟାମିଲିକୁ ନେଇ ଡକ୍ୟୁମେଣ୍ଟାରି ତିଆରି କରିଥିବା ରବର୍ଟ ହାର୍ଡମାନ୍ କହିଛନ୍ତି। ବ୍ରିଟିଶ୍ ରୟାଲ ପରିବାର ବ୍ୟକ୍ତିଗତ କ୍ରାଉନ୍ ଇଷ୍ଟେଟ୍ ଏବଂ ଡଚେସ୍ ରହିଛି। ବ୍ରିଟିଶ୍ ରୟାଲ ପରିବାର ☞ପୃଷ୍ଠା-୪

**ଦଳିତ ଛାତ୍ରୀଙ୍କୁ ଗୁଳି କରି ହତ୍ୟା**

ଉତ୍ତର ପ୍ରଦେଶ ଜଲାଉଁ ଜିଲାରେ ସୋମବାର ଜଣେ ଦଳିତ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ବିଏ ଛାତ୍ରୀ ରୋଶନୀ ଅହିରୱାର କଲେଜରୁ ପରୀକ୍ଷା ସାରି ଫେରିବାବେଳେ ଦୁଇଜଣ ଯୁବକ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି କରି ସେଠାରୁ ଚାଲିଯାଇଥିଲେ। ଘଟଣାରେ ସମ୍ପୃକ୍ତ ଥିବା ଜଣଙ୍କୁ ଗିରଫ କରି ପୋଲିସ ପଚରାଉଚରା ଚଳାଇଛି। ରୋଶନୀଙ୍କ ଅଭିଭାବକ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ସିସୋଡିଆଙ୍କ ହାଜତ ମିଆଦ ୨ ସପ୍ତାହ ବଢ଼ିଲା

**ନୂଆଦିଲ୍ଲୀ,୧୭।୪:** ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ହାଜତ ମିଆଦକୁ ସ୍ଥାନୀୟ ଏକ ଅଦାଲତ ଦୁଇ ସପ୍ତାହ ବୃଦ୍ଧି କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବକାରୀ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଛି। ମଦ ନୀତି ଲୋକଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ନେଇ ସିସୋଡିଆ ଏକ ଜାଲ୍ ଇ-ମେଲ୍ କରିଥିଲେ ବୋଲି ଇଡି ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲଙ୍କ ଖଣ୍ଡପୀଠଙ୍କୁ କହିଥିଲା। ଏହି ଇ-ମେଲ୍ ଅବକାରୀ ବିଭାଗ ଆକାଉଣ୍ଟରୁ ନ ହୋଇ ସିସୋଡିଆଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ହୋଇଥିବାର ପ୍ରମାଣ ରହିଥିବା ଇଡି କହିବା ସହ ତଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲା।

### ଦେଶଦ୍ରୋହ ମାମଲାରେ ପୁଟିନ୍‌ଙ୍କ ସମାଲୋଚକଙ୍କୁ ୨୫ ବର୍ଷ ଜେଲଦଣ୍ଡ

**ମସ୍କୋ, ୧୭।୪:** ମସ୍କୋର ଏକ କୋର୍ଟ ସୋମବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସମାଲୋଚକ ଭ୍ଲାଡିମିର କାରା ମୁର୍ଜାଙ୍କୁ ଦେଶଦ୍ରୋହ ମାମଲାରେ ୨୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ନିନ୍ଦା କରିବା ସହ ରୁଷୀୟ ସୈନ୍ୟ ସମ୍ପର୍କରେ ମିଛ ଖବର ପ୍ରଘଟ କରିବା ନେଇ ମୁର୍ଜାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ତେବେ ଏହି ରୁଷୀୟ -ବ୍ରିଟିଶ୍ ପୂର୍ବତନ ଖବରଦାତା ଏବଂ ରାଜନେତାଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।


ଭ୍ଲାଡିମିର କାରା ମୁର୍ଜା

# ଅତିକ୍ ହତ୍ୟାର ତଦନ୍ତ କରିବ ଏସ୍ଆଇଟି

## ହତ୍ୟାକାରୀ ଅନ୍ୟ ଜେଲକୁ ସ୍ଥାନାନ୍ତର



ଲକ୍ଷ୍ନୌ,୧୭।୪

ଗ୍ୟାଙ୍ଗଷ୍ଟର ଅତିକ ଅହମଦ ଓ ତାଙ୍କ ଭାଇ ଅଶ୍ରଫ୍‌ଙ୍କୁ ହତ୍ୟା ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରାଯାଇଛି। ପ୍ରୟାଗରାଜ ପୋଲିସ କମିଶନର ରମିତ ଶର୍ମାଙ୍କ ପରାମର୍ଶକ୍ରମେ ଏସ୍ଆଇଟି ଗଠିତ ହୋଇଥିବା ସ୍ୱତନ୍ତ୍ର ପୋଲିସ ଡିଜି (ଆଇନ ଶୃଙ୍ଖଳା) ପ୍ରଶାନ୍ତ କୁମାର କହିଛନ୍ତି। ଅତିରିକ୍ତ ଡିସିପି କ୍ରାଇମ୍ ସତୀଶ ଚନ୍ଦ୍ରାଙ୍କ ନେତୃତ୍ୱରେ ଗଠିତ ଏସ୍ଆଇଟିରେ କୋଟୱାଲି ଥାନା ଏସିପି ସତ୍ୟେନ୍ଦ୍ର ପ୍ରସାଦ ତିୱାରୀ ଏବଂ କ୍ରାଇମବ୍ରାଞ୍ଚ ତଦନ୍ତ ଶାଖାର ଇନ୍ସପେକ୍ଟର ଓମ୍ ପ୍ରକାଶ ରହିଛନ୍ତି। ତଦନ୍ତର ତଦାରଖ ଲାଗି ଅତିରିକ୍ତ ପୋଲିସ ଡିଜିଙ୍କ ନେତୃତ୍ୱରେ ଏକ ୩ ଜଣିଆ ସୁପରଭାଇଜର ଟିମ୍ ଗଠନ କରାଯାଇଥିବା ଉତ୍ତରପ୍ରଦେଶ ଡିଜିପି ଆର୍.କେ. ବିଶ୍ୱକର୍ମା କହିଛନ୍ତି।

ଗ୍ୟାଙ୍ଗଷ୍ଟରରୁ ରାଜନେତା ଅତିକ୍ ଅହମଦ ଏବଂ ତାଙ୍କ ଭାଇ ଅଶ୍ରଫଙ୍କୁ ଗୁଳିକରି ହତ୍ୟା କରିଥିବା ୩ ଅଭିଯୁକ୍ତଙ୍କୁ ସୁରକ୍ଷାଗତ କାରଣରୁ ଉତ୍ତରପ୍ରଦେଶର ଅନ୍ୟ ଏକ ଜେଲକୁ ସ୍ଥାନାନ୍ତର କରାଯାଇଛି। ଶନିବାର ପୋଲିସ ସୁରକ୍ଷାରେ ପ୍ରୟାଗରାଜର ଏକ ମେଡିକାଲ କଲେଜକୁ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଦୁଇଭାଇଙ୍କୁ ନିଆଯାଉଥିବାବେଳେ ସନି ସିଂ, ଅରୁଣ ମୌର୍ଯ୍ୟ ଏବଂ ଲଭଲେଶ ତିୱାରି ସେମାନଙ୍କୁ ଗୁଳିକରି ହତ୍ୟା କରିଥିଲେ। ଅଭିଯୁକ୍ତମାନଙ୍କୁ ପ୍ରଥମେ ପ୍ରୟାଗରାଜର ନୈନି କେନ୍ଦ୍ରୀୟ ଜେଲକୁ ପଠାଯାଇଥିବାବେଳେ ସୋମବାର ସେମାନଙ୍କୁ ପ୍ରତାପଗଡ଼ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ନୈନି ଜେଲରେ ସେମାନଙ୍କ ଉପରେ ଆକ୍ରମଣ ହୋଇପାରେ ବୋଲି ଗୋଇନ୍ଦା ସୂଚନା ମିଳିଥିଲା। ଅତିକ୍ ଗ୍ୟାଙ୍ଗକୁ ହତ୍ୟା କରି ଖ୍ୟାତି ଅର୍ଜନ କରିବାକୁ ଚାହୁଁଥିବା ୩ ଅଭିଯୁକ୍ତଙ୍କୁ ରବିବାର ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ସେମାନେ ଖବରଦାତାର ପରିଚୟ ଦେଇ ଗ୍ୟାଙ୍ଗଷ୍ଟର ଓ ତାଙ୍କ ଭାଇଙ୍କୁ ଖୁବ୍ ନିକଟରୁ ଗୁଳି କରିଥିଲେ। ପରେ ସେମାନେ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ଆତ୍ମସମର୍ପଣ କରିଥିଲେ। ସେମାନଙ୍କଠାରୁ ୩ଟି ଜାଲ୍ ସାମ୍ବାଦିକ ପରିଚୟପତ୍ର, ମାଇକ୍ରୋଫୋନ୍ ଓ କ୍ୟାମେରା ପୋଲିସ ଜବତ କରିଥିଲା।

## ଗ୍ୟାଙ୍ଗଷ୍ଟରଙ୍କୁ ହୋଇଥିଲା ୯ ଗୁଳି

ନୂଆଦିଲ୍ଲୀ,୧୭।୪

ଉତ୍ତରପ୍ରଦେଶର ପ୍ରୟାଗରାଜସ୍ଥିତ ଏକ ହସ୍ପିଟାଲ ବାହାରେ ଶନିବାର ରାତିରେ କ୍ୟାମେରା ସାମ୍ନାରେ ଗ୍ୟାଙ୍ଗଷ୍ଟର ଅତିକ ଅହମଦ ଓ ତାଙ୍କ ଭାଇ ଅଶ୍ରଫ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଅତିକ୍‌ଙ୍କୁ ଆକ୍ରମଣକାରୀମାନେ ୯ଟି ଗୁଳି ମାରିଥିଲେ। ସେଥିରୁ ଗୋଟିଏ ତାଙ୍କ ମୁଣ୍ଡରେ ବାଜିଥିଲାବେଳେ ଅନ୍ୟ ୮ଟି ଛାତି ଓ ପିଠିରେ ଲାଗିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଜଣାପଡ଼ିଛି। ତାଙ୍କ ଭାଇ ଅଶ୍ରଫ୍‌ଙ୍କ ମୃତଦେହରୁ ୫ ଗୁଳି ମିଳିଛି। ୫ ଜଣିଆ ଡାକ୍ତରୀ ଟିମ୍ ଅତିକ୍ ଓ ଅଶ୍ରଫ୍‌ଙ୍କ ଶବ ବ୍ୟବଚ୍ଛେଦ କରିଥିଲେ। ଉପଯୁକ୍ତ ପ୍ରମାଣ ସୁନିଶ୍ଚିତ କରିବା ଲାଗି ବ୍ୟବଚ୍ଛେଦ ସମୟର ଦୃଶ୍ୟକୁ ଭିଡିଓଗ୍ରାଫ୍ କରାଯାଇଛି। ପୂର୍ବତନ ବିଧାୟକ ଏବଂ ଏମ୍‌ପି ଅତିକ୍‌ଙ୍କ ନାଁରେ ଅନ୍ୟୂନ ୧୦୦ ଆପରାଧିକ ମାମଲା ରହିଛି। ୨୦୦୫ରେ ବିଏସ୍‌ଏଫ୍ ବିଧାୟକ ରାଜୁ ପାଲ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଉମେଶ ପାଲ୍‌ଙ୍କୁ ଗତ ଫେବୃୟାରୀରେ ହତ୍ୟା କରାଯିବା ପରଠାରୁ ଅତିକ୍ ଖବରକାଗଜ ଶିରୋନାମା ମଣ୍ଡନ କରିଆସୁଥିଲେ।



## ମୁହଁରେ ତ୍ରିରଙ୍ଗା ଆଙ୍କିଥିବାରୁ ସ୍ୱର୍ଣ୍ଣ ମନ୍ଦିରକୁ ପ୍ରବେଶ ଅନୁମତି ମିଳିଲାନି

ଅମୃତସର,୧୭।୪

ମୁହଁରେ ଜାତୀୟ ପତାକା ଆଙ୍କିଥିବା ଜଣେ ଯୁବତୀଙ୍କୁ ସ୍ୱର୍ଣ୍ଣ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଦିଆଗଲା ନାହିଁ। ଫଳରେ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିବା ଯୁବତୀ ଜଣକ ସୋମବାର ଅଭିଯୋଗ କରିଛନ୍ତି। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି।

ଜଣେ ଗାର୍ଡ ଏହା ପଞ୍ଜାବ ବୋଲି କହୁଥିବା ବେଳେ ମହିଳା ଜଣକ କ'ଣ ଏହା ଭାରତ ନୁହେଁ କି ବୋଲି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପଚାରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଏହାର ଜବାବରେ ଗାର୍ଡ କ୍ରୋଧିତ ହୋଇ ମୁଣ୍ଡ ଟୁଙ୍ଗାରି ତାଙ୍କ କଥାରେ ଅସହମତି ପ୍ରକାଶ କରିଛନ୍ତି। ଯୁବତୀ ଜଣକ ଘଟଣାର ଭିଡିଓ ପ୍ରସ୍ତୁତ କରୁଥିବା ବେଳେ ଗାର୍ଡ ତାଙ୍କଠାରୁ ଫୋନ ଛଡାଇବାକୁ ଚେଷ୍ଟା କରିଥିଲେ। ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି।



ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟିର ଅଧିକାରୀ ଘଟଣାରେ ଗାର୍ଡଙ୍କ ଦୁର୍ବ୍ୟବହାରକୁ ନେଇ କ୍ଷମା ମାଗିଛନ୍ତି। କିନ୍ତୁ ଦାବି କରିଛନ୍ତି ଯେ ମହିଳାଙ୍କ ମୁହଁରେ ଥିବା ପେଣ୍ଟିଂରେ ନା ଭାରତର ଜାତୀୟ ପତାକା ଥିଲା ନା ଅଶୋକ ଚକ୍ର। ସମସ୍ତ ଧର୍ମର ଭିନ୍ନ ନିୟମ ରହିଛି। ଆମେ ପ୍ରତ୍ୟେକଙ୍କୁ ଏଠାରେ ସ୍ୱାଗତ କରୁ ବୋଲି କମିଟି ପକ୍ଷରୁ କୁହାଯାଇଛି।

## 'ପ୍ରବାସୀ ଶ୍ରମିକଙ୍କୁ ରାଶନ କାର୍ଡରୁ ବଞ୍ଚିତ କରାଯାଇପାରିବ ନାହିଁ'

ନୂଆଦିଲ୍ଲୀ,୧୭।୪(ପି.ଟି.)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଅନୁଯାୟୀ ଜନସଂଖ୍ୟା ଅନୁପାତ ଉପଯୁକ୍ତ ଭାବେ ଉଲ୍ଲେଖ ନ ଥିବା ଦର୍ଶାଇ ପ୍ରବାସୀ ଶ୍ରମିକମାନଙ୍କୁ କେନ୍ଦ୍ର ଏବଂ ରାଜ୍ୟ ସରକାର ରାଶନ କାର୍ଡରୁ ବଞ୍ଚିତ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। କଲ୍ୟାଣକାରୀ ଯୋଜନାରୁ ପ୍ରତ୍ୟେକ ନାଗରିକ ଉପକୃତ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ଅସାନୁଦ୍ଦିନ ଅମନୁଲ୍ଲାଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଏକ କଲ୍ୟାଣକାରୀ ରାଷ୍ଟ୍ର ଭାବେ ଲୋକଙ୍କ ପାଖରେ ପହଞ୍ଚିବା ସରକାରଙ୍କ କର୍ତ୍ତବ୍ୟ। ତେବେ ସରକାର କର୍ତ୍ତବ୍ୟରେ ଅବହେଳା କରିଛନ୍ତି ବୋଲି ଆମେ କହୁନାହୁଁ। ତଥାପି କେତେଜଣ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ସୁବିଧା ପାଇବାରୁ ବାଦ୍ ପଡ଼ିଛନ୍ତି। ସେମାନେ ଯେପରି ରାଶନ କାର୍ଡ ପାଇବେ, ତାହା ସରକାର ଦେଖିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।



## ବାଘ ଆକ୍ରମଣ ବଢୁଛି

# ଉତ୍ତରାଖଣ୍ଡର ୨ ଜିଲାରେ କର୍ଫ୍ୟୁ

ଡେରାଡୁନ୍,୧୭।୪

ଦେଶରେ ବାଘ ସଂଖ୍ୟା ବଢୁଥିବାବେଳେ ପର୍ଯ୍ୟାପ୍ତ ବାସସ୍ଥାନ ଅଭାବରୁ ସେମାନେ ଗାଁ ଓ ସହରମୁହାଁ ହେଉଛନ୍ତି। ଫଳରେ ବାଘ ଆକ୍ରମଣ ବୃଦ୍ଧି ପାଉଛି। ଉତ୍ତରାଖଣ୍ଡରେ ବାଘ ଆକ୍ରମଣରେ ୨ ଜଣଙ୍କ ଜୀବନ ଯିବା ପରେ ଦୁଇଟି ଜିଲାରେ ଥିବା ଗ୍ରାମାଞ୍ଚଳରେ ଏକପ୍ରକାର କର୍ଫ୍ୟୁ ଲାଗୁ ହୋଇଛି। ଗ୍ରାମବାସୀମାନଙ୍କୁ ସନ୍ଧ୍ୟା ପରେ ଘରୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ ରବିବାର ନିର୍ଦ୍ଦେଶନାମା ଜାରି ହୋଇଛି। ସନ୍ଧ୍ୟା ୭ରୁ ସକାଳ ୬ ପର୍ଯ୍ୟନ୍ତ ଦୁଇ ଜିଲାର ଲୋକମାନଙ୍କୁ ବାହାରକୁ ଯିବା ମନା। ସୋମବାରଠାରୁ ଦୁଇଦିନ ଯାଏ ସ୍କୁଲ୍‌ଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଉତ୍ତରାଖଣ୍ଡରେ ଗତ ଗୁରୁବାର ଓ ରବିବାର ବାଘ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁଇଟି ଆକ୍ରମଣରେ ଗୋଟିଏ ବାଘ ସମ୍ପୃକ୍ତ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ। ଗ୍ରାମାଞ୍ଚଳରେ ଏକ ବାଘ ବୁଲୁଥିବା ନେଇ ଗତ ୧୦ ତାରିଖରେ ବନ ବିଭାଗକୁ ଖବର ମିଳିଥିଲା। ଉକ୍ତ ଅଞ୍ଚଳ ଉପରେ ନଜର ରଖାଯାଇଥିବା ବନ ଅଧିକାରୀ ସ୍ୱପ୍ନିଲ ଅନିରୁଦ୍ଧ କହିଛନ୍ତି। ସଶସ୍ତ୍ର ବନ କର୍ମଚାରୀମାନଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି।



ନୂଆଦିଲ୍ଲୀରେ ସୋମବାର ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ରୁଷିଆର ବିଜ୍‌ନେସ୍ କାଉନ୍‌ସିଲ ଫର୍ କୋଅପରେଶନ ଦ୍ୱାରା ମିଳିତ ଭାବେ ଆୟୋଜିତ ଭାରତ-ରୁଷିଆ ବିଜ୍‌ନେସ୍ ଡାଇଲଗ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ରୁଷିଆ ଉପପ୍ରଧାନମନ୍ତ୍ରୀ ତଥା ଶିଳ୍ପ ଓ ବାଣିଜ୍ୟ ମହାସଂଘ ମନ୍ତ୍ରୀ ଡେନିସ୍ ଭାଲେଣ୍ଟିନୋଭିଚ୍ ମଣ୍ଟୁରୋଭ୍ ଯୋଗ ଦେଇଛନ୍ତି।

## ୪ ସେନା ଅଧିକାରୀଙ୍କୁ ହତ୍ୟା ଘଟଣାରେ ଯବାନ ଗିରଫ

ବଠିଣ୍ଡା, ୧୭।୪

ପଞ୍ଜାବ ବଠିଣ୍ଡାସ୍ଥିତ ମିଲିଟାରି ଷ୍ଟେଶନ୍‌ରେ ବୁଧବାର ୪ ସେନା ଅଧିକାରୀଙ୍କୁ ଗୁଳିକରି ହତ୍ୟା ଘଟଣାରେ ଜଣେ ଯବାନ୍‌ଙ୍କୁ ପୋଲିସ ଗିରଫ କରିଛି। ହତ୍ୟା କରିବା ଲାଗି ପୂର୍ବରୁ ଯୋଜନା ପ୍ରସ୍ତୁତ କରିଥିଲେ ଅଭିଯୁକ୍ତ ଗନର ଦେଶାଇ ମୋହନ। ଏଥିପାଇଁ ସେ ଏପ୍ରିଲ ୧୨ରେ ଆଇଏନ୍‌ଏସ୍ଏଏସ୍ ରାଇଫଲ୍ ଚୋରି କରିଥିଲେ। ବୁଧବାର ଦିନ ଭୋର୍ ପ୍ରାୟ ସାଢ଼େ ୪ଟାବେଳେ ମୋହନ ଚୋରି ରାଇଫଲ୍‌ରୁ ଗୁଳିକରି ସାଗର ବନେ, ୟୋଗେଶ୍ କୁମାର ଜେ, ସନ୍ତୋଷ ଏମ୍. ନାଗରାଲ୍ ଏବଂ କମଲେଶ ଆର୍.ଙ୍କୁ ହତ୍ୟା କରିଥିଲେ। ମୋହନଙ୍କୁ ଉକ୍ତ ୪ ଅଧିକାରୀ ଶାରୀରିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷେ ବ୍ୟକ୍ତିଗତ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଏହି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଥିବା ବଠିଣ୍ଡା ଏସ୍ଏସ୍‌ପି ଗୁଲନୀତ ସିଂ ଖୁରାନା କହିଛନ୍ତି। ତଦନ୍ତକୁ ବାଟବଣା କରିବା ପାଇଁ ଘଟଣା ଦିନ କୁର୍ତ୍ତା ଓ ପାଇଜାମା ପିନ୍ଧା ୨ ଯୁବକ ମିଲିଟାରି ବେସ୍ ଉପରେ ଫାୟାରିଂ କରିଥିବାର ଦେଖିଥିବା ମୋହନ ପୋଲିସକୁ କହିଥିଲେ।

## ଏକ୍ସବିବି ୧.୧୬.୧ ଭାରିଆଣ୍ଟରେ ୪୩୬ ଆକ୍ରାନ୍ତ

**ନୂଆଦିଲ୍ଲୀ, ୧୭।୪:** ଦେଶରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଓମିକ୍ରନ୍ ମ୍ୟୁଟେଟେଡ୍ ସବ୍ ଭାରିଆଣ୍ଟ ଏକ୍ସବିବି ୧.୧୬.୧ ଭୂତାଣୁ ଦ୍ୱାରା ୪୩୬ ଜଣ ଆକ୍ରାନ୍ତ ହୋଇଥିବା ଭାରତୀୟ ସାର୍ସକୋଭ୍-୨ ଜେନୋମିକ୍ସ କୋନ୍‌ସୋର୍ଟିଅମ୍ (ଆଇଏନ୍ଏସ୍ଏସିଓଜି) କହିଛି। ଦେଶରେ ପ୍ରଥମ କରି ଜାନୁୟାରୀରେ ଓମିକ୍ରନ୍‌ର ମ୍ୟୁଟେଟେଡ୍ ଭାରିଆଣ୍ଟ ଚିହ୍ନଟ ହୋଇଥିଲା। ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୯,୧୧୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ମାମଲା ୬୦,୩୧୩ରେ ପହଞ୍ଚିଛି। ସେହିପରି ଗୋଟିଏ ଦିନରେ ୨୭ ଜଣ ପ୍ରାଣ ହରାଇଛନ୍ତି। ଗୁଜରାଟରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତର ପ୍ରଦେଶରେ ୪, ଦିଲ୍ଲୀ, ରାଜସ୍ଥାନରୁ ୩ ଜଣ ଲେଖାଏ, ମହାରାଷ୍ଟ୍ରରୁ ୨ ଏବଂ ବିହାର, ଝାଡ଼ଖଣ୍ଡ, ଛତିଶଗଡ, ହିମାଚଳ ପ୍ରଦେଶ କେରଳ, ତାମିଲାଡୁରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି।

# ଜାତି ଜନଗଣନା ପାଇଁ କଂଗ୍ରେସର ଦାବି

ନୂଆଦିଲ୍ଲୀ,୧୭।୪(ପି.ଟି.)

- ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଖାର୍ଗେ
- ୫୦% କୋଟା ସୀମା ହଟାଇବାକୁ ଆହ୍ୱାନ

ବିରୋଧୀଙ୍କୁ ସମାଲୋଚନା କରିବା ଲାଗି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଜାତିଭିତ୍ତିକ ରାଜନୀତି କରିବା ସହ ଦେଶରେ ସାମାଜିକ-ଅର୍ଥନୈତିକ ଓ ଜାତି ଜନଗଣନାକୁ ଅଟକାଇଥିବା କଂଗ୍ରେସ ସୋମବାର ଅଭିଯୋଗ କରିଛି। ଅବହେଳିତ ବର୍ଗ ଫମ୍ପା ପ୍ରତିଶ୍ରୁତି ନୁହେଁ, ଅର୍ଥନୈତିକ ଓ ରାଜନୈତିକ କ୍ଷମତା ଚାହାନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିବା ସହ ୫୦ ପ୍ରତିଶତ କୋଟା ସୀମା ହଟାଇଦେବାକୁ ଆହ୍ୱାନ ଦେଇଛନ୍ତି। ସଂଖ୍ୟା ଆଧାରରେ ଦଳିତ ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରଖିବାକୁ ସେ ଦାବି କରିଛନ୍ତି। ସାନି ଜାତିଭିତ୍ତିକ ଜନଗଣନା ଦାବିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ଅର୍ଥପୂର୍ଣ୍ଣ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ କାର୍ଯ୍ୟକ୍ରମ ପାଇଁ ଭରସାଯୋଗ୍ୟ ଡାଟାବେସ୍ ଅତି ଜରୁରୀ ବୋଲି ଖାର୍ଗେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଖାର୍ଗେ ଓ ଅନ୍ୟ କଂଗ୍ରେସ ନେତାମାନେ ପାର୍ଲାମେଣ୍ଟର ଉଭୟ ଗୃହରେ ଜାତି ଜନଗଣନା ପ୍ରସଙ୍ଗ ଅନେକ ଥର ଉଠାଇଛନ୍ତି। ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଜାତି ଜନଗଣନା ପାଇଁ ଦାବି କରିଆସୁଥିବା କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

୨୦୧୧-୧୨ରେ ଉପା ସରକାର ସାମାଜିକ ଅର୍ଥନୈତିକ ଓ ଜାତି ଜନଗଣନା କରିଥିଲା। ପ୍ରାୟ ୨୫ କୋଟି ପରିବାରରୁ ଏନେଇ ତଥ୍ୟ ସଂଗ୍ରହ କରାଯାଇଥିଲା। ୨୦୧୪ ମେ'ରେ ଭାଜପା ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରେ କଂଗ୍ରେସ ଓ ଅନ୍ୟ ଦଳର ଏମ୍‌ପିମାନଙ୍କ ଦାବି ସତ୍ତ୍ୱେ ଉକ୍ତ ଜାତିଭିତ୍ତିକ ତଥ୍ୟ ପ୍ରକାଶ ପାଇପାରିଲା ନାହିଁ ବୋଲି ଖାର୍ଗେ କହିଛନ୍ତି। ପ୍ରତି ଦଶ ବର୍ଷରେ ହେଉଥିବା ଜନଗଣନା ୨୦୨୧ରେ ହେବାକୁ ଥିବାବେଳେ ତାହା ଏପର୍ଯ୍ୟନ୍ତ ହୋଇନାହିଁ। ତୁରନ୍ତ ଜନଗଣନା ସହ ବିସ୍ତୃତ ଜାତି ଗଣନା କରାଯାଉ ବୋଲି କଂଗ୍ରେସ ଦାବି କରିଛି।


ମଲ୍ଲିକାର୍ଜୁନ ଖାର୍ଗେ






# ମେଗା ପ୍ରକଳ୍ପରୁ ଝରୁନି ପାଣି

- ଠିକାସଂସ୍ଥାକୁ ଦାୟୀ କଲା ବିଭାଗ
- ସାପ୍ତାହିକ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ମନ୍ଥର ଗତିରେ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

**ଯାଜପୁର ଅଫିସ,୧୭।୪**


ସୁକିନ୍ଦା ମେଗା ଜଳ ଯୋଗାଣ ପ୍ରକଳ୍ପ।

ଗ୍ରୀଷ୍ମର ପ୍ରକୋପ ବଢ଼ିଛି। ଏଥିଯୋଗୁ ଭୂତଳ ଜଳସ୍ତର ଧୀରେ ଧୀରେ କମିବାରେ ଲାଗିଛି। ଏହାସହ ନଳକୂପ, ନଈ, ପୋଖରୀ, ଖୋଲା କୂପ ଆଦି ଶୁଖିଲାଣି। ପାଣି ପାଇଁ ଗ୍ରାମାଞ୍ଚଳ ଲୋକେ ତହଲବିକଳ ହେଉଛନ୍ତି। ଏଭଳି ଜଟିଳ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬,୬୭୬ କୋଟି ଟଙ୍କାର ୯୦ଟି ମେଗା ପାଇପ୍ ଜଳ ଯୋଗାଣ(ପିଡବ୍ଲ୍ୟୁଏସ୍) ପ୍ରକଳ୍ପ ନିର୍ମାଣ ହେଉଛି। ହେଲେ ଏଯାଏ ଅଧିକାଂଶ ପ୍ରକଳ୍ପରୁ ଟୋପାଏ ପାଣି ମିଳୁନି। ଏହିକ୍ରମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍ଏସ୍) ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ନିୟୋଜିତ ଠିକାସଂସ୍ଥାଗୁଡ଼ିକୁ ଦାୟୀ କରିଛନ୍ତି। ପ୍ରକଳ୍ପଗୁଡ଼ିକରେ ଆବଶ୍ୟକ ମାନବ ସମ୍ବଳ ନିୟୋଜନ କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ବାକି ରହିଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଏକ ସାପ୍ତାହିକ ରିପୋର୍ଟ ପ୍ରସ୍ତୁତ କରିବାକୁ ଠିକାସଂସ୍ଥା, ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ହୋଇଛି।

ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ନଦୀନାଳରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରି ପାଇପ୍ ଯୋଗେ ସମସ୍ତ ଗ୍ରାମକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ବାହାରର ଠିକାସଂସ୍ଥା ଏନ୍‌ସିସି, ଏଲ୍‌ଆଣ୍ଡଟି, ଏମ୍‌ଇଆଇଏଲ୍, ଜେଏମ୍‌ସି, ଜିଭିପିଆର୍, ଜେଭି, ଭୋଲଟାସ୍, କାବେରୀ, ଆଇଏଚ୍‌ପି, ରାମ୍‌କି, ଜୁବେରୀ ପ୍ରମୁଖ ନିୟୋଜିତ ହୋଇଛନ୍ତି। ତେବେ ଏହି ଅଣଓଡ଼ିଆ ଠିକାସଂସ୍ଥା ସହ କେତେଜଣ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ନିମ୍ନମାନର ଷ୍ଟିଲ୍ ସାମଗ୍ରୀ ବ୍ୟବହାର ସହ ଶ୍ରମିକ ସୁରକ୍ଷା, ଖାତ(ଟ୍ରେଞ୍ଚ) ଖୋଳା, ଖାତର ଗଭୀରତା ଏବଂ ଆବଶ୍ୟକ କର୍ମଚାରୀ ଓ ଶ୍ରମିକଙ୍କୁ ନିଯୁକ୍ତି ଆଦି କ୍ଷେତ୍ରରେ ଅବହେଳା କରାଯାଇ କାମ କରୁଛନ୍ତି। ଫଳରେ ବିଭିନ୍ନସ୍ତରରେ ନିର୍ମାଣରେ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳରେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡ଼ିକର କାମ ଶେଷ ହୋଇ ପାରିନାହିଁ। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୮।୧୨।୨୦୨୨ ସୁଦ୍ଧା ସମସ୍ତ ମେଗା ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାସହ ଉନ୍ନତମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଠିକାସଂସ୍ଥାଗୁଡ଼ିକ ମନମୁଖି ଭାବେ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ବ୍ୟତୀତ ୩ୟ ଓ ୪ର୍ଥ ପର୍ଯ୍ୟାୟରେ ୧୮,୪୯୮ କୋଟି ଟଙ୍କାର ୧୨୫ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। କିନ୍ତୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇ ପାରି ନ ଥିବାରୁ ପରବର୍ତ୍ତୀ ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକର କାମ ଆରମ୍ଭ ହେବାରେ ବାଧକ ହୋଇଛି। ଏଥିଯୋଗୁ ପାଇପ୍ ଜଳ ପାଇବାର ସ୍ୱପ୍ନ ଦେଖୁଥିବା ଗ୍ରାମବାସୀ ନିରାଶ ହୋଇଛନ୍ତି। କେତେକ ଗ୍ରାମାଞ୍ଚଳରେ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନଥିବାରୁ ସେମାନେ ଖୋଲା କୂପ ଏବଂ ବାଲି ଚୁଆ ଉପରେ ଭରସା କରୁଥିବା ଦେଖିବାକୁ ମିଳିଛି। ଠିକାସଂସ୍ଥାଗୁଡ଼ିକ ହାତରେ ସମୁଦାୟ ୩୫ ହଜାର କୋଟି ଟଙ୍କାର ୨୧୫ଟି ପ୍ରକଳ୍ପ ଟେକି ଦେଇ ରାଜ୍ୟବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ବୋଲି ସରକାରଙ୍କ ଆଶା ଏଠାରେ ମଉଳି ଯାଇଛି। ବିପୁଳ ଟଙ୍କା ଖର୍ଚ୍ଚରେ ପ୍ରକଳ୍ପ ସଂଖ୍ୟା ବଢୁଥିବାବେଳେ ଲୋକଙ୍କୁ ପାଣି ଟିକିଏ ମିଳୁନାହିଁ। ଶିଳ୍ପସଂସ୍ଥା ପାଇଁ ସରକାର ଯେଭଳି ଯୁଦ୍ଧକାଳୀନ ଭିତ୍ତିରେ ପାଣି ଯୋଗାଇ ଦେବା ପାଇଁ ପଦକ୍ଷେପ ନେଉଛନ୍ତି ଗ୍ରାମାଞ୍ଚଳରେ ପାନୀୟ ଜଳ ପାଇଁ ସେତେଟା ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହୋଇଆସୁଛି। ଏ ସଂକ୍ରାନ୍ତରେ ଯାଜପୁର ଚଣ୍ଡିଖୋଲ ଆର୍‌ଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କୁ ପଚାରିବାରେ ସେ କହିଛନ୍ତି, ମେଗା ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟରେ ସାରିବାକୁ ଠିକାସଂସ୍ଥା କର୍ତ୍ତୃପକ୍ଷମାନଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯାଉଛି।

# ଦେଶରେ ଗଞ୍ଜାମ ଜିଲା ପରିଷଦ, ହିଞ୍ଜିଳି ବ୍ଲକ ଶ୍ରେଷ୍ଠ

- ଜାତୀୟ ପଞ୍ଚାୟତ ପୁରସ୍କାର ଦେଲେ ରାଷ୍ଟ୍ରପତି
- ୪ ପଞ୍ଚାୟତ ପୁରସ୍କୃତ

**ଛତ୍ରପୁର/ହିଞ୍ଜିଳିକାଟୁ,୧୭।୪(ଡି.ଏନ୍.ଏ.)**


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ। ନିକଟରେ ଅଛନ୍ତି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ଭାସନ।

ଗଞ୍ଜାମ ଜିଲା ପରିଷଦ ଦେଶରେ ଶ୍ରେଷ୍ଠ ଏବଂ ହିଞ୍ଜିଳି ବ୍ଲକକୁ ଭାରତ ସରକାରଙ୍କ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ମିଳିଛି। ସୋମବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ଭାସନ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜିଲା ପରିଷଦ ଓ ହିଞ୍ଜିଳି ବ୍ଲକକୁ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତ୍ୟ ବିକାଶ ପୁରସ୍କାର ମିଳିଛି। ଏଥିସହ ସ୍ୱାସ୍ଥ୍ୟ ପଞ୍ଚାୟତ ଭାବେ ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ପଞ୍ଚାୟତ, ସଫା ଓ ସବୁଜ ଗ୍ରାମ ଭାବେ ଶାସନଆମ୍ବ ଗାଁ, ଭଞ୍ଜନଗର ବ୍ଲକ କୁଲାଡ଼ ପଞ୍ଚାୟତ, ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତକୁ ମଧ୍ୟ ଜାତୀୟ ପଞ୍ଚାୟତ ପୁରସ୍କାର ମିଳିଛି। ଏ ବାବଦରେ ୧୦ କୋଟିର ପୁରସ୍କାର ମିଳିଛି। ଗଞ୍ଜାମ ଜିଲା ପରିଷଦ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ୫ କୋଟି, ହିଞ୍ଜିଳିକାଟୁ ବ୍ଲକକୁ ୨ କୋଟି, କଞ୍ଚୁରୁ ଶାସନଆମ୍ବ ଗାଁ, ଭଞ୍ଜନଗର ବ୍ଲକ କୁଲାଡ଼ ପଞ୍ଚାୟତ ଓ ପାତ୍ରପୁର ବ୍ଲକ ଆଙ୍କୁଲିପଞ୍ଚାୟତକୁ୭୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ମିଳିଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ ଉପସ୍ଥିତ ଥିଲେ।

ହିଞ୍ଜିଳିକାଟୁ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ବିଡିଓ ସୁବ୍ରତ କୁମାର ଜେନା ପୁରସ୍କାର ଗ୍ରହଣ କରିଥିବା ବେଳେ କଞ୍ଚୁରୁ ସରପଞ୍ଚ ମଦନ ମୋହନ ସେଠୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ସାହୁ ଗ୍ରହଣ କରିଥିଲେ। ଶାସନ ଆମ୍ବ ଗାଁ ସରପଞ୍ଚ ଜନାର୍ଦ୍ଦନ ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବାସୁଦେବ ବେହେରା ପୁରସ୍କାର ଗ୍ରହଣ କରିଥିଲେ। କୁଲାଡ଼ ପଞ୍ଚାୟତ ସରପଞ୍ଚ ଭି. ସଂଯୁକ୍ତା ରାଜୁ, ବିଡିଓ ଶଶୀ ଭୂଷଣ ମହାପାତ୍ର ଏବଂ ଆଙ୍କୁଲି ପଞ୍ଚାୟତ ପୁରସ୍କାର ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, କମ୍ପ୍ୟୁଟର ପ୍ରୋଗ୍ରାମର ଦେବାଶିଷ ପ୍ରଧାନ ପ୍ରମୁଖ ଗ୍ରହଣ କରିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଏପ୍ରିଲ, ୨୦୨୩

**ଆଜିର ମନ୍ତବ୍ୟ**

" ପିଲାମାନେ ବଡ଼ ସ୍ୱପ୍ନ ଦେଖିବା ସହ ସେଗୁଡ଼ିକୁ ସାକାର କରିବା ଦିଗରେ କଠିନ ଉଦ୍ୟମ କରନ୍ତୁ।
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ମୁଣ୍ଡେ କଲି ଘର
ଗେରସ୍ତ ମୋହର ପରବାସିଆ ଲୋ
ମତେ ନିଇତି ମାଡ଼ଇ ଡର।**

ଗାଆଁ ମୁଣ୍ଡରେ ଘର, ଆଖପାଖରେ ଘର ନ ଥିବାରୁ ରାତିବେଳା ନିଛାଟିଆ ଲାଗିବା ସ୍ୱାଭାବିକ। ଏପରିସ୍ଥଳେ ଚିର ପ୍ରବାସୀ ସ୍ୱାମୀର ଅନୁପସ୍ଥିତିରେ ତରୁଣୀ ସ୍ତ୍ରୀଟି ସଦାସର୍ବଦା ଭୟ ଏବଂ ଆଶଙ୍କା ମଧ୍ୟରେ ସମୟ ଅତିବାହିତ କରିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗରମ ଗରମ ସବୁ ଭଲ
ଶୀତଳ ହେଲେ ସବୁ ଭେଲା।**

ସାଧାରଣତଃ ଗରମ ଖାଦ୍ୟ ଖାଇବାକୁ ଭଲ ଲାଗିଥାଏ ଏବଂ ଏହା ମଧ୍ୟ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ। ସେହିପରି ଥଣ୍ଡା ଖାଦ୍ୟ ଅହିତକର ଏବଂ ଅରୁଚିକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଅସନବଣି ସଂରକ୍ଷିତ ଜଙ୍ଗଲରେ ହାତୀଛୁଆ ମୃତ

ମୋରଡ଼ା/ବେତନଟୀ,୧୭।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ବେତନଟୀ ରେଞ୍ଜ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ଭଦ୍ରାଶୋଳର ଅସନବଣି ସଂରକ୍ଷିତ ଜଙ୍ଗଲରୁ ଏକ ହାତୀଛୁଆର ଗଳିତ ମୃତଦେହ ବନ ବିଭାଗ ଜବତ କରିଛି। ଉକ୍ତ ହାତୀର ବୟସ ୧ ବର୍ଷ ହେବ। ସପ୍ତାହେ ପୂର୍ବରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ବେତନଟୀ ରେଞ୍ଜରେ କିଛିଦିନ ହେବ ୪୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଉପଦ୍ରବ ଚଳାଇଥିଲେ। ସୋମବାର ଉକ୍ତ ଜଙ୍ଗଲରେ ଏକ ହାତୀଛୁଆର ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଏସ୍‌ସିଏଫ୍ ରବିନାରାୟଣ ମହାନ୍ତି, ଡିଏଫ୍‌ଓ ସନ୍ତୋଷ ଯୋଶୀ, ବେତନଟୀ ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ଶୋଭାକର ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏତେ ଦିନ ଧରି ହାତୀଛୁଆର ମୃତ୍ୟୁ ସମ୍ପର୍କରେ ବନ ବିଭାଗ କିପରି ଜାଣିପାରିଲା ନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଗଳିତ ମୃତଦେହ ଜବତକଲା ବନ ବିଭାଗ**

## ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ମାମଲା | ଖାରଜ କଲେ ହାଇକୋର୍ଟ

କଟକ ଅଫିସ,୧୭।୪

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ନେଇ ଆଗତ ମାମଲାକୁ ହାଇକୋର୍ଟ ସୋମବାର ଖାରଜ କରିଛନ୍ତି। ୩ଟି ଧାର୍ଯ୍ୟ ତାରିଖରେ ମାମଲାର ଶୁଣାଣିବେଳେ ଆବେଦନକାରୀ ଅନୁପସ୍ଥିତ ଥିବାରୁ ବିଚାରପତି ଦେବବ୍ରତ ଦାଶଙ୍କ ଖଣ୍ଡପୀଠ ମାମଲାକୁ ଖାରଜ କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ବାଲେଶ୍ୱର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ଯଦୁନାଥ ସେଠୀ ୨୦୧୯ରେ ଏହି ପିଟିଶନ ଦାଏର କରିଥିଲେ। ଷଡ଼ଙ୍ଗୀ ନାମାଙ୍କନପତ୍ର ଦାଖଲବେଳେ ଦେଇଥିବା ସତ୍ୟପାଠ ସମ୍ପୂର୍ଣ୍ଣ ନୁହେଁ। ସତ୍ୟପାଠରେ ସେ ବହୁ ତଥ୍ୟ ଲୁଚାଇଛନ୍ତି। ସମ୍ପତ୍ତି, ବିଚାରାଧୀନ ମାମଲା ଓ ଅନ୍ୟ କେତେକ ପ୍ରସଙ୍ଗରେ ସେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିନାହାନ୍ତି ବୋଲି ଆବେଦନକାରୀ ଦର୍ଶାଇଥିଲେ। ତେଣୁ ତାଙ୍କ ଲୋକ ସଭା ସଦସ୍ୟ ପଦକୁ ଅସିଦ୍ଧ ଘୋଷଣା ପାଇଁ ଆବେଦନକାରୀ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ପ୍ରତିପକ୍ଷ ଷଡ଼ଙ୍ଗୀ ମଧ୍ୟ ଆଉ ଏକ ପିଟିଶନ ଦାଖଲ କରି ଇଭିଏମ୍ ଯାଞ୍ଚ ନିମନ୍ତେ ଅଦାଲତକୁ ଇଭିଏମ୍ ଆଣିବାକୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରିଥିଲେ। ତେବେ ଷଡ଼ଙ୍ଗୀଙ୍କ ବିରୋଧରେ ମାମଲା ଦାୟର କରିଥିବା ଆବେଦନକାରୀ ସେଠୀଙ୍କ ପକ୍ଷରୁ ଏପ୍ରିଲ ୧୩ ଓ ୧୪ରେ ମାମଲାର ଶୁଣାଣି ସମୟରେ କେହି ଉପସ୍ଥିତ ନ ଥିବା ଜଣାପଡିଥିଲା। ସେହିପରି ସୋମବାର ମଧ୍ୟ ଆବେଦନକାରୀ ଅନୁପସ୍ଥିତ ଥିବାରୁ ହାଇକୋର୍ଟ ମାମଲାକୁ ଖାରଜ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ବାଲେଶ୍ୱର ଲୋକ ସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଯଦୁନାଥ ସେଠୀ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ।

# ତ୍ରିଷ୍ଣା ରାୟଙ୍କୁ 'ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ' ଟାଇଟଲ

ଭୁବନେଶ୍ୱର,୧୭।୪(ବ୍ୟୁରୋ)




ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ 'ନ୍ୟାଶନାଲ ପ୍ୟାଜେଣ୍ଟ ଅଫ୍ ମିସ୍ ଟିନ୍ ଦିବା' ପ୍ରତିଯୋଗିତାରେ ତ୍ରିଷ୍ଣା ରାୟ 'ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ' ଟାଇଟଲ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଫ୍ୟାଶନ ସ୍କୁଲ ଛାତ୍ରୀ ତ୍ରିଷ୍ଣା ଏହି ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏପ୍ରିଲ ୬ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିୟୁଟି ଉଇଥ୍ ବ୍ରେନ୍‌ସ, ରାମ୍ପ ୱାକ୍, ସ୍ୱିଟ୍ ରାଉଣ୍ଡ ଓ 'ମିସ୍ ଟିନ୍ ଇଣ୍ଡିଆ ଇଷ୍ଟ' ଆଦି ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶେଷରେ ସେ ଏହି ଟାଇଟଲ ହାସଲ କରିଛନ୍ତି। ଏହି ଟାଇଟଲ୍ ତାଙ୍କୁ ଅନ୍ତର୍ଜାତୀୟସ୍ତରରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ଦେଇଛି। ଗ୍ଲାମ୍ ଆନନ୍ଦ ପ୍ରାଇଭେଟ ଲିମିଟେଡ୍ ଓ ଭାରତ ୨୪ ଚ୍ୟାନେଲର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ତ୍ରିଷ୍ଣାଙ୍କ ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ଫ୍ୟାଶନ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷାଦାନ ସହ ବିଭିନ୍ନ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସୁଯୋଗ ଦିଆଯାଉଥିବାରୁ ଏଭଳି ସଫଳତା ମିଳିପାରୁଛି ବୋଲି ସାମନ୍ତ କହିଛନ୍ତି।

# ପ୍ରଫେସର ଘନଶ୍ୟାମ ଦାସଙ୍କ ପରଲୋକ

ଭୁବନେଶ୍ୱର, ୧୭।୪(ବ୍ୟୁରୋ)



ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ଡ. ଘନଶ୍ୟାମ ଦାସଙ୍କର ରବିବାର ବରମୁଣ୍ଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୩ବର୍ଷ ବୟସ ହୋଇଥିଲା। ପ୍ରଫେସର ଦାସ କଟକଠାରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶାରେ ଶିକ୍ଷାଗ୍ରହଣ ପରେ ସେ କମନୱେଲ୍‌ଥ ସ୍କଲାର ଭାବେ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ଉଚ୍ଚଶିକ୍ଷା ଶେଷ କରିଥିଲେ। ସେ ଆର୍‌ବିଆଇ ଚେୟାର ପ୍ରଫେସର ଅଫ୍ ଇକୋନୋମିକ୍ସ ରହିବା ସହ ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି)ର ସବ୍‌ଜେକ୍ଟ ଏକ୍ସପର୍ଟ ମେମ୍ବର ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ। ଶେଷରେ ଉଚ୍ଚଶିକ୍ଷା ବିଭାଗରେ ଡିପିଆଇ ଭାବେ ଅବସର ନେଇଥିଲେ। ଏଥିସହ ଚିଲିକା ମତ୍ସ୍ୟଚାଷ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ମୁଖ୍ୟ ଭାବେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ହୋଇଥିଲେ। ୧୯୯୩ରେ ଓଡ଼ିଶା ସରକାରଙ୍କ ନିକଟରେ ସେ ଦାଖଲ କରିଥିବା ରିପୋର୍ଟକୁ ପରେ ଅନୁସନ୍ଧାନକାରୀମାନେ ଚିଲିକା ମତ୍ସ୍ୟଚାଷ ଉପରେ ଅଧ୍ୟୟନ କରିଥିଲେ। ତେବେ ଅବସର ପରେ ପ୍ରଫେସର ଦାସ ଅର୍ଥନୀତିରେ ପ୍ରଫେସର ଏମରିଟସ୍ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ଏକାଡେମିକ ସର୍କଲରେ ସ୍ୱର୍ଗତ ଦାସଙ୍କ ମହତ୍ୱପୂର୍ଣ୍ଣ ଅବଦାନ ରହିଛି। ସେ ୧୯୯୮ରେ ତାଙ୍କ ସ୍ତ୍ରୀ କଳ୍ପନା ଦାସ ଏବଂ ୧୯୯୪ରେ ସାନଝିଅକୁ ହରାଇଥିଲେ। ବଡ ଝିଅ, ଦୁଇ ପୁଅ, ବୋହୂ, ନାତୁଣୀ ଓ ଅଣନାତୁଣୀଙ୍କ ସହ ରହୁଥିଲେ। ବଡ଼ଝିଅଙ୍କ ବାସଭବନରେ ଶେଷ ଦର୍ଶନ ପରେ ସ୍ୱର୍ଗତ ଦାସଙ୍କ ପାର୍ଥିବ ଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଆଖି ବୁଜିଲେ ଚିକିତ୍ସାଧୀନ ଶ୍ରମିକ

**'ଫେକର'ରେ ନିଆଁ ଲାଗି ପୋଡ଼ିଯିବା ଘଟଣା**

- **୧୯ ଯାଏ ୧୪୪ ବଳବତ୍ତର**
- **ମୃତକଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦେଲା କମ୍ପାନୀ**

ଭଦ୍ରକ ଅଫିସ,୧୭।୪

ଭଦ୍ରକ ରାନ୍ଦିଆସ୍ଥିତ ଫେକର କମ୍ପାନୀରେ ଗତ ମଙ୍ଗଳବାର ଫର୍ନେସ ଚାର୍ଜିଂ ବେଳେ ନିଆଁ ଲାଗି ୨ ଅପରେଟର ଗୁରୁତର ହୋଇଥିଲେ। ମୁମ୍ବାଇସ୍ଥିତ ନ୍ୟାଶନାଲ ବର୍ନ ସେଣ୍ଟରରେ ସେମାନେ ଚିକିତ୍ସାଧୀନ ଥିବାବେଳେ ରବିବାର ବିଳମ୍ବିତ ରାତିରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରାନ୍ଦିଆ କୋରଣ୍ଟ ଗ୍ରାମର ରତିକାନ୍ତ ସୂତାର। ଅପରପକ୍ଷେ ଉତ୍ତେଜନାକୁ ଦୃଷ୍ଟିରେ ରଖି କମ୍ପାନୀର ୨ଶହ ମିଟର ପରିଧି ମଧ୍ୟରେ ଲାଗୁ ହୋଇଥିବା ୧୪୪ ଧାରା ଅବଧିକୁ ଜିଲା ପ୍ରଶାସନ ପକ୍ଷରୁ ବଢ଼ାଇ ଦିଆଯାଇଛି। ସୋମବାର ସକାଳ ୬ରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ୪୮ ଘଣ୍ଟା ୧୪୪ ଧାରା ବଳବତ୍ତର ରହିବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବାଲେଶ୍ୱର ଏସ୍‌ପି ସାଗରିକା ନାଥ, ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ଓ ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇଦେବା ସହ ତାଙ୍କ ବିଧବା ସ୍ତ୍ରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜିଲାପାଳ କହିଛନ୍ତି। କମ୍ପାନୀରେ ଶତ ପ୍ରତିଶତ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯିବ। ଫିନଲ୍ୟାଣ୍ଡ ଓ ସାଉଥ୍ ଆଫ୍ରିକାରୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଫର୍ନେସର ଯାଞ୍ଚ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସମସ୍ତେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଆଇନକୁ କେହି ହାତକୁ ନ ନେବା ପାଇଁ ବାଲେଶ୍ୱର ଏସ୍‌ପି କହିଛନ୍ତି।

# ଓଏଚ୍‌ଆର୍‌ସିରେ ଜନସ୍ୱାର୍ଥ ମାମଲା

କଟକ ଅଫିସ,୧୭।୪

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାବେଳେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ରାଜ୍ୟ ମାନବାଧିକାର କମିଶନ୍(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ସୋମବାର ଦାଏର ହୋଇଛି। ଆବେଦନକାରୀ ଶିବଶଙ୍କର ମହାନ୍ତି ଏହି ମାମଲା ଦାଏର କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ହନୁମାନ ଜୟନ୍ତୀ ଉପଲକ୍ଷେ ଗତ ୧୨ ତାରିଖରେ ସମ୍ବଲପୁରରେ ଅନୁଷ୍ଠିତ ବାଇକ ଶୋଭାଯାତ୍ରାବେଳେ ପୋଲିସ କ'ଣ ପଦକ୍ଷେପ ନେଇଥିଲା, ଗୋଷ୍ଠୀ ସଂଘର୍ଷ ଆଶଙ୍କା ନେଇ ଗୋଇନ୍ଦା ପାଖରେ ପୂର୍ବରୁ ଖବର ଥିଲା କି ନାହିଁ, ହିଂସା ପଛରେ କ'ଣସବୁ କାରଣ ରହିଛି, ବାଇକ୍ ଶୋଭାଯାତ୍ରାବେଳେ ସଂଘଟିତ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ଯଥେଷ୍ଟ ପୋଲିସ ମୁତୟନ ହୋଇଥିଲେ କି ନାହିଁ, ହିଂସାକାଣ୍ଡ ଘଟିବା ପରେ ତାହାକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି କି ନାହିଁ ତାହା ଅଦାଲତରେ ଦର୍ଶାଇବା ନିମନ୍ତେ ପୋଲିସକୁ ନିର୍ଦ୍ଦେଶ ଦେବାକୁ କମିଶନ୍‌ଙ୍କୁ ନିବେଦନ କରାଯାଇଛି। ସେହିପରି ସଂଘର୍ଷରେ ଆହତ ସାଧାରଣ ଲୋକ ଓ ପୋଲିସ କର୍ମଚାରୀଙ୍କ ପକ୍ଷରୁ କେତୋଟି ଅଭିଯୋଗ କରାଯାଇଛି ଏବଂ ଅଭିଯୋଗଗୁଡ଼ିକର ସବିଶେଷ ତଥ୍ୟ ସହ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କମିଶନ୍‌ଙ୍କୁ ଜଣାଇବାକୁ ଆବେଦନ କରାଯାଇଛି। ସେହିପରି ସଂଘର୍ଷରେ ମୃତକ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା, ଆହତ ଧନୁପାଲି ଥାନାର ଆଇଆଇସି ଅନିତା ପ୍ରଧାନ ଓ ଅନ୍ୟ ଜଣେ ବିଶ୍ୱନାଥ ଶିଖାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବା ନେଇ କମିଶନ୍ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି।

**ସମ୍ବଲପୁର ହନୁମାନ ଜୟନ୍ତୀରେ ଗୋଷ୍ଠୀ ସଂଘର୍ଷ ଘଟଣା**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ଅନ୍ୟକୁ ଭୁଲ୍ ପରାମର୍ଶ ଦେଇ ସମାଲୋଚିତ ହୋଇପାରନ୍ତି। ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ଚେଷ୍ଟା କରୁଥିବା କାମ ହାସଲ କରିବେ। ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ନିଜ ଲୋକମାନଙ୍କ ପ୍ରତିରୋଧ ବ୍ୟବସାୟକୁ ବିଶୃଙ୍ଖଳିତ କରିବା ସୂଚନା ରହିଛି।

**ବୃଷ** ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ସରଳ ଭାବରେ ଗ୍ରହଣ କରି ଜଟିଳତା ଭିତରକୁ ଟଣାହୋଇପାରନ୍ତି। ରୋହିଣୀ ନକ୍ଷତ୍ର କୃଷି, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ମାର୍ଗ ସୁଗମ ହେବ। କର୍ମକ୍ଷେତ୍ରରେ ଶତ୍ରୁଙ୍କ ଅଭିସନ୍ଧିମୂଳକ ମନ୍ତବ୍ୟକୁ ବୁଝିବାରେ ଅସମର୍ଥ ହେବେ।

**ମିଥୁନ** ଭଲ ସମ୍ପର୍କ ନ ଥିବା ସହକର୍ମୀ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରନ୍ତି। କିନ୍ତୁ ଆପଣ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ଆରଦ୍ରା ନକ୍ଷତ୍ର ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯାଇପାରନ୍ତି। ପାରିବାରିକ ସ୍ଥିତି ମଧ୍ୟ ଆଜି ବିଶେଷ ଭଲ ରହି ନ ପାରେ।

**କର୍କଟ** ଆପଣଙ୍କ ବିଚାରଧାରା ସର୍ପିଳ ଗତିରେ ଅଙ୍କାବଙ୍କା ରାସ୍ତା ଦେଇ ଆଗକୁ ବଢ଼ିବ। ସାମୟିକ ସମସ୍ୟା ମଧ୍ୟରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆତ୍ମୀୟଙ୍କ ସହାୟତାରେ ହାତକୁ ନେଇଥିବା କାର୍ଯ୍ୟ ସମ୍ପନ୍ନ ହେବ। ଆଲୋଚନା ପରିସରରେ ନିଷ୍ପତ୍ତି ନେବାରେ ପଛେଇଯାଇପାରନ୍ତି।

**ସିଂହ** ଆର୍ଥିକ ଅନଟନ ଓ ପାରିବାରିକ କ୍ଷେତ୍ରରେ ରହିଥିବା ବ୍ୟତିକ୍ରମରୁ ମାନସିକ ଶାନ୍ତି ବ୍ୟାହତ ହେବ। ରାଜନୈତିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ସରକାରୀ ସ୍ତରରେ ରହିଥିବା ସମସ୍ୟାର ସମାଧାନ କରିବା ଦିଗରେ ସଫଳତା ହାସଲ କରିବେ।

**କନ୍ୟା** ନିଜ ସପକ୍ଷରେ ଲଢ଼ିବା ସକାଶେ ଆତ୍ମୀୟସ୍ୱଜନଙ୍କୁ ମନାଇବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିପାରନ୍ତି। ଆଇନ ଓ ଗଣତନ୍ତ୍ରର ଗ୍ରହ ଶନି ହେତୁ ଅଦାଲତରୁ ସୁଫଳ ପାଇବାରେ ଅସୁବିଧା ହେବନାହିଁ। ହସ୍ତା ନକ୍ଷତ୍ର ସକାଶେ ଜମିଜମା କ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟି ସମ୍ଭାବନା ରହିବ। ବନ୍ଧୁଙ୍କ ଦ୍ୱାରା ପାରିବାରିକ ସମସ୍ୟା ସମାଧାନ ହେବ।

**ତୁଳା** ଭାରାକ୍ରାନ୍ତ ମନ ନେଇ କାମ କରିବେ, କିନ୍ତୁ ବିଫଳତା ବଦଳରେ ସଫଳତାରୁ ବିସ୍ମୟାନ୍ୱିତ ହେବେ। ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ନୀରବତାକୁ ପ୍ରାଥମିକତା ଦେଇପାରନ୍ତି। ଚିତ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଅପରାହ୍ନରେ ମାନସିକ ଅସ୍ଥିରତା ଦୂରକରିବାରେ ସହାୟକ ହେବ।

**ବିଛା** ଅଭାବ ପୂରଣ କରିବା ସକାଶେ ଧାରସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା ଜାରି ରଖିବା ଠିକ୍ ହେବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ପାଇଁ ବନ୍ଧୁଙ୍କ ପରାମର୍ଶକୁ ପ୍ରାଧାନ୍ୟ ଦେବେ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ବାଣିଜ୍ୟ ବ୍ୟବସାୟରେ ପରିସ୍ଥିତି ପୂର୍ବ ପରି ରହିବ। ରାଜନେତା, ସାହିତ୍ୟିକ ଓ କଳାକାରଙ୍କ ସକାଶେ ଦିନଟି ଭଲ।

**ଧନୁ** ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ହେବ ନାହିଁ। ପ୍ଲଟିଂ କାରବାର, ଆଲୋଚନା, ପ୍ରେସ୍ ଓ ପବ୍ଲିକେଶନରେ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କଥାକୁ ନେଇ କଳହ ଲାଗିପାରେ।

**ମକର** ଶାରୀରିକ ଅସୁସ୍ଥତା ହେତୁ ପ୍ରତ୍ୟେକ କାମରେ ପଛୁଆ ରହିବେ। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଦୂରଯାତ୍ରା କରିବା ସକାଶେ ମନ ବଳାଇପାରନ୍ତି। ପୂର୍ବରୁ ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାର ସାମର୍ଥ୍ୟ ଅର୍ଜନ କରିବେ। ଆର୍ଥିକ ସ୍ଥିତି ଚିନ୍ତାଜନକ ନ ହେଲେ ମଧ୍ୟ ଏଥିପାଇଁ ମୁଣ୍ଡ ଖେଳାଇ କାମ କରିବାକୁ ପଡ଼ିବ।

**କୁମ୍ଭ** ଆର୍ଥିକ ଅନଟନ ଦୂରେଇବାରେ ସମର୍ଥ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମସ୍ୟା ସୁଧାରିନେବେ। ପରିବାର ସହ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବ। ବନ୍ଧୁଙ୍କ ସମସ୍ୟା ସମାଧାନ କରିବାକୁ ଯାଇ ନିଜେ ସମସ୍ୟା ଭୋଗିବେ। ବ୍ୟବସାୟ, ପରିବହନ, କଳା, ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଶନିଙ୍କ କୁପ୍ରଭାବରେ ଆଜି ହଠାତ୍ ଭ୍ରାତୃ ସମ୍ପର୍କ ନିମ୍ନାଭିମୁଖୀ ହେବା ଆଶଙ୍କା ରହିଛି। ମନର ଭାବକୁ ଗୋପନ ରଖି ବନ୍ଧୁଙ୍କ ସହ ଭାବ ବିନିମୟ କରିବାକୁ ମନସ୍ଥ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ କେତେକ ଆକସ୍ମିକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ରୁକ୍ଷ ବ୍ୟବହାର ଯୋଗୁ ଭୁଲ୍ ବୁଝାମଣା ହେତୁ ଝଡ଼ ସୃଷ୍ଟି ଆଶଙ୍କା ରହିଛି।

ଆଜି ବୈଶାଖ କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଏପ୍ରିଲ ୧୮ ତାରିଖ। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ବିଶ୍ୱ ଐତିହ୍ୟ ଦିବସ। ରାଶି ନକ୍ଷତ୍ର-ଉତ୍ତର ଭାଦ୍ରପଦ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୩୮ ଗତେ, ଘ.୧୦।୩୧ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୨।୫୪ ଗତେ, ଘ.୦୪।୨୭ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ...

ଲାଗୁ କରୁଛନ୍ତି, ତେବେ ଏହା ପୂର୍ବରୁ କର୍ମଚାରୀଙ୍କ ସ୍ୱାର୍ଥ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାର ଥିଲା। ସଂଘ ୧୨ଦଫା ଦାବି ନେଇ ସୋମବାର ଲୋୟର ପିଏମ୍‌ଜିରେ ଆନ୍ଦୋଳନ କରିବାକୁ ସ୍ଥିର କରିଥିଲା। ହେଲେ ସରକାର ଏଥିଲାଗି ଅନୁମତି ଦେଇନାହାନ୍ତି। ଆଲୋଚନା କରି ସେମାନଙ୍କ ସମସ୍ୟା ସମାଧାନ କରା ନ ଯାଇ ଓଲଟା ସେମାନଙ୍କ କଣ୍ଠରୋଧ କରାଯାଉଛି। ତେଣୁ ଆଗକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ ସରକାରଙ୍କୁ ପ୍ରତିବାଦମୂଳକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି।

## ପ୍ରଚଣ୍ଡ ତାତି: ଡହଳବିକଳ ...

ପିସିସିଏଫ୍ କହିଛନ୍ତି, ପାଣି ପାଇଁ ହାତୀଛୁଆର ମୃତ୍ୟୁ ହୋଇନାହିଁ। ସେହି ଅଞ୍ଚଳରେ ୩ଟି ପୋଖରୀରେ ପାଣି ଅଛି। ହାତୀଛୁଆର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ରାଜ୍ୟର ୨୪ ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ବାରିପଦା ପୁଣି ଉତ୍ତପ୍ତ ହୋଇଛି। ଏଠାରେ ସୋମବାର ପାରଦ ୬.୧ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠି ୪୪.୨ ଡିଗ୍ରୀରେ ପହଞ୍ଚିଛି। ଏଥିଯୋଗୁ ବାରିପଦା ଦେଶର ଦ୍ୱିତୀୟ ଓ ବିଶ୍ୱର ଚତୁର୍ଥ ଉତ୍ତପ୍ତ ସହର ହୋଇଛି। 'ଏଲ୍ ଡୋରାଡୋ ୱେଦର' ନାମକ ପାଣିପାଗ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱର ସବୁଠୁ ଉତ୍ତପ୍ତ ସହର ବାଂଲାଦେଶର କୁମାରଖାଲି/କୁଷ୍ଟିଆ(୫୧.୨ ଡିଗ୍ରୀ ସେଲ୍‌ସିୟସ)ହୋଇଥିବାବେଳେ ଦକ୍ଷିଣ ଆଫ୍ରିକାର କୋମାତିଦ୍ରାଇ ଦ୍ୱିତୀୟ (୪୭.୯), ଭାରତର ଉତ୍ତରପ୍ରଦେଶର ଆଲ୍ଲାହାବାଦ/ଘୁରୁପୁର ତୃତୀୟ(୪୪.୬) ତତଲା ସହରରେ ପରିଣତ ହୋଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ନୂଆପଡ଼ା ଓ ବୌଦ୍ଧରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୪୩.୩, ତାଳଚେରରେ ୪୩.୨, ସମ୍ବଲପୁର ୪୩.୨, ଟିଟିଲାଗଡ଼ ୪୩.୧, ଅନୁଗୋଳ ୪୩.୧, ବଲାଙ୍ଗୀର ୪୩, ସୁନ୍ଦରଗଡ଼ ୪୨.୮, ଭବାନୀପାଟଣା ୪୨.୬, ରାଉରକେଲା ୪୨.୨, ସୋନପୁର ୪୧.୭, ହୀରାକୁଦ ୪୧.୬, କଟକ ୪୧.୬, ଢେଙ୍କାନାଳ ୪୧.୪, ପାରଳାଖେମୁଣ୍ଡି ୪୧.୧, ବରଗଡ଼ ୪୦.୮, ନୟାଗଡ଼ ୪୦.୫, କେନ୍ଦୁଝର ୪୦.୪, ଚାନ୍ଦବାଲି ୪୦.୨, ଜଗତ୍‌ସିଂହପୁର ୪୦, ଭଦ୍ରକ ୪୦ ଏବଂ ଦେବଗଡ଼ରେ ତାପମାତ୍ରା ୪୦ ଡିଗ୍ରୀ ଥିବା ରେକର୍ଡ କରାଯାଇଛି। ସେହିପରି ଭଦ୍ରକରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ୩୯.୬, ଦେବଗଡ଼ରେ ୩୯.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଆସନ୍ତା ୨୨ ତାରିଖ ଯାଏ ତାତିରୁ ନିସ୍ତାର ମିଳିବନାହିଁ। ଉତ୍ତର ପଶ୍ଚିମ ଦିଗରୁ ପବନ ବହୁଥିବାରୁ ରାଜ୍ୟରେ ଉତ୍ତପ୍ତ ପରିବେଶ ଲାଗିରହିବ। ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିବା ନେଇ ଅନୁମାନ କରାଯାଇଛି। ତେବେ ଆସନ୍ତା ୨୨ରୁ ୨୫ ତାରିଖ ମଧ୍ୟରେ ପାଗରେ ସାମାନ୍ୟ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ବଙ୍ଗୋପସାଗରରେ ଗୁରୁଚାପ ହେବା ଫଳରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀଜନିତ ଝଡ଼ ହୋଇପାରେ।

## ମହାରାଣୀ ଏଲିଜାବେଥ୍ ...

ବହୁ ସମ୍ପତ୍ତିର ଅଧିକାରୀ ହୋଇଥିବା ଲୋକେ ଚିନ୍ତା କରୁଥିବାବେଳେ ସେମାନେ ପ୍ରକୃତରେ ସେତେ ଧନୀ ନୁହନ୍ତି। ଆସନ୍ତା ମେ' ୬ ତାରିଖରେ ଚାର୍ଲ୍ସଙ୍କ ରାଜ୍ୟାଭିଷେକ କରାଯିବ। ଏ ନେଇ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ୨୦ ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗଦେବେ। ତେବେ ଦୁଇମାସ ପୂର୍ବରୁ ଏ ନେଇ ରାଜ ପରିବାର ଓ କର୍ମଚାରୀଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

## ସମଲିଙ୍ଗୀ ବିବାହର....

ବିପରୀତଲିଙ୍ଗୀଙ୍କ ମଧ୍ୟରେ ହୋଇଥାଏ। ସମଲିଙ୍ଗୀ ବିବାହକୁ ଏହା ସହ ସମାନ ବିବେଚନା କରାଯିବା ପ୍ରତ୍ୟେକ ନାଗରିକଙ୍କ ସ୍ୱାର୍ଥକୁ ଗୁରୁତର ପ୍ରଭାବିତ କରିବ। ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ଲାଗି ଅଦାଲତଙ୍କ ନିର୍ଦ୍ଦେଶନାମା ଅର୍ଥ ସମ୍ପୂର୍ଣ୍ଣ ଆଇନର ଆଭାସୀ ନ୍ୟାୟିକ ପୁନର୍ଲିଖନ ବୋଲି କେନ୍ଦ୍ର ସରକାର ଯୁକ୍ତି ରଖିଥିଲେ।

ସମଲିଙ୍ଗୀ ବିବାହକୁ ବାଦ୍‌ଦେଇ କେବଳ ବିଷମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ ପାତରଅନ୍ତର ନୁହେଁ। ସବୁ ଧର୍ମରେ ବିଷମଲିଙ୍ଗୀ ବିବାହ ସାମାଜିକ-ନ୍ୟାୟିକ ସମ୍ପର୍କ ଭାବେ ସହଜରେ ଓ ସାର୍ବଜନୀନ ଭାବେ ଗ୍ରହଣ କରାଯାଇ ଆସିଛି ବୋଲି ସରକାର ଯୁକ୍ତି ରଖିଥିଲେ। ଭାରତୀୟ ସମାଜ ବ୍ୟବସ୍ଥା ସହ ଏହା ଗଭୀର ଭାବେ ଜଡ଼ିତ ଏବଂ ହିନ୍ଦୁ ଆଇନର ସବୁ ଶାଖାରେ ଧର୍ମବିଧି ଭାବେ ବିବେଚିତ। ଏପରିକି ଇସ୍‌ଲାମ ଧର୍ମରେ ବିବାହ ଏକ ଚୁକ୍ତିନାମା ହୋଇଥିଲେ ମଧ୍ୟ ଏହା ପବିତ୍ର। କେବଳ ଜୈବିକ ପୁରୁଷ ଓ ମହିଳାଙ୍କ ମଧ୍ୟରେ ବିବାହକୁ ବୈଧତା ମିଳିଥାଏ ବୋଲି ସରକାର କହିଥିଲେ।

ସୁପ୍ରିମକୋର୍ଟରେ ଜବାବ ଦାଖଲ କରି ସରକାର କହିଥିଲେ, ପାର୍ଲାମେଣ୍ଟ ସମଲିଙ୍ଗୀ ବିବାହକୁ ବିଚାରକୁ ନେବ। ସମସ୍ତ ଗ୍ରାମାଞ୍ଚଳ, ଅର୍ଦ୍ଧଗ୍ରାମାଞ୍ଚଳ, ସହରାଞ୍ଚଳ ଲୋକଙ୍କ ମତାମତ ନିଆଯିବା ସହ ପର୍ସନାଲ ଲ'କୁ ଦୃଷ୍ଟିରେ ରଖି ଧାର୍ମିକ ସମ୍ପ୍ରଦାୟଙ୍କ ମତ ନିଆଯାଇ ଆଇନ ପ୍ରସ୍ତୁତି ସମ୍ପର୍କରେ ବିଚାର କରାଯିବ ବୋଲି କେନ୍ଦ୍ର କହିଛି। ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.କେ. କୌଲ, ରବୀନ୍ଦ୍ର ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଲାଗି ଏକାଧିକ ପିଟିଶନର ଶୁଣାଣୀ ମଙ୍ଗଳବାର କରିବେ।

## ନଗଦ ଟଙ୍କା ଅଭାବ, ...

ହଇରାଣ ହେଉଛନ୍ତି। ଅନ୍ୟପଟେ ପଥରମାଡ଼ ଓ ପୋଡ଼ାଜଳା ଭଳି ହିଂସା ଘଟଣାରେ ସୋମବାର ଆଉ ୬ ଜଣଙ୍କୁ ଗିରଫ କରାଯାଇଛି। ଫଳରେ ମୋଟ ଗିରଫ ସଂଖ୍ୟା ୮୫ରେ ପହଞ୍ଚିଛି। ଆଗକୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ଅନ୍ୟପଟେ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ସମୟର ମଧ୍ୟ କୋହଳ କରାଯାଇଛି। ମଙ୍ଗଳବାର ସକାଳ ୭ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୩.୩୦ ମିନିଟରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ହେବ ବୋଲି ଜିଲାପାଳ ଅନନ୍ୟା ଦାସ କହିଛନ୍ତି। ସେ ଆହୁରି କହିଥିଲେ, ପରିସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ ସମସ୍ତ ଦିଗକୁ ନେଇ ଅନୁଧ୍ୟାନ କରାଯାଉଛି। ମଙ୍ଗଳବାର ବିଭିନ୍ନ ପଡାର ୭ ଗୋଟି ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି। ଲୋକମାନଙ୍କ ସହ ମିଶି ସେମାନେ ପରିସ୍ଥିତିରେ ସୁଧାର ଆଣିବା ନେଇ କାମ କରିବେ। ଜିଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ସବୁ ଦିଗରେ ପ୍ରଶାସନ ଯତ୍ନବାନ ରହିଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଏପ୍ରିଲ ୧୨ରେ ହନୁମାନ ଜୟନ୍ତୀ ପାଇଁ ସହରରେ ବାଇକ୍ ଶୋଭାଯାତ୍ରା ସମୟରେ ପଥରମାଡ଼ ହୋଇଥିଲା। ଏପ୍ରିଲ ୧୪ରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ମଧ୍ୟ ପୋଡ଼ାଜଳା, ଭଙ୍ଗାରୁଜା ଭଳି ଘଟଣା ଘଟିଥିଲା। ଉଭୟ ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଉଭୟ ମାମଲାରେ ପୋଲିସ ୮୫ଜଣଙ୍କୁ ଗିରଫ କରିଛି।



ଭୁବନେଶ୍ୱରସ୍ଥିତ ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ଦଳୀୟ ନେତାମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।




ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିଥିବା କଟକ ନଗର ବିଜେଡି ନେତା ଓ କର୍ମୀମାନେ।



ବିଧାନସଭା ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବିଜୁବାବୁଙ୍କ ଜୀବନୀ ଆଧୁନିକ ଓଡ଼ିଶା ବିକାଶର ଇତିହାସ: ମୁଖ୍ୟମନ୍ତ୍ରୀ

## ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର, ୧୭।୪ (ବ୍ୟୁରୋ)

ବିଜୁବାବୁଙ୍କ ଜୀବନୀ ହେଉଛି ଆଧୁନିକ ଓଡ଼ିଶା ବିକାଶର ଇତିହାସ। କୃଷିରୁ ଶିଳ୍ପ, ଶିକ୍ଷାରୁ ସଶକ୍ତୀକରଣ ସବୁକ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି। ସେ ତାଙ୍କ ସମୟଠାରୁ ବହୁତ ଆଗରେ ଥିଲେ। ଶିଳ୍ପ ବିକାଶ ହେଉ ବା ଭିତ୍ତିଭୂମି, ଗରିବ ଲୋକଙ୍କ କଲ୍ୟାଣ ସବୁକ୍ଷେତ୍ରରେ ସେ ଦୂରଦ୍ରଷ୍ଟା ପରି କାମ କରୁଥିଲେ। ବିଶେଷକରି ତାଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସଶକ୍ତ ଓଡ଼ିଶାର ଲକ୍ଷ୍ୟକୁ ସୁଦୃଢ଼ କରିଛି। ଜଣେ ଓଡ଼ିଆ ଭାବରେ ଗର୍ବ କରୁଥିବା ବିଜୁବାବୁଙ୍କ ପାଇଁ ଆଜି ଓଡ଼ିଆ ଜାତି ଗର୍ବିତ। ସାହସ ଓ ସ୍ୱାଭିମାନ ତାଙ୍କ ପରିଚୟ, ସେବା ଓ ସଂଗ୍ରାମ ଜୀବନର ବ୍ରତ ଥିଲା। ଓଡ଼ିଶା ପାଇଁ, ଓଡ଼ିଆ ଜାତିର ଉନ୍ନତି ତଥା ଗୌରବ ପାଇଁ ସେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଯୋଗଦେଇ କହିଲେ, ଜଣେ ରାଜନେତା ନୁହେଁ, ପରିବାରର ମୁରବୀ ପରି ଓଡ଼ିଶାବାସୀଙ୍କ ପାଇଁ ବିଜୁବାବୁ କାମ କରୁଥିଲେ। ରାଜନୀତିରେ ହାର୍‌ଜିତ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନ ଥିଲା। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସେଥିପାଇଁ ସେ ସବୁବେଳେ ଓଡ଼ିଶାବାସୀଙ୍କ ହୃଦୟରେ ରହିଛନ୍ତି ଓ ରହିଥିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଲେ, ପ୍ରବାଦପୁରୁଷ ବିଜୁବାବୁ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ ଥିଲେ। ପାରାଦୀପ ବନ୍ଦର, ମହିଳା ସଶକ୍ତୀକରଣ, ଏକାଧିକ ବିଶ୍ୱବିଦ୍ୟାଳୟ ସ୍ଥାପନ, ୧୩ରୁ ୩୦ ଜିଲା ସଂଖ୍ୟା ବୃଦ୍ଧି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ତାଙ୍କ ଅନେକ ଅବଦାନ ମଧ୍ୟରୁ କେତେକ ଉଦାହରଣ ମାତ୍ର। ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଅଗ୍ରଗଣ୍ୟ ବୋଲି ମନ୍ତ୍ରୀ ଅମାତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ବିଜୁ ପଟ୍ଟନାୟକ ସାହସିକତା ଓ ସ୍ୱାଭିମାନର ଏକ ସ୍ପର୍ଦ୍ଧିତ ଉଚ୍ଚାରଣ। ସେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଯେଉଁ ନକ୍ସା ଆଙ୍କିଥିଲେ, ତାକୁ ଆମେ ସମୟର ଆବଶ୍ୟକତା ଭିତ୍ତିରେ ଅନୁସରଣ କରୁଛୁ। ଗରିବି ହଟାଓ ଅଭିଯାନ କ୍ଷେତ୍ରରେ ବିଜୁବାବୁ ସର୍ବଦା ସ୍ମରଣୀୟ ରହିବେ ବୋଲି ମତ ଦେଇଥିଲେ। ବିଏମ୍‌ସିର ମେୟର ସୁଲୋଚନା ଦାସ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, କୃତି ଓ କୀର୍ତ୍ତି ଉପରେ ଆଲୋକପାତ କରିଥିଲେ। ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ ବିଜୁ ବାବୁଙ୍କ ଓଡ଼ିଶା ଅସ୍ମିତାର ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




# ୫ ଆଇଏଏସ୍ ଅଫିସରଙ୍କୁ ଓଡ଼ିଶା କ୍ୟାଡର ଆବଣ୍ଟନ

ଭୁବନେଶ୍ୱର, ୧୭।୪ (ବ୍ୟୁରୋ)

୨୦୨୦ ଭାରତୀୟ ପ୍ରଶାସନିକ ସେବା ବ୍ୟାଚ୍‌ର ୫ ଜଣ ଆଇଏଏସ୍ ଅଫିସରଙ୍କୁ ଓଡ଼ିଶା କ୍ୟାଡର ଆବଣ୍ଟନ କରାଯାଇଛି। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୋମବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ୨୦୨୦ ବ୍ୟାଚ୍‌ର ମୋଟ ୧୪୬ ଜଣ ଆଇଏଏସ୍‌ଙ୍କୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଆବଣ୍ଟନ ହୋଇଛି। ମିଳିଥିବା ସୂଚନା ଅନୁସାରେ, ୨୦୨୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଭୂତି ଭୂଷଣ ନାୟକ, ଚଭନ କୁନାଲ ମୋତିରାମ, କୁଲକର୍ନୀ ଆଶୁତୋଷ ସି., ମଧୁମିତା ଓ ବେଦଭୂଷଣଙ୍କୁ ଓଡ଼ିଶା କ୍ୟାଡର ଆବଣ୍ଟନ କରାଯାଇଛି। ଏହି ଆଇଏଏସ୍ ଅଫିସରମାନଙ୍କ ଚାକିରି ୨୦୨୨ ଅକ୍ଟୋବର ୧୨ରୁ ବୈଧ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି।

# ବାଲୁକା କଳା ମାଧ୍ୟମରେ ବନାଗ୍ନି ସଚେତନତା

## ବଲାଙ୍ଗୀର ବନବିଭାଗ ଏବଂ ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ଅଭିନବ ଉଦ୍ୟମ




ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓମ୍‌ପ୍ରକାଶ ସାହୁ ବଲାଙ୍ଗୀର ଡିଏଫ୍‌ଓ ଅଫିସ ସମ୍ମୁଖରେ କରିଥିବା ବାଲୁକା କଳା।

**ବଲାଙ୍ଗୀର ଅଫିସ, ୧୭।୪:** ଜଙ୍ଗଲ ଅଗ୍ନିକାଣ୍ଡ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରଖି ବନବିଭାଗ ଏବଂ ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁ ବାଲୁକା କଳା ମାଧ୍ୟମରେ ଅଭିନବ ଉଦ୍ୟମ କରିଛନ୍ତି। ବଲାଙ୍ଗୀର ସହରର ଜଣାଶୁଣା ବାଲୁକା ଶିଳ୍ପୀ ସାହୁଙ୍କ ଜଙ୍ଗଲ ଅଗ୍ନିକାଣ୍ଡ ସଚେତନତା ମଡେଲ ଜଙ୍ଗଲ ଅଗ୍ନିକାଣ୍ଡ ରୋକିବା, ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା ଉପରେ ପ୍ରଭାବ ପକାଉଛି। ଜଙ୍ଗଲ ଅଗ୍ନି ସଚେତନତାକୁ ଆହୁରି ବଢ଼ାଇବା ପାଇଁ ବଲାଙ୍ଗୀର ବନ ବିଭାଗ ଜଙ୍ଗଲ ବ୍ଲକ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସହିତ ସହଭାଗୀ ହୋଇଛି। ଏହି ଏସ୍‌ଏଚ୍‌ଜି ଗୁଡ଼ିକ ଜଙ୍ଗଲ ସୀମାନ୍ତ ଗ୍ରାମଗୁଡ଼ିକରେ ଅଗ୍ନି ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରିବାରେ ସକ୍ରିୟ ରହିଛନ୍ତି। ବଲାଙ୍ଗୀର ବନ ବିଭାଗର ଜିଏସ୍ ସେଲ୍ ଏସ୍‌ଏନ୍‌ପିପି, ଏମ୍‌ଓଡିଆଇଏସ୍ ଏବଂ ଏନ୍‌ଓଏଏ ପରି ଉପଗ୍ରହରୁ ସିଧାସଳଖ ନାସା ସର୍ଭରରୁ ଅଗ୍ନି ତଥ୍ୟ ପାଇବା ଏବଂ ସମ୍ପୃକ୍ତ ପଏଣ୍ଟ ଫିଲ୍ଟର କରିବା ପରେ ଫିଲ୍ଡ କର୍ମଚାରୀଙ୍କ ସହ ଅଂଶୀଦାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି ତଥ୍ୟ ଜଙ୍ଗଲ ବିଭାଗକୁ କ୍ଷୁଦ୍ର ଅଗ୍ନିକାଣ୍ଡକୁ ଶୀଘ୍ର ଚିହ୍ନଟ ଏବଂ ଲିଭାଇବାରେ ସକ୍ଷମ ହେଉଛି। ବନ ଅଗ୍ନିକାଣ୍ଡର ପୂର୍ବ ୧୨ ବର୍ଷର ରେକର୍ଡ ବିଶ୍ଳେଷଣ କରିବା ପରେ ଏବଂ ଜଙ୍ଗଲ ଅଗ୍ନି ଦୁର୍ବଳତା ମ୍ୟାପିଂ ଅନୁଯାୟୀ ବିଭିନ୍ନ ରଣନୀତିକ ସ୍ଥାନରେ ବିସ୍ତୃତ ଜିଏସ୍ ପ୍ରକ୍ରିୟାକରଣ ଅଗ୍ନି ଲାଇନଗୁଡ଼ିକ ସୃଷ୍ଟି କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପଦକ୍ଷେପ ଗୁଡ଼ିକ ଜଙ୍ଗଲ ଅଗ୍ନି ନିରାକରଣ ଏବଂ ନିୟନ୍ତ୍ରଣରେ ସହାୟକ ହେଉଥିବା ଜଣାପଡ଼ିଛି। ଏହା ସହିତ ବାଲୁକା କଳା ମଡେଲଗୁଡ଼ିକ ବ୍ୟବହାର କରି ବିଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସ୍ଥାନୀୟ ଏସ୍‌ଏଚ୍‌ଜି ମାନଙ୍କୁ ଜଡିତ କରିବା ସହିତ ଜିଏସ୍ ଟେକ୍ନୋଲୋଜିର ଶୀଘ୍ର ଚିହ୍ନଟ ଏବଂ ପ୍ରତିକ୍ରିୟା ପାଇଁ ବଲାଙ୍ଗୀର ବନ ବିଭାଗ ଜଙ୍ଗଲ ଅଗ୍ନିକାଣ୍ଡର ମୁକାବିଲା ପାଇଁ ବହୁମୁଖୀ ଉପାୟ ଅବଲମ୍ବନ କରୁଛି।




# ହାୱଡା-ପୁରୀ ମଧ୍ୟରେ ୧୪ ଟ୍ରେନ୍ ଚଳାଚଳ ସାମୟିକ ବାତିଲ

## ୩ୟ ରେଳ ଲାଇନ୍ କାର୍ଯ୍ୟ ତ୍ୱରାନ୍ୱିତ

ଜଳେଶ୍ୱର, ୧୭।୪ (ଡି.ଏନ୍.ଏ)

ଖଡଗପୁରରୁ ଭଦ୍ରକ ମଧ୍ୟରେ ଚାଲିଥିବା ୩ୟ ରେଳ ଲାଇନ୍‌ର ଉନ୍ନତି ପାଇଁ ୨ଟି ପର୍ଯ୍ୟାୟରେ ୫ ଦିନ ହାୱଡା-ପୁରୀ ମଧ୍ୟରେ ଚଳାଚଳ କରୁଥିବା ୧୪ଟି ଟ୍ରେନ୍‌କୁ ବାତିଲ କରାଯାଇଥିବା ବେଳେ ୨ଟିକୁ ଆଂଶିକ ବାତିଲ କରାଯାଇଛି।

ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟ ଯାତ୍ରୀ ପରିବହନ ମ୍ୟାନେଜର କେ.ଅନିଲ କୁମାରଙ୍କ ଚିଠି ଅନୁଯାୟୀ, ଭୁବନେଶ୍ୱର-ହାୱଡା ଜନଶତାବ୍ଦୀ ଟ୍ରେନ୍ ୧୭ ତାରିଖ, ପୁରୀ-ହାୱଡା ୧୭ ଓ ୨୦ ତାରିଖ, ହାଇଦ୍ରାବାଦ-ସାଲିମାର ଇଷ୍ଟକୋଷ୍ଟ ଟ୍ରେନ୍, ୧୬, ୧୮, ୧୯ ତଥା ସାଲିମାର-ହାଇଦ୍ରାବାଦ ଇଷ୍ଟକୋଷ୍ଟ ୧୭,୧୯, ୨୦ ତାରିଖରେ ଚଳାଚଳ କରିବ ନାହିଁ। ହାୱଡା-ଭଦ୍ରକ ଏକ୍ସପ୍ରେସ ୧୮ ,୧୯ ,୨୦ ତଥା ସାଲିମାର-ପୁରୀ ଧଉଳି ଏକ୍ସପ୍ରେସ ୧୯ ଓ ୨୦, ସାଲିମାର- ପୁରୀ ଏକ୍ସପ୍ରେସ ୧୯ ତାରିଖ, ପୁରୀ-ସାଲିମାର ଗରିବ ରଥ ୧୯ ତାରିଖରେ ଚଳାଚଳ କରିବ ନାହିଁ। ଖଡଗପୁର-ଭଦ୍ରକ ମେମୁ ୧୮, ୧୯, ୨୦ ତାରିଖ, ସାଲିମାର-ବିଜୟନଗରମ୍ ଏକ୍ସପ୍ରେସ୍ ୧୯ ଓ ବିଜୟନଗରମ୍-ସାଲିମାର ଏକ୍ସପ୍ରେସ୍ ୨୦ ତାରିଖରେ ତଥା ହାୱଡା-ପୁରୀ ମେମୋ ପାସେଞ୍ଜର ୧୯ ଓ ୨୦ ତାରିଖରେ ଚଳାଚଳ କରିବ ନାହିଁ। ଯାଜପୁର- କେନ୍ଦୁଝରରୋଡଠାରୁ ଖଡ଼ଗପୁର ପାସେଞ୍ଜର ୧୭ ତାରିଖ, ଖୋର୍ଦ୍ଧାରୋଡ୍-ଖଡଗପୁର ଏକ୍ସପ୍ରେସ ୧୮ରେ ଦାନ୍ତନ ଯାଏ ଚଳାଚଳ କରିବ।

# ୩ ମହିଳାଙ୍କ ଜଣେ ସ୍ୱାମୀ: ଥାନାର ଦ୍ୱାରସ୍ଥ

ଭବାନୀପାଟଣା, ୧୭।୪ (ସ୍ୱ.ପ୍ର)

ସ୍ୱାମୀ ଜଣେ, ସ୍ତ୍ରୀ ତିନୋଟି। ଫିଲ୍ମ ଷ୍ଟାଇଲରେ ପ୍ରେମ। କଥାଟି ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ଏପରି ଏକ ଘଟଣା ସାମ୍ନାକୁ ଆସିଛି କଳାହାଣ୍ଡି ଜିଲା ଭବାନୀପାଟଣାରେ। ଏଠିକାର ଜଣେ ବ୍ୟକ୍ତି ୩ ମହିଳାଙ୍କୁ ଠକି ବିବାହ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୋମବାର ୩ମହିଳା ଭବାନୀପାଟଣା ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଏହାକୁ ନେଇ ସେମାନେ ଏତଲା ଦେଇ ନ ଥିବାବେଳେ ସେଥିମଧ୍ୟରୁ ଜଣେ ମହିଳା ଗତ କିଛି ମାସ ତଳେ ଏତଲା ଦେଇଥିବା ଥାନାଧିକାରୀ ପ୍ରଦୀପ ଧରୁଆଙ୍କ ଠାରୁ ଜଣାପଡିଛି। ସେହିପରି ରିପୋର୍ଟ ଦେଲା ପରେ ଏହାର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ମଧୁପାଟଣା, କଟକ, ଓଡିଶା-୭୫୩୦୧୦

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୪୦୭୭୨୭୨୮୨୬ **ଋଣଗ୍ରହୀତା: ଶ୍ରୀ ଭାବଗ୍ରାହୀ ବେହେରା,** ପିତା: ଶ୍ରୀ ନକୁଳ ଚରଣ ବେହେରା /**ଗ୍ୟାରେଣ୍ଟିଦାତା: ଶ୍ରୀ ବାସୁଦେବ ବେହେରା,** ପିତା: ଶ୍ରୀ ନକୁଳ ଚରଣ ବେହେରା, ଉଭୟଙ୍କ ଠିକଣା: ସା: ପରୁଷୋତ୍ତମପୁର, ପୋ: ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା - ୭୫୪୨୧୩, ଓଡିଶା | ଶ୍ରୀ ଭାବଗ୍ରାହୀ ବେହେରା (ଋଣଗ୍ରହୀତା) ଏବଂ ଶ୍ରୀ ବାସୁଦେବ ବେହେରା (ଗ୍ୟାରେଣ୍ଟିଦାତା), ପିତା: ଶ୍ରୀ ନକୁଳ ଚରଣ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁରୁଷୋତ୍ତମପୁର, ତହସିଲ: ମାର୍ଶାଘାଇ, ଥାନା: ମାର୍ଶାଘାଇ, ଥାନା ନଂ.: ୨୦୧, ଜିଲ୍ଲା: କେନ୍ଦ୍ରାପଡା, (କ) ଖାତା ନଂ.: ୩୮୪/୧୫୪, ପ୍ଲଟ୍ ନଂ.: ୧୪୦/୧୫୦୭ ଏବଂ ୧୪୦/୧୫୬୯, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଦୋବଚ୍ଛା ଗ୍ରାମ, ଉତ୍ତର: ପ୍ଲଟ୍ ନଂ.: ୧୩୯, ଦକ୍ଷିଣ: ପ୍ଲଟ୍ ନଂ.: ୧୪୧ | ୦୬.୧୦.୨୦୨୨ ସୁଦ୍ଧା ଟ.୨୨,୭୮,୭୮୩/- ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ | ୦୬.୧୦.୨୦୨୨ / ୧୫.୦୪.୨୦୨୩ |

**ସ୍ଥାନ: କଟକ, ତାରିଖ: ୧୭.୦୪.୨୦୨୩** ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

Azadi Ka Amrit Mahotsav

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment, Government of India)
OLATPUR, PO - BAIROI, DIST - CUTTACK (ODISHA) - 754010
Tel: 0671-2805347, Fax:0671-2805862,
Mob: 09438568953, 09937755426 (within working hours)
Email: dasvnirtar@gmail.com, Website: https://www.svnirtar.nic.in

**ADMISSION NOTICE**

Applications (Online) are invited from the eligible candidates on prescribed form to appear Post Graduate Entrance Test ( PGET-2023) for admission into following courses:

| Name of Course | Eligibility |
|---|---|
| Master of Physiotherapy (MPT) | Pass in BPT / B.Sc. PT Course |
| Master of Occupational Therapy ( MOT) | Pass in BOT / B.Sc. OT Course |
| Master in Prosthetics & Orthotics (MPO) | Pass in BPO / B.Sc. PO Course or equivalent |

**IMPORTANT DATES**

| | |
|---|---|
| Starting of online publication of Application forms: | **18.04.2023** |
| Closing date for receive Application form through online only: | **23.06.2023** (11.59 PM) |
| Post Graduate Entrance Test: | **06.08.2023** (Sunday) |

For more details log on to **https://admission.svnirtar.nic.in**

For admission into Bachelor of Physiotherapy (BPT), Bachelor of Occupational Therapy (BOT) and Bachelor in Prosthetics & Orthotics (BPO) Courses at SVNIRTAR, please visit NILD website **https://nildcet.admissions.net.in.**

Sd/-Chairman
PGET-2023

ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍‌ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା

# ଖବରକୁ ପ୍ରତିରୋଧ

ଗତ କିଛି ବର୍ଷ ହେଲା ଇଣ୍ଟରନେଟ୍ ବନ୍ଦ କରିବାରେ ଭାରତ ବିଶ୍ୱରେ ସବୁଠୁ ଆଗରେ ଅଛି। ଗ୍ଲୋବାଲ ଡିଜିଟାଲ ରାଇଟ୍ସ ଗ୍ରୁପ୍ ଆସେସ୍ ନାଓ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ୨୦୧୪ରୁ ୨୦୨୨ ମଧ୍ୟରେ ମୋଟରେ ୬୭୪ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଛି। ଚଳିତ ବର୍ଷ ଏହି ସେବା ବନ୍ଦ ହେବା ଧାରା ଜାରି ରହିଛି। ଜମ୍ମୁ-କଶ୍ମୀର, ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ଏହା ବେଶି କରାଯାଉଛି। ପଞ୍ଜାବ, ଦିଲ୍ଲୀ ଓ ଅନ୍ୟ ରାଜ୍ୟରେ ବି ଏହା ଘଟୁଛି। ସ୍ମରଣଯୋଗ୍ୟ ଯେ, ୨୦୧୯ରେ ବିଶ୍ୱରେ ବିଭିନ୍ନ ଦେଶର କେତେକ ସ୍ଥାନରେ ମୋଟ ୨୧୩ ଥର ଇଣ୍ଟର୍‌ନେଟ ସେବା ବନ୍ଦ କରାଯାଇଥିଲାବେଳେ ଭାରତରେ ୧୨୧ ଥର ବନ୍ଦ ହୋଇଥିଲା। ସେହିଭଳି ବିଶ୍ୱରେ ୨୦୨୦ରେ ଇଣ୍ଟରନେଟ୍ ସେବା ୧୬୯ ଥର ବନ୍ଦ କରାଯାଇଥିବାବେଳେ ଭାରତରେ ୧୦୯ ଥର ବନ୍ଦ ହୋଇଥିଲା, ଯାହା ଥିଲା ୭୦%। ଦେଖିବାକୁ ଗଲେ ଭାରତରେ ଏହା ଏକ ସାଧାରଣ କଥା ପାଲଟିଗଲାଣି। ଏପରିକି ନିକଟରେ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ପରୀକ୍ଷାରେ ଚିଟିଂକୁ ରୋକିବା ଲାଗି ଇଣ୍ଟରନେଟ୍ ବନ୍ଦ କରାଯିବା ଘଟଣା ସାମ୍ନାକୁ ଆସିଥିଲା। ଉଲ୍ଲେଖଯୋଗ୍ୟ, ୧୦ ଜାନୁୟାରୀ ୨୦୨୦ରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ, ଇଣ୍ଟରନେଟ୍ ମାଧ୍ୟମରେ ତଥ୍ୟ ବା ସୂଚନା ପାଇବା ସମ୍ବିଧାନ ଅନୁଯାୟୀ ଏକ ମୌଳିକ ଅଧିକାର ଏବଂ ଇଣ୍ଟରନେଟ୍ ଉପରେ କଟକଣା ଲଗାଇବା ସାମୟିକ ଓ ବୈଧ ହେବା ସହ ଆବଶ୍ୟକତାକୁ ନେଇ ଏହା କରାଯିବା ଦରକାର । କିନ୍ତୁ କଶ୍ମୀରରେ ୧୭ ମାସ ଇଣ୍ଟରନେଟ୍ ସେବା ବନ୍ଦ ହେବା ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ଏପରିକି ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନ ସମୟରେ ଦୀର୍ଘକାଳ ପର୍ଯ୍ୟନ୍ତ ଏହି ସେବା ବନ୍ଦ କରାଯାଇଥିଲା। ତେବେ ଜାତୀୟ ସୁରକ୍ଷା ଓ ନାଗରିକ ସୁରକ୍ଷା ଆଳରେ ଇଣ୍ଟରନେଟ୍ ବନ୍ଦ କରାଯିବା ଯୁକ୍ତିଯୁକ୍ତ କୁହାଯାଉଥିଲେ ବି ଦେଶରେ ବହୁ ସମୟରେ ଗମ୍ଭୀର କାରଣ ନ ଥାଇ ଏହା କରାଯିବା ଲକ୍ଷ୍ୟ କରାଯାଉଛି। ଏପରିକି ସୁପ୍ରିମକୋର୍ଟଙ୍କ ରାୟ ପରେ ଭାରତରେ ୨୦୨୦ରେ ମଧ୍ୟ ବିଶ୍ୱରେ ସବୁଠୁ ଅଧିକ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଛି ବୋଲି ଆସେସ୍ ନାଓ ରିପୋର୍ଟରୁ ଜଣାପଡ଼ିଛି। କେବଳ ଏତିକି ନୁହେଁ,ଭାରତରେ ୨୦୧୫ରୁ ୨୦୨୨ ମଧ୍ୟରେ ସରକାରୀ ନିର୍ଦ୍ଦେଶ କ୍ରମେ ୫୫,୦୦୦ ୱେବ୍‌ସାଇଟକୁ ବନ୍ଦ କରାଯାଇଛି। ଗୋଟିଏ ପଟେ ଡିଜିଟାଲ ଇଣ୍ଡିଆ ନାରା ଦିଆଯାଉଛି, ଇ -କମର୍ସ ଓ ଡିଜିଟାଲ କାରବାରକୁ ପ୍ରାଧାନ୍ୟ ଦିଆଯାଉଛି, ଅନ୍ୟପକ୍ଷରେ ବାରମ୍ବାର ଏହି ସେବାକୁ ବନ୍ଦ କରାଯିବା ଫଳରେ ବାଣିଜ୍ୟ ଓ ବେପାର ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରବଳ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ଏହାର ଉଦାହରଣ ଜମ୍ମୁ-କଶ୍ମୀରଠାରୁ ଆରମ୍ଭ କରି ବିଭିନ୍ନ ଜାଗାରେ ଦେଖିବାକୁ ମିଳୁଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ,ଯେତେବେଳେ ସାଧାରଣ ନାଗରିକ ପାଖରେ ଖବର ପହଞ୍ଚିବାକୁ ସରକାରୀ ସ୍ତରରେ ବନ୍ଦ କରାଯାଏ, ସେତେବେଳେ ଗୁଜବ ଓ ମିଥ୍ୟା ପ୍ରଚାର ବହୁ ପରିମାଣରେ ଜନ୍ମ ନିଏ। ଏହାଦ୍ୱାରା ପରିସ୍ଥିତି ଅଧିକ ଜଟିଳ ହେବା ସୁନିଶ୍ଚିତ। ଆଧୁନିକ ପୃଥିବୀରେ ମୋବାଇଲ, ଇଣ୍ଟରନେଟ୍ , ଖବରକାଗଜ ଏବଂ ଅନ୍ୟ ଗଣମାଧ୍ୟମକୁ ବନ୍ଦ କରିଦେବାର ଉଦ୍ୟମ ଅତ୍ୟନ୍ତ ଅପରିପକ୍ୱ। ସେଥିପାଇଁ ସରକାର ମଧ୍ୟ ଚିନ୍ତା କରି ଏହି ସମସ୍ୟାର ସମାଧାନ ପ୍ରତି ଏକ ନୂଆ ପଦ୍ଧତି ଖୋଜି ବାହାର କରିବା ଆବଶ୍ୟକ ହୋଇପଡ଼ିଲାଣି। ସେଭଳି ପଦକ୍ଷେପ ଅତିଶୀଘ୍ର ନେବା ଦରକାର, ନଚେତ୍ ଆସନ୍ତା ସମୟରେ ପରିସ୍ଥିତି ଆହୁରି ଅଧିକ ଜଟିଳ ହେବ।

**ଆଧୁନିକ ପୃଥିବୀରେ ମୋବାଇଲ, ଇଣ୍ଟରନେଟ୍, ଖବରକାଗଜ ଏବଂ ଅନ୍ୟ ଗଣମାଧ୍ୟମକୁ ବନ୍ଦ କରିଦେବାର ଉଦ୍ୟମ ଅତ୍ୟନ୍ତ ଅପରିପକ୍ୱ। ସେଥିପାଇଁ ସରକାର ମଧ୍ୟ ଚିନ୍ତା କରି ଏହି ସମସ୍ୟାର ସମାଧାନ ପ୍ରତି ଏକ ନୂଆ ପଦ୍ଧତି ଖୋଜି ବାହାର କରିବା ଆବଶ୍ୟକ ହୋଇପଡ଼ିଲାଣି।**

# ବେହିସାବୀ ବୟସ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୦୧୯ ମସିହାରେ ରସାୟନ ବିଜ୍ଞାନରେ ଯେଉଁ ତିନିଜଣ ନୋବେଲ ବିଜୟୀ ହୋଇଥିଲେ, ସେମାନଙ୍କ ମଧ୍ୟରେ ଅଛନ୍ତି ଜନ୍ ଗୁଡ୍‌ଏନଫ୍, ଷ୍ଟାନ୍‌ଲେ ହ୍ୱିଟିଙ୍ଗହମ୍ ଓ ଆକିରା ୟାସିନୋ। ଲିଥିଅମ୍ -ଆୟନ ବ୍ୟାଟେରି କ୍ଷେତ୍ରରେ ଅଭିନବ ଅବଦାନ ପାଇଁ ସେମାନେ ଏହି ଗୌରବ ପ୍ରାପ୍ତ ହୋଇଥିଲେ। ଉକ୍ତ ବ୍ୟାଟେରିର ବ୍ୟବହାର ଦ୍ୱାରା ଖଣିଜ ତୈଳର ଚାହିଦା ଯଥେଷ୍ଟ ହ୍ରାସ ହେବ ଓ ଆମ ସମାଜ ଉତ୍କଟ ପ୍ରଦୂଷଣରୁ କେତେକାଂଶରେ ନିସ୍ତାର ପାଇବ। ତେବେ ଏମିତି ସୌଭାଗ୍ୟ ପ୍ରାପ୍ତ ତିନି ବିଜେତାଙ୍କ ମଧ୍ୟରେ ଯେଉଁ ଜଣକ ସମଗ୍ର ବିଶ୍ୱବାସୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି, ସେ ହେଉଛନ୍ତି ବୟୋଜ୍ୟେଷ୍ଠ ରସାୟନବିତ୍ ଗୁଡ୍‌ଏନଫ୍। ଜୁଲାଇ ୧୯୨୨ରେ ଜର୍ମାନୀର ଜେନାରେ ଜନ୍ମିତ ଗବେଷକ ସତାନବେ ବର୍ଷ ବୟସରେ ପୁରସ୍କୃତ ହୋଇଛନ୍ତି। ଅଦ୍ୟାବଧି ସମସ୍ତ ନୋବେଲ ବିଜେତାଙ୍କ ମଧ୍ୟରେ ସେ ହେଉଛନ୍ତି ସବୁଠାରୁ ବୟସ୍କ ବ୍ୟକ୍ତି।

ଏହି ଅବସରରେ ତାଙ୍କୁ ଯେତେବେଳେ ବର୍ତ୍ତମାନ ସେ କେମିତି ସମୟ ବିତାଉଥିବା ବିଷୟରେ ପ୍ରଶ୍ନ କରାଗଲା, ସେ ଉତ୍ତର ଦେଇଥିଲେ, ''ଏ ବୟସରେ ଆଉ କ'ଣ ଅବସର ନେଇଯିବି। ଆଉ ମୃତ୍ୟୁକୁ ଅପେକ୍ଷା କରିବି? ମୁଁ ଏମିତି ଭାବେ ନାହିଁ। ଏବେ ବି ମୁଁ ଗବେଷଣାରେ ନିଜକୁ ନିମଗ୍ନ କରେ। ଯେଉଁ ପାଞ୍ଚଦିନ ପ୍ରତି ସପ୍ତାହରେ ଗବେଷଣାଗାର ଖୋଲା ରହେ, ମୁଁ ପୂରାପୂରି ଗବେଷଣା ଓ ଛାତ୍ରୀଛାତ୍ରମାନଙ୍କ ସହ ବିଚାର ଆଲୋଚନାରେ ବ୍ୟସ୍ତ ରହେ। ଏପରି କି ଶନିବାର ପରି ଛୁଟିଦିନରେ ଘରୁ କାମ କରେ।''

ଗୁଡ୍‌ଏନଫ୍‌ଙ୍କ ଏହି ଅକ୍ଳାନ୍ତ ଏକନିଷ୍ଠ ପରିଶ୍ରମର ଏକମାତ୍ର ଲକ୍ଷ୍ୟ ହେଉଛି ସମ୍ପ୍ରତି ସମାଜରେ ବହୁଳ ବ୍ୟବହୃତ ଜୀବାଶ୍ମ ଇନ୍ଧନ ପରିବର୍ତ୍ତେ ପ୍ରଦୂଷଣମୁକ୍ତ ଶକ୍ତିର ବିକାଶ ପାଇଁ ବ୍ରତୀ ହେବା । ତାଙ୍କୁ ବିଶ୍ୱର ଯେଉଁ ସର୍ବୋଚ୍ଚ ସ୍ୱୀକୃତି ମିଳିଛି, ସେ ଏହାର କାରଣ ଭାବେ ଦର୍ଶାଇଥିଲେ ଯେ, ସଫଳତା ଦୁଃସାଧ୍ୟ ହେଲେ ମଧ୍ୟ ଜଣେ ଯଦି ଆଶା ନ ହରାଇ ଚେଷ୍ଟା କରେ, ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ।

କିନ୍ତୁ ପ୍ରଶ୍ନ ଉଠେ କେବଳ ଅବିରତ ଉଦ୍ୟମ ଦ୍ୱାରା ଜଣେ ସାଫଲ୍ୟ ମଣ୍ଡିତ ହୋଇପାରିବ? ଏହା ଅନସ୍ୱୀକାର୍ଯ୍ୟ ଯେ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ହୋଇ ଶୀର୍ଷସ୍ଥାନରେ ଉପନୀତ ହେବାକୁ ଜଣେ ଧୀଶକ୍ତିସମ୍ପନ୍ନ ହେବା ନିହାତି ଆବଶ୍ୟକ। ପୁଣି ପ୍ରତ୍ୟେକଟି ଗବେଷଣା କ୍ଷେତ୍ରରେ ଯେମିତି ଏଇ ଯୁଗରେ କ୍ଷିପ୍ର ଅଗ୍ରଗତି ଘଟୁଛି, ସେଥିସହିତ ତାଳ ଦେବାକୁ ପଡ଼ିବ। ଜଣେ ପରିଣତ ବୟସରେ ଏମିତି ସର୍ତ୍ତମାନ ପୂରଣ କରିବା ଏକ ବିରଳ ଓ ବିସ୍ମୟକର ଘଟଣା। ଗୁଡ୍‌ଏନଫ୍‌ଙ୍କ ଜୀବନରେ ଘଟିଥିବା ଏମିତି ଅସାଧାରଣ କାର୍ଯ୍ୟକଳାପ ଓ ତଦନୁସାରେ କୃତିତ୍ୱ ଆମ ସମସ୍ତଙ୍କୁ ଆଚମ୍ବିତ କରିଥାଏ। ଏହି ମର୍ମରେ ଆମ ମନ ବିଭିନ୍ନ ବାର୍ଦ୍ଧକ୍ୟଜନିତ ଦୁର୍ବଳତା ସମ୍ବନ୍ଧରେ ଆନ୍ଦୋଳିତ ହୋଇପାରେ। ଆମେ ଦେଖୁଛେ, ବୟସ ବଢ଼ିଲେ, ଜଣକର ସ୍ମୃତି ଶକ୍ତି ହ୍ରାସ ପାଏ। ଶାରୀରିକ ଦୌର୍ବଲ୍ୟ ଜଣକୁ ନିଷ୍କ୍ରିୟ କରିଥାଏ। ବୃଦ୍ଧମାନଙ୍କ ପଞ୍ଚେନ୍ଦ୍ରିୟ ଶିଥିଳ ହୋଇଯାଏ। କାମ କରିବାକୁ ସ୍ପୃହା ଜାତ ହୋଇ ନ ଥାଏ। ଇଚ୍ଛା ଥିଲେ ମଧ୍ୟ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଏଥିରେ ସହଯୋଗ କରି ନ ଥାନ୍ତି। ତେବେ ମୋଟାମୋଟି ଭାବେ ବାର୍ଦ୍ଧକ୍ୟର କିଛି ବିଶେଷତ୍ୱ ସମ୍ବନ୍ଧରେ ମଧ୍ୟ ଅନୁଶୀଳନ କରାଗଲେ, ଏକ ସ୍ପଷ୍ଟ ଓ ସାମଗ୍ରିକ ଚିତ୍ରର ସନ୍ଧାନ ଆମେ ପାଇପାରିବା।



ଶରୀର ବିଜ୍ଞାନୀଙ୍କ ଅନୁସାରେ ବୟସ ବୃଦ୍ଧି ଘଟି ବୃଦ୍ଧାବସ୍ଥାରେ ପହଞ୍ଚିଲେ, ଆମ ମସ୍ତିଷ୍କର ଆୟତନ କମିଯାଏ। ଏହାର ପ୍ରଭାବ ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶ ଉପରେ ପଡ଼ିଥାଏ। ମସ୍ତିଷ୍କର କେତୋଟି ଭାଗ ହେଉଛି: ହିପୋକ୍ୟାମ୍ପସ, ଯାହା କି ଆମ ସ୍ମୃତିକୁ ସାଇତି ରଖିଥାଏ। ଅନ୍ୟ ଏକ ଅଂଶ ହେଉଛି ସେରେବେଲମ, ଯାହାଦ୍ୱାରା ଆମ ଶରୀର ଗତି ଓ ଚଳପ୍ରଚଳ ପରି କାର୍ଯ୍ୟମାନ ସମ୍ପାଦନ କରେ। ତୃତୀୟ ଭାଗଟି ହେଉଛି ଫ୍ରଣ୍ଟାଲ ଲୋବ ବା ଅଗ୍ର ମସ୍ତିଷ୍କ। ଏହାଦ୍ୱାରା ଆମେ ସମସ୍ୟା ସମାଧାନ କରୁ; ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଉପଯୁକ୍ତ ନିଷ୍ପତ୍ତି ନେଇ ଆବାଳବୃଦ୍ଧବନିତା ସମସ୍ତଙ୍କ ପାଇଁ ପ୍ରତ୍ୟେକଟି ବିଭାଗ ଖୁବ୍ ଉପାଦେୟ।

ଯେତେବେଳେ ଜଣେ ଷାଠିଏ-ସତୁରି ବର୍ଷରେ ପହଞ୍ଚେ ତା'ର ମସ୍ତିଷ୍କର ଫ୍ରଣ୍ଟାଲ ଲୋବ ଓ ହିପୋକ୍ୟାମ୍ପସ ସଙ୍କୁଚିତ ହୁଏ। ଫଳରେ ବୟସ୍କମାନଙ୍କ ସ୍ମୃତିଶକ୍ତି କମିଯାଏ। ତତ୍‌ସହ ବୋଧଶକ୍ତି ବା ବୁଝିପାରିବା ସଂକ୍ରାନ୍ତ କାର୍ଯ୍ୟ ବିଘ୍ନିତ ହୁଏ।

ମସ୍ତିଷ୍କରେ ଏତାଦୃଶ ଅବନତି ଘଟିବା ସତ୍ତ୍ୱେ ପରିଣତ ବୟସରେ ଏକ ଶୁଭସୂଚକ ଲକ୍ଷଣ ଦେଖିବାକୁ ମିଳେ। ଏହି ବୟସରେ ମସ୍ତିଷ୍କରେ ବିଦ୍ୟମାନ ଡିଫଲଟ ନେଟୱର୍କ(ନିଷ୍କ୍ରିୟ ନେଟୱର୍କ) ସକ୍ରିୟ ହୁଏ। ଯେତେବେଳେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ନ କରି ବସି ରହେ, ସେତେବେଳେ ଏହି ନେଟୱର୍କ କାର୍ଯ୍ୟକ୍ଷମ ହୁଏ। ତେଣୁ ଶାରୀରିକ ପରିଶ୍ରମ କମ୍ କରୁଥିବା ବ୍ୟକ୍ତି କର୍ମଚଞ୍ଚଳ ବ୍ୟକ୍ତିଙ୍କଠାରୁ ଅପେକ୍ଷାକୃତ ଭାବେ ଅଧିକ ସୁବିଧାଜନକ ସ୍ଥିତିରେ ରହିଥାଏ ନିଷ୍କ୍ରିୟ ନେଟୱର୍କ କ୍ଷେତ୍ରରେ। ସାଧାରଣତଃ ଯୁବକମାନେ ବିଭିନ୍ନ କାର୍ଯ୍ୟ କରିବାରେ ଅତ୍ୟଧିକ ସମୟ ବିତାଇଥାନ୍ତି। ସେମାନେ ବୟସ୍କଙ୍କ ପରି ସଂକୀର୍ଣ୍ଣ ସ୍ଥାନରେ ନିଜକୁ ଆବଦ୍ଧ କରି ରଖି ନ ଥାନ୍ତି। ତେଣୁ ତରୁଣମାନଙ୍କ ଅପେକ୍ଷା ବୃଦ୍ଧମାନଙ୍କ ନିଷ୍କ୍ରିୟ ନେଟୱର୍କର ପରିସର ଅଧିକ ବିସ୍ତୃତ ରହେ। ଫଳସ୍ୱରୂପ ବରିଷ୍ଠମାନେ ଦୀର୍ଘ ସମୟ ଧରି ବସି ରହୁଥିବାରୁ ସେମାନେ ଲାଭବାନ ହୁଅନ୍ତି। ଏହାଦ୍ୱାରା ସେମାନଙ୍କ ଅତୀତର ବିଭିନ୍ନ କାର୍ଯ୍ୟକଳାପ ସେମାନେ ରୋମନ୍ଥନ କରନ୍ତି। ପ୍ରକାରାନ୍ତରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ସେମାନଙ୍କ ବିସ୍ତୃତ ଅନୁଭୂତି ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ ଏବଂ ସେମାନଙ୍କ ଉପଦେଶ ବା ପରାମର୍ଶ କାର୍ଯ୍ୟକାରୀ କରାଗଲେ ସୁଫଳ ପ୍ରାପ୍ତ ହୁଏ। ତେଣୁ ସେମାନଙ୍କ ତଥାକଥିତ ଆଳସ୍ୟ ଅନାଦରଣୀୟ ନୁହେଁ। ଅବଶ୍ୟ ମସ୍ତିଷ୍କର ଏହି ବିଶେଷତ୍ୱ ସତ୍ତ୍ୱେ ଜଣେ ଯଦି ବୟସ ବଢ଼ିଲେ ସୁଦ୍ଧା ସ୍ଥାଣୁଭାବେ ଘରେ ବସି ସମୟ ଅତିବାହିତ ନ କରି ଯଦି ସେ ପ୍ରାତଃ ଭ୍ରମଣ ଓ ବ୍ୟାୟାମ ତଥା ସାଙ୍ଗସାଥୀ ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କ ଗଢ଼େ ତେବେ ମସ୍ତିଷ୍କର ବୟସଜନିତ ଜୈବିକ କ୍ଷୟିଷ୍ଣୁ ଭାଗମାନ କିଛି ମାତ୍ରାରେ ସୁରକ୍ଷିତ ହୋଇଥାଏ। ଏହାଦ୍ୱାରା ଜଣେ କର୍ମପ୍ରବଣ ବୟସ୍କ ବ୍ୟକ୍ତିର ହିପୋକ୍ୟାମ୍ପସ ସେରେବେଲମ ଇତ୍ୟାଦି ଅଂଶ ମଧ୍ୟ କେତେକାଂଶରେ ସତେଜ ରହିବା ସହ ଅତିରିକ୍ତ ଭାବେ ସେ ନିଷ୍କ୍ରିୟ ନେଟୱର୍କ ଦ୍ୱାରା ଉପକୃତ ହୁଏ।

ରସାୟନ ଶାସ୍ତ୍ରରେ ନୋବେଲ ବିଜୟୀ ବୟୋଜ୍ୟେଷ୍ଠ ଗୁଡ୍‌ଏନଫ୍‌ଙ୍କ ଜୀବନରେ ଆମେ ମସ୍ତିଷ୍କର ଏମିତି ସମ୍ମିଶ୍ରିତ ଓ ସୁଷମ ସଂଯୋଗର ଉପସ୍ଥିତି ଲକ୍ଷ୍ୟ କରୁ ସଂପ୍ରତି ସେ ଅଷ୍ଟିନ ସ୍ଥିତ ଟେକ୍ସାସ ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ଓ ମାଟେରିଆଲ ସାଇନ୍ସ ବିଭାଗରେ କାର୍ଯ୍ୟରତ। ଏତଦ୍‌ବ୍ୟତୀତ ବୁଢ଼ା ହୋଇଗଲେ ଜଣେ ମୃତ୍ୟୁ ବିଷୟରେ ଅବଶ୍ୟ ଅତିଶୟ ଚିନ୍ତିତ ହୋଇଥାଏ। ବାଳ ପାଚିଗଲେ ଜଣେ ଅନୁଭବ କରେ, ସତେ ଯେମିତି ମଶାଣିରେ ତା'ର ଗୋଟିଏ ଗୋଡ଼ ପହଞ୍ଚି ଗଲାଣି ଓ ମୃତ୍ୟୁ ଆସନ୍ନ। ଏହି ଦୁଶ୍ଚିନ୍ତାରୁ ମୁକ୍ତ ହେବା ସକାଶେ ସକାରାତ୍ମକ ମନୋଭାବ ଦରକାର। ନିମ୍ନ କାହାଣୀର ଯଥାର୍ଥ ଜଣେ ହୃଦୟଙ୍ଗମ କଲେ ଭଲ ହେବ। ଏଥିରେ ନିହିତ ଆଧ୍ୟାତ୍ମିକ ଭାବନା। ଏକଦା ବାପା ସହ ତାଙ୍କ ଛୋଟ ପୁଅ ଗୋଟିଏ ମେଳାକୁ ବୁଲି ଯାଇଥିଲେ। ମେଳାର ଭୀଷଣ ଭିଡ଼ ମଧ୍ୟରେ ପୁଅଟି ବାପାର ହାତ ଦୈବାତ ଛାଡ଼ି ନିଃସଙ୍ଗ ହୋଇଗଲା। ସେ ବାପାକୁ ଏଣେ ତେଣେ ଖୋଜି କାନ୍ଦି କାନ୍ଦି ବୁଲୁଥିବା ବେଳେ ପୋଲିସ ତାକୁ ଧରି ଥାନାକୁ ନେଲା। ପୋଲିସ ତାକୁ ନେବା ବେଳେ ପିଲାଟି ଅଧିକ ବିକଳ ହେଉଥାଏ। କାରଣ ତା' ମନରେ ଧାରଣା ଥିଲା ଯେ, ପୋଲିସ ମାନେ ମାଡ଼ ଦିଅନ୍ତି। କିନ୍ତୁ ଥାନାରେ ପହଞ୍ଚି ପିଲାଟି ଦେଖିଲା ଯେ, ଥାନାରେ ବାପା ରିପୋର୍ଟ କରି ସେଠାରେ ବସିଛନ୍ତି। ସେ ଆନନ୍ଦରେ ନାଚି ଉଠିଲା। ଠିକ୍ ସେମିତି ଈଶ୍ୱର ଆମକୁ ଦୁନିଆର ଏହି ମେଳାକୁ ପଠାଇଛନ୍ତି। ଜୀବନର ନାନା ବାଧା ବିଘ୍ନ ଆମ ପାଇଁ ଉକ୍ତ ଗପର ଭୟସୂଚକ ଘଟଣାବଳୀ। ତେବେ ମୃତ୍ୟୁ ପରେ ଆମେ ସେଇ ଈଶ୍ୱରଙ୍କ ପାଖକୁ ଯାଉ, ଯିଏ ଆମକୁ ଏଠାକୁ ପଠାଇଛନ୍ତି- ପିଲାଟି ଥାନାରେ ତା' ବାପାଙ୍କୁ ଭେଟିବା ପରି।

ମୋ:୯୦୭୮୭୪୩୮୪୩

## ଏଇ ଭାରତରେ

ଅଭ୍ୟାସ ବଳରେ ଜଣେ ଯେ କୌଣସି କାର୍ଯ୍ୟରେ ଦକ୍ଷ ହୋଇପାରନ୍ତି, ଯାହା ପ୍ରମାଣ କରିଛନ୍ତି ହାଇଦ୍ରାବାଦ୍‌ର ଅର୍ପିତା ରାୟ। ସେ ଦୁଇ ଗୋଡ଼ ହରାଇ ଗୋଟିଏ ସମୟରେ ଚାଲିପାରୁ ନ ଥିଲେ। ହେଲେ ଯୋଗାସନ ଅଭ୍ୟାସ କରି ଏବେ ସେ ଜଣେ ସଫଳ ଯୋଗ ପ୍ରଶିକ୍ଷକ ହୋଇପାରିଛନ୍ତି। ପାଖାପାଖି ୧୭ ବର୍ଷ ପୂର୍ବରୁ ଅର୍ପିତା ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହେବା ପରେ ତାଙ୍କ ଚିକିତ୍ସା କରାଯାଇଥିଲା। ସେ ସୁସ୍ଥ ହୋଇଥିଲେ ସତ କିନ୍ତୁ ଦୁଇ ଗୋଡ଼ ହରାଇଥିଲେ। ସେତେବେଳେ ତାଙ୍କ ବୟସ ଥିଲା ମାତ୍ର ୨୦ ଓ କଲେଜ ଛାତ୍ରୀ ଥିଲେ ଏବଂ ତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ କୃତ୍ରିମ ଗୋଡ଼ ଲଗାଇ ଚାଲିବାକୁ ସକ୍ଷମ ହୋଇଥିଲେ ଓ ପଢ଼ା ଜାରି ରଖିଥିଲେ। ଏହି ଅବସ୍ଥାରେ ସେ ଆତ୍ମନିର୍ଭର ହେବାଲାଗି ଚାକିରି କରିଥିଲେ। ରୋଜଗାର ସହ ଯୋଗାଭ୍ୟାସ ଆରମ୍ଭ କରିଥିଲେ। ଏବେ ସେ ଯୋଗ ପ୍ରଶିକ୍ଷକ ଭାବେ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନରେ ଯୋଗ ଶିଖାଉଛନ୍ତି।

## ଚିରନ୍ତନୀ

ଆଦର୍ଶ ଯାହାର ମହା ସାମ୍ୟ-ନୀତି ନାହିଁ ଭେଦଜ୍ଞାନ,
ମାନବ-ଶିଶୁର ଯହିଁ ନାହିଁ ଜାତି ଦ୍ୱେଷ ଅପମାନ,
କବୀର, ନାନକ, ବୁଦ୍ଧ, ଚୈତନ୍ୟ, ଶଙ୍କର
କଲେ ଯହିଁ ସମାବେଶ ସକଳ ଧର୍ମର,
ଲେଖିଲେ ଏ ପାଷାଣର ଗତେ
''ସକଳ ଯେ ସମାନ ଜଗତେ''
ସବୁ ବଡ଼ ସାନ
ଦୀନ ଧନବାନ
ନତ ମୁଣ୍ଡ
ଏଥିରୁଣ୍ଡ। -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପ୍ରାଚୀନ ଐତିହ୍ୟର ସଂରକ୍ଷଣ



ଶୁଭେନ୍ଦୁ କୁମାର ଭୂୟାଁ

ଇତିହାସ ଆମ ଅତୀତର କଥା କୁହେ। ଐତିହ୍ୟ ଓ ପରମ୍ପରା- ଆମ ବୈଭବମୟ ଅତୀତକୁ ମନେପକାଏ, ତା'ର କୃତି ଓ କୀର୍ତ୍ତିକୁ ରୋମନ୍ଥନ କରେ। ଗୋଟିଏ ଜାତି ଏବଂ ଗୋଟିଏ ରାଷ୍ଟ୍ର ପାଇଁ ସେମାନଙ୍କର ଐତିହ୍ୟ ଏକ ସୁବର୍ଣ୍ଣ ସ୍ମୃତିର ଉଜ୍ଜ୍ୱଳ ପ୍ରତୀକ। ଗୋଟିଏ ଦେଶ ଏବଂ ଜାତିର ଐତିହ୍ୟ ଯେତେ ଗୌରବମୟ ଓ ବିକଶିତ - ସେହି ଜାତି ସେତେ ସମୃଦ୍ଧ ଓ ମହାନ୍।

ଉତ୍କଳର ପୁରାତନ ଐତିହ୍ୟଗୁଡ଼ିକ ଦିନେ ଥିଲା ଆମ ସମୃଦ୍ଧ ସଭ୍ୟତାର ଗୋଟିଏ ଗୋଟିଏ ସ୍ମରଣୀୟ ଆଲେଖ୍ୟ। ପ୍ରାଚୀନ ଓଡ଼ିଶାରେ ଥିବା ବହୁ ଐତିହ୍ୟମଣ୍ଡିତ ଏବଂ କାରୁକାର୍ଯ୍ୟଶୋଭିତ କଳାକୀର୍ତ୍ତି ଦେଶ ବିଦେଶରେ ମଧ୍ୟ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ବିଭିନ୍ନ ମନ୍ଦିର, ବୌଦ୍ଧ କୀର୍ତ୍ତିରାଜି, ଶିଳାଲେଖ, ପ୍ରସ୍ତରଲିପି, ପ୍ରାଚୀନ ଗୁମ୍ଫା ଓ ବୌଦ୍ଧ ମହାବିହାରଗୁଡ଼ିକରେ ଉତ୍କୀର୍ଣ୍ଣ ହୋଇଥିଲା ଜାତିର ମହାନ୍ ପରମ୍ପରାର ଗାଥା। ହଜାର ହଜାର ବର୍ଷ ତଳର ଏଇସବୁ କୀର୍ତ୍ତିର ସ୍ମାରକୀକୁ ପୁରାତତ୍ତ୍ୱବିତ୍‌ମାନେ ପ୍ରତ୍ନ ଉତ୍‌ଖନନ କରି ତା'ର ପୁନରୁଦ୍ଧାର କରିଛନ୍ତି। ଏଥିରେ ବର୍ଣ୍ଣିତ ଶିଳାଲିପିର ଆଲେଖ୍ୟ ପ୍ରମାଣ କରିଛି ଯେ, ପୁରାତନ ଉତ୍କଳର ଏଇସବୁ ବିଭବ ଦିନେ ଏ ରାଜ୍ୟକୁ କରିଥିଲା ଅଧିକ ଗୌରବମଣ୍ଡିତ। ଆମେ କାହିଁକି, ଆମର ଗୌରବମଣ୍ଡିତ ଏହି ଐତିହ୍ୟ ଓ ସଂସ୍କୃତିକୁ ଗୁରୁତ୍ୱ ଦେବା? କାହିଁକି ମନେପକାଇବା ଆମର ବହୁ ପ୍ରାଚୀନ ଏଇସବୁ କଳାକୀର୍ତ୍ତି ଓ ସାଂସ୍କୃତିକ ବିଭବଗୁଡ଼ିକୁ? କାରଣ ଏଇଆ ଯେ, ଆମ ଅତୀତର ଏଇ ଐତିହ୍ୟ ସବୁ ଥିଲା ଆମ ଜାତିର ଏକ ସ୍ୱର୍ଦ୍ଧିତ ପରିଚୟ। ଆମର ସମୃଦ୍ଧ ପରମ୍ପରାର ଇଏ ଏକ ସମୁଜ୍ଜ୍ୱଳ ପ୍ରତୀକ। ଆମର ଅତୀତ ଯେ, ଦିନେ ସମୃଦ୍ଧ ଥିଲା, ବିକଶିତ ଥିଲା- ତାହାର ମୂକସାକ୍ଷୀ ଏଇସବୁ ଇତିହାସର କୃତି। କଳା, ସ୍ଥାପତ୍ୟ, କୀର୍ତ୍ତିରାଜି କ୍ଷେତ୍ରରେ ଆମ ପୂର୍ବସୁରୀମାନେ ଯେଉଁ ଅପୂର୍ବ ପରାକାଷ୍ଠା ଦେଖାଇଥିଲେ- ତାହାକୁ ମନେପକାଇବା ସହିତ ତା'ର ଉପଯୁକ୍ତ ସଂରକ୍ଷଣ ପାଇଁ ମଧ୍ୟ ଆମେ ସମ୍ମିଳିତ ଉଦ୍ୟମ କରିବା ଆବଶ୍ୟକ।

କେବଳ ଆମ ରାଜ୍ୟ କିମ୍ବା ଦେଶ ନୁହେଁ - ଭାରତ ବାହାରେ ଅଧିକାଂଶ ବିକଶିତ ରାଷ୍ଟ୍ର ସମୂହ- ସେମାନଙ୍କର ଐତିହ୍ୟକୁ ସଂରକ୍ଷିତକରି ରଖିଛନ୍ତି। କାରଣ ଉତ୍କର୍ଷ ଲାଭ କରିଥିବା ସ୍ଥାପତ୍ୟ, କଳାକୃତିଗୁଡ଼ିକ ସବୁବେଳେ ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣା ଦେଇଥାଏ। ନୂତନ ଯୁଗର ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କୁ ନୂଆ ନୂଆ କୀର୍ତ୍ତିର ମୁଖଶାଳା ଗଢ଼ିବାକୁ ଅନୁପ୍ରେରିତ କରିଥାଏ- ଏଇସବୁ ପୁରାତନ



କୃତିଗୁଡ଼ିକ। ଏଇ ଐତିହ୍ୟ ଓ ସଂସ୍କୃତି- ସବୁବେଳେ ଆଉ ଏକ ନୂଆ ସଂସ୍କୃତି ଓ ସଭ୍ୟତା ସହିତ ନିଜକୁ ଯୋଡ଼ିଥାଏ। ପ୍ରାଚୀନ ରାଜ୍ୟ ଓଡ଼ିଶାର ପୁରପଲ୍ଲୀଠାରୁ ସହର, ଦୁର୍ଗମ ବନାଞ୍ଚଳରୁ ଉପକୂଳ ଅଞ୍ଚଳ, ସବୁଠି ଭରି ରହିଛି ହଜାର ହଜାର ବର୍ଷ ତଳର ମନ୍ଦିରମାଳା। କେଉଁ ବନକାନ୍ତାରର ଗିରିଗୁମ୍ଫାରେ ଉତ୍କୀର୍ଣ୍ଣ ହୋଇଛି ପ୍ରାଚୀନ ଲିପିର ଗୌରବ ଗାଥା। କେଉଁ ପୁରାତନ ବୌଦ୍ଧ ପଲ୍ଲୀରେ ମାଟି ତଳୁ ଉତ୍‌ଖନନ ପରେ ବାହାରିଛି ବୌଦ୍ଧ ସଭ୍ୟତାର ନିଦର୍ଶନ ବୌଦ୍ଧ ମହାବିହାର, ପ୍ରାଚୀନ ବୌଦ୍ଧ ବିଶ୍ୱବିଦ୍ୟାଳୟ, ବର୍ଷାବାସ ବୌଦ୍ଧ ଶ୍ରମଣମାନଙ୍କ ବୌଦ୍ଧଗୁମ୍ଫା, ବୁଦ୍ଧସ୍ତୂପ । କେଉଁଠି ମିଳିଛି ପ୍ରାଚୀନ ମୁଦ୍ରା, ବହୁ ପୁରାତନ ମୂର୍ତ୍ତି ସମୂହ, କେଉଁଠି ବହୁ ପୁରାତନ ଉତ୍କଳୀୟ ମଠ-ମନ୍ଦିର, ବ୍ରିଟିଶ ସମୟର ବତିଘର। କେଉଁଠି ସନ୍ଧାନ ମିଳିଛି ପୁରାତନ ନଗର ସଭ୍ୟତାର ନିଦର୍ଶନ ତ କେଉଁଠି ରାଜାରାଜୁଡ଼ା କାଳର ଭବ୍ୟ ରାଜପ୍ରସାଦଗୁଡ଼ିକ। ଏକବିଂଶ ଶତାବ୍ଦୀରେ ଓଡ଼ିଶାରେ ଥିବା ହଜାର ହଜାର କୀର୍ତ୍ତିସମୂହର ଉପଯୁକ୍ତ ସୁରକ୍ଷା ଓ ସଂରକ୍ଷଣ କରାଯିବା ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ।

ଅନେକ ସମୟରେ ଦେଖାଯାଉଛି ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନିତ ଐତିହ୍ୟସ୍ଥଳୀ ଗୁଡ଼ିକ ପ୍ରତ୍ନ ଉତ୍‌ଖନନ ପରେ ଉପଯୁକ୍ତ ସଂରକ୍ଷଣ ଏବଂ ସୁରକ୍ଷା ଅଭାବରୁ ଅବହେଳିତ ହୋଇ ପଡ଼ିରହିଛି। ବିଶ୍ୱ ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ଓଡ଼ିଶାର ବହୁ ପୁରାତନ 'ହୀରକ ତ୍ରିଭୁଜ' ର ବୌଦ୍ଧ ସର୍କିଟ ଅନ୍ତର୍ଭୁକ୍ତ ଲଳିତଗିରି-ରତ୍ନଗିରି-ଉଦୟଗିରିକୁ ଏକ ଉଦାହରଣ ଭାବେ ନିଆଯାଇପାରିବ। ଖନନର ଦୀର୍ଘ ୩୫ବର୍ଷ ପରେ ମଧ୍ୟ ଏବେ ବି ଯାଜପୁର ଜିଲା ଅନ୍ତର୍ଗତ ବିଶ୍ୱ ବିଖ୍ୟାତ ଉଦୟଗିରି ବୌଦ୍ଧପୀଠରୁ ଆବିଷ୍କୃତ ବୌଦ୍ଧ ସ୍ମାରକୀ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟର ଅନ୍ଧାର ପ୍ରକୋଷ୍ଠରେ ପଡ଼ିରହିଛି। ତାତ୍ପର୍ଯ୍ୟର ବିଷୟ ହେଲା, ଉତ୍ତର ଭାରତରେ ଥିବା ବୋଧଗୟା, ସାରନାଥ ଓ ନାଳନ୍ଦା ଭଳି ବୌଦ୍ଧ ସଂସ୍କୃତିର ନିଦର୍ଶନ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଯେଉଁଭଳି ବିକାଶ କରାଯାଇଛି- ଓଡ଼ିଶାରେ ଥିବା ବିଶ୍ୱବିଖ୍ୟାତ ବୌଦ୍ଧ ଐତିହ୍ୟସ୍ଥଳ ଲଳିତଗିରି- ରତ୍ନଗିରି-ଉଦୟଗିରିକୁ ସେଭଳି ବିକଶିତ କରାଯାଇ ପାରିନାହିଁ। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ବହୁ ପୁରାତନ ମନ୍ଦିର ଓ ଅନ୍ୟ ଐତିହ୍ୟସ୍ଥଳ ମଧ୍ୟ ନିରାପଦ ନୁହେଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ସୁଦୃଷ୍ଟି ପଡ଼ିନାହିଁ ଏହିସବୁ କୀର୍ତ୍ତିରାଜି ଉପରେ।

ସଦସ୍ୟ,ଜିଲା ସଂସ୍କୃତି ପରିଷଦ, ଯାଜପୁର
ମୋ : ୯୪୩୭୨୨୬୭୯୭

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଏପ୍ରିଲ ୧୯୯୮

- ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ସାଂସଦମାନଙ୍କୁ ଲାଞ୍ଚ ଦେବା ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓ, କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ବୁଟା ସିଂଙ୍କ ସମେତ ସବୁ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ।
- ଖ୍ୟାତନାମା ଚଳଚ୍ଚିତ୍ର ଶ୍ରମିକ ସଙ୍ଗଠନ ନେତା ତଥା ନିର୍ଦ୍ଦେଶକ ଅଜିତ ଲାହିରିଙ୍କ ୬୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | 2 |
| | | | 4 | | 3 | 8 | | |
| 8 | 4 | | 1 | 5 | | 9 | | |
| | | | | 2 | | 5 | 3 | 4 |
| | | 3 | | | 1 | | | |
| | 7 | | | | | | | |
| | 3 | 1 | 9 | | 6 | | 5 | |
| | | | 2 | | | | 7 | |
| | | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 9 | 2 | 3 | 4 | 1 | 5 | 8 |
| 2 | 3 | 8 | 6 | 1 | 5 | 9 | 4 | 7 |
| 5 | 1 | 4 | 8 | 9 | 7 | 3 | 2 | 6 |
| 9 | 2 | 3 | 5 | 6 | 8 | 4 | 7 | 1 |
| 4 | 5 | 7 | 9 | 2 | 1 | 6 | 8 | 3 |
| 1 | 8 | 6 | 4 | 7 | 3 | 2 | 9 | 5 |
| 7 | 6 | 5 | 1 | 4 | 9 | 8 | 3 | 2 |
| 8 | 9 | 1 | 3 | 5 | 2 | 7 | 6 | 4 |
| 3 | 4 | 2 | 7 | 8 | 6 | 5 | 1 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସଂସ୍କୃତି ବିଭାଗ ସିଟିଏମ୍‌ଏସ୍ ନୀତିର ପୁନର୍ବିଚାର ଜରୁରୀ

ମହାଶୟ,

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜିକୁ ପ୍ରାୟ ଏକବର୍ଷ ତଳେ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା (ସିଟିଏମ୍‌ଏସ୍) ଉଦ୍‌ଘାଟନ କରାଗଲା। କିନ୍ତୁ ଆଜି ଘୋର ଦୁଃଖ ଓ ପରିତାପର ସହ କହିବାକୁ ପଡୁଛି ଯେ ସାଂସ୍କୃତିକ ଦଳ ପରିଚାଳନା ଦୂରେଥାଉ, ଅଦ୍ୟାବଧି ସାଂସ୍କୃତିକ ଦଳ ଚିହ୍ନଟ କରିବାରେ ମଧ୍ୟ ସମ୍ପୂର୍ଣ୍ଣ ଅକ୍ଷମ ଓ ବିଫଳ ରାଜ୍ୟ ସଂସ୍କୃତି ବିଭାଗ। ସିଟିଏମ୍‌ଏସ୍ ସାଇଟ୍‌ରେ ଆଜି ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଦଳ ସର୍ଚ୍ଚ କଲେ ଦୃଶ୍ୟମାନ ପାଲା-ସଂକୀର୍ତ୍ତନ-ଦଣ୍ଡନାଚ ଦଳ। ତେଣୁ ଉପଯୁକ୍ତ ଯୋଗ୍ୟଦଳ ଆଜି କଳା ପରିବେଷଣ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପୂର୍ବପରି ଅଫ୍‌ଲାଇନରେ ଆଉ ସାଂସ୍କୃତିକ ଦଳ ସଂସ୍କୃତି ବିଭାଗରୁ ଆମନ୍ତ୍ରଣ କରି ହେଉନି। ଅନ୍‌ଲାଇନ ବ୍ୟବସ୍ଥା ପ୍ରଣୟନ ହୋଇଥିବାରୁ ସଂସ୍କୃତି ବିଭାଗର କେହି ଅଧିକାରୀ କିଛି ବି ଆପତ୍ତି ଅଭିଯୋଗ ଶୁଣୁନାହାନ୍ତି। ନ୍ୟାୟରେ କଷିପେଷି ହୋଇ ବଳି ପଡୁଛନ୍ତି ଓଡ଼ିଶାର ଶହ ଶହ ସାଂସ୍କୃତିକ ଦଳ ଓ ହଜାର ହଜାର ପେସାଦାର କଳାକାର। ଉପଯୁକ୍ତ କାମଧନ୍ଦା ଓ ପାରିତୋଷିକ ନ ପାଇ ଜୀବନ-ଜୀବିକାର ଦୋଛକିରେ ଆଜି ଉତ୍କଳୀୟ କଳାଜୀବୀ। ରାଜ୍ୟ ସଂସ୍କୃତି ବିଭାଗର ସିଟିଏମ୍‌ଏସ୍ ସାଇଟ୍ ଏତେ ଉନ୍ନତ ନୁହେଁ। ପ୍ରତିଟି କଳା ପରିବେଷଣ ଦଳକୁ ପାଞ୍ଚ ପାଞ୍ଚଟି କଳା ପରିବେଷଣ ସୁଯୋଗ ଦେବାକୁ ଉଦ୍ଦିଷ୍ଟ ସିଟିଏମ୍‌ଏସ୍ ଏବେ ଅସହାୟ। ଚାରି ସପ୍ତାହରେ ସାଂସ୍କୃତିକ ଦଳକୁ ପାରିତୋଷିକ ପ୍ରଦାନ କରିବାକୁ ଶପଥ କରିଥିବା ସଂସ୍କୃତି ବିଭାଗ ବହୁ ସପ୍ତାହ ବିତିଗଲେ ବି ପ୍ରାପ୍ୟ ପ୍ରଦାନରେ ଅକ୍ଷମ। ଫଳରେ କଳାକାର ତଥା କଳା ଅନୁଷ୍ଠାନଗୁଡ଼ିକ ଘୋର ଅବ୍ୟବସ୍ଥାରେ କାଳାତିପାତ କରୁଛନ୍ତି। ଏଣୁ ତୁରନ୍ତ ପଦକ୍ଷେପ ଓ ପ୍ରତିକାର ଯୁଦ୍ଧକାଳୀନ ଭିତ୍ତିରେ ଲୋଡ଼ା।

-ସୁଶାନ୍ତ କୁମାର ପାଣି, ନସିପୁର, ବଡ଼ମୂଳବସନ୍ତ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କାଠ ବୋଝେଇ ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ଖପ୍ରାଖୋଲ, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କର୍ଲାବାହାଲି ଗାଁ ନିକଟରେ ସୋମବାର ଏକ କାଠ ବୋଝେଇ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗମ୍ଭାରୀ ପଞ୍ଚାୟତ ବୈଜଲସାଗର ଗାଁର କରୁଣାକର ଛତ୍ରିଆ(୩୦)। ଟ୍ରାକ୍ଟର ମାଲିକ କରୁଣାକର ବଲି କାଠ ବୋଝେଇ କରି ନିଜେ ଡ୍ରାଇଭିଂ କରି ବୈଜଲସାଗର ଯାଉଥିଲେ। ଭାରସାମ୍ୟ ହରାଇ ଗାଡି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଏଥିରେ ସେ ଟ୍ରାକ୍ଟରରେ ଚାପି ହୋଇ ଯାଇଥିଲେ। ଖପ୍ରାଖୋଲ ଥାନା ପୋଲିସ ଟ୍ରାକ୍ଟର ତଳୁ ମୃତଦେହ ବାହାର କରିଥିଲା।

## ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଂସ ଦରବାର

ଲୋଇସିଂହା,୧୭।୪(ଡି.ଏନ.ଏ): ଆଗଲପୁର ବ୍ଲକ ସାନିକିା ହନୁମାନ ମନ୍ଦିର ଓ ପାରାୟଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ନାମଯଜ୍ଞ ଓ ପାରାୟଣ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ କଂସ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କଂସ ଦରବାର ବିଭିନ୍ନ ଦିସବରେ ବଲାଙ୍ଗୀରର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସେଠ, ସମିତି ସଭ୍ୟ ଟୁନା ଦଣ୍ଡସେନା ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର କମିଟି ସଭାପତି କହ୍ନେଇ ପଧାନ, କମିଟି ସଦସ୍ୟ ଏବଂ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଉତ୍ସବ ଆୟୋଜିତ ହେଉଛି।

## ସାଇବର ଠକେଇ ପ୍ରତି ସତର୍କ ରୁହ

ପଦ୍ମପୁର, ୧୭।୪(ଡି.ଏନ.ଏ.)




କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅତିଥିଗଣ।

ବରଗଡ଼ ଜିଲା ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ଜମଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ପୁରୋହିତଙ୍କ ନେତୃତ୍ୱରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁର ଥାନା ଇନ୍‌ଚାର୍ଜ ମନୋଜ ପ୍ରଧାନ ସାଇବର କ୍ରାଇମ ଦ୍ୱାରା କିପରି ଲୋକେ ଠକାମିର ଶିକାର ହେଉଛନ୍ତି ସେ ନେଇ ସତର୍କ ରହିବା ଏବଂ ଆବଶ୍ୟକ ସ୍ଥଳେ ପୋଲିସର ସହାୟତା ନେବାକୁ କହିଥିଲେ। ପୋଲିସ ସହିତ ସୁସମ୍ପର୍କ ରଖି ସମାଜରୁ ଅପରାଧ ନିୟନ୍ତ୍ରଣ କରିବା ପାଇଁ ସେ କହିଥିଲେ। ଉକ୍ତ ସଭାରେ ପ୍ରକାଶ ପାତ୍ର, ପ୍ରତିମା ଡୁଙ୍ଗଡୁଙ୍ଗ ଓ ନାଏବ ସରପଞ୍ଚ ଗଜାଧର ପ୍ରଧାନ, ସମିତି ସଭ୍ୟ ପ୍ରତିନିଧି ପିଣ୍ଟୁ ବେହେରା, ଲକ୍ଷ୍ମୀକାନ୍ତ ଭୋଇ, ପଞ୍ଚୁ ମେହେର, ହୀରା ବାରିକ, ବିନୋଦ ବେହେରା, ଭୋଜରାଜ ଭୋଇ, ରବି ଭୋଇ, ସର୍ଜନ ସାହୁ, ସାହେବ ମୁନା, ଗଣେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯ରେ ବରଗଡ଼ ଜିଲା ବନ୍ଦ

### ସମ୍ବଲପୁର ହିଂସାର ପ୍ରଭାବ

ବରଗଡ଼ ଅଫିସ୍,୧୭।୪

ହନୁମାନ ଜୟନ୍ତୀ ପାଳନ ଶୋଭାଯାତ୍ରା ସମୟରେ ସମ୍ବଲପୁରରେ ହୋଇଥିବା ହିଂସାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ଆସନ୍ତା ୧୯ତାରିଖରେ ବରଗଡ଼ ଜିଲା ବନ୍ଦ ଡାକରା ଦେଇଛି। ଏହି ପରିପ୍ରେକ୍ଷୀରେ ସୋମବାର ବରଗଡ଼ ମାରୱାଡ଼ି ଧର୍ମଶାଳାରେ ଏକ ବୈଠକ ହୋଇଥିଲା। ପରିଷଦ ସଭାପତି ନିଧୁବନ ବିହାରୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଆଶୁତୋଷ ରଥ, ଉପସଭାପତି ନାରାୟଣ ପଣ୍ଡା, ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶ୍ୱିନୀ ମେହେର, ସହ ସମ୍ପାଦକ ପରମାନନ୍ଦ ମିଶ୍ର, ବଜରଙ୍ଗ ଦଳ ଜିଲା ସଂଯୋଜକ ସଞ୍ଜୀବ ମେହେର, ବିଭାଗ ସଂଯୋଜକ ଟିକୁ ବନଛୋର, ବିଭାଗ ସମ୍ପାଦକ ଭୁବନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁରରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ ବିଭିନ୍ନ ହିନ୍ଦୁ ସଙ୍ଗଠନ ପକ୍ଷରୁ ହନୁମାନ ଜୟନ୍ତୀ ଅବସରରେ କାର୍ଯ୍ୟକ୍ରମ ହୋଇଥିବାବେଳେ କିଛି ଅ ସାମାଜିକ ଯୁବକଙ୍କ ଦ୍ୱାରା ହିନ୍ଦୁ ସମାଜକୁ କୁଠାରଘାତ କରାଯାଇଥିବା ଏବଂ ଜଣେ ଯୁବକଙ୍କୁ ଆକ୍ରମଣ କରି ହତ୍ୟା କରାଯିବା ଘଟଣାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ଆସନ୍ତା ୧୯ତାରିଖରେ ବରଗଡ଼ ଜିଲାରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ସମ୍ବଲପୁରରେ ହିଂସା ଘଟଣା
## ୧୯ରେ ବଜରଙ୍ଗ ଦଳର ବୌଦ୍ଧ ବନ୍ଦ ଡାକରା

ବୌଦ୍ଧ,୧୭।୪(ସ୍ୱ.ପ୍ର.): ଗତ ୧୨ ତାରିଖରେ ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭଯାତ୍ରା ସମୟରେ ହିଂସାତ୍ମକ ଆକ୍ରମଣ କରାଯାଇଥିଲା। ଏହାସହ ଗତ ୧୪ ତାରିଖରେ ହନୁମାନ ମହୋତ୍ସବ ଶୋଭାଯାତ୍ରା ଚାଲିଥିବାବେଳେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ବୌଦ୍ଧ ଜିଲାର ବଜରଙ୍ଗ ଦଳର କର୍ମକର୍ତ୍ତା ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହାସହ ଜିଲା ବଜରଙ୍ଗ ଦଳ ପକ୍ଷରୁ ଆସନ୍ତା ୧୯ ତାରିଖରେ ୧୨ ଘଣ୍ଟିଆ ବୌଦ୍ଧ ବନ୍ଦ ଡାକରା ଦିଆଯାଇଛି। ଏହା ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଳନ ହେବ। ବନ୍ଦ ସମୟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ଯାନବାହନ, ବିଦ୍ୟାଳୟ, କଲେଜ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଏହାକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବା ସହ ସହଯୋଗ କରିବାକୁ ଜିଲା ବଜରଙ୍ଗଦଳ ସଂଯୋଜକ ସମ୍ପିତ ପଟ୍ଟନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ସରିଲା ଘୋଡାଘାଟପଡା ରାମଲୀଳା ମହୋତ୍ସବ
## ଶ୍ରୀରାମଙ୍କ ରାଜ୍ୟାଭିଷେକ

ସୋନପୁର,୧୭।୪(ନି.ପ୍ର.)

ଶ୍ରୀରାମଙ୍କ ରାଜ୍ୟାଭିଷେକ ପରେ ସୁବର୍ଣ୍ଣପୁର ସହର ଘୋଡାଘାଟପଡାରେ ଚାଲିଥିବା ରାମଲୀଳା ମହୋତ୍ସବ ଉଦ୍‌ଯାପିତ ହୋଇଛି। ରାମନବମୀ ପୂର୍ବ ଦିନ ଅର୍ଥାତ ମାର୍ଚ୍ଚ ୨୯ ତାରିଖରୁ ରାମଲୀଳା ଆରମ୍ଭ ହୋଇଥିଲା। ରାମଲକ୍ଷ୍ମଣଙ୍କ କ୍ରୀଡା ଓ ବେଢା ବୁଲା ହୋଇ ରବିବାର ରାତିରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାମ-ରାବଣ ସମର ପରେ ଗତ ୧୧ ତାରିଖ ମଙ୍ଗଳବାର ରାତିରେ ରାବଣ ବଧ ହୋଇଥିଲେ। ଚଳିତ ବର୍ଷ ରାବଣ ଭୂମିକାରେ ପ୍ରଦୀପ ବକ୍ସି ଓ ଭାଗିରଥୀ ମିଶ୍ର, ଶଙ୍କର ସାହୁ ହନୁମାନ ଏବଂ ଦଶରଥ, ଇନ୍ଦ୍ରଜିତ ଓ ମାରିଚ ଭୂମିକାରେ ଐତିହାସିକ ସୁଦାମ ନାଏକ କଳା ପ୍ରଦର୍ଶନ କରିଥିଲେ। ହୃଷିକେଶ ପ୍ରଧାନ ଗାୟକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାମଲୀଳାରେ ଛବିଲ ନାଏକ, ଚମାର ମେହେର, ରାମ ପ୍ରସାଦ ମେହେର, ଜୟକୃଷ୍ଣ ଜାଲ, ବିଦେଶୀ ମେହେର, ରାମ ମେହେର, ତରଣୀ ମେହେର, ଶଶିଭୂଷଣ ଥନାପତି, ଡାକ୍ତର ମୋହନ ସେଠୀ, ତାରାଭୂଷଣ ସାହୁ ଓ ବୁଢୁ ମହାରଣା ଆଦି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ରାମଲୀଳାର ସଭାପତି କାର୍ତ୍ତିକ ପ୍ରଧାନ, ସମ୍ପାଦକ ସତ୍ୟଜିତ ସାହୁ, କୋଷାଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଓ ଶ୍ରୀବତ୍ସ ମଲ୍ଲିକ ଏବଂ ବ୍ରଜଗୋପାଳ ପୂଜାରୀ ଉପଦେଷ୍ଟା ଭାବେ କାର୍ଯ୍ୟ ତୁଲାଇଥିଲେ।

ଦୀର୍ଘ ୧୫୦ ବର୍ଷ ଧରି ଏଠାରେ ରାମଲୀଳା ଅନୁଷ୍ଠିତ ହୋଇଆସୁଛି। ସୋନପୁର ମହାରାଜା ନୀଳାଦ୍ରି ସିଂହଦେବଙ୍କ ପୃଷ୍ଠପୋଷକତାରେ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ରାଜା ନିଜେ ଧନୁ ଏବଂ ରାମ, ଲକ୍ଷ୍ମଣ ଓ ସୀତାଙ୍କ ପାଇଁ ରୁପା ମୁକୁଟ ଦାନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ରାମଲୀଳା ଦେଖିବାକୁ ଆସୁଥିଲେ। ସେହିଦିନ ଠାରୁ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଘୋଡାଘାଟପଡା ବଉଳତଳ ମଣ୍ଡପରେ ରାମଲୀଳା ଅନୁଷ୍ଠିତ ହୋଇଆସୁଛି।


**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Ref. No: PL-M&HS/741 Date: 15/04/2023

INTERVIEW FOR SELECTION OF TRAINEES FOR TRAINING PROGRAMMES IN ISPAT GENERAL HOSPITAL (IGH), ROURKELA ON STIPEND BASIS (TRAINING PROGRAMME FOR EMPLOYABILITY AND SKILL ENHANCEMENT)

Online applications are invited from the interested eligible underprivileged candidates of residents of Sundargarh District and other Districts of Odisha State only, for the following Training programmes of one year duration at Ispat General Hospital, Rourkela. However, preference shall be given to the candidates belonging to the direct impact zones of RSP i.e. Bisra Block, Kuarmunda Block, Nuagaon Block, Lathikata Block of Sundargarh District, Rourkela Municipality, Rourkela Industrial Township area and Resettlement Colonies of RSP.

ELIGIBILITY CRITERIA (As on Date of Issue of Advertisement):

| A | Name of Training Programme | QUALIFICATION | No. of seats | Stipend Rate (Rs./Month) |
|---|---|---|---|---|
| | Advanced Specialized Nursing Training (ASNT) | The candidate should have passed Diploma in General Nursing & Mid-Wifery Course from recognized Nursing Institutes of Odisha or Institutes run by SAIL Plant Units OR B.Sc Nursing from any recognized Institute. Certificate of Registration issued by Nursing Council. | 03 | Rs.15,000/- (Rupees Fifteen Thousand only) |
| | Radiographer Training | The candidate should have passed Diploma in Medical Radiation Technology from an Institution Recognized by Government. | 03 | Rs.9,000/- (Rupees Nine Thousand only) |
| B | AGE: The candidate should be minimum 18 years of age and should not be more than 35 years of age. | | | |
| C | Candidate shall apply online through http://igh.sailrsp.co.in only. No other means/mode of applications shall be accepted. Starting & Closing date of submission of online applications is 17/04/2023 & 01/05/2023 respectively. | | | |
| D | Venue, Date and time of interview shall be intimated to the eligible candidates through SMS in their registered Mobile No. mentioned in the application form, shall also be notified in the http://igh.sailrsp.co.in and also to be displayed at NOTICE BOARD of IGH. | | | |
| • | For full details of the advertisement please visit our Company's website www.sail.co.in at the link "careers" and http://igh.sailrsp.co.in | | | |

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*


## ରାତ୍ରିକାଳୀନ କ୍ରିକେଟ: ଭେଉଁରିଆ ଚାମ୍ପିୟନ




ମୁଖ୍ୟ ଅତିଥି ବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରୁଛନ୍ତି।

ପଦ୍ମପୁର,୧୭।୪(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ସ୍ଥାନୀୟ ରାଜବୋଡ଼ାସମ୍ବର ହାଇସ୍କୁଲ ପଡିଆଠାରେ ନେହେରୁ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ଅଷ୍ଟମ ରାତ୍ରିକାଳୀନ ସ୍ୱର୍ଗତ ପ୍ରେମାନନ୍ଦ ସିଂ ବରିହା ଓ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ସାପଲହର ଓ ଭେଉଁରିଆ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ସାପଲହର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୮୬ ରନ ସଂଗ୍ରହ କରିଥିଲା। ଜବାବରେ ଭେଉଁରିଆ ଦଳ ୭ ଓଭରରେ ୮୭ ସଂଗ୍ରହ କରି ବିଜେତା ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟଅତିଥି, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତାକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।


**VSS Institute of Medical Sciences & Research (VIMSAR), Burla, Sambalpur, Odisha, -768017**

**Walk-in-Interview for Radiotherapy Technologist on contractual basis**

**Advt. No. 333/ Director, VIMSAR Dt. 15.04.2023**

**No.E-35:**Walk-in-Interview to fill up **one** vacant post of Radiotherapy Technologist on contractual basis to be held on **Dt. 04.05.2023** at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in.**

Sd/- Director,
VSS Inst. of Med. Sciences & Research,Burla

OIPR-10187/11/0006/2324



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(A Government of Jharkhand Undertaking)**
**JUIDCO Bhawan, KutcheryChowk, Ranchi-834001**
**E-MailId - pdt.juidco@gmail.com, juidcolimited@gmail.com**
**CIN: U45200JH2013SGC001752**

NIT No.:JUIDCO/FOBAlbrtEkka/3251/535 Date: 17.04.2023

**e-Procurement Notice**
**Notice Inviting Tender (3rd call)**
**NATIONAL COMPETITIVE BIDDING**

| | | |
|---|---|---|
| 1. | Name of the Work | Construction of Foot Over Bridge with provision of Escalators at Albert Ekka Chowk in Ranchi City |
| 2. | Mode ofbid submission | Online Tender |
| 3. | Estimated Cost | Rs. 17.69 Crore |
| 4. | Tender Fee & Bid Security | Cost of Tender Document: Rs. 25,000/- *(Rupees Twenty Five Thousand) only* ***(Non-Refundable)*** Bid Security: Rs. 17.69 Lakhs *(Rupees Seventeen Lakh Sixty Nine Thousand) only* ***(Refundable)*** |
| 5. | Date & Time of publication of Tender on website | 18/04/2023- Time 15:00 Hrs. |
| 6. | Last date & Time for Submission of Pre-bid queries | 24/04/2023- Time 17:00 Hrs. |
| 7. | Date &Time for Pre-bid Meeting | 25/04/2023- Time 15:00 Hrs. |
| 8. | Last Date & Time for submission of online bids | 08/05/2023- Time 17:00 Hrs. |
| 9. | Last Date & Time of submission of EMD and Tender fee in(Hard Copies) | 09/05/2023- Time 17:00 Hrs. |
| 10. | Date & Time of Technical bid opening | 09/05/2023- Time 17:30 Hrs. |
| 11. | Bid submission address | Jharkhand Urban Infrastructure Development Company Ltd.,JUIDCO Bhawan, KutcheryChowk, Ranchi, Jharkhand-834001 |
| 12. | Helpline no. | +91651- 2225878/ +91-9835165931/ +91-9097114840 |

**Note: Only e-tenders will be accepted.**
Further details are available on Jharkhand Government e-procurement website https://jharkhandtenders.gov.in

**PR 295333 Urban Development and Housing(23-24).D**

**Sd/-**
**Project Director (Tech)**
**JUIDCO Ltd. Ranchi.**



**ODISHA STATE CIVIL SUPPLIES CORPORATION LTD.,SAMBALPUR**

E-mail ID-cso.sambalpur2013@gmail.com
Order No.1579 Corp. Date:16.04.23

**CORRIGENDUM**

As the internet service has been stopped from 13.04.2023 in Sambalpur District, the online receipt of tender document for selection & appointment of Level-II Transport Contractor for Transportation of food grains from Rice Receiving Centres (RRCs) to Retail Centres (FPS) for the year 2023-2024 & 2024-2025 is extended as mentioned below.

| | | |
|---|---|---|
| 1 | Last date & time for online submission of completed Tender document with en-closures | **Dt.28.04.2023 upto 5.00 PM** |
| 2 | Date, Time & Venue for opening of Technical Bid by the Tender Committee | **Dt.29.04.2023 at 09.00 AM** Place: O/o. CCSO-cum-DM, OSCSC Ltd., Sambalpur |
| 3 | Date, time & venue of submission of original documents in support of scanned copies uploaded in the portal for verification | **Dt.29.04.2023 at 10.00 AM** Place: Conference Hall, Collectorate, Sambalpur |

**Sd./- District Manager**
**OSCSC Ltd., Sambalpur**


## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବିନିକା,୧୭।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବାଞ୍ଛାନିଧି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ସହଯୋଗ ଯୋଗାଇ ଦେବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଘନଶ୍ୟାମ ରାଉତ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ ଯୋଗଦେଇଥିଲେ। ଉପ ନଗରପାଳ ତପସ୍ୱିନୀ ମେହେର, ସିଦ୍ଧାର୍ଥ ଡିଗ୍ରୀ କଲେଜ ରସାୟନ ବିଭାଗ ଅଧ୍ୟାପିକା ଦିବ୍ୟାଶା ସାହୁ ଲକ୍ଷ୍ୟ ହାସଲ ପାଇଁ ଦିଗଦର୍ଶନ ଦେଇଥିଲେ। ଶିକ୍ଷାକେନ୍ଦ୍ର ଅଧକ୍ଷା ସ୍ନେହଲତା ନାଏକ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ଅଜିତ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ, ପ୍ରଧାନଶିକ୍ଷକ ଗୋପାଳ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ସ୍ମୃତି ସଭା, ରକ୍ତଦାନ ଶିବିର

ଲୋଇସିଂହା,୧୭।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାଠାରେ ବିଜେଡି ତରଫରୁ ବିଜୁ ପଟ୍ଟନାୟକଙ୍କ ୨୬ ତମ ତିରୋଧାନ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଲୋଇସିଂହା ନିର୍ବାଚନ ମଣ୍ଡଳୀସ୍ତରୀୟ ସ୍ମୃତି ସଭାରେ ଆଗଲପୁର ବ୍ଲକ ସଭାପତି ପଞ୍ଚୁ ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ଏମପି ନିରଞ୍ଜନ ବିଶି, ପୂର୍ବତନ ଏମ୍‌ପି ତଥା କୋଠାବାଡି ନିଗମ ଅଧ୍ୟକ୍ଷ କଲିକେଶ ନାରାୟଣ ସିଂଦେଓ, ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ବିଷ୍ଣୁ ପଟେଲ, ଜିଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ,ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ନାଗ ଅତିଥି ଭାବେ ଯୋଗଦେଇଥିଲେ।


**DIRECTORATE OF AGRICULTURE & FOOD PRODUCTION, ODISHA**

No. L-11

**REQUEST FOR PROPOSAL**

**SELECTION OF STATE LEVEL SUPPORT AGENCY FOR PROMOTION OF INDIGENOUS AROMATIC & NON AROMATIC PADDY WITH EXPORT POTENTIAL/LOCAL MARKET**

**RFP No. 13837 Dated 17/04/2023 :** The Director of Agriculture & Food Production, Odisha, Bhubaneswar of Department of Agriculture & Farmers' Empowerment, Odisha invites sealed RFP proposal from eligible bidders for Selection of State Level Support Agency for Promotion of Indigenous Aromatic and Non-aromatic paddy with Export potential/ Local market in the State of Odisha.

The detailed RFP document can be downloaded from the website: **agrisnetodisha.ori.nic.in / agriodisha.nic.in.**

The proposal complete in all respect must reach by Speed Post/ Registered Post to **The Director of Agriculture & Food Production, Krushi Bhawan, Gopabandhu Marg, Bhubaneswar, Odisha PIN-751001 latest by 08/05/2023 up to 4:30 PM.**

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

sd/-
Director of Agriculture & Food Production, Odisha

OIPR-01102/11/0005/2324



**ODISHA PUBLIC SERVICE COMMISSION**

**WEBSITE - http://opsc.gov.in**
**ADVERTISEMENT NO. 01 OF 2023-24**

**Recruitment to the posts of Lecturers in 13 different disciplines under Odisha Technical Education & Training Service Cadre (Group-B) under the Department of Skill Development & Technical Education**

**No.D-17:**Online applications are invited from the prospective candidates through the Proforma Application Form to be made available in the WEBSITE (http://opsc.gov.in. The link for online application and submission shall be available from **26.04.2023 to 26.05.2023 (Note-26.05.2023 is the last date for submission of Registered Online Application)** for recruitment to **224 (73-w)** posts of Lecturers in 13 different disciplines under Odisha Technical Education & Training Service Cadre (Group-B) under the Department of Skill Development & Technical Education in Level-10, of the pay matrix as in ORSP Rules, 2017 with usual Dearness and other Allowances as may be sanctioned by the Government from time to time. The Examination will be conducted in accordance with the provisions of the OTE & TS Rules, 1985 as amended from time to time.

2. VACANCY POSITION;
As per requisition filed by the Department of Skill Development & Technical Education. Government of Odisha, the vacancy position for the post of Lecturers in 13 different disciplines under Odisha Technical Education & Training Service Cadre (Group-B) is 224(73-w).

3. AGE LIMIT:
A candidate must have attained the age of 21 years and must not be above the age of 38 years as on the 1st day of August 2022. i.e. he/she must not have been born earlier than 2nd August, 1984 and not later than 1st August. 2001.

4. EDUCATIONAL QUALIFICATION:
The detailed Educational Qualification for different disciplines is available in the Long advertisement.

5. METHOD OF SELECTION:
The method of selection will consist of the following stages:
(a) Written examination - 500 marks
There shall be negative marking of 25% weightage
(b) Interview (Personality Test) - 50 marks
The Scheme of Examination and broad outlines of the syllabi for the Written examination is available in **Appendix-I** of the Long advertisement.

6. HOW TO APPLY:
Candidates must go through the details of this Advertisement available in the website of OPSC before filling up of online application form.
Candidates must apply online though the website of OPSC http://opsc.gov.in. Applications received through any other mode would not be accepted and summarily be rejected.

Cuttack
Dt.17.04.2023 OIPR-12002/11/0007/2324

Sd./-Secretary,
Odisha Public Service Commission, Cuttack

## କାଠ ବୋଝେଇ ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ଖପ୍ରାଖୋଲ, (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କର୍ଲାବାହାଲି ଗାଁ ନିକଟରେ ସୋମବାର ଏକ କାଠ ବୋଝେଇ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗମ୍ଭାରୀ ପଞ୍ଚାୟତ ବୈଜଲସାଗର ଗାଁର କରୁଣାକର ଛତ୍ରିଆ(୩୦)। ଟ୍ରାକ୍ଟର ମାଲିକ କରୁଣାକର ବଲି କାଠ ବୋଝେଇ କରି ନିଜେ ଡ୍ରାଇଭିଂ କରି ବୈଜଲସାଗର ଯାଉଥିଲେ। ଭାରସାମ୍ୟ ହରାଇ ଗାଡି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଏଥିରେ ସେ ଟ୍ରାକ୍ଟରରେ ଚାପି ହୋଇ ଯାଇଥିଲେ। ଖପ୍ରାଖୋଲ ଥାନା ପୋଲିସ ଟ୍ରାକ୍ଟର ତଳୁ ମୃତଦେହ ବାହାର କରିଥିଲା।

## ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଂସ ଦରବାର

**ଲୋଇସିଂହା,୧୭।୪(ଡି.ଏନ.ଏ):** ଆଗଲପୁର ବ୍ଲକ ସାନଟିକା ହନୁମାନ ମନ୍ଦିର ଓ ପାରାୟଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ନାମଯଜ୍ଞ ଓ ପାରାୟଣ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ କଂସ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କଂସ ଦରବାର ବିଭିନ୍ନ ଦିବସରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସେଠ, ସମିତି ସଭ୍ୟ ଟୁନା ଦଣ୍ଡସେନା ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର କମିଟି ସଭାପତି କହ୍ନେଇ ପଧାନ, କମିଟି ସଦସ୍ୟ ଏବଂ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଉତ୍ସବ ଆୟୋଜିତ ହେଉଛି।

## ସମ୍ବଲପୁରରେ ହିଂସା ଘଟଣା
## ୧୯ରେ ବଜରଙ୍ଗ ଦଳର ବୌଦ୍ଧ ବନ୍ଦ ଡାକରା

**ବୌଦ୍ଧ,୧୭।୪(ସ୍ୱ.ପ୍ର.):** ଗତ ୧୨ ତାରିଖରେ ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା ସମୟରେ ହିଂସାତ୍ମକ ଆକ୍ରମଣ କରାଯାଇଥିଲା। ଏହାସହ ଗତ ୧୪ ତାରିଖରେ ହନୁମାନ ମହୋତ୍ସବ ଶୋଭାଯାତ୍ରା ଚାଲିଥିବାବେଳେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ବୌଦ୍ଧ ଜିଲାର ବଜରଙ୍ଗ ଦଳର କର୍ମକର୍ତ୍ତା ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହାସହ ଜିଲା ବଜରଙ୍ଗ ଦଳ ପକ୍ଷରୁ ଆସନ୍ତା ୧୯ ତାରିଖରେ ୧୨ ଘଣ୍ଟିଆ ବୌଦ୍ଧ ବନ୍ଦ ଡାକରା ଦିଆଯାଇଛି। ଏହା ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଳନ ହେବ। ବନ୍ଦ ସମୟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ଯାନବାହନ, ବିଦ୍ୟାଳୟ, କଲେଜ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଏହାକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବା ସହ ସହଯୋଗ କରିବାକୁ ଜିଲା ବଜରଙ୍ଗଦଳ ସଂଯୋଜକ ସମ୍ବିତ ପଟ୍ଟନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଫୁଡ଼ ଫେଷ୍ଟିଭାଲ

**ବଲାଙ୍ଗୀର ଅଫିସ, ୧୭।୪**

ଭାରତୀୟ ଶିକ୍ଷା ପଦ୍ଧତିରେ ପ୍ରାଚୀନ କାଳରୁ ରନ୍ଧନ ବିଦ୍ୟାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାକୁ ଏକ କଳା ଭାବେ ମଧ୍ୟ ଗ୍ରହଣ କରାଯାଇଛି। ସମ୍ପ୍ରତି ବିଶ୍ୱରେ ରନ୍ଧନ କଳାର ରୁଚି ଓ ଆଦର ବଢ଼ିଚାଲିଛି। ଏହା ଏକ ଉତ୍ତମ ଜୀବିକା ଭାବରେ ମଧ୍ୟ ଆଦୃତ ହୋଇପାରିଛି। ଆଜିକାର ଯୁବ ସମାଜ ମଧ୍ୟରେ ଏହି କଳାର ଉନ୍ନତି ପାଇଁ ପ୍ରାରମ୍ଭିକ ପ୍ରୟାସ କରିବା ଆଭିମୁଖ୍ୟ ନେଇ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋମବାର ଏକ ଖାଦ୍ୟ ମେଳା ବା (ଫୁଡ ଫେଷ୍ଟ ୨୦୨୩)ର ଆୟୋଜନ କରାଯାଇଥିଲା। ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ବଲାଙ୍ଗୀର ସ୍ଥିତ ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଅଧକ୍ଷ ଡ଼ ସୁରେଶ କୁମାର ଏକନାଥ। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ସେଞ୍ଚୁରିଅନ ବିଦ୍ୟାଳୟ ଅଧକ୍ଷ ତମାଳ ଚକ୍ରବର୍ତ୍ତୀ, ଉପାଧାକ୍ଷା ପୁଣ୍ୟତୋୟା ବିଶ୍ୱାଳ, ସିଏଚଏସଇ (ବିଜ୍ଞାନ ) ଅଧକ୍ଷ ଅନଙ୍ଗ ଉଦୟ ନାଏକ, ଉପାଧକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନ ଉପାଧକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା ଓ ଅଧାପିକା ଭକ୍ତି ପଢ଼ିହାରି ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଯୋଗଦାନ କରି ନିଜର ଅନ୍ତର୍ନିହିତ କଳାର ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ର ମାନେ ଷ୍ଟଲ ଗୁଡ଼ିକୁ ଅତି ସୁନ୍ଦର ଭାବରେ ସଜାଇଥିଲେ। ୩୫ରୁ ଅଧିକ ଷ୍ଟଲ ଉଦ୍‌ଘାଟିତ ହୋଇ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଷ୍ଟଲ ଗୁଡ଼ିକରେ ପ୍ରଦର୍ଶିତ ଖାଦ୍ୟ ସାମଗ୍ରୀ ଗୁଡ଼ିକର ପ୍ରସ୍ତୁତି ଓ ଉପସ୍ଥାପନା ଶୈଳୀ ଅଭିଭାବକ, ଅଭିଭାବିକା ଏବଂ ଅତିଥି ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ବିଦ୍ୟାଳୟର ଏପରି ଅଭିନବ ପ୍ରୟାସକୁ ସହରର ସବୁ ବର୍ଗର ଲୋକ ପସନ୍ଦ କରିଥିଲେ। ସୋମବାର ଏହି ଫୁଟ ଫେଷ୍ଟିଭାଲ ଉଦ୍‌ଯାପିତ ହୋଇଥିଲା।



ବଲାଙ୍ଗୀର ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଫୁଡ୍ ଫେଷ୍ଟିଭାଲ ଅବସରରେ ମଞ୍ଚାସୀନ ଅତିଥି ଓ ଆୟୋଜକ।

# ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା


ବନ୍ଧପଡା ନାମଯଜ୍ଞ ପାଇଁ ବାହାରି ଥିବା କଳସ ଶୋଭାଯାତ୍ରା।

**ଦେଓଗାଁ,୧୭।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡାରେ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ବନ୍ଧପଡା ଗ୍ରାମବାସୀ ଓ ପୂଜା ପରିଚାଳନା କମିଟି ନେତୃତ୍ୱରେ ଗତ ୯ ତାରିଖରୁ ଭାଗବତ ପାରାୟଣ ଆରମ୍ଭ ହୋଇ ରବିବାର ଶେଷ ହୋଇଥିବାବେଳେ ସୋମବାରଠାରୁ ୨୪ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହି ନାମଯଜ୍ଞରେ କଳାହାଣ୍ଡି ଅଞ୍ଚଳର ସଂକୀର୍ତ୍ତନ ଦଳ ଆକର୍ଷଣର କେନ୍ଦ୍ର ସାଜିଛନ୍ତି। ଏହାସହ ମୀନାବଜାର ମଧ ଆକର୍ଷଣର କେନ୍ଦ୍ର ହୋଇଛି। ପୂଜା କର୍ତ୍ତାଭାବେ ଗୋପଳ ସିଂ ନିନା ଓ ମମତା ସିଂନିନା ଦାୟିତ୍ୱରେ ରହିଛନ୍ତି। କାର୍ଯ୍ୟକ୍ରମକୁ ସଭାପତି ଘନଶ୍ୟାମ ପଧାନ, ସମ୍ପାଦକ ଗଙ୍ଗା ମିଶ୍ର, ଅମିତ ସିଂନିନା, କାନ୍ତେଶ୍ୱର ପଧାନ, ଅଶୋକ ଭୋଇ, ପିଙ୍କୁ ଷାଣ୍ଡ, ଗୌତମ ପୋଢଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି। ନାମଯଜ୍ଞ ପାଇଁ ଏକ ଶୋଭାଯାତ୍ରାରେ ପୂର୍ଣ୍ଣ ଜଳ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା।

# କାର୍ଯ୍ୟାନୁଷ୍ଠାନ ଦାବିରେ ପୂର୍ବତନ ସରପଞ୍ଚଙ୍କ ଅନଶନ

**ହୀରାପୁର ପଞ୍ଚାୟତ ଦୁର୍ନୀତି ପ୍ରସଙ୍ଗ**

**ଲୋଇସିଂହା, ୧୭।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି ହୋଇଛି। ଦୁର୍ନୀତିକୁ ନେଇ ଭିଜିଲାନ୍ସ ତଦନ୍ତ ମଧ୍ୟ ହୋଇଛି। ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଛି। ଏହାର ପ୍ରତିବାଦରେ ଲୋଇସିଂହ ବ୍ଲକ ଅଫିସ ସମ୍ମୁଖରେ ପୂର୍ବତନ ସରପଞ୍ଚ ରାଧାନାଥ ବିଶ୍ୱାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ସୋମବାର ଅନଶନରେ ବସିଛନ୍ତି। ଧାରଣାସ୍ଥଳକୁ ବିଡିଓ ଆକାଶ ରଞ୍ଜନ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ପ୍ରମୁଖ ଆସି ଆଲୋଚନା କରିଥିଲେ। ଗୋଟିଏ ସପ୍ତାହ ସମୟ ମାଗି ଅନଶନରୁ ହଟିବାକୁ ଅନୁରୋଧ କରାଯାଇଥିଲା। ହେଲେ ବିଶ୍ୱାଳ ନିଜ ଯିଦ୍‌ରେ ଅଟଳ ରହି ଜିଲପାଳ ଆସି କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ନଦେବା ଯାଏ ଅନଶନ ଜାରି ରହିବ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ପଞ୍ଚାୟତରେ ବିନା କାମରେ କେତକେ ପ୍ରକଳ୍ପର ଅନୁଦାନ ଉଠିଛି। ଆଉ କେତେକ ପ୍ରକଳ୍ପର ଏକାଧିକ ଥର ବିଲ୍ ହୋଇଛି। ସରକାରୀ ନିୟମର ଖୋଲା ଉଲ୍ଲଂଘନ କରାଯାଇ ଧାର୍ମିକ ଅନୁଷ୍ଠାନରେ ଅନୁଦାନ ପକାଯାଇଛି। ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ସରପଞ୍ଚଙ୍କ ସ୍ୱାକ୍ଷରକୁ ଜାଲିଆତି କରି ବିନା କାମରେ ,ବିନା ରେକର୍ଡପତ୍ରରେ ଗ୍ରାମ ପଞ୍ଚାୟତର ବିଭିନ୍ନ ପାଣ୍ଠିରୁ ଲକ୍ଷାଧିକ ଉଠାଯାଇଥିବା ନେଇ ଅଭିଯୋଗ ହୋଇଛି। ଏସମସ୍ତ ପ୍ରମାଣ ସହ ଜିଲାପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗକୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଭିଜିଲାନ୍ସ ତରଫରୁ କ୍ଷେତ୍ର ପରିଦର୍ଶନ କରି ତଦନ୍ତ ହୋଇଛି। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ହେରଫେର ଅନୁଦାନ ଅସୁଲ ଦାବିରେ ଅନଶନ କରୁଥିବା ବିଶ୍ୱାଳ ଗଣମାଧ୍ୟଙ୍କୁ କହିଛନ୍ତି। ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ ମନରଞ୍ଜନ ବେହେରା, ୱାର୍ଡସଭ୍ୟ ହିରାଲାଲ ଭୋଇ, ଦୁର୍ଗାପ୍ରସାଦ ଭୋଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିଶ୍ୱାଳଙ୍କ ଅନଶନକୁ ସମର୍ଥନ ଜଣାଇଛନ୍ତି।


**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Ref. No: PL-M&HS/741 — Date: 15/04/2023

INTERVIEW FOR SELECTION OF TRAINEES FOR TRAINING PROGRAMMES IN ISPAT GENERAL HOSPITAL (IGH), ROURKELA ON STIPEND BASIS (TRAINING PROGRAMME FOR EMPLOYABILITY AND SKILL ENHANCEMENT)

Online applications are invited from the interested eligible underprivileged candidates of residents of Sundargarh District and other Districts of Odisha State only, for the following Training programmes of one year duration at Ispat General Hospital, Rourkela. However, preference shall be given to the candidates belonging to the direct impact zones of RSP i.e. Bisra Block, Kuarmunda Block, Nuagaon Block, Lathikata Block of Sundargarh District, Rourkela Municipality, Rourkela Industrial Township area and Resettlement Colonies of RSP.

ELIGIBILITY CRITERIA (As on Date of Issue of Advertisement):

| A | Name of Training Programme | QUALIFICATION | No. of seats | Stipend Rate (Rs./Month) |
|---|---|---|---|---|
| | Advanced Specialized Nursing Training (ASNT) | The candidate should have passed Diploma in General Nursing & Mid-Wifery Course from recognized Nursing Institutes of Odisha or Institutes run by SAIL Plant Units OR B.Sc Nursing from any recognized Institute. Certificate of Registration issued by Nursing Council. | 03 | Rs.15,000/- (Rupees Fifteen Thousand only) |
| | Radiographer Training | The candidate should have passed Diploma in Medical Radiation Technology from an Institution Recognized by Government. | 03 | Rs.9,000/- (Rupees Nine Thousand only) |
| B | AGE: The candidate should be minimum 18 years of age and should not be more than 35 years of age. | | | |
| C | Candidate shall apply online through http://igh.sailrsp.co.in only. No other means/mode of applications shall be accepted. Starting & Closing date of submission of online applications is 17/04/2023 & 01/05/2023 respectively. | | | |
| D | Venue, Date and time of interview shall be intimated to the eligible candidates through SMS in their registered Mobile No. mentioned in the application form, shall also be notified in the http://igh.sailrsp.co.in and also to be displayed at NOTICE BOARD of IGH. | | | |
| • | For full details of the advertisement please visit our Company's website www.sail.co.in at the link "careers" and http://igh.sailrsp.co.in | | | |

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*


# ବିଜୁବାବୁ ଓଡ଼ିଆ ଜାତିର ଗର୍ବ, ଗୌରବ

## ରାଉରକେଲାରେ ଶ୍ରାଦ୍ଧବାର୍ଷିକୀ ପାଳିତ

**ରାଉରକେଲା ଅଫିସ,୧୭।୪**

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡିଆ ଜାତିର ଗର୍ବ ଓ ଗୌରବ। ତାଙ୍କ ଆଦର୍ଶ ଓ ସ୍ୱାଭିମାନ ଆମ ସମସ୍ତଙ୍କ ପାଇଁ ପ୍ରେରଣଦାୟକ ବୋଲି ବିଜୁବାବୁଙ୍କ ୨୬ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମତବ୍ୟକ୍ତ କରିଛନ୍ତି। ବିଧାୟକ ନାୟକଙ୍କ ନେତୃତ୍ୱରେ ସୋମବାର ଅନୁଷ୍ଠିତ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ କର୍ମୀମାନେ ବ୍ରାହ୍ମଣୀ ନଦୀର ବେଦବ୍ୟାସଠାରେ ତିଳତର୍ପଣ କରାଯାଇଥିଲା। ପରେ ଛେଣ୍ଡ୍ କଲୋନୀ କଳିଙ୍ଗ ବିହାର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପାନପୋଷ ହକି ଛକ ନିକଟ ମଣୀ କଲୋନୀଠାରେ ଓଡିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସନ୍ଧ୍ୟାରେ ବାସନ୍ତୀ କଲୋନୀ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ସମୂହ ଦୀପଦାନ ସହ କର୍ମୀମାନଙ୍କ ଶପଥ ପାଠ ହୋଇଥିଲା। ରାଉରକେଲା ବିଧାୟକ ନାୟକଙ୍କ ଅଧକ୍ଷତାରେ ଅନୁଠେିତ ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ନଗର ସଭାପତି ଗଗନ ପଣ୍ଡା, ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ବିଜେଡି ସଭାନେତ୍ରୀ ରୋଷନା ନାୟକ, ରାଜ୍ୟ ମହିଳା ଉପସଭାନେତ୍ରୀ ରଶ୍ମୀବାଳା ମିଶ୍ର, ପୂର୍ବତନ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି, ରାଜ୍ୟ ଉପସଭାପତି ଆଇନଜୀବୀ ସନ୍ତୋଷ ନାୟକ, ସାହିତ୍ୟିକ ବିଭୂତି ଦାସ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।


ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।


**VSS Institute of Medical Sciences & Research (VIMSAR), Burla, Sambalpur, Odisha, -768017**
**Walk-in-Interview for Radiotherapy Technologist on contractual basis**
**Advt. No. 333/ Director, VIMSAR Dt. 15.04.2023**

**No.E-35:** Walk-in-Interview to fill up **one** vacant post of Radiotherapy Technologist on contractual basis to be held on **Dt. 04.05.2023** at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in.**

Sd/- Director,
VSS Inst. of Med. Sciences & Research,Burla

OIPR-10187/11/0006/2324



**ODISHA STATE CIVIL SUPPLIES CORPORATION LTD.,SAMBALPUR**
E-mail ID-cso.sambalpur2013@gmail.com
Order No.1579 Corp. Date:16.04.23

**CORRIGENDUM**

As the internet service has been stopped from 13.04.2023 in Sambalpur District, the online receipt of tender document for selection & appointment of Level-II Transport Contractor for Transportation of food grains from Rice Receiving Centres (RRCs) to Retail Centres (FPS) for the year 2023-2024 & 2024-2025 is extended as mentioned below.

| | | |
|---|---|---|
| 1 | Last date & time for online submission of completed Tender document with en-closures | **Dt.28.04.2023 upto 5.00 PM** |
| 2 | Date, Time & Venue for opening of Technical Bid by the Tender Committee | **Dt.29.04.2023 at 09.00 AM** Place: O/o. CCSO-cum-DM, OSCSC Ltd., Sambalpur |
| 3 | Date, time & venue of submission of original documents in support of scanned copies uploaded in the portal for verification | **Dt.29.04.2023 at 10.00 AM** Place: Conference Hall, Collectorate, Sambalpur |

**Sd./- District Manager**
**OSCSC Ltd., Sambalpur**



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(A Government of Jharkhand Undertaking)**
**JUIDCO Bhawan, KutcheryChowk, Ranchi-834001**
**E-MailId - pdt.juidco@gmail.com, juidcolimited@gmail.com**
**CIN: U45200JH2013SGC001752**

NIT No.:JUIDCO/FOBAlbrtEkka/3251/535 — Date: 17.04.2023

**e-Procurement Notice**
**Notice Inviting Tender (3rd call)**
**NATIONAL COMPETITIVE BIDDING**

| | | |
|---|---|---|
| 1. | Name of the Work | Construction of Foot Over Bridge with provision of Escalators at Albert Ekka Chowk in Ranchi City |
| 2. | Mode ofbid submission | Online Tender |
| 3. | Estimated Cost | Rs. 17.69 Crore |
| 4. | Tender Fee & Bid Security | Cost of Tender Document: Rs. 25,000/- *(Rupees Twenty Five Thousand) only* ***(Non-Refundable)*** Bid Security: Rs. 17.69 Lakhs *(Rupees Seventeen Lakh Sixty Nine Thousand) only* ***(Refundable)*** |
| 5. | Date & Time of publication of Tender on website | 18/04/2023- Time 15:00 Hrs. |
| 6. | Last date & Time for Submission of Pre-bid queries | 24/04/2023- Time 17:00 Hrs. |
| 7. | Date &Time for Pre-bid Meeting | 25/04/2023- Time 15:00 Hrs. |
| 8. | Last Date & Time for submission of online bids | 08/05/2023- Time 17:00 Hrs. |
| 9. | Last Date & Time of submission of EMD and Tender fee in(Hard Copies) | 09/05/2023- Time 17:00 Hrs. |
| 10. | Date & Time of Technical bid opening | 09/05/2023- Time 17:30 Hrs. |
| 11. | Bid submission address | Jharkhand Urban Infrastructure Development Company Ltd.,JUIDCO Bhawan, KutcheryChowk, Ranchi, Jharkhand-834001 |
| 12. | Helpline no. | +91651- 2225878/ +91-9835165931/ +91-9097114840 |

**Note: Only e-tenders will be accepted.**
Further details are available on Jharkhand Government e-procurement website https://jharkhandtenders.gov.in

**Sd/-**
**Project Director (Tech)**
**JUIDCO Ltd. Ranchi.**

**PR 295333 Urban Development and Housing(23-24).D**


# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ସାମୂହିକ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୭।୪(ଡି.ଏନ.ଏ.)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ଅବସରରେ ସୁନ୍ଦରଗଡ ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଇପାସ୍ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଇବ୍ ନଦୀରେ ତିଳତର୍ପଣ, ଜିଲା ମୁଖ୍ୟ ଡାକ୍ତରଖାନାରେ ସଫେଇ, ଫଳ ବଣ୍ଟନ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ସମଲେଇ ମନ୍ଦିରରେ ସାମୂହିକ ଦୀପଦାନ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁବ ବିଜୁଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଗୁଡିକରେ ଜିଲା ବିଜେଡି ସଭାପତି ବିନୟ ଟପ୍ପୋ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ଗୋପ ମହାନ୍ତି, ସନ୍ତୋଷ ଅମାତ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝୀ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସେହେବାଜ ହୁସେନ, ମୁକେଶ ପୁରୋହିତ, ଶିବାଜୀ ନାଏକ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ବିସ୍ମୟ ପଟ୍ଟନାୟକ, ଡିଜିଟାଲ ସେକ୍ରେଟାରୀ ରୋଶନ ସାହୁ, ପୂର୍ବତନ କାଉନସିଲର ବୀଣା ସାହୁ, ଗୌରାଙ୍ଗ ଧଳ ସମେତ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।


ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡି ନେତା ଓ କର୍ମୀମାନେ ରାସ୍ତା ସଫେଇ କରୁଛନ୍ତି।


**DIRECTORATE OF AGRICULTURE & FOOD PRODUCTION, ODISHA**
No. L-11

**REQUEST FOR PROPOSAL**

**SELECTION OF STATE LEVEL SUPPORT AGENCY FOR PROMOTION OF INDIGENOUS AROMATIC & NON AROMATIC PADDY WITH EXPORT POTENTIAL/LOCAL MARKET**

**RFP No. 13837 Dated 17/04/2023 :** The Director of Agriculture & Food Production, Odisha, Bhubaneswar of Department of Agriculture & Farmers' Empowerment, Odisha invites sealed RFP proposal from eligible bidders for Selection of State Level Support Agency for Promotion of Indigenous Aromatic and Non-aromatic paddy with Export potential/ Local market in the State of Odisha.

The detailed RFP document can be downloaded from the website: **agrisnetodisha.ori.nic.in / agriodisha.nic.in.**

The proposal complete in all respect must reach by Speed Post/ Registered Post to **The Director of Agriculture & Food Production, Krushi Bhawan, Gopabandhu Marg, Bhubaneswar, Odisha PIN-751001 latest by 08/05/2023 up to 4:30 PM.**

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

sd/-
Director of Agriculture & Food Production, Odisha

OIPR-01102/11/0005/2324



**ODISHA PUBLIC SERVICE COMMISSION**
**WEBSITE - http://opsc.gov.in**
**ADVERTISEMENT NO. 01 OF 2023-24**

**Recruitment to the posts of Lecturers in 13 different disciplines under Odisha Technical Education & Training Service Cadre (Group-B) under the Department of Skill Development & Technical Education**

**No.D-17:** Online applications are invited from the prospective candidates through the Proforma Application Form to be made available in the WEBSITE (http://opsc.gov.in. The link for online application and submission shall be available from **26.04.2023 to 26.05.2023 (Note-26.05.2023 is the last date for submission of Registered Online Application)** for recruitment to **224 (73-w)** posts of Lecturers in 13 different disciplines under Odisha Technical Education & Training Service Cadre (Group-B) under the Department of Skill Development & Technical Education in Level-10, of the pay matrix as in ORSP Rules, 2017 with usual Dearness and other Allowances as may be sanctioned by the Government from time to time. The Examination will be conducted in accordance with the provisions of the OTE & TS Rules, 1985 as amended from time to time.

2. **VACANCY POSITION;**
As per requisition filed by the Department of Skill Development & Technical Education. Government of Odisha, the vacancy position for the post of Lecturers in 13 different disciplines under Odisha Technical Education & Training Service Cadre (Group-B) is 224(73-w).

3. **AGE LIMIT:**
A candidate must have attained the age of 21 years and must not be above the age of 38 years as on the 1st day of August 2022. i.e. he/she must not have been born earlier than 2nd August, 1984 and not later than 1st August. 2001.

4. **EDUCATIONAL QUALIFICATION:**
The detailed Educational Qualification for different disciplines is available in the Long advertisement.

5. **METHOD OF SELECTION:**
The method of selection will consist of the following stages:
(a) Written examination - 500 marks
There shall be negative marking of 25% weightage
(b) Interview (Personality Test) - 50 marks
The Scheme of Examination and broad outlines of the syllabi for the Written examination is available in **Appendix-I** of the Long advertisement.

6. **HOW TO APPLY:**
Candidates must go through the details of this Advertisement available in the website of OPSC before filling up of online application form.
Candidates must apply online though the website of OPSC http://opsc.gov.in. Applications received through any other mode would not be accepted and summarily be rejected.

**Cuttack**
**Dt.17.04.2023** OIPR-12002/11/0007/2324
**Sd./-Secretary,**
**Odisha Public Service Commission, Cuttack**

## ସଂକ୍ଷେପରେ

### ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

**ଲାଞ୍ଜିଗଡ଼,୧୭।୪(ଡି.ଏନ.ଏ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବିଜୁଜନତା ଦଳ କାର୍ଯ୍ୟାଳୟ ଠାରେ ଲାଞ୍ଜିଗଡ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଉପାଧକ୍ଷ ତଥା ପାହାଡ଼ ପଦର ସମିତି ସଭ୍ୟ ଜଗଦୀଶ ବେନିଆ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ, ସମିତି ସଭ୍ୟ ଅଜିତ ପ୍ରଧାନୀ, ମନୋରଞ୍ଜନ ବିଶି, ମିଡ଼ିଆ ସେଲ ସଭାପତି ସନ୍ତୋଷ କୁମାର ତୁଳ, ବନମାଳୀ ମାଝୀ, ବନମାଳୀ ଦଳେଇ, କୃଷ୍ଣ ଚନ୍ଦ୍ର ଘଡ଼େଇ, ଜଗବନ୍ଧୁ ପ୍ରଧାନୀ ସମେତ ସମସ୍ତ ବିଜେଡି କର୍ମୀ ଉପସ୍ଥିତ ରହି ବିଜୁପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ।

### କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ

**କେସିଙ୍ଗା,୧୭।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ସହରରେ ବିଜୁବାବୁଙ୍କ ତିରୋଧାନ ଦିବସ ସହର ବିଜେଡି ସଭାପତି ରମେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ସୋମବାର ପାଳିତ ହୋଇଯାଇଛି। ସକାଳ ୯ଟାରେ କେସିଙ୍ଗା ନୂତନ ବସଷ୍ଟାଣ୍ଡରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏକତ୍ରିତ ହୋଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁବାବୁ ଅମର ରହେ ସ୍ଲୋଗାନ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସେଠାରୁ ବଲାଙ୍ଗୀର ଛକରେ ଥିବା ବିଜୁବାବୁ, ଆମ୍ବେଦକର ଛକରେ ଥିବା ଆମ୍ବେଦକର ଓ ଜଗନ୍ନାଥ ପଡା ଇଭିନିଂ ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ଗାନ୍ଧିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସମସ୍ତ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଏନଏସି ଅଧକ୍ଷ ନୃପରାଜ ଯାଦବ, ଏନଏସି ଉପାଧକ୍ଷା ସରସ୍ୱତୀ ସାହା, ବ୍ଲକ ସଭାପତି ପୁରୁଷୋତ୍ତମ ମହଲା, ରାମଜି ମାତଖଣ୍ଡିଆ, ଉତ୍ତର ମହଲା, ଜିଲା ପରିଷଦ ସୁନିତା ଶବର, ନିକିତା ଜୈନ, ଦୟାନିଧି ସୁନାନୀ, ସିଲୁ ପରିଡା, ରାମଲାଲ ସୁନାନୀ, ନେହେରୁ ସୁନାନୀ, ଦୀପକ କୁମାର, ରମାକାନ୍ତ ଜେନା, ଶମ୍ଭୁ ବିଶି, ଆଦିତ୍ୟ ପ୍ରଧାନ, ଛୋଟୁ ଖାନ, ଦାମ ବାଗ, ବିଶାଳ ତାଣ୍ଡି ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ଅନେକ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ପାନୀୟଜଳ ଯୋଗାଣ ପାଇଁ ଯନ୍ତ୍ରୀଙ୍କୁ ଫେରାଦ

**କେସିଙ୍ଗା, ୧୭।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଶିରୋଲ ଗ୍ରାମରେ ପାନୀୟଜଳ ଯୋଗାଇ ଦେବା ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ ଧର୍ମେନ୍ଦ୍ର ସେଠୀଙ୍କ ନିକଟରେ ଗ୍ରାମବାସୀ ସୋମବାର ଦାବି କରିଛନ୍ତି। ଏହି ଗ୍ରାମରେ ୬ଟି ୱାର୍ଡରେ ୫୧୪ ପରିବାରରେ ୧୮୮୪ଜଣ ବସବାସ କରନ୍ତି। ଏହି ଗ୍ରାମର ଚତୁଃପାର୍ଶ୍ୱରେ ପଥର ଚଟାଣ ରହିଛି। ଗ୍ରାମରେ ଯେଉଁଠି ନଳକୂଳ ଖୋଲିଲେ ପଥର ଚଟାଣ ଯୋଗୁ ପାଣିର ସ୍ରୋତ ବାହାରି ନ ଥାଏ। ଗ୍ରାମରେ ଥିବା ଗୋଟାଏ ନଳକୂପରୁ ସମସ୍ତେ ପାନୀୟଜଳ ପାଇଁ ବ୍ୟବହାର କରିଥାନ୍ତି। ଏହି ଗ୍ରାମରେ



ଯନ୍ତ୍ରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ନୂତନ ଭାବେ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ପ୍ରାୟ ୩କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଛି। ଗ୍ରାମର ୫୧୪ ପରିବାରକୁ ପାନୀୟଜଳ ପାଇଁ ପାଇପ ସଂଯୋଗ କରାଯାଇଛି। କେତେକ ଯାଗାରେ ସମ୍ପୂର୍ଣ୍ଣ ଭାବେ ପାଇପ ସଂଯୋଗ ମଧ୍ୟ ହୋଇନାହିଁ। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଗ୍ରାମର ଲୋକେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଶିରୋଲ ଗ୍ରାମକୁ ପରିଦର୍ଶନରେ ଯାଇଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଗ୍ରାମବାସୀ ସାକ୍ଷାତକରି ପାନୀୟଜଳ ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଯନ୍ତ୍ରୀ ସେଠୀଙ୍କୁ ପଚାରିବାରୁ ୫ ରୁ ୬ଦିନ ମଧ୍ୟରେ କାମ ଶେଷ ହେବ। ଗ୍ରାମବାସୀ ଆଉ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ପ୍ରକାଶ କରିଥିଲେ।

# ମଡେଲ ଡିଗ୍ରୀ କଲେଜରେ ରାଜ୍ୟସ୍ତରୀୟ କର୍ମଶାଳା



ରାଜ୍ୟସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥି।

**ଖଡ଼ିଆଳ,୧୭।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ମଡେଲ ଡିଗ୍ରୀ କଲେଜଠାରେ ନୃତତ୍ତ୍ୱ, ପ୍ରାଣୀବିଜ୍ଞାନ ଓ ରେଡ୍‌କ୍ରସ ଆନୁକୂଲ୍ୟରେ ଏକ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଅଧକ୍ଷ ଡ ଅକ୍ଷୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଇଂରାଜୀ ପ୍ରାଧାପକ ଡ଼. ବିଜୟ କୁମାର ଦେ ସ୍ୱାଗତ ଭାଷଣ ପ୍ରଦାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ମୁଖ୍ୟ ଡ଼. ରାଜକିଶୋର ମହନା ମୁଖ୍ୟଅତିଥି, ଡ଼. ଧନଞ୍ଜୟ କୁମାର ମୁଖ୍ୟବକ୍ତା ଓ ଡ଼. ସୁବ୍ରତ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ଼.ତରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ। ନୃତତ୍ତ୍ୱ ବିଭାଗର ମୁଖ୍ୟ ଡ଼. ଶିବ କୁମାର, ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ସୌମ୍ୟରଞ୍ଜନ ସିଂ ଓ ରେଡକ୍ରସର ଉପଦେଷ୍ଟା ଅବିନାଶ ସୃଷ୍ଟି କର୍ମଶାଳା ପରିଚାଳନା କରିଥିଲେ। କର୍ମଶାଳାକୁ ସହଯୋଗ କରିଥିଲେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ରାନୁ, ଶର୍ମିଷ୍ଠା, ନିବେଦିତା, ପ୍ରିୟଙ୍କା, ଅନନ୍ୟା, ଜୟଶ୍ରୀ, ରାକେଶ, ଲଳିତ, ଆଦର୍ଶ, ସୁରେନ୍ଦ୍ର, ଉତ୍ତମ, ଅନିଲ, ରତ୍ନାକର, ରାଜା, ହେମନ୍ତ, ଗୀତା ଓ ଭୁବନେଶ୍ୱର ମୁଦୁଲି ପ୍ରମୁଖ । ସମସ୍ତ ଛାତ୍ରୀଛାତ୍ର କର୍ମଶାଳାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। କର୍ମଶାଳା ଶେଷରେ ଅଧ୍ୟାପକ ସୁସ୍ମିକ ସୁମନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଥପ୍ରାନ୍ତ ନାଟକ, ନୃତ୍ୟ ପରିବେଷଣ



ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୧୭।୪**

**ମହିଳା, ଶିଶୁ ସ୍ୱାସ୍ଥ୍ୟ ଦିବସ ପାଳିତ**

ବଲାଙ୍ଗୀର ସହର ନିକଟ ସଦାଇପାଲିସ୍ଥିତ ସାଇଟ ନର୍ସିଂ ମହାବିଦ୍ୟାଳୟ ସହଯୋଗ ଏବଂ ରାମଜୀ ଯୁବକ ସଂଘ ଆନୁକୂଲ୍ୟରେ ସଦର ବ୍ଲକ କଅଗାଁ ଗ୍ରାମର ରାମଲୀଳା ମଣ୍ଡପରେ ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏହି ଅବସରରେ ନର୍ସିଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ସମ୍ପୂର୍ଣ୍ଣ ଭାବରେ ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟ ଉପରେ ଆଧାରିତ ଥିଲା। ପଥପ୍ରାନ୍ତ ନାଟକ ଏବଂ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ଛୁଇଁଥିଲା। ଏହି ଅବସରରେ ଏକ ସଚେତନା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର ଅଂଶଗ୍ରହଣକାରୀଙ୍କୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଦିଗରେ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଅଫିସ ପରିଚାଳକ ତଥା ସଂଯୋଜକ ରାମଜୀ ଯୁବକ ସଂଘ ଅଶୋକ କୁମାର ମେହେର ଉପସ୍ଥିତ ଗ୍ରାମବାସୀଙ୍କୁ ଗର୍ଭାବସ୍ଥାରେ ଆବଶ୍ୟକ ନୀତିନିୟମ ପାଳନ କରି ସରକାରଙ୍କ ପ୍ରଚଳିତ ସୁବିଧା ସୁଯୋଗ ନେବା ପାଇଁ ଆହ୍ୱାନ କରିଥିଲେ । ନର୍ସିଂ ମହାବିଦ୍ୟାଳୟ ଅଧକ୍ଷା ଲୋପାମୁଦ୍ରା ମିଶ୍ର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଚଳିତ ସୁବିଧା ସୁଯୋଗ ଏବଂ ଗର୍ଭବତୀ ମହିଳା ଓ ତାଙ୍କ ପରିବାର ଦ୍ୱାରା କଣ ସବୁ ପଦକ୍ଷେପ ନେବାକୁ ପଡିବ ସେ ଉପରେ ଆଲୋଚନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଶାସନିକ ଅଧିକାରୀ ଇଂ. ଏସ୍‌କେ ବ୍ରହ୍ମା । କାର୍ଯ୍ୟକ୍ରମରେ ଲୋକନାଥ ସିଂହ, କଅଗାଁ ଗ୍ରାମର ତ୍ରିଲୋଚନ ମିଶ୍ର, ଶଙ୍କର ଅଦାବରିଆ, ରାଜେନ୍ଦ୍ର ପୁଟେଲ, ରମେଶ ପୁଟେଲ, ବିଦ୍ୟାଧର ଘିବେଲା, ଜଗଦୀଶ ପୁଟେଲ ଏବଂ ବଳରାମ ଥନାପତିଙ୍କ ସହଯୋଗକ୍ରମେ ଉତ୍ସବ ସଫଳ ହୋଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ନର୍ସିଂ ମହାବିଦ୍ୟାଳୟ ଛାତ୍ରୀ ସୁସ୍ମିତା ସୁନା । ନର୍ସିଂ ଅଧ୍ୟାପିକା ଜୟଲକ୍ଷ୍ମୀ ନାଏକଙ୍କ ତତ୍ତ୍ୱାବଧାନ ଓ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଆମ ପୋଲିସ ସମିତି ପକ୍ଷରୁ ସାଇବର ଠକେଇ ସଚେତନତା

**ନୂଆପଡ଼ା ଅଫିସ,୧୭।୪**

ନୂଆପଡା ଜିଲା ଜୋଙ୍କ ଥାନା ସଭା ଗୃହଠାରେ ଆମ ପୋଲିସ ସମିତି ତରଫରୁ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୋଙ୍କ ଥାନା ଭାରପ୍ରାପ୍ତ ଅଧିକାରୀ କୈଳାସ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ରମ ରେଡି ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାଇବର ଠକେଇ କଣ ଓ ଏହାଠାରୁ କିପରି ଦୂରେଇ ରହିହେବ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଅବଗତ କରାଇଥିଲେ। ସଚେତନତା ହିଁ ଏହାର ଏକମାତ୍ର ଉପାୟ ବୋଲି ନିଜର ମତ ଦେଇଥିଲେ। ଖରିଆର ରୋଡ ଏନ୍‌ଏସି ଅଧକ୍ଷା ସୋନିଆ ଅଗ୍ରୱାଲ, ଉପାଧକ୍ଷ ନିଶାନ୍ତ ଡ଼ାଗା, ବରିଷ୍ଠ ନାଗରିକ ହଲ୍ଲା ସିଂ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖରିଆର ରୋଡର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମଧ୍ୟ ଅନେକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

### ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଲୋଇସିଂହା,୧୭।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ କୁଶମେଲଠାରେ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସୋମବାର କାର୍ଯ୍ୟକ୍ଷମ ହୋଇଛି । ଉଦଘାଟନୀ ଉତ୍ସବରେ ତହସିଲଦାର ସଂଘମିତ୍ରା କାଲୋ ଅଧ୍ୟକ୍ଷତା କରିଥିଲେ। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ । ଲୋକଙ୍କୁ ତ୍ୱରିତ ସେବା ଯୋଗାଇବାକୁ ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ବିଧାୟକ । ଉତ୍ସବରେ ସ୍ଥାନୀୟ ସରପଞ୍ଚ କୌସ୍ତୁଭ ସାହୁ, ଟଙ୍କଧର ପଧାନ, ମୁଖ୍ୟ କିରାଣି ରତିକାନ୍ତ ପୁରୋହିତ, ରାଜସ୍ୱ କର୍ମଚାରୀ ବ୍ୟାସଦେବ ପଟେଲ ପ୍ରମୁଖ ଉପସ୍ଥିତଥିଲେ। ଅସ୍ଥାୟୀ ଭାବେ ସ୍ଥାନୀୟ ରାଜୀବ ଭବନରେ ଏହି କାର୍ଯ୍ୟାଳୟ ଆରମ୍ଭ ହୋଇଛି।

### ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ ଅତିଥି।

**ଖଡିଆଳ,୧୭।୪(ଡି.ଏନ.ଏ)**

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ତରଫରୁ ସିବିସିଏସ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଏବଂ ଉପଯୋଗିତା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ଼ ତରୁଣ କୁମାର ପ୍ରଧାନ ବିଷୟବସ୍ତୁ ସମ୍ପର୍କିତ ସବିଶେଷ ଆଲୋଚନା କରିବା ସହ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଭବିଷ୍ୟତ ନିମନ୍ତେ ଶୁଭକାମନା ଜଣାଇଥିଲେ। ଯୁକ୍ତ ୨ଅଧକ୍ଷ ଅଶ୍ୱିନୀ କୁମାର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ସାହୁ, ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧାପକ ଚନ୍ଦ୍ରଶେଖର ଚନ୍ଦ୍ରକାର, ରାଜନୀତି ବିଜ୍ଞାନ ମୁଖ୍ୟ ତଥା ପରୀକ୍ଷା ନିରୀକ୍ଷକ ଡ଼ ପଦ୍ମଲୋଚନ ବର୍ମା, ଆର୍କେଲୋଜି ଏବଂ ମ୍ୟୁଜିଓଲୋଜି ଅଧ୍ୟାପକ ଡ଼ ରଣବୀର ସିଂ, ଦର୍ଶନ ବିଭାଗ ମୁଖ୍ୟ ପ୍ରଦୀପ ବେହେରା, ଶିକ୍ଷା ବିଭାଗ ମୁଖ୍ୟ ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଶିକ୍ଷା ବିଭାଗ ଅଧ୍ୟାପକ ଦୁର୍ଯ୍ୟୋଧନ ଭୋଇ, ଶିକ୍ଷା ବିଭାଗ ବିଦାୟୀ ଅଧ୍ୟାପିକା ସୁଶ୍ରୀ ସୁରଭୀ ପ୍ରଧାନ ବିଷୟଭିତ୍ତିକ ତଥ୍ୟ ପ୍ରଦାନ ସହ ବିଦାୟୀ ଅଧ୍ୟାପିକା ଏବଂ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିଥିମାନେ ସମସ୍ତ ଛାତ୍ରୀଛାତ୍ର ତଥା ବୃତ୍ତିଗତ ଉତ୍ତମ କାର୍ଯ୍ୟ କଳାପ ନିମନ୍ତେ ବିଜୟ କୁମାର ନାୟକଙ୍କୁ ପ୍ରୀତି ଉପହାର ପ୍ରଦାନ କରିଥିଲେ ।

# ୫୯ ଅଭିଯୋଗ ଶୁଣିଲେ ଜିଲାପାଳ

**ଟିଟିଲାଗଡ଼, ୧୭।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଖୋଲାଣ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ଗହଣରେ ଅଭିଯୋଗ ଶୁଣାଣି କରିଛନ୍ତି । ୫୯ ଅଭିଯୋଗ ଶିବିରରେ ପଞ୍ଜିକୃତ ହୋଇଥିଲା । ଅନେକ ବୃଦ୍ଧାବୃଦ୍ଧ ଭିନ୍ନକ୍ଷମ ଭତ୍ତା ପାଇଁ ଅଭିଯୋଗ କରିଥିଲେ। ଶ୍ରମିକ ପରିବାର ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିଭିନ୍ନ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ସୁରଡା ପଞ୍ଚାୟତ ଅନ୍ତର୍ଗତ ମହଗାଁରେ ଗତ ୨ବର୍ଷ ହେବ ପାଣି ଟାଙ୍କି ନିର୍ମାଣ ସରିଛି । ହେଲେ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାରୁ ଲୋକେ ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଜାତୀୟ ରାଜପଥ ୫୯ରେ ରିଗଡୁଲ–ବେଲଗାଁ ରାସ୍ତା ପ୍ରଶସ୍ତିକରଣ ନେଇ ଜମି ଅଧିଗ୍ରହଣ ହେଉଥିବା ରିଗଡୁଲ ଗ୍ରାମର ଲୋକଙ୍କୁ ଅତ୍ୟନ୍ତ କମ୍ ପରିମାଣର ସହାୟତା ପ୍ରଦାନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ତେଲଙ୍ଗାନାରେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିବା ଟିଟିଲାଗଡ଼ ବ୍ଲକ ବାଞ୍ଜିଖାଲର ଦାଦନ ଶ୍ରମିକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ରାଶି ପ୍ରଦାନ ପାଇଁ ଜିଲାପାଳଙ୍କଠାରେ ଗ୍ରାମବାସୀ ତଥା ପରିଜନ ଫେରାଦ ହୋଇଥିଲେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ସମାଜ କଲ୍ୟାଣ ଅଧିକାରୀ ଅଲେଖ ବିଶାଳ, ଡିପିସି ମିଶନ ଶକ୍ତି ସୁମନ ଦ୍ୱିବେଦୀ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମିରରାଜା ଅଲ୍ଲୀ, ଏସଇ କ୍ଷୁଦ୍ର ଜଳସେଚନ ପ୍ରମୋଦ ପଳାଇ, ତହସିଲଦାର ଡ଼. ଲଳିତ ବାଗ, ବିଡିଓ ନବୀନ ଚନ୍ଦ୍ର ନାୟକ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ମୀନକେତନ କିଷାନ, ଏସ୍‌ଡ଼ିପିଓ ଅଙ୍କିତା କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ସମିତି ସଭ୍ୟ ଧୀର ରଣା, ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ବିଏସଏସଓ ସୁମନ କଲ୍ୟାଣ ରଣା, ଫାର୍ମାସିଷ୍ଟ ବଟକୃଷ୍ଣ ଗୌଡ଼, ଇଓ ସୁରେନ୍ଦ୍ର ମିଶ୍ର, ଜିଆରଏସ ଶକ୍ତିଶ୍ୱର ମୁଗ୍ରୀ, ବିଏଲସି ବିକାଶ ସାହୁ, ସରପଞ୍ଚ ଚିନ୍ତାମଣି ସୁନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅଭିଯୋଗ ଶୁଣାଣି ଶିବିର ଅବସରରେ ସମ୍ବଲପୁରି ଶାଢୀରୁ ଆରମ୍ଭ କରି ମିଲେଟ, ଫିଜିଓଥେରାପି, ଚିକିତ୍ସା, ଉଦ୍ୟାନ କୃଷି, କୃଷି, ମହିଳା ଗୋଷ୍ଠୀଙ୍କ ଉତ୍ପାଦିତ ଦ୍ରବ୍ୟ, ବିଭିନ୍ନ ଗହମ, ଧାନ ପେଷିବା ଭଳି ଛୋଟ ଯନ୍ତ୍ରାଂଶର ପ୍ରଦର୍ଶନ କରାଯାଇଥିଲା।

### ପର୍ଶୁରାମ ଜୟନ୍ତୀ ପାଇଁ ବ୍ରାହ୍ମଣ ମହାସଭାର ପ୍ରସ୍ତୁତି

**ବଲାଙ୍ଗୀର ଅଫିସ, ୧୭।୪**

ଜିଲା ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ସୋମବାର କାର୍ଯ୍ୟକାରୀ କମିଟି ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଓଁକାର ଧ୍ୱନି ଏବଂ ଭଗବତ ଗୀତାର ଚତୁର୍ଥ ଅଧ୍ୟାୟ ଆବୃତି କରିବା ପରେ ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ର ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ । ଆସନ୍ତା ୨୩ ତାରିଖରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା। ଜିଲା ପର୍ଶୁରାମ ବାହିନୀ ମୁଖ୍ୟ ମଦନ ମୋହନ ରଥ ଏବଂ ଲକ୍ଷ୍ମୀ ପ୍ରସାଦ ଚାନ୍ଦଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆସନ୍ତା ୪ ଏବଂ ୫ ତାରିଖ ଦିନ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଗରିବ ବ୍ରାହ୍ମଣ ପିଲାମାନଙ୍କୁ ନିଃଶୁଳ୍କ ବ୍ରତପନୋୟନ କରିବା ପାଇଁ ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନୃସିଂହ ମନ୍ଦିର ମହନ୍ତ ବ୍ରଜମୋହନ ଶରଣ ଦେବ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ପର୍ଶୁରାମ ନାୟକ, ନୀଳମଣି ମିଶ୍ର, ଦାମୋଦର ଓତା, ବନମାଳୀ ନନ୍ଦ ସଭାରେ ଉପସ୍ଥିତ ରହି ମତ ରଖିଥିଲେ ।

# କୁଲୁତା ସମାଜର ବାର୍ଷିକ ସଭା


କୁଲତା ସମାଜର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନରେ ଉପସ୍ଥିତ ସଦସ୍ୟ।

**ବଲାଙ୍ଗୀର ଅଫିସ, ୧୭।୪**

ବଲାଙ୍ଗୀର ଭଗବତୀ ନଗରସ୍ଥିତ କୁଲତା ସମାଜ କାର୍ଯ୍ୟାଳୟ ପରିସରରେ ସଭାପତି ସୁରଥ ପଧାନଙ୍କ ସଭାପତିତ୍ୱରେ ସମାଜର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶାନ୍ତନୁ କୁମାର ଭୋଇ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କୋଷାଧକ୍ଷ ଗୋବର୍ଦ୍ଧନ ପଧାନ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ସଭାରେ ସଭ୍ୟ ରାହାସ ବିହାରୀ ମାଝି, ମଧୁ ସାହୁ, ଶାନ୍ତନୁ କୁମାର ପାତ୍ର, ସଂକର୍ଷଣ ପଧାନ, ବୃଷଭ ସା, ଟଙ୍କଧର ଗଡତ୍ଯା, ବୁଦ୍ଧୁ ପଧାନ, ରବୀନ୍ଦ୍ର ପଧାନ, ଜ୍ୟୋସ୍ନାମୟୀ ପଧାନ, କୁନ୍ତଳା ଗଡତ୍ୟା, ପ୍ରହଲ୍ଲାଦ ଭୋଇ, ଶ୍ରୀନିବାସ ସାହୁ ମତ ପ୍ରଦାନ କରିଥିଲେ। ନିର୍ବାଚନ ଅଧିକାରୀ ଧାବ ଭୋଇ ଦାୟିତ୍ୱ ନେଇ ଷେରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ରବୀନ୍ଦ୍ର କୁମାର ପଧାନ, ଉପସଭାପତି ବଦ୍ଧୁ ପଧାନ ଓ ଜ୍ୟୋସ୍ନାମୟୀ ପଧାନ, ସମ୍ପାଦକ ବିଦେଶୀ ପଧାନ, ସହସମ୍ପାଦକ ମଧୁ ସାହୁ, କୋଷାଧକ୍ଷ ଅଜିତ କୁମାର ଭୋଇ ନିର୍ବାଚିତ ହୋଇଥଇଲେ। କାର୍ଯ୍ୟକାରୀ ସଦସ୍ୟଭାବେ ରାଜେନ୍ଦ୍ର ପ୍ରସାଦ ସାହୁ, ଶାନ୍ତନୁ ପାତ୍ର, ବୃନ୍ଦାବନ ସାହୁ, ଶାନ୍ତନୁ କୁମାର ଭୋଇ ଓ ସୁଧିର ଭୋଇଙ୍କୁ ରଖାଯାଇଛି। ଯୁବ ସଂଯୋଜକ ସୁଦର୍ଶନ ସାହୁ, ସୂର୍ଯ୍ୟ ଭୋଇ, ସଞ୍ଜୀବ ସାମଲ, ସଞ୍ଜୟ ଶେଖର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଏଏଫ୍‌ସିସି, ତୁଷାର ରୟାଲ ବିଜୟୀ

**ବଲାଙ୍ଗୀର ଅଫିସ, ୧୭।୪**

**ବଲାଙ୍ଗୀର ଲିଗ୍ କ୍ରିକେଟ**

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ବଲାଙ୍ଗୀର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ଏଏଫ୍‌ସିସି ଓ ସ୍ୱରାଜ ଦଳ ମଧ୍ୟରେ ହୋଇଥିଲା। ସ୍ୱରାଜ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ମାତ୍ର ୭୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳ ତରଫରୁ ଅମିତ ନନ୍ଦ ୨୨ ଏବଂ ଶୈଳେସ ପଟ୍ଟନାୟକ ୧୯ ରନ୍ କରିଥିଲେ। ଏଏଫ୍‌ସିସ ତରଫରୁ ସୁବାସିଷ ମିର୍ଦ୍ଧା ସର୍ବାଧିକ ୫ଟି ଉଇକେଟ ଓ ସ୍ୱୟଂମ ବେହେରା ୨ ଉଇକେଟ ଅକ୍ତିୟାର କରିଥିଲେ। ୮୦ ରନ୍ ବିଜୟ ଲକ୍ଷ୍ୟକୁ ପଡିଆକୁ ଓହ୍ଲାଇଥିବା ଏଏଫ୍‌ସିସି ଦଳ ୧୨.୧ ଓଭରରେ ୭ଉଇକେଟ ହରାଇ ଆବଶ୍ୟକ ୮୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏଏଫ୍‌ସିସିର ଶୁବାଶିଷ ମିର୍ଦ୍ଧାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ ଆବ୍ରାହମ ଷ୍ଟ୍ରାଇକର ଏବଂ ତୁଷାର ରୟାଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତୁଷାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୩ଉଇକେଟ ହରାଇ ୧୭୬ ରନ କରିଥିଲା। ଦଳ ତରଫରୁ ବାବୁଲୁ ସେଠୀ ସର୍ବାଧିକ ୫୫ ରନ୍, ରାଘବେନ୍ଦ୍ର ତ୍ରିପାଠୀ ୩୮ ରନ୍ , ମାନସ ରଞ୍ଜନ ମିଶ୍ର ୩୯ ରନ୍ କରିଥିଲେ। ୧୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆବ୍ରାହମ ଦଳ ୯ଉଇକେଟରେ ୧୫୪ ରନ ହିଁ କରି ପାରିଥିଲା। ଫଳରେ ଏହି ମ୍ୟାଚକୁ ତୁଷାର ରୟାଲ ଦଳ ୨୨ ରନ୍‌ରେ ବିଜୟ ହୋଇଥିଲା। ଆବ୍ରାହମ ଦଳ ତରଫରୁ ସିଦ୍ଧାର୍ଥ ବାରିକ ୪୧ ରନ୍, ସତ୍ୟଜିତ ସିଂଦେଓ ୪୫ ଓ ଗୌରବ ଦେବ କୁମାର ୩୨ ରନ୍ କରିଥିଲେ। ତୁଷାର ରୟାଲ ଦଳର ସାଗର ଡୋଗ୍ରା ଓ ବିଜ୍ଞାନ ମିଶ୍ର ପ୍ରତ୍ୟେକେ ୨ଟି ଲେଖାଏ ଉଇକେଟ ଅକ୍ତିୟାର କରିଥିଲେ। ତୁଷାର ରୟାଲ ଦଳର ବାବୁଲି ସେଠୀଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଅଜିତ ପାଲ, ଦ୍ୱିତୀୟ ମ୍ୟାଚରେ ସ୍ପୋର୍ଟସ୍ ଲଭର ଗୁଲାପ ବାଗ ଯୋଗଦେଇ ଖେଳାଳୀ ତଥା ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର, ସ୍ମିତ ଦଲାଇ, ଶ୍ୟାମ ସୁନ୍ଦର ପଣ୍ଡା ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିଲେ। ଜଗପତି ନାଏକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅଞ୍ଜନ କୁମାର ଓ ଭବାନି ମହାନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ।


ବଲାଙ୍ଗୀର ଲିଗ୍ କ୍ରିକେଟ ମ୍ୟାଚ୍‌ର ଖେଳାଳି ଓ ଆୟୋଜକ।

## ସଂକ୍ଷେପରେ

### ପାଇପ୍ ପୋତି ସମତୁଲ କରାଯାଉନି ରାସ୍ତା

**ଡୁଙ୍ଗୁରିପାଲି ୧୭।୪ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ୨୬ ନମ୍ବର ଜାତୀୟ ରାଜପଥର ଦିଗଶିରା-ପହଣ୍ଡି ପିଚୁ ରାସ୍ତା ଖୋଳି ଉଠାଜଳସେଚନ ପାଇପ ବିଛାଯାଇଛି। ପରେ ଗର୍ତ୍ତକୁ ଯାଇତାଇ ପୋତି ଦିଆଯାଉଛି। ଫଳରେ ଉକ୍ତ ରାସ୍ତାର ଆବଡା ଖବଡା ଓ ଗର୍ତ୍ତ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଦିଗଶିରା ନିକଟ ଅଙ୍ଗନଦୀରୁ ଚାଷୀଙ୍କ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ସୁବର୍ଣ୍ଣପୁର ଉଠାଜଳସେଚନ ବିଭାଗରୁ କାମ କରାଯାଇଛି । ଜମି ମାଟି ତଳେ ବଡ଼ ବଡ଼ ପାଇପ ସଂଯୋଗ କରାଯାଇଥିବା ବେଳେ ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗ ଅଧିନରେ ଥିବା ପହଣ୍ଡି, ଦିଗଶିରା ରାସ୍ତାର ଦୁଇଟି ସ୍ଥାନରେ ଜେସିବି ଦ୍ୱାରା ପିଚୁ ରାସ୍ତା ଖୋଳି ପାଇପ ପୋତାଯାଇଛି। ତା ଉପରେ ମାଟି ବିଛାଇ ଦିଆଯାଇଛି। ହେଲେ କଙ୍କ୍ରିଟୀକରଣ କରାଯାଇ ସମତୁଲ କରା ନ ଯିବାରୁ ସେଠାରେ ଦୁର୍ଘଟଣା ଘଟୁଛି। ଏନେଇ ବିଭାଗୀୟ ଯନ୍ତ୍ରୀ ବିକାଶ ପ୍ରତାପ ରାୟଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନ କରେ ରାସ୍ତା ଉପରେ କଂକ୍ରିଟ କାମ କରାଯିବ ବୋଲି କହିଛନ୍ତି।

### ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୧୭।୪(ସ୍ୱ.ପ୍ର.):** ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ସୋମବାର ଏକ ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୧୪।୮।୧୯ ତାରିଖରେ ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ଫୁଲବାଣୀ ପଟୁ ବୌଦ୍ଧ ଆଡକୁ ଏକ ଧଳା ରଙ୍ଗର ମହିନ୍ଦ୍ରା ଟିୟୁଭି ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଥିଲେ। ଅବକାରୀ କର୍ମଚାରୀ ପୁରୁଣାକଟକ ଥାନା ଫୁଲବାଣୀ-ଚାରିଛକ ରାସ୍ତାର ଭିମଖୋଲ ନାଳ ନିକଟରେ ଗାଡିକୁ ଅଟକାଇଥିଲେ। ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଗାଡିରେ ବସିଥିବା କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ସାସପଦର ଗ୍ରାମର ଚୈତନ୍ୟ ଦିଗାଲଙ୍କୁ ଧରିବାରେ ସଫଳ ହୋଇଥିଲେ । ଅବକାରୀ କର୍ମଚାରୀ ଗାଡି ଭିତରୁ ବସ୍ତାରେ ଥିବା ୬୦ କେଜି ଗଞ୍ଜେଇ ସହ ଗାଡିକୁ ଜବତ କରିଥିଲେ। ଗଞ୍ଜେଇ ଚାଲାଣ ଅଭିଯୋଗରେ ଚୈତନ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରିବର୍ତ୍ତୀ ସମୟରେ ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ମାମଲା (୨ଏ ସିସି ୧୦/୧୯ )ହୋଇ ବିଚାର ହୋଇଥିଲା। ୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ଚୈତନ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରାଜୀବ କୁମାର ଦଲାଲ ମାମଲା ପରିଚାଳନା କରୁଥିଲେ ।

### ଗଛରେ ଲାଗିଛି ୩୩କେଭି ବିଦ୍ୟୁତ୍ ତାର
#### ପଦକ୍ଷେପ ନେଉନି ବିଦ୍ୟୁତ୍ ବିଭାଗ



**ଅମରପାଲି,୧୭।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଲୟା ମୁଖ୍ୟରାସ୍ତା ଦେଇ ଯାଇଥିବା ୩୩କେଭି ବିଦ୍ୟୁତ୍ ତାର ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି। ଉକ୍ତ ତାର ଶାଗୁଆନ ଗଛ କଡରେ ଯାଇଛି। ଟିକିଏ ପବନ ହେଲେ ଉକ୍ତ ଗଛର ଡାଳ ଭାଙ୍ଗି ତାର ଉପରେ ପଡୁଛି। ତାର ଉପରେ ଡାଳ ପଡିବା ଫଳରେ ସ୍ପାର୍କିଂ ହୋଇ ନିଆଁ ହୁଳା ଖସୁଛି। ରାସ୍ତାରେ ଯାଉଥିବା ପଥିକ ଏବଂ ପାଖରେ ଥିବା ଘରଗୁଡିକ ପ୍ରତି ଏହା ବିପଦ ସୃଷ୍ଟି କରୁଛି। ସୁବଲୟା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଏହି ଗଛ ପାଖରେ ରହିଛି। ଉକ୍ତ ରାସ୍ତାଦେଇ ସୁବଲୟା କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଛାତ୍ରୀଛାତ୍ର ପଢିବାକୁ ଯାଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ତିନିରୁ ଚାରି ଥର ଏଠାରେ ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଥିବା ନଜିର ରହିଛି। ଏନେଇ ଲୋକେ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇଲେ ମଧ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ‘ବିଜୁବାବୁ ଆଧୁନିକ ଓଡ଼ିଶାର ନିର୍ମାତା’

**ସୋନପୁର,୧୭।୪(ନି.ପ୍ର.)**

ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସୋମବାର ଥିଲା ୨୬ତମ ଶ୍ରାଦ୍ଧବାର୍ଷିକୀ। ଏହି ଅବସରରେ ସୋନପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସୋନପୁର ପୁରୁଣା ଟାଉନ ହଲ ପରିସରରେ ତିରୋଧାନ ଦିବସ ପାଳନ ହୋଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କୁ ଆଧୁନିକ ଓଡିଶାର ନିର୍ମାତା ବୋଲି ଅବିହିତ କରିଥିଲେ। ବିଜୁ ବାବୁ ଥିଲେ ଓଡିଆ ସ୍ୱାଭିମାନର ପ୍ରତୀକ। ଦୁଃସାହସ ଥିଲା ତାଙ୍କ ଚରିତ୍ରର ବିଶେଷତ୍ୱ। ପଡିଆରେ ଫୁଟବଲ ଖେଳିବା ଠାରୁ ଆକାଶରେ ବିମାନ ଉଡାଇବା ପର୍ଯ୍ୟନ୍ତ ସୁବୁଥିରେ ସେ ଥିଲେ ସାହାସୀ ଓ ଅନନ୍ୟ। ତାଙ୍କ



ସୋନପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ତିରୋଧାନ ଦିବସରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଦଳୀୟ ନେତୃବୃନ୍ଦ ଶପଥ ପାଠ କରୁଛନ୍ତି ।

ଦୂରଦୃଷ୍ଟି ଓ ସାହାସିକ ପଦକ୍ଷେପ ପାଇଁ ରାଜ୍ୟରେ ୧୩ରୁ ୩୦ ଜିଲା ଗଠନ ସମ୍ଭବ ହୋଇପାରିଥିଲା। ଏହି କାର୍ଯ୍ୟ ପାଇଁ ସୁବର୍ଣ୍ଣପୁର ଜିଲାବାସୀ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ହୃଦୟରୁ ଭଲ ପାଉଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ ।

ବିଜେଡି ଜିଲା ସଭାପତି ତଥା ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କମ୍ପ ସଭାରେ ଅଧକ୍ଷତା କରି ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ସୁବର୍ଣ୍ଣପୁର ଜିଲା ପ୍ରଗତି ପଥରେ ଆଗେଇ ଚାଲିଛି ବୋଲି କହିଥିଲେ। ଉପସଭାପତି ରମେଶ ପୂଜାରୀ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧକ୍ଷା ତାମସି ତାମସ୍ମିତା ନାୟକ, ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନାୟକ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧକ୍ଷ ମକରଧ୍ୱଜ ସାହୁ, ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧକ୍ଷ ନାରାୟଣ ଲୁହା, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ହିମାଂଶୁ ବିଶ୍ୱାଳ, ଏସ୍‌ସି ସେଲର ଅଭିମନ୍ୟୁ କୁଶଳ, ପ୍ରକାଶ ସାହୁ, ନଗର ମହିଳା ବିଜେଡି ସଭାପତି ରୀତାଞ୍ଜଳି ପାତ୍ର, ଶଙ୍କର ପ୍ରସାଦ ସା, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଗଣେଷ ଭୋଇ, ଛାତ୍ର ନେତା ଶାଶ୍ୱତ କୁମାର ମିଶ୍ର ଓ ହେମନ୍ତ ସାହୁ ପ୍ରମୁଖ ବିଜୁ ବାବୁଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭା ପୂର୍ବରୁ ବରିଷ୍ଠ ନେତା କରମ ଚାନ୍ଦ ମହାନ୍ତି ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ଏହି ଅବସରରେ ନବୀନ ଓଡିଶା ଗଠନ ଓ ବିଜେଡିର ଶୃଙ୍ଖଳିତ କର୍ମୀ ହୋଇ ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ଶପଥ ନେଇଥିଲେ। ଟାଉନ ବିଜେଡି ଜିଲା ସଭାପତି ଜନ୍ମେଜୟ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର ସଭାକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅତିଥି ବୃନ୍ଦ ଓ ବରିଷ୍ଠ ନେତୃବୃନ୍ଦ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ନିର୍ବାଚିତ ଲୋକ ପ୍ରତିନିଧି, ମହିଳା ଓ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ମତ୍ସ୍ୟଚାଷ ତାଲିମ ଶିବିର

**ଅମରପାଲି,୧୭।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଏସ.ପତ୍ରାପାଲି ପଞ୍ଚାୟତରେ ନାବାର୍ଡ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଶ୍ୱୋରର ମିଳିତ ଆନୁକୂଲ୍ୟରେ ମତ୍ସ୍ୟ ଚାଷ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଚାରଟି ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ସଭ୍ୟାଙ୍କୁ ନେଇ ଆୟୋଜିତ ଏହି ଶିବିର ୧୦ଦିନ ଧରି ଚାଲିବା କାର୍ଯ୍ୟକ୍ରମ ରହିଛି । ନାବାର୍ଡର ଅଧିକାରୀ ତାପସ ଶଙ୍କର ରାଉତ, ଡ଼ା.ସତ୍ୟସ୍ୱରୂପ ବିଦାନ୍ତ ଓ ଜି.କାମରାଜ ଡୋରା ଏଥିରେ ଯୋଗଦେଇଥିଲେ। ଉଲୁଣ୍ଡା ବ୍ଲକ ମତ୍ସ୍ୟ ଉନ୍ନୟନ ଅଧିକାରୀ ଶ୍ରବଣ କୁମାର କଅଁର, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କ୍ଷେତ୍ର ଅଧିକାରୀ ଦୁଷ୍ମନ୍ତ ବେହେରା ଓ ପ୍ରଶିକ୍ଷକ ଡ଼ା.ରଞ୍ଜନ ପରିଡ଼ା ମାଛ ଚାଷର ଲାଭ ଓ ବିଭିନ୍ନ ରିହାତି ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ । ଶ୍ୱୋର ସଂଗଠନର ଦତ୍ତାତ୍ରେୟ ଗୁରୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏନିମେଟର ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ପାଳିଲା ବିଜୁବାବୁଙ୍କ ୨୬ତମ ଶ୍ରାଦ୍ଧ ଦିବସ



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ବୌଦ୍ଧ, ୧୭।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସକାଳୁ ବୌଦ୍ଧ ମହାନଦୀ ସ୍ଥିତ ଚନ୍ଦ୍ରଚୁଡ ଘାଟରେ ତିଳତର୍ପଣ କରାଯାଇଥିଲା। ସେଠାରୁ ବ୍ରିଜଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ରଞ୍ଜନ ନାଏକ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ଚିତରଞ୍ଜନ ଦାସ, ସୁବୋଧ ପ୍ରଧାନ, ଏନଏସି ଉପାଧ୍ୟକ୍ଷା ସୁବାସିନୀ ସେଠୀ, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ପରେ ବିଜୁପଟନାୟକ ଛକଠାରୁ ମହାନଦୀ ସେତୁ ପର୍ଯ୍ୟନ୍ତ ମନ୍ତ୍ରୀ ଅମାତ ଓ ଦଳୀୟ ନେତା ଓ କର୍ମୀମାନେ ସଫେଇ କରିଥିଲେ । ପରେ ଦଳ ପକ୍ଷରୁ ଜିଲା ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ତରଭା, ୧୭।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଏସ୍‌ପି ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୬ ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିଥିଲେ। ବିଡିଓ ବିନୟ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପଜିଲାପାଳ ସୋନପୁର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପତି, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆରଡବ୍ଲ୍ୟୁଏସଏସ ଇଂ.ବିଭୁ ପ୍ରସାଦ ପଣ୍ଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ଜଙ୍ଗଲରେ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରୁଛନ୍ତି ମହିଳା

**ଅମରପାଲି,୧୭।୪(ଡୁ.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ଅନ୍ତର୍ଗତ ଖଜୁରିଆପାଲି ଗ୍ରାମର ସଙ୍ଗୀତା ପାତ୍ରଙ୍କ ନିଆରା ପ୍ରୟାସ। ଗ୍ରୀଷ୍ମ ପ୍ରଭାବରେ ପାଣି ପାଇଁ ଡହକବିକଳ ହେଉଥିବା ପକ୍ଷୀଙ୍କ ପାଇଁ ଗଛରେ ସେ ଛୋଟ ମାଠିଆ ଓ ପାତ୍ରରେ ପାଣି ରଖୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦ୍ୱାରା ଜଳ ଉତ୍ସଗୁଡିକ ଶୁଖିଲା ଥିବାହେତୁ ବନ୍ୟପ୍ରାଣୀ ଓ ପକ୍ଷୀମାନେ ପାଣି ପାଇଁ ଆଉଟୁପାଉଟୁ ହେଉଛନ୍ତି। ଫଳରେ ଜଙ୍ଗଲ ମଧ୍ୟସ୍ଥ ବିଭିନ୍ନ ସ୍ଥାନରେ ଛୋଟ ଛୋଟ ମାଠିଆ ଓ ପାହାଡର ପାଦ ଦେଶରେ ନିଜସ୍ୱ ଉଦ୍ୟମରେ ମାଟିପାତ୍ର ରଖି ପକ୍ଷୀମାନଙ୍କ ଜଳକଷ୍ଟ ଦୂର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହା ସହିତ ଗ୍ରୀଷ୍ମଋତୁରେ ସମସ୍ତେ ନିଜ ଛାତ ଉପରେ, ଘର ଅଗଣାରେ, କୌଣସି ବୃକ୍ଷ ଡାଳରେ ପାଣିର ବ୍ୟବସ୍ଥା କରି ଜଳକଷ୍ଟ ଦୂର କରିବା ସହ ପଶୁପକ୍ଷୀଙ୍କ ସୁରକ୍ଷା କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି ।



ସଙ୍ଗୀତା ଜଙ୍ଗଲରେ ପକ୍ଷୀମାନଙ୍କ ପାଇଁ ପାଣିର ବ୍ୟବସ୍ଥା କରୁଛନ୍ତି।

## ମାରୱାଡ଼ି ଯୁବାମଞ୍ଚର ବାର୍ଷିକ ଉତ୍ସବ

**ସୋନପୁର,୧୭।୪(ନି.ପ୍ର.)**

ମାରୱାଡି ଯୁବାମଞ୍ଚ ସୋନପୁର ଶାଖାର ବାର୍ଷିକ ଉତ୍ସବ ଓ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସୋନପୁର ଅଗ୍ରେସନ ଭବନରେ ଅନୁଷ୍ଠିତ ହୋଇଯାଇଛି। ଯୁବାମଞ୍ଚର ପ୍ରାକ୍ତନ ସଭାପତି ମନୋଜ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବା ମୂଳକ କାର୍ଯ୍ୟ ଜାରି ରଖିବାକୁ ଯୁବାମଞ୍ଚର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସର୍ବଭାରତୀୟ ମାରୱାଡି ଯୁବାମଞ୍ଚ ଜାତୀୟ ସଭାପତି ସିଏ ଦୀପକ ଛପଡିଆ, ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚର ସଭାପତି ପରାଗ ଅଗ୍ରୱାଲ ଓ ରାଜ୍ୟ ଉପସଭାପତି ରାକେଶ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ମାରୱାଡି ଯୁବା ମଞ୍ଚର ନବନିର୍ବାଚିତ କର୍ମକର୍ତ୍ତା।

ଏହି ଅବସରରେ ମାରୱାଡି ଯୁବା ମଞ୍ଚର ନବ ନିର୍ବାଚିତ ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ରଜତ ଅଗ୍ରୱାଲ, ସମ୍ପାଦକ ଅଙ୍କିତ ଅଗ୍ରୱାଲ, ସହସମ୍ପାଦକ ଅଭିଶେକ ଶର୍ମା, କୋଷାଧକ୍ଷ କହ୍ନେୟା ଅଗ୍ରୱାଲ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ସଭାକୁ ତନିଶା ଅଗ୍ରୱାଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମାରୱାଡି ସମାଜର ସଭାପତି ଗୋପାଳ ଭୁତ, କର୍ମକର୍ତ୍ତା ଅଶୋକ ଭୁତ, ନନ୍ଦକିଶୋର କମାଣୀ, ଆଶିଷ ଅଗ୍ରୱାଲ, ସୌରଭ ଶର୍ମା ପ୍ରମୁଖ ସାମିଲ ହୋଇଥିଲେ ।

## ପୁସ୍ତକ ବଣ୍ଟନ, ସ୍ୱାଗତ ସମ୍ବର୍ଦ୍ଧନା

**ସରଣ୍ଡା,୧୭।୪(ଡି.ଏନ.ଏ.)**

ଅତାବିରା ବ୍ଲକ ବୁଗବୁଗା କ୍ଲଷ୍ଟର ଅଧୀନ ବାଞ୍ଜିପାଲି ପ୍ରାଥମିକ ବିଦ୍ୟାଳୟଠାରେ ସୋମବାର ପୁସ୍ତକ ବଣ୍ଟନ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀର ପିଲାମାନଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପଣ୍ଡା ଓ ସହକାରୀ ଶିକ୍ଷକ ଜଗମୋହନ ଭୁଏ ସରକାରଙ୍କ ପ୍ରଦତ୍ତ ମାଗଣା ପୁସ୍ତକ ବଣ୍ଟନ କରିଥିଲେ। ଶିକ୍ଷା ବର୍ଷ ୨୦୨୩-୨୪ରେ ନୂତନ ଭାବେ ନାମ ଲେଖାଇଥିବା ପ୍ରଥମ ଶ୍ରେଣୀ ପିଲାମାନଙ୍କୁ ସ୍ୱାଗତ ସହ ବିଦ୍ୟାଳୟ ପ୍ରବେଶ ପୁସ୍ତିକା ଓ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଗବୁଗା ସିଆରସିସି ନନ୍ଦିଘୋଷ ଭୁଏ ଯୋଗଦାନ କରିଥିଲେ। ସେହିପରି ପତ୍ରାପାଲି, ବାବେବିରା, କୁଲୁଣ୍ଡା ଆଦି ଶିକ୍ଷାନୁଷ୍ଠାନରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଭିଯୁକ୍ତଙ୍କୁ ୩ବର୍ଷ କାରାଦଣ୍ଡ
### ମହିଳାଙ୍କୁ ଅସଦାଚରଣ ମାମଲା

**ବୌଦ୍ଧ, ୧୭।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ଶୁଭଙ୍କର ମହାନ୍ତି ସୋମବାର ମହିଳା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ବର୍ଷ କାରାଦଣ୍ଡ ଦେବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ବାହାଲି ଗାଁରେ ୨୦୧୮ ଅକ୍ଟୋବର ୩ତାରିଖରେ ଜଣେ ବିଧବା ମହିଳା ଘର ବାରଣ୍ଡାରେ ଓ ତାଙ୍କ ୩ନାବାଳକ ପିଲା ଘର ଭିତରେ ଶୋଇଥିଲେ । ରାତି ୨ଟାରେ ଅଭିଯୁକ୍ତ ରଞ୍ଜନ ବଘାର (୩୫) ହଠାତ ତାଙ୍କ ଘରକୁ ପଶିଆସି ବିଦ୍ୟୁତ୍ ବଲବ ଖୋଲି ଘର ଅନ୍ଧାର କରିଦେଇଥିଲା। ଛୁଆମାନେ ଶୋଇଥିବା ଘରେ ତାଲା ପକାଇଦେଇଥିଲେ। ମହିଳାଙ୍କ ମୋବାଇଲ ଫୋନ ନେଇଯାଇ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଏପରି କାହିଁକି କରୁଛ ବୋଲି କହି ପାଟି କରିବାରେ ଅଭିଯୁକ୍ତ ସେଠାରୁ ପଳାଇଥିଲେ। ଉକ୍ତ ରାତିରେ ନିଜ ଦେଢଶାଶୁଙ୍କୁ ଡାକି ପୀଡିତା ଗାଁର ଉକ୍ତ ଅଭିଯୁକ୍ତଙ୍କ ଘରୁକ ଯାଇ ନେଇଯାଇଥିବା ମୋବାଇଲ ମାଗିଥିଲେ। ଏଥଇରେ କ୍ରୋଧିତ ହୋଇ ରଞ୍ଜନ ଗାଳିମନ୍ଦ କରିବା ସହ ମାଡ ମାରିବାକୁ ଗୋଡାଇ ଥିଲେ। ଏନେଇ ମହିଳା ଜଣକ ଗତ ୬ତାରିଖରେ ପୁରୁଣାକଟକ ଥାନାରେ ଅଭିଯୋଗ କରିଥିଲେ । ଥାନାରେ ଏକ ମାମଲା(୧୧୮/୧୮)ରୁଜୁ କରି ପୋଲିସ ତଦନ୍ତ କରିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ଏଡି ଦଣ୍ଡ ଶୁଣାଇଛନ୍ତି। ମାମଲାକୁ ସରକାରୀ ଓକିଲ ଦିଲୀପ କୁମାର ଧଳ ଓ ଅଜିତ ପରିଡା ପରିଚାଳନା କରୁଥିଲେ ।

## ଶ୍ରାଦ୍ଧ ଦିବସରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ

**ଅମରପାଲି,୧୭।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ସୋମବାର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପ ପ୍ରଜ୍ଜ୍ୱଳନ ସହ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲେଶଚନା କରାଯାଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ଲୁହା, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁ, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, ଖଣ୍ଡହତା ସମିତି ସଭ୍ୟ ବିନୋବାନନ୍ଦ ପଧାନ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ,ସତ୍ୟଞ୍ଜିବ ମିଶ୍ର, ଧିରେନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବୀରମହାରାଜପୁରରେ ଶ୍ରାଦ୍ଧ ଦିବସ ଅବସରରେ ଉପସ୍ଥିତ ବିଜେଡି ନେତୃବର୍ଗ।

## ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଫେରାଦ
### ମନ୍ଦିର ଜମି ଜବରଦଖଲକୁ ନେଇ ବିବାଦ

**ଅମରପାଲି,୧୭।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନ ଖଇରମାଲ ଗ୍ରାମରେ ନାରାୟଣୀ ମନ୍ଦିର ସୀମାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି । ଉକ୍ତ ଗ୍ରମର ଜଣେ ବ୍ୟକ୍ତି ମନ୍ଦିରର ଜମିରେ ଘର କରିଥିବା ଅଭିଯୋଗ ହୋଇଛି । ଏନେଇ ସୋମବାର ଗ୍ରାମବାସୀ ମନ୍ଦିରର ଜବରଦଖଲ ଜମି ଉଚ୍ଛେଦ କରିବାକୁ ସ୍ଥାନୀୟ ତହିଲଦାରଙ୍କୁ ଅଭିଯୋଗ କରିଛନ୍ତି । ଗ୍ରାମର ଥିବା ନାରାୟଣୀ ମନ୍ଦିର ଖାତା ନମ୍ବର ୧୯୫ ପ୍ଲଟ ନମ୍ବର ୧୦୧୪



ଖଇରମାଲ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବା ପାଇଁ ଆସିଛନ୍ତି।

ଧର୍ମପୀଠ ନାମରେ ରେକର୍ଡ ରହିଛି । ମାତ୍ର ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ଘର କରିଥିବାର ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ବୀରମହାରାଜପୁର ତହସିଲରେ ବାରମ୍ବାର ଅଭିଯୋଗ କଲେବି କୌଣସି ସୁଫଳ ମିଳୁନାହିଁ ବୋଲି ପ୍ରକାଶ କରିଛନ୍ତି ଖଇରମଳ ଗ୍ରାମବାସୀ। ଗ୍ରାମବାସୀଙ୍କ ତରଫରୁ ଥରେ ଉକ୍ତ ଜମିକୁ ଚିହ୍ନଟ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ଜବରଦଖଲ ହଟାଯାଇନାହିଁ। ଏଠାରେ ମନ୍ଦିର ପ୍ରାଚୀର ନିର୍ମାଣ ପାଇଁ ଅନୁଦାନ ମିଳିଥିଲେ ମଧ ବିବାଦ ପାଇଁ କାମ ନହୋଇ ଅର୍ଥ ପଡ଼ିରହିଛି। ଗ୍ରାମବାସୀ ତୁରନ୍ତ ଜବର ଦଖଲ ହଟାଇବାକୁ ସ୍ଥାନୀୟ ବିଧାୟକ ଏବଂ

## ସଂକ୍ଷେପରେ

### ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

**ରାଜଗାଙ୍ଗପୁର,୧୭।୪(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ୫ନଂ. ୱାର୍ଡର ଜଣେ ମହିଳା ସୁମନ କୁମାରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ମୃତା ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିବା ପରେ ରାଜଗାଙ୍ଗପୁର ପୋଲିସ ମହିଳାଙ୍କ ସ୍ୱାମୀ ରାଜୁ ଯାଦବଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ରାଜୁ ୨୦୧୯ରେ ସୁମନ କୁମାରୀଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ୯ ମାସର ଏକ ଶିଶୁପୁତ୍ର ଅଛି ।

### ରେଲୱ୍ୱେ ଓଭରବ୍ରିଜ ପାଇଁ ଜମି ଚିହ୍ନଟ

**ରାଜଗାଙ୍ଗପୁର,୧୭।୪(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ସୋମବାର ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମେ ଗୋଶାଳାପଡା ପଟରେ ଏହି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ରାଜଗାଙ୍ଗପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିନୋଦ ଲାକ୍ରା, ଆର୍‌ଆଇ, ଅମିନ, ସୁପରଭାଇଜର ତଥା ସୁନ୍ଦରଗଡ ଜମି ଅଧିଗ୍ରହଣ ବିଭାଗର ଆର୍‌ଆଇ ଓ ଅମିନମାନେ ଉପସ୍ଥିତ ଥିଲେ ।

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ରାଉରକେଲା ଅଫିସ,୧୭।୪:** ବୀରମିତ୍ରପୁର ଥାନା ଅନ୍ତର୍ଗତ କନବାହାଲ ବସ୍ତିର ଏକ ପୋଖରୀରେ ଗାଧୋଉଥିବା ବେଳେ ବୁଡିଯିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ମୋନିକା ତିର୍କୀ(୭୮)। ଏ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ସୋମବାର ଉକ୍ତ ଅଞ୍ଚଳର ପୋଲିସକୁ ମୃତଦେହ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ମୋନିକା ଘର ପାଖରେ ଥିବା ପୋଖରୀରେ ଗାଧୋଉଥିବାବେଳେ ତାଙ୍କ ଗୋଡ ଖସିଯିବାରୁ ପୋଖରୀରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୀରମିତ୍ରପୁର ସରକାରୀ ଡାକ୍ତରଖାନା ଓ ପରେ ଆର୍‌ଜିଏଚ୍‌କୁ ଚିକିତ୍ସା ଲାଗି ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପାଇପ୍ ଫାଟି ପାଣି ଭାସୁଛି, ମରାମତି ଦାବି

**କୁତ୍ରା,୧୭।୪(ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚବିଦ୍ୟାଳୟ ସମ୍ମୁଖରେ ପାଇପ୍ ଫାଟି ପାଣି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ରହିଥିବା ବିଦ୍ୟାଳୟ ଗେଟ ସମ୍ମୁଖରେ ସପ୍ତାହେ ହେଲାଣି ପାଇପ ଫାଟି ପାଣି ଅପଚୟ ହେବାରେ ଲାଗିଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ପଶୁପକ୍ଷୀଠାରୁ ଆରମ୍ଭ କରି ମନୁଷ୍ୟ ସମସ୍ତେ ପାଣି ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି। ନଈ, ନାଳ, ପୋଖରୀ ଶୁଖିଲା ଯୋଗୁ ଘରକୁ ଘର ପାଇପ ଯୋଗେ ପାଣି ଦିଆଯାଉଛି। ଏହି ପରିସ୍ଥିତିରେ ଲୋକେ କେବଳ ଏହି ପାଇପ ପାଣି ଭରସାରେ ରହିଛନ୍ତି। ତେବେ ଏହି ପାଇପ ଫାଟି ପାଣି ଅପଚୟ ହେଉଥିବାରୁ ଲୋକଙ୍କ ଘରକୁ କମ୍ ପରିମାଣରେ ପାଣି ଯାଉଛି। ଫଳରେ ସେମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଢୁଛି ତାତି, ଶୁଖୁଛି ବ୍ରାହ୍ମଣୀ

**ରାଉରକେଲା ଅଫିସ,୧୭।୪**

ସାରା ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିତ ତାପମାତ୍ରା ହୁ ହୁ ହୋଇ ବୃଦ୍ଧି ପାଉଛି। ରାଉରକେଲାରେ ମଧ୍ୟ ୪୦ଡିଗ୍ରୀ ପାରା ଅତିକ୍ରମ କରିସାରିଛି। ଫଳରେ ସକାଳ ୯ଟା ପରେ ଲୋକେ ଆଉ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ଅଂଶୁଘାତରୁ ବର୍ତ୍ତିବା ପାଇଁ ସଚେତନ କରାଯାଉଛି। ଶ୍ରମିକମାନଙ୍କୁ ସକାଳ ୧୧ଟା ପରେ କାମରୁ ନିବୃତ୍ତ ରହିବା ପାଇଁ ସତର୍କ ସୂଚନା ଜାରି ହୋଇଛି। ତଥାପି କିଛି ଅମାନିଆ ସତର୍କ ସୂଚନାକୁ ଉଲ୍ଲଂଘନ କରି ପ୍ରବଳ ଗ୍ରୀଷ୍ମରେ ଶ୍ରମିକମାନଙ୍କୁ କାମ କରାଉଥିବା ଦେଖିବାକୁ ମିଳୁଛି।



ବ୍ରାହ୍ମଣୀ ନଦୀ ଜଳସ୍ତର ହ୍ରାସ ପାଇ ବାଲିଶଯ୍ୟା ଦେଖାଯାଉଛି।

ଅନ୍ୟପଟେ ସ୍ମାର୍ଟସିଟିରେ ତାପମାତ୍ରା ୪୦ଡିଗ୍ରୀରୁ ତଳକୁ ଖସୁନାହିଁ। ଅତ୍ୟଧିକ ତାପମାତ୍ରା ଯୋଗୁ ସହରର ମୁଖ୍ୟ ଜୀବନଧାରା ବ୍ରାହ୍ମଣୀ ନଦୀ ଜଳସ୍ତର ମଧ୍ୟ କ୍ରମଶଃ ଶୁଖିବାକୁ ବସିଲାଣି। ନଦୀ ଜଳସ୍ତର ହ୍ରାସ ପାଇ ବାଲିଶଯ୍ୟା ଦେଖାଗଲାଣି। ଏହାର ପ୍ରଭାବ ସିଧାସଳଖ ସହରବାସୀଙ୍କ ଉପରେ ପଡୁଛି। ବାଲିରୁ ଉତ୍ପନ୍ନ ଉତ୍ତପ୍ତ ଗ୍ୟାସ ସହରର ତାପମାତ୍ରାକୁ ବୃଦ୍ଧି କରିବାରେ ଲାଗିଛି। ନଦୀର ଜଳଧାର ଶୁଖିଯିବାରୁ ନଈକୂଳିଆ ଲୋକେ ୩/୪ କିମି ନଦୀ ଗର୍ଭକୁ ଯାଇ ସ୍ନାନଶୌଚାଦି ହେଉଛନ୍ତି। ସହରର ୪୦ପ୍ରତିଶତ ଲୋକ ଦୈନିକ ବ୍ରାହ୍ମଣୀ ନଦୀରୁ ସେମାନଙ୍କ ଦୈନିକ କାର୍ଯ୍ୟ ତୁଲାଉଥିଲେ। ଜଳସ୍ତର ହ୍ରାସ ଯୋଗୁ ସେମାନଙ୍କ ଚିନ୍ତା ବଢିଯାଇଛି। ସହରର ଅନେକ ବସ୍ତିରେ ଘୋର ଜଳାଭାବ ମଧ୍ୟ ଦେଖାଦେଲାଣି। ଫଳରେ ଗୋପବନ୍ଧୁପାଲ୍ଲୀ, ମଧୁସୂଦନପାଲ୍ଲୀ, ମାଲଗୋଦାମ ବସ୍ତି, ଗାଡାଟୋଲି ବସ୍ତିରେ ମହାନଗର ନିଗମ ତରଫରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ଆରମ୍ଭ ହୋଇଛି।

# ସ୍କାଉଟ ମାଷ୍ଟର ଜନସନ ଖାଖା ପାଇଲେ ସର୍ଭିସ ଷ୍ଟାର ପୁରସ୍କାର

**ବଡ଼ଗାଁ,୧୭।୪(ଡି.ଏନ.ଏ.)**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଗାଇଡର ୩୭ତମ ରାଜ୍ୟ ପୁରସ୍କାର ଉତ୍ସବ ରାଜଭବନର ନୂଆ ଅଭିଷେକ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ୭୫୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ, ରୋଭର, ରେଞ୍ଜର, କବ୍ ବୁଲବୁଲ, ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ଯୋଗ ଦେଇଥିଲେ। ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର କାର୍ଯ୍ୟକୁ ବ୍ୟାପକ କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି, ବିଭିନ୍ନ ଜିଲାର ସ୍କାଉଟ ମାଷ୍ଟରମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍କାଉଟ, ଗାଇଡ, ରୋଭର, ରେଞ୍ଜର, କବ୍ ବୁଲ୍‌ବୁଲ୍‌ମାନଙ୍କୁ ରାଜ୍ୟପାଳ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସୁନ୍ଦରଗଡ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ମାଷ୍ଟର ଜନସନ ଖାଖାଙ୍କୁ ରାଜ୍ୟପାଳ ସର୍ଭିସ ଷ୍ଟାର ପୁରସ୍କାରରେ ସମ୍ମାନିତ କରିଥିଲେ। ଏହାସହ ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସ୍କାଉଟ ଗାଇଡ ଶିବିରକୁ ରାଜ୍ୟର ଶ୍ରେଷ୍ଠ ସ୍କାଉଟ ଗାଇଡ୍ ଶିବିର ଭାବେ ରାଜ୍ୟପାଳ ପୁରସ୍କୃତ କରିଥିବା ଜଣାପଡିଛି।

# ଆଦି ମହୋତ୍ସବ ଉଦ୍‌ଯାପିତ



ଆଦିବାସୀ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ରାଉରକେଲା ଅଫିସ,୧୭।୪**

ଆର୍‌ଏସ୍‌ପି ଓ ଟ୍ରାଇଫେଡ୍‌ର ମିଳିତ ସହଯୋଗରେ ୯ଦିନ ଧରି ଚାଲିଥିବା ଆଦିବାସୀ ସମ୍ପ୍ରଦାୟର ଐତିହ୍ୟ ଓ କଳାସଂସ୍କୃତି ଭରା ଆଦି ମହୋତ୍ସବ-୨୦୨୩ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି, ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି ଏବଂ ଟ୍ରାଇଫେଡ ଉପାଧ୍ୟକ୍ଷ ପି. କେ. କହଁର ସମ୍ମାନିତ ଅତିଥି ଭାବେ ଯୋଗଦାନ ଦେଇଥିଲେ। ମୁଖ୍ୟ ଅତିଥି ଟେଟେ ନିଜ ବକ୍ତବ୍ୟରେ ଆଦି ମହୋତ୍ସବ ଭଳି କାର୍ଯ୍ୟକ୍ରମ କଳା, ସଂସ୍କୃତି ଏବଂ ହସ୍ତତନ୍ତରେ ଆଦିବାସୀଙ୍କ ଅପାର ପ୍ରତିଭାକୁ ଉଜାଗର କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମାରୋହରେ ଏକ ଜିଲା ଏକ ସାମଗ୍ରୀ (ଓଡିଓପି)ର ଶୁଭାରମ୍ଭ ହୋଇଥିଲା। ଏଥିରେ ପୁରୀ ଜିଲାର ପଟ୍ଟଚିତ୍ର ପେନ୍‌ଟିଂ ଜିଆଇ ଓ ସୋନପୁର ଜିଲାର ବୋମକେଇ ଶାଢି କାରିଗରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ହସ୍ତଶିଳ୍ପ ଷ୍ଟଲ ଓ କାରିଗରମାନଙ୍କ ବ୍ୟତୀତ କାର୍ଯ୍ୟକ୍ରମରେ ସାନ୍ତାଳ, ଧରୁଆ, ପରଜା, ଓରାମ, କିସାନ, ପାଉଡି, ଭୂୟାଁ, ଡଙ୍ଗରିଆ କନ୍ଧ ଏବଂ କୁଟିଆ କନ୍ଧ ଭଳି ବିଭିନ୍ନ ଜନଜାତିର ପ୍ରାୟ ୧୪୦ଜଣ ଆଦିବାସୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶେଷରେ ଟ୍ରାଇଫେଡର ଆଞ୍ଚଳିକ ଅଧିକାରୀ ରାହୁଲ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଙ୍ଗରପାଲିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୧୭।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଟାଙ୍ଗରପାଲି ବ୍ଲକ ପରିସରରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ଜିଲାପାଳ ଡା. ପରାଗ ଗାଭାଲି ଓ ଏସ୍‌ପି ପ୍ରତ୍ୟୁଷ ଦିବାକର ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ସମୁଦାୟ ୬୯ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୫୦ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଅଭିଯୋଗ ରହିଥିଲା। ସେହିପରି ୧୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଗୁଡିକ ମଧ୍ୟରୁ ଆବାସ ଯୋଜନା, ରାସ୍ତାଘାଟ ମରାମତି ତଥା ଉନ୍ନତୀକରଣ, ଡ୍ରେନେଜ ସମସ୍ୟା, ଭତ୍ତା ଆଦି ରହିଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ସଦର ଉପ ଜିଲାପାଳ ଦାଶରଥି ସରାବୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀ ନାଏକ, ଟାଙ୍ଗରପାଲି ବିଡିଓ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସର୍ଗିପାଲିରେ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ

**ସୁନ୍ଦରଗଡ,୧୭।୪(ଡି.ଏନ.ଏ.)**

ଏନ୍‌ଟିପିସି ଦୁଲଙ୍ଗା ପକ୍ଷରୁ ସୋମବାର ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକସ୍ତରୀୟ ପ୍ରଧାନମନ୍ତ୍ରୀ ଟିବି ଫ୍ରି ଇଣ୍ଡିଆ ଅଭିଯାନ ଅଧୀନରେ ଏକ ମେଡିକାଲ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ଅଧୀନ ଏନଟିପିସି ୧ ବର୍ଷ ପାଇଁ ଲେଫ୍ରିପଡା ବ୍ଲକର ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ସହାୟତା ପ୍ରଦାନ କରିବ। ସମାଜରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ଲକ୍ଷ୍ୟ ହାସଲ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ ହୋଇଛି। ତିନିମାସ ମଧ୍ୟରେ ଏହି ଅଭିଯାନରୁ ୧୦୦ରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ଗ୍ରାମବାସୀ ତଥା ଜିଲା ପ୍ରଶାସନ ସାମାଜିକ ବିକାଶ ଦିଗରେ ଏନ୍‌ଟିପିସି ଦୁଲୁଙ୍ଗାର ଉଦ୍ୟମକୁ ପ୍ରଶଂସା କରିଛି।



କ୍ୟାମ୍ପରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

# ଓୟୁଏଟି କୁଳପତିଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

**ସୁନ୍ଦରଗଡ,୧୭।୪(ଡି.ଏନ.ଏ.)**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଗତ ଶନିବାର ସୁନ୍ଦରଗଡ଼ ଜିଲା କିରେଇ ସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଆସିଥିଲେ। ତାଙ୍କ ସହ ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ପ୍ରକଳ୍ପର ମୁଖ୍ୟ ଅନୁସନ୍ଧାନକାରୀ ଡ଼ଃ ସନତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ପାରମ୍ପରିକ ନୃତ୍ୟଗୀତରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ ସ୍ୱାଗତ କରିଥିଲେ। ପରେ ଅତିଥିମାନେ କେନ୍ଦ୍ର ପରିସରରେ ବୃକ୍ଷରୋପଣ କରିଥିଲେ। କୁଳପତି ଭାରତୀୟ କୃଷି କୌଶଳ ପରିଷଦର ପ୍ରଶିକ୍ଷାର୍ଥୀ (କ୍ଷୁଦ୍ର ଛତୁ ଉତ୍ପାଦକ) ଏବଂ କୃଷି ଉଦ୍ୟୋଗୀଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ସମସ୍ୟାର ସାମାଧାନ କରିଥିଲେ। ଏହି ଅବସରରେ ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ଯୁଗ୍ମ ନିର୍ଦ୍ଦେଶକ (ଅର୍ଥ) ଏବଂ ଆଟାରୀ କଲିକତାର ବିତ୍ତ ଅଧିକାରୀ ରାମଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ ଏବଂ ଉକ୍ତ କୃଷି ବିଜ୍ଞାନ କେନ୍ଦ୍ରକୁ ମିଳିଥିବା ଆର୍ଥିକ ଅନୁଦାନର ସମୀକ୍ଷା କରିଥିଲେ। ରବିବାର କୁଳପତି ଅନ୍ୟ ଅତିଥିମାନଙ୍କ ସହ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ପ୍ରଦର୍ଶନ କ୍ଷେତ୍ରକୁ ବୁଲି ଦେଖିଥିଲେ। ସେ ପୂର୍ବାହ୍ନ ୧୦ଟାରେ ଭାରତୀୟ କୃଷି ଗବେଷଣା ପରିଷଦର ଆର୍ଥିକ ଅନୁଦାନରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା କୃଷକ ନିବାସର ଭୂମିପୂଜନ ଉତ୍ସବରେ ଯୋଗଦେଇ ଭିତ୍ତିପ୍ରସ୍ତରର ସ୍ଥାପନ କରିଥିଲେ। ଏହାପରେ କୁଳପତି ଏକ ସମୀକ୍ଷା ବୈଠକରେ ଯୋଗଦେଇ ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ, ରିୱାର୍ଡ ପ୍ରକଳ୍ପ ଆଦିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡା ଓ ପୁଷ୍ଟିଶସ୍ୟ ଉତ୍କର୍ଷ କେନ୍ଦ୍ରର ଉନ୍ନତି ନିମନ୍ତେ ଗଠନମୂଳକ ଉପଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ଲକ୍ଷ୍ମୀପ୍ରିୟା ପ୍ରଧାନ, ଡ଼ଃ ମାନସୀ ଭୋଳ, ଡ଼ଃ ସମୀର ରଞ୍ଜନ ଦାଶ, ଡ଼ଃ ସଞ୍ଜୀବ ବିଶ୍ୱାସୀ, ବୈଜ୍ଞାନିକ ଡ଼ଃ ମନୋଜ କୁମାର ଜେନା, ଡ଼ଃ ଦ୍ୱିବେନ୍ଦୁ ମଣ୍ଡଳ, ଡେଭିଡ ଜେମ୍‌ସ ବାଗେ, ମନୋଜ କୁମାର ବାରିକ, ଡ଼ଃ ଜୟନ୍ତ କୁମାର ପତି ଉପସ୍ଥିତ ଥିଲେ। କେନ୍ଦ୍ରର ମୁଦାଡ଼ା ଦିବ୍ୟନାଥ, ଅରୁଣ କୁମାର ମିଶ୍ର, କମଳଲୋଚନ ମହାନ୍ତ, ରିଷିକେଶ ସାହୁ, ଜିତେନ୍ଦ୍ର କୁମାର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।



କୁଳପତି କୃଷିବିଜ୍ଞାନ କେନ୍ଦ୍ର ପରିସରରେ ବୃକ୍ଷଚାରା ରୋପଣ କରୁଛନ୍ତି।

## ବେକରେ ରଶି ଦେଇ ମହିଳାଙ୍କ ଆତ୍ମହତ୍ୟା

**ଲହୁଣୀପଡା,୧୭।୪(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଲମସି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସୁକାନ୍ତୀ ପାତ୍ର (୪୨)। ସୁକାନ୍ତୀ ଘରେ କେହି ନ ଥିବାର ସୁଯୋଗ ନେଇ କୌଣସି କାରଣରୁ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସୋମବାର ସକାଳୁ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସ୍ୱଚ୍ଛତା ପାଇଁ ପୁରସ୍କାର ଅଭିଯାନ

**ରାଉରକେଲା ଅଫିସ,୧୭।୪**

ଆର୍‌ଏସ୍‌ପି ପକ୍ଷରୁ ଷ୍ଟିଲ ଟାଉନସିପ୍ ଓ ଏହା ପାର୍ଶ୍ୱବର୍ତ୍ତୀ ବସ୍ତିମାନଙ୍କୁ ସଫାସୁତୁରା ରଖିବା ଦାୟିତ୍ୱରେ ଥିବା କର୍ମଚାରୀ ଓ ଏନ୍‌ଜିଓର ସଦସ୍ୟମାନଙ୍କୁ ସ୍ୱଚ୍ଛତା ପୁରସ୍କାର ପ୍ରଦାନ କରାଯାଇଛି। କାରଖାନାର ଟାଉନ ଇଞ୍ଜିନିୟରିଂ ହଲରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସହର ପ୍ରଶାସନ ବିଭାଗର ସିଜିଏମ୍ ପି. କେ. ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ।ସହର ଇଞ୍ଜିନିୟରିଂ ବିଭାଗର ମହାପ୍ରବନ୍ଧକ ଇନ୍‌ଚାର୍ଜ ବି. କେ. ଜୋଜୋ, ନୂତନ ପ୍ଲେଟ ମିଲ୍ ବିଭାଗର ମହାପ୍ରବନ୍ଧକ ନୀଳମଣି ମହାପାତ୍ର, ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡାକ୍ତର ଦୀପା ଲାଭଙ୍ଗରେଙ୍କ, ଆଇଇଡି ବିଭାଗ ଏଜିଏମ୍ ବି. କେ. ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ସେକ୍ଟର ଅଞ୍ଚଳ, ମାର୍କେଟ ପରିସର, ରାସ୍ତାଘାଟ, ସହରର ବିଭିନ୍ନ ଗଳି ଓ ବସ୍ତି ଅଞ୍ଚଳରେ ସଫେଇରେ ସଚେତନ ଓ ଅଂଶଗ୍ରହଣ କରୁଥିବା କର୍ମଚାରୀଙ୍କୁ ଏହି ପୁରସ୍କାର ଦିଆଯାଇଛି। ଆରଏସ୍‌ପି ଏସ୍‌ଏମ୍‌ଏସ୍-୨ରେ କାର୍ଯ୍ୟରତ ଥିବା ବସନ୍ତ କୁମାର ସାମଲଙ୍କ ଦ୍ୱାରା ପରିଚାଳିତ ଦଳକୁ ଚାମ୍ପିୟନ ଆଖ୍ୟା ଦିଆଯିବା ସହ ୫୦ହଜାର ଟଙ୍କା, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୨୦୨୨-୨୩ ଅର୍ଥିକ ବର୍ଷର ଚତୁର୍ଥ ତ୍ରୟୋମାସରେ ଦିଲୀପ କୁମାର ବାରିକଙ୍କ ଦ୍ୱାରା ପରିଚାଳିତ ଏନଜିଓ ହୋପ୍ ଅଫ୍ ଲାଇଫ୍‌କୁ ମଧ୍ୟ ବିଜେତା ଘୋଷିତ କରାଯାଇଛି।



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ତାଲିମ ନେଲେ ୨୦ ମହିଳା ଚାଷୀ

## ପାଳଛତୁ ପ୍ରଶିକ୍ଷଣ କର୍ମଶାଳା

**ରାଉରକେଲା ଅଫିସ,୧୭।୪**

ରାଉରକେଲା ସହକାରୀ ଉଦ୍ୟାନ ଅଫିସ ସଭାଗୃହରେ ସୋମବାର ପାଳଛତୁ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶଶଳାରେ ଲାଠିକଟା, ନୂଆଗାଁ, ବିଶ୍ରା ଏବଂ କୁଆଁରମୁଣ୍ଡାର ୨୦ଜଣ ମହିଳା ଚାଷୀ ପ୍ରଶିକ୍ଷଣ ନେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ମାନସୀ ଭୋଳ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୟ କୁମାର ପଧାନ ଏବଂ ରୋଗପୋକ ବୈଜ୍ଞାନିକ ସମରେନ୍ଦ୍ର ବରାଳ ପ୍ରମୁଖ ଯୋଗଦେଇ ମହିଳାଙ୍କୁ ପାଳଛତୁ ଭିତ୍ତିକ ଜ୍ଞାନକୌଶଳ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ବୈଜ୍ଞାନିକ ସଞ୍ଜୟ କୁମାର ରାଉତ, ସମ୍ପ୍ରସାରଣ ବୈଜ୍ଞାନିକ ଜୟନ୍ତ କୁମାର ପତି ଛତୁଚାଷରେ କମ୍ ଖର୍ଚ୍ଚରେ ବେଶୀ ରୋଜଗାର କିଭଳି ହୋଇପାରିବ ସେ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଅନୁଭା କୁଜୁର ମହିଳା ଚାଷୀଙ୍କୁ ପାଳଛତୁ ଚାଷ କରିବା ସହଜ ପ୍ରଣାଳୀ ଡେମୋ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଜେ. ଏସ୍. ପ୍ରିୟଦର୍ଶନୀ ପାଳଛତୁ ଚାଷ କରି ସ୍ୱାବଲମ୍ବୀ ହେବା ପାଇଁ କହିଥିଲେ। ଅତିଥିମାନେ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମିଶନ ଶକ୍ତି ଓ ଉଦ୍ୟାନ ବିଭାଗ ଆନୁକୂଲ୍ୟରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଚଳିତ ଆର୍ଥିକ ବର୍ଷରେ ଚିହ୍ନଟ କରାଯିବା ସହ ଜାତୀୟ ଉଦ୍ୟାନ କୃଷି ମିଶନ ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ। ଏହାପରେ ପାଳଛତୁ ଚାଷ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିଗଣ।

# ଜୀବିକା ଦେଲା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

**ସୁନ୍ଦରଗଡ,୧୭।୪(ଡି.ଏନ.ଏ.)**



- ୧୩ ବନ ସୁରକ୍ଷା ସମିତି ପକ୍ଷରୁ ୧୦୨ ଏକରରେ ହୋଇଛି ଟମାଟୋ ଚାଷ
- ଉତ୍ପାଦନ ହେଲାଣି ୧୫୫୦ କୁଇଣ୍ଟାଲ, ଅମଳ ହେବ ୨୦୦ କୁଇଣ୍ଟାଲ

ସୁନ୍ଦରଗଡ ଜିଲାର ମାଟି, ପାଣି, ପବନ ଟମାଟୋ ଚାଷ ପାଇଁ ଉତ୍କୃଷ୍ଟ। ଏହି ବ୍ୟବସାୟିକ ଟମାଟୋ ଚାଷ ପାଇଁ ଅଳ୍ପ ସଂଖ୍ୟକ ଚାଷୀ ଇଚ୍ଛା ପ୍ରକାଶ କରିଥାନ୍ତି। କିଛି ବର୍ଷ ତଳେ ଟମାଟୋ ଚାହିଦା ପୂରଣ କରିବା ନିମନ୍ତେ ପଡୋଶୀ ରାଜ୍ୟ ଛତିଶଗଡ ଉପରେ ଲୋକେ ନିର୍ଭର କରୁଥିଲେ। ତେବେ ଟମାଟୋ ଚାଷରେ ସୁନ୍ଦରଗଡ଼ ଅଞ୍ଚଳର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସାଙ୍ଗକୁ ସ୍ଥାନୀୟ ବଜାରରେ ରୋଜଗାରର ଏକ ନିଶ୍ଚିତ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହୋଇଛି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ। ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମାଧ୍ୟମରେ ଚାଷୀମାନେ ଆନ୍ତଃ ବିଭାଗୀୟ ସଂଯୋଗୀକରଣ ଦ୍ୱାରା ଟମାଟୋ ଚାଷ କରିବା ସହ ଟନ ଟନ ଉତ୍ପାଦନ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ଏହି ଚାଷ କରି ଉଦାହରଣ ସାଜିଛନ୍ତି ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜ୍ୱଳପୁର କ୍ଷେତ୍ର ପରିଚାଳନା ଏକକର ବନ ସୁରକ୍ଷା ସମିତିର ସଦସ୍ୟମାନେ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ସହଯୋଗୀ ଅନୁଷ୍ଠାନ ସେବକ ଦ୍ୱାରା ବିଭିନ୍ନ ପନିପରିବା ଚାଷ ନିମନ୍ତେ ବିଗତ ୩ ବର୍ଷ ହେଲା କ୍ଲଷ୍ଟର ନିର୍ମାଣ କରାଯାଇଛି। ଚଳିତବର୍ଷ ଉଜ୍ଜ୍ୱଳପୁର କ୍ଷେତ୍ର ପରିଚାଳନା ଏକକର ୧୩ଟି ବନ ସୁରକ୍ଷା ସମିତିର ୨୧୫ ଜଣ ଚାଷୀ ଟମାଟୋ ଚାଷରେ ସଫଳତା ହାସଲ କରିଛନ୍ତି। କତ୍ରା-ବୁଡାବାହାଲ, ଲିମ୍ କନକଜୋରା-ଚାରପଡା, ପଟେଲପଡା, ଗମ୍ଭାରି ଦେଓଭୁବନପୁର, କୁର୍ଲୁଟୁଙ୍ଗରି, ଧୁବେନଦାଣ୍ଡ, ଟାଙ୍ଗରଜୋର, ବ୍ରାହ୍ମଣମରା, ତିଲକେନ୍ଦୁ ଓ ବେହେରା ବନ ସୁରକ୍ଷା ସମିତିର ଉକ୍ତ ଆଦିବାସୀ ଚାଷୀ ଗତ ୪ ମାସରେ ୧୦୨ ଏକର ଜମିରେ ଟମାଟୋ ଚାଷ କରିଛନ୍ତି। ସେମାନେ ଏପର୍ଯ୍ୟନ୍ତ ୧୩୩୮ କୁଇଣ୍ଟାଲ ଟମାଟୋ ବିକ୍ରି କରି ୧୫ ଲକ୍ଷ ୩୮ ହଜାର ୬ ଶହ ଟଙ୍କା ରୋଜଗାର କଲେଣି। ଆହୁରି ୨୦୦ କୁଇଣ୍ଟାଲରୁ ଅଧିକ ଟମାଟୋ ଅମଳ ହେବ ବୋଲି ସୂଚନା ଦେଉଛନ୍ତି ଉଜ୍ଜ୍ୱଳପୁର କ୍ଷେତ୍ର ପରିଚାଳନା ଏକକର ଟିମ୍ ଲିଡର ଦିଗମ୍ବର ଉପାଧ୍ୟାୟ। ଚାଷୀଙ୍କ ଉତ୍ପାଦିତ ଫସଲ ଉପଯୁକ୍ତ ମୂଲ୍ୟରେ ବିକ୍ରି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ପରିଚାଳିତ 'ବସୁଧା କୃଷି ଉତ୍ପାଦକ କମ୍ପାନୀ' ଓ 'ଛେଦଲଗନ କୃଷି ଉତ୍ପାଦକ କମ୍ପାନୀ'କୁ ସାମିଲ କରାଯାଇଛି। ସାନପତ୍ରାପାଲି ବନ ସୁରକ୍ଷା ସମିତିର ଯୁବ ଚାଷୀ ରବି ଓରାମ କହିଛନ୍ତି, ଗତବର୍ଷ ଧାନ ଚାଷରେ ଚାଷୀକୁଳ ମରୁଡ଼ିର ସମ୍ମୁଖୀନ ହୋଇଥିବାବେଳେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ଏକାଭିମୁଖୀତା କାର୍ଯ୍ୟକ୍ରମ ଗରିବ ଆଦିବାସୀ ଚାଷୀଙ୍କ ମୁହଁରେ ହସ ଫୁଟାଇବା ସହ ଏକ ଚିରସ୍ଥାୟୀ ଜୀବିକାର ସନ୍ଧାନ ଦେଇଛି।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗ, ଯୁବକ ଗିରଫ

**ଖପ୍ରାଖୋଲ, ୧୭।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଗୁଣ୍ଡୁରୁପାଲି ଗାଁରୁ ବାଇକ ଚୋରି ଅଭିଯୋଗରେ ସୋମବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗାଁର ସରୋଜ ସରାଫ(୩୦)। ଅଭିଯୋଗ ଅନୁସାରେ ଗୁଣ୍ଡୁରୁପାଲି ଗାଁର ଜଗନ୍ନାଥ ନିଆଲ ତାଙ୍କ ବାଇକକୁ ଘର ପାଖରେ ରଖିଥିଲେ। ରବିବାର ସନ୍ଧ୍ୟାରେ ଜଣେ ଯୁବକ ବାଇକକୁ ଚୋରିକରି ନେଉଥିବା ଦେଖି ପଡୋଶୀମାନେ ପାଟି କରିଥିଲେ। ସେଠାରେ ଲୋକେ ଚୋରକୁ କାବୁ କରି ଖପ୍ରାଖୋଲ ପୋଲିସ ଜିମା ଦେଇଥିଲେ। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୫୨/୨୩) ରୁଜୁ କରି କରାଯାଇଥିବା ଥାନା ଏସଆଇ ଗୋପିନାଥ ମହାକୁଡ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତଙ୍କ ନାମରେ ଏକାଧିକଚୋରି ମାମଲା ରହିଛି।

### ବଙ୍ଗାଳୀ ସମାଜ ପାଳିଲା ନୂଆବର୍ଷ

**ଟିଟିଲାଗଡ଼, ୧୭।୪(ଡି.ଏନ.ଏ.):** ଟିଟିଲାଗଡ଼ ସହରରେ ବଙ୍ଗାଳି ସମାଜ ନୂଆବର୍ଷ ପାଳନ ହୋଇଯାଇଛି। ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ସମାଜ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସହରର ସମସ୍ତ ବଙ୍ଗାଳି ପରିବାର ଏକତ୍ରିତ ହୋଇଥିଲେ। ବାପି ବୋଷଙ୍କ ଦ୍ୱାରା ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଙ୍ଗାଳି କବିତା ପାଠ, ନୃତ୍ୟ ପରିବେଷଣ, ଗୀତ ଗାନ କରି ନୂତନବର୍ଷ ପାଳନ କରିଥିଲେ। ଆସନ୍ତାବର୍ଷ ପାଳନ ହେବାକୁ ଥିବା ସମାଜ ରୌପ୍ୟ ଜୟନ୍ତୀକୁ ଯୋର୍‌ଦାର ଆୟୋଜନ କରାଯିବ ବୋଲି ସଭାପତି କହିଥିଲେ। ଏହି ଅବସରରେ କୃତୀ ପିଲାଙ୍କୁ ସମାଜସେବୀ ବିନ୍ଦୁ ସାହୁ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବଙ୍ଗାଳି ସମାଜର ବରିଷ୍ଠ ସଦସ୍ୟ କାଳୀ ପ୍ରସାଦ ମୁଖାର୍ଜୀ, ଭୋଲା ସରକାର, ଦୀପକ ସମାଦାର, ସୁଧୀର ଦାସ ପ୍ରମୁଖ ଆୟୋଜନ କରିଥିଲେ।

### ଯୁବକଙ୍କ ଅକାଳ ବିୟୋଗ

**କୋକସରା,୧୭।୪(ଡି.ଏନ.ଏ):** କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ଜଣେ ମେଳାପୀ, ପରୋପକାରୀ ଯୁବକ



ଶତ୍ରୁଘ୍ନ ଠାକୁରଙ୍କ ମାତ୍ର ୪୨ ବୟସରେ ଅକାଳ ବିୟୋଗ ହୋଇଛି। କୋକସରା ଗ୍ରାମର ସ୍ୱର୍ଗତ ପବିତ୍ର ମୋହନ ଠାକୁରଙ୍କ ସାନପୁଅ ଶତ୍ରୁଘ୍ନ ମ.ରାମପୁର ଷ୍ଟେଟ ବ୍ୟାଙ୍କ ଅଧିକାରୀ ଭାବେ ଅବସ୍ଥାପିତ ଥିଲେ। ଗତକିଛି ମାସ ହେବ ସେ ଯକୃତ ଜନିତ ରୋଗରେ ପିଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତେବେ ସୋମବାର ସକାଳ ୬ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରିବା ପରେ ଗାଁ ମଶାଣିରେ ଶବ ସତ୍କାର କରାଯାଇଛି। ତେବେ ଜଣେ ବ୍ୟାଙ୍କ ଅଧିକାରୀ ରହି ମଧ୍ୟ ଅନେକ ସମୟରେ ଲୋକଙ୍କ ସୁଖଦୁଃଖରେ ସାହାଯ୍ୟର ହାତ ବଢ଼ାଉଥିଲେ। ତାଙ୍କର ଏହି ଅକାଳ ବିୟୋଗରେ କୋକସରା ଅଞ୍ଚଳର ଚିହ୍ନା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

# ପଦା ହେଉଛି ସୁଲିଆ ସଂରକ୍ଷିତ ଜଙ୍ଗଲ

**ଭବାନୀପାଟଣା,୧୭।୪(ସ୍ୱ.ପ୍ର)**

ପରିବେଶ ସୁରକ୍ଷାରେ ଜଙ୍ଗଲର ଭୂମିକା ଅତୁଳନୀୟ। ଜଙ୍ଗଲ ଆର୍ଥିକ, ସାମାଜିକ, ଔଦ୍ୟୋଗିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଦିନକୁ ଦିନ କ୍ଷୟ ହେବାରେ ଲାଗିଛି ଜଙ୍ଗଲ ସମ୍ପଦ। କେଉଁଠି ଜଙ୍ଗରେ ନିଆଁ ବଡ ବଡ ଗଛ ଜଳି ଗଲାଣି ତ ଆଉ କେଉଁଠି ଜଙ୍ଗଲରୁ ଗଛ କାଟି ସଫା କରି ଦେଉଛନ୍ତି କାଠ ବ୍ୟବସାୟୀ, କାଠ ଚୋର। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ବଣଜଙ୍ଗଲ ଘେରା କଳାହାଣ୍ଡି ଜିଲାର ଉତ୍ତର ବନଖଣ୍ଡରେ ଥିବା ସୁଲିଆ ସଂରକ୍ଷିତ ଜଙ୍ଗଲରେ। କାଠ ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁ ଏହି ଜଙ୍ଗଲ ଏବେ ପଦା ହେବାକୁ ବସିଲାଣି। ଗତ କିଛି ଦିନ ଏହି ଜଙ୍ଗଲର ତେରେ ନାମ ଘାଟି ରାସ୍ତାର ୨ ପାର୍ଶ୍ୱରେ ଅନେକ ଗଛ କଟାଯାଇଥିବା ଦେଖିବାକୁ ମିଳିଛି। କିଏ ଏହି ଗଛ କାଟିଲା ସେନେଇ ବନ ବିଭାଗ ପାଖରେ ଖବର ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ପ୍ରକାଶ ଯେ, ୧୫୩୯ ବର୍ଗ କିଲୋମିଟର ଓ ୫ଟି ରେଞ୍ଜକୁ ନେଇ ଗଠିତ ଜିଲାର ଉତ୍ତର ବନଖଣ୍ଡ । ୫ଟି



ଜଙ୍ଗଲରୁ ଗଛ କଟା ହେଲା ପରେ ପଦା ଦିଶୁଛି।

ରେଞ୍ଜରେ ୨୦୦ରୁ ଊର୍ଦ୍ଧ୍ୱ ଭିଏସଏସ ଟିମ ଓ ପ୍ରାୟ ୩୦୦ ବନ କର୍ମଚାରୀ ଏହି ବନ ବିଭାଗରେ କାର୍ଯ୍ୟରତ ଥିବା ବେଳେ ଜଙ୍ଗଲକୁ ସୁରକ୍ଷା ଦେବାରେ ଫେଲ ମାରିଛି ବିଭାଗ। ଫଳରେ ଏକର ଏକର ଜଙ୍ଗଲ ଜମିରେ ଥିବା ଗଛ ସବୁକୁ କାଟି ସଫା କରି ଦିଆଯାଇଛି। ଘାଟିରେ ଥିବା ଲକ୍ଷାଧିକ ସଂଖ୍ୟାରେ ଗଛ କଟା ଯାଇଥିବା ଦେଖିବାକୁ ମିଳିଛି । ହେଲେ କିଏ ଏ ଗଛ କାଟିଛି ତାହା ବନ ବିଭାଗ ପାଖରେ ଖବର ନାହିଁ। କେବଳ ଏ ଗୋଟିଏ ଅଞ୍ଚଳ ନୁହେଁ ବରଂ ଘାଟିରେ ଥିବା ପାଖାପାଖି ୧୦ କିଲୋମିଟର ପରିସୀମା ମଧ୍ୟରେ ଥିବା ସମସ୍ତ ଗଛ କଟା ଯାଇଥିବା ଦେଖିବାକୁ ମିଳିଛି। ଜିଲାରେ ଦିନକୁ ଦିନ କାଠମାଫିଆଙ୍କ ଉତ୍ପାତ ବୃଦ୍ଧି ପାଇଥିଲେ ହେଁ ବନ ବିଭାଗର ଅପାରଗତା ଯୋଗୁ ବିପଦରେ ପଡ଼ିଛି ଜଙ୍ଗଲ ସମ୍ପଦ। ଠିକ ଭାବରେ ବନ ବିଭାଗ ପକ୍ଷରୁ ରାତ୍ରି ପାଟ୍ରୋଲିଂ କରାଯାଉ ନ ଥିବା ଯୋଗୁ ଏଭଳି ଗଛ କଟା ଚାଲିଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ପୋଡୁ ଚାଷ ପାଇଁ ଜଙ୍ଗଲ କ୍ଷୟ ହେଉଥିବା ବନ ବିଭାଗ କହୁଥିବା ବେଳେ ସାଧାରଣ ଲୋକଙ୍କ

### ବିପଦରେ ସବୁଜିମା, ବେଫିକର ବନବିଭାଗ

ମଧ୍ୟରେ ସଚେତନତା ଅଭାବ ଓ ଜଙ୍ଗଲ ବିଭାଗର ଉଦାସୀନ ମନୋଭାବ ଯୋଗୁ ପ୍ରାୟ ଧ୍ୱଂସାଭିମୁଖୀ ଏହି ଜଙ୍ଗଲ ସମ୍ପଦ। କେତେବେଳେ ଜଙ୍ଗଲରେ ନିଆଁ ଲାଗୁଛି ତ ଆଉ କେତେବେଳେ ମଣିଷ କାଟି ନେଉଛି ବିଶାଳକାୟ ବୃକ୍ଷ। ଅନ୍ୟପଟେ ବନ୍ୟପ୍ରାଣୀ ଶିକାର ହେଉଥିବା ନେଇ ମଧ୍ୟ ନଜିର ରହିଛି। ପ୍ରଶାସନର ସବୁ ନିଷ୍ପତି ସତ୍ତ୍ୱେ ଆଜି ଅସୁରକ୍ଷିତ ହୋଇପଡ଼ିଛି ଜଙ୍ଗଲ। ପରିବେଶ ସନ୍ତୁଳନ ରକ୍ଷା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଏବଂ ପୁରୁଣା ଜଙ୍ଗଲର ସୁରକ୍ଷା ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ନା ବଞ୍ଚୁଛି ନୂଆ ବୃକ୍ଷ, ନା ସୁରକ୍ଷା ପାଉଛି ପୁରଣା ଜଙ୍ଗଲ। ଏହି ସବୁ ସଙ୍ଗୀନ ଅଭିଯୋଗ ବନବିଭାଗର କାର୍ଯ୍ୟକୁ ନେଇ ସୃଷ୍ଟି କରିଛି ତମାମ ପ୍ରଶ୍ନ। ଏନେଇ ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ରଙ୍କୁ ପଚାରିବାରୁ ଏ ବିଷୟରେ ଗଣମାଧ୍ୟମରୁ ଖବର ପାଇବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି।

# ବିଜୁବାବୁଙ୍କ ତିରୋଧାନ ଦିବସରେ ରୋଗୀଙ୍କୁ ଫଳ ବାଣ୍ଟିଲେ ବିଧାୟକ



ବିଧାୟକ ରୋଗୀମାନଙ୍କ ସହ ଆଲୋଚନା କରୁଛନ୍ତି।

**କୋକସରା,୧୭।୪(ଡି.ଏନ.ଏ)**

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସକୁ ଓଡିଶାର ବିଜୁ ପ୍ରେମୀ ଓ ବିଜେଡି ନେତୃବୃନ୍ଦ ପାଳନ କରିଛନ୍ତି। ଏହି ଅବସରରେ କୋକସରା ବିଜେଡି କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଧର୍ମଗଡ଼ ବିଧାୟକ ମୋଷଧି ବାଗ। ପରେ ବିଧାୟକ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭେଟି ଫଳବଣ୍ଟନ କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହ ବ୍ଲକ ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ପଞ୍ଚକ ପୋଡ଼, ଛାତ୍ର ଜନତା ଦଳ ସଭାପତି ମାନସ ବେହେରା, ପ୍ରମୋଦ ପ୍ରଧାନୀ, ମହେଶ ଗୁପ୍ତା, ବିଶ୍ୱନାଥ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ଚିନିଲାଲ ବାଗ ଓ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

# ଲଛମନ ପ୍ରଗଣିଆଙ୍କ ୯୭ତମ ଜୟନ୍ତୀ



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

**ମୁରିବାହାଲ, ୧୭।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଟୁପାଉଡାର ଗ୍ରାମର ପ୍ରଗଣିଆ ପଡାରେ ବିଶିଷ୍ଟ କବି, ଲେଖକ ଓ କଳାକାର ଲଛମନ ପ୍ରଗଣିଆଙ୍କ ୯୭ତମ ଜନ୍ମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ପ୍ରଗଣିଆ ସମାଜ ଆୟୋଜିତ କାର୍ଯ୍ୟକ୍ରମରେ ଧନସିଂ ପ୍ରଗଣିଆଙ୍କ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜ୍ୟୋତିଷ ବିଶାରଦ ମିନିକେତନ ଯାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଇଗା ଜନଜାତିର ବିଶିଷ୍ଟ ଆଶୁକବି, ଜ୍ୟୋତିଷ ବିଶାରଦ ସ୍ୱର୍ଗତ ଲଛମନ ପ୍ରଗଣିଆଙ୍କ କର୍ମମୟ ଜୀବନ ଓ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ମତ ରଖିଥିଲେ। ସମ୍ମାନୀତ ଅତିଥିଭାବେ ନର୍ଲା ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଗଗନ ବିହାରୀ ସା, ମୁରିବାହାଲ ବ୍ଲକ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ କମଳିନି ଯାନୀ, ବନବାସୀ କଲ୍ୟାଣ ଆଶ୍ରମ ସଦସ୍ୟ ଦେବରାଜ ବର୍ଗତ୍ତି, ଲକ୍ଷ୍ମୀଧର ମାଝି, ଲିଙ୍ଗରାଜ ଯାନୀ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ କନ୍ଧ ସଂସ୍କୃତି ଗବେଷକ ମେଦିନୀଧର ଯାନୀ ଯୋଗଦେଇ ଲଛମନ ପ୍ରଗଣିଆଙ୍କ ବହୁମୁଖୀ ପ୍ରତିଭାର ଅବତାରଣ କରିଥିଲେ। ଲଛମନଙ୍କ ସାହିତ୍ୟ କୃତୀ ତାଙ୍କୁ ସବୁଦିନ ପାଇଁ ମନେ ପକାଇବ ବୋଲି କହିଥିଲେ। ଆଗାମୀ ଦିନରେ ଜନ୍ମ ମାଟି ଟୁପାଉ ପ୍ରଗଣିଆ ପଡାରେ ଲଛମନଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# ଯୁଗ୍ମ ଜନଶୁଣାଣି ଶିବିର

**କୋକସରା,୧୭।୪(ଡି.ଏନ.ଏ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତରେ ଯୁଗ୍ମ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଜନ ସାଧାରଣଙ୍କୁ ଦୁଆର ମୁହଁରେ ସେବା, ସମସ୍ୟାର ସମାଧାନ ପାଇଁ ଏହି ଶିବିର ଆୟୋଜନ କରାଯାଉଛି। ମୋଟେର ସରପଞ୍ଚ ବାସନ୍ତୀ ନାଏକଙ୍କ ଅଧ୍ୟକ୍ଷତାରେ ଶିବିର ହୋଇଥିଲା। କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଜିପିଓ ନାରାୟଣ ଭୋଇ, ସମିତି ସଭ୍ୟା ଉଆଁସୀ ପାନ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା କର୍ମଚାରୀ ସୌନ୍ଦର୍ଯ୍ୟ ନାଏକ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପିଇଓ ବିରଞ୍ଚି ଖର୍ସେଲ ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଷୋହଳପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

**ଖଡ଼ିଆଳ,୧୭।୪(ଡି.ଏନ.ଏ)**

ଜ୍ୟେଷ୍ଠ କୃଷ୍ଣପକ୍ଷ ତୃତୀୟା ମଇ ୭ ରୁ ୧୦ ତାରିଖ ପର୍ଯ୍ୟନ୍ତ ନୂଆପଡା ଜିଲା ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଷୋହଳ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏଥିପାଇଁ ଯଜ୍ଞ ପାଳନ କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋର୍ ଚାଲିଛି। ଏହାର ପ୍ରଥମ ପର୍ଯ୍ୟାୟ ସ୍ୱରୂପ ସୋମବାର ଶୁଭଖମ୍ବ ସ୍ଥାପନ କରାଯାଇଛି। କର୍ତ୍ତା ଦାୟୀତ୍ୱ ନିର୍ବାହ କରିବା ପାଇଁ ମନୋନୀତ ହୋଇଥିବା ହୃଷିକେଶ ବନଛୋର ଏବଂ ତାଙ୍କ ସହଧର୍ମଣୀ ଗୌରୀ ବନଛୋର ଉପସ୍ଥିତ ରହି ପୁରୋହିତଙ୍କ ପ୍ରଥା ଓ ପରମ୍ପରା ଅନୁସାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କଲା ପରେ ଶୁଭଖମ୍ବ ସ୍ଥାପନ କରାଯାଇ ପରେ ପ୍ରହରୀମଣ୍ଡପ ନିର୍ମାଣ କାର୍ଯ୍ୟର ଆରମ୍ଭ କରାଯାଇଥିଲା। ଏହି ନାମଯଜ୍ଞରେ ନୂଆପଡା ଜିଲା ସମେତ ପଡୋଶୀ କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲାର ବଛାବଛା ୮ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରଦ୍ଧାଳୁଙ୍କ ଦର୍ଶନଠୁ ଆରମ୍ଭ କରି ଅନ୍ନଭୋଗ ପ୍ରଦାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି କମିଟି ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ବନଛୋର ଏବଂ ସମ୍ପାଦକ ଚମ୍ପେଶ୍ୱର ବନଛୋର ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ ପ୍ରାଧାପକଙ୍କୁ ସମ୍ବର୍ଦ୍ଧନା

**ବୋଡେନ, ୧୭।୪ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଜଣ ଅବସରପ୍ରାପ୍ତ ପ୍ରାଧାପକ ରବିରଞ୍ଜନ ପ୍ରଧାନ ଓ ପ୍ରାଧାପକ ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୂର୍ବତନ ଛାତ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନରେନ୍ଦ୍ର ନାଗଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ହେମକାନ୍ତି ଦୁରିଆ, ଶ୍ରୀକାନ୍ତ ସିଂ ମାଝୀ, ଶିକ୍ଷକ ଗଜରାଜ ବୈଠାରୁ, ବୈଷ୍ଣବ ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ଛାତ୍ରୀଛାତ୍ର ଦିଲୀପ ଦଣ୍ଡସେନା, ଗଣେଶ ଦଣ୍ଡସେନା, ପରଦେଶୀ ଦୁରିଆ, ସୁଦୁରିଆ, ଭୂପତି ଦୁରିଆ, ରମେଶ ଧରୁଆ ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରାଧାପକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ସେବା ମନୋଭାବକୁ ପରିବର୍ଦ୍ଧିତ କରିବାକୁ ଆହ୍ୱାନ

### ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ

**ଭବାନୀପାଟଣା,୧୭।୪(ସ୍ୱ.ପ୍ର.)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଭବାନୀପାଟଣାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଆରମ୍ଭରେ ଭବାନୀପାଟଣା ସହରରେ ଥିବା ରାଧାକୃଷ୍ଣ ମନ୍ଦିର ପୋଖରୀରେ ପ୍ରଥମେ ସାମୂହିକ ତିଳତର୍ପଣ ଦାନ କରାଯାଇଥିଲା। ପରେ ମେଡ଼ିକାଲ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ସମୟରେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପୌର ଅଧ୍ୟକ୍ଷା ସଂଯୁକ୍ତା ବେହେରା, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ବିଧାୟକ ଅନାମ ନାଏକଙ୍କ ସମେତ ସମସ୍ତ ନେତା ଓ କର୍ମୀ ସାମିଲ ହୋଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାସହ ନିଜ ଅଞ୍ଚଳକୁ ଏକ ବିକଶିତ ଅଞ୍ଚଳ କରିବା ସହ ଦଳର ଏକ ଶୃଙ୍ଖଳିତ ସଦସ୍ୟ ଭାବରେ କାର୍ଯ୍ୟ କରିବା ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ପୂରଣ କରିବା ଓ ନୂତନ ବିକଶିତ ଓଡିଶା ଗଠନ ନେଇ ଶପଥ ନେଇଛନ୍ତି ବିଜେଡି ନେତା ଓ କର୍ମୀ। ଏହି ଅବସରରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଯେ ଆମ ଇତିହାସ ବିଜୁ ବାବୁଙ୍କ ସେବା, ତ୍ୟାଗ ଏବଂ ନିରନ୍ତର ସଂଗ୍ରାମର ଜୀବନ୍ତ ଆଲେଖ୍ୟ। ସାରା ଜୀବନ ବିଜୁବାବୁ ଜନସେବାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଥିଲେ। ଏହି ମହାନ ଜନନେତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଏହି ସେବା ମନୋଭାବକୁ ଆହୁରି ପରିବର୍ଦ୍ଧିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଆମ ପରିବାର, ପରିବାରର ପ୍ରତ୍ୟେକ ସଦସ୍ୟଙ୍କ କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରି ଆସିଥିବା ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଜିଲାବାସୀଙ୍କ କଲ୍ୟାଣରେ ନିଜକୁ ଉତ୍ସର୍ଗ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ନିବେଦନ କରୁଛି।



ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବିଜେଡିର ନେତା କର୍ମକର୍ତ୍ତା।

# ଶ୍ରାଦ୍ଧ ଦିବସରେ ବିଜୁ ବାବୁଙ୍କୁ ମନେପକାଇଲେ

**ଟିଟିଲାଗଡ଼, ୧୭।୪ (ଡି.ଏନ.ଏ.)**

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ନଗର ବିଜେଡି ସଭାପତି ରଣଜିତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ ଯୋଗଦେଇ ବିଜୁ ବାବୁଙ୍କୁ ବିଶ୍ୱସ୍ତରରେ ତାଙ୍କର ପରିଚିତି ରହିଥିଲା ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ପୃଷେଠ, ଶ୍ରୀନିବାସ ଅଗ୍ରୱାଲ, ଗୀତା ବିଶି ଶ୍ୟାମାପ୍ରସାଦ ଗରିଆ, ବ୍ଲକ ଅଧାକ୍ଷା ସଂଯୁକ୍ତା ନାଏକ, ଦିଲୀପ ବାଗ, ସୁଧୀର ମିଶ୍ର, ଗୋବର୍ଦ୍ଧନ ନାଗ, ଚନ୍ଦ୍ରବଦନ ପୁରୋହିତ, ରମାକାନ୍ତି ପୁଟେଲ, ରାଜେଶ ପ୍ରଧାନ, ବ୍ଲକ ସରପଞ୍ଚ ସଂଘ ସମ୍ପାଦକ ନରେଶ ଅଗ୍ରୱାଲ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ଉପସ୍ଥିତ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ।

# ଡୋକରୀଚଞ୍ଚରା, ବୁଢ଼ାରଜା ମନ୍ଦିର ସ୍ଥିତି ଅନୁଧ୍ୟାନ

### କଳାହାଣ୍ଡି ଜିଲା ପ୍ରଶାସନର ଅଧିକାରୀଙ୍କ ଅଞ୍ଚଳ ପରିଦର୍ଶନ

**କୋକସରା,୧୭।୪(ଡି.ଏନ.ଏ)**

ସୋମବାର କଳାହାଣ୍ଡି ଜିଲାର ପ୍ରଶାସନିକ ଅଧିକାରୀଙ୍କ ମିଳିତ ଟିମ୍ କୋକସରା ବ୍ଲକର ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରା ଓ ଆମପାଣି ବୁଢ଼ାରଜା ମନ୍ଦିର ପରିଦର୍ଶନ କରିଛନ୍ତି। କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଦକ୍ଷିଣ ବନଖଣ୍ଡ ଡିଏଫ୍‌ଓ ଦୟାନନ୍ଦ ଗଜାନନ ଲାଡେ, ଉପଜିଲାପାଳ ଧର୍ମଗଡ଼ ବେଦ ଭୂଷଣ, ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କୁଅର, କୋକସରା ବିଡ଼ିଓ ଉତ୍ତମ କୁମାର ବାଗ, ତହସିଲଦାର ଦେବବ୍ରତ କରାଟି, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଓ ଅନ୍ୟ ଅଧିକାରୀ ଅପରାହ୍ନ ୩ଟାରେ ଗୁଡହାଣ୍ଡି ଡୋକରିଚଞ୍ଚରାରେ ପହଞ୍ଚିଥିଲେ। ବନବିଭାଗ ଦ୍ୱାରା ପର୍ଯ୍ୟଟନସ୍ଥଳରେ ଉନ୍ନୟନ କାର୍ଯ୍ୟ ଦେଖିବା ସହ ଗୁଡ଼ହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତିର ସଭାପତି ଭଦ୍ରେଶ୍ୱର ପାତ୍ର, ଉପ ସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ନିଳାମ୍ବର ନାଏକ, ସଦସ୍ୟ ଦୁଷ୍ମନ୍ତ କୁମାର ପାଢଯୋଷୀ, ରାଜେନ୍ଦ୍ର ନାଏକ, ଭୂବନାନନ୍ଦ ନାଏକ, ଯତୀନ୍ଦ୍ର ମାଝୀ, ଗିରିଧାରୀ ଧଙ୍ଗଡାମାଝୀ, ସହଦେବ ଦିଶାରୀଙ୍କ ସହ ପର୍ଯ୍ୟଟନସ୍ଥଳର ଭିତ୍ତିଭୂମିର ବିକାଶ ଉପରେ ସମୀକ୍ଷା କରିବା ପରେ ଜିଲାର ଶେଷ ସୀମାରେ ଥିବା ଆମପାଣି ବୁଢ଼ାରଜା ମନ୍ଦିର ମଧ୍ୟ ପରିଦର୍ଶନ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଗସ୍ତ ସମ୍ଭବତଃ ଦୁଇଟି ସ୍ଥାନର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ କେନ୍ଦ୍ରିତ ରହିଛି।



ଅଧିକାରୀମାନେ ପରିଦର୍ଶନ କରୁଛନ୍ତି।

# ପାଣି ପାଇଁ ହଇରାଣ ଅନ୍ତେବାସୀ

**ଲାଠୋର, ୧୭।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ସରକାରୀ ନୂତନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରହିଥିବା ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଫଳରେ ଏଠାରେ ଥିବା ଛାତ୍ରୀଛାତ୍ର ପାଣି ପାଇଁ ହଇରାଣ ହେଉଛନ୍ତି। ଆବାସିକ ପ୍ରଯତ୍ନ କେନ୍ଦ୍ରରେ ୪୭ ଜଣ ଛାତ୍ରୀଛାତ୍ର ରହୁଛନ୍ତି। ସ୍ନାନଶୌଚାଦି ପାଇଁ ଗୋଟିଏ ନଳକୂପ ଏବଂ ଜଳଯୋଗାଣ କେନ୍ଦ୍ରରୁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ସେଠାରେ ଥିବା ନଳକୂପ ଖରାପ ହୋଇଯାଇଛି। ଫଳରେ ଆବାସିକ କେନ୍ଦ୍ରର ୪୭ ଛାତ୍ରୀଛାତ୍ର ତଥା ବିଦ୍ୟାଳୟକୁ ପଢିବାକୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ ପାଣି ନିଅଣ୍ଟ ହେଉଛି। ତାତି ବଢିଥିବା ଯୋଗୁଁ ଜଳାଭାବ ପରିସ୍ଥିତିକୁ ସଙ୍ଗୀନ କରିଛି। ସରକାରୀ ନିୟମ ଅନୁସାରେ ଆବାସିକ ପ୍ରଯତ୍ନ କେନ୍ଦ୍ରର ଛାତ୍ରୀଛାତ୍ର ଶୌଚ ଏବଂ ସ୍ନାନ ପାଇଁ ବାହାରକୁ ଯିବା କଥା ନୁହେଁ। ହେଲେ ପାଣିର ଅଭାବ ହେତୁ ସେମାନେ ବାଧ୍ୟ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ବାହାରକୁ ଯାଉଛନ୍ତି। ଯଦି ଏ ନେଇ କୌଣସି ଅଘଟଣ ଘଟେ କିଏ ଦାୟି ହେବ ବୋଲି ଗ୍ରାମର ସଚେତନ ଯୁବ ଗୋଷ୍ଠୀ କହିଛନ୍ତି। ନଳକୂପ ମରାମତି ପାଇଁ କରୁଆଁଝର ସରପଞ୍ଚଙ୍କୁ ଅବଗତ କରାଯାଇଥିଲା। ହେଲେ ଅଦ୍ୟାବଧି ମରାମତି କରାଯାଇ ନାହିଁ ବୋଲି ପ୍ରଧାନ ଶିକ୍ଷକ ଭଗବାନ ସେଠ ପ୍ରକାଶ କରିଛନ୍ତି। ଏନେଇ ସରପଞ୍ଚ ଜପସ୍ୱିନି ସାହୁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ନଳକୂପ ମରାମତି କରାଯିବ ବୋଲି କହିଛନ୍ତି।



ଅଚଳ ହୋଇ ପଡ଼ିଥିବା ନଳକୂପ।

## ସଂକ୍ଷେପରେ

### ମାରୱାଡି ଯୁବାମଞ୍ଚର ଶପଥ ଗ୍ରହଣ ସମାରୋହ

**ପଦ୍ମପୁର, ୧୭।୪(ଡି.ଏନ.ଏ.):** ପଦ୍ମପୁର ମାରୱାଡି ଧର୍ମଶାଳାରେ ମାରୱାଡି ଯୁବାମଞ୍ଚର ୨୦୨୩-୨୪ ପାଇଁ ମନୋନୀତ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ରାଜ୍ୟ ସଭାପତି ପରାଗ ଅଗ୍ରୱାଲ, ମଣ୍ଡଳ 'ଗ' ର ସହାୟକ ମନ୍ତ୍ରୀ କିଶନ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ଉମେଶ ଖାଝରିଆ, ଗୋବିନ୍ଦ ଅଗ୍ରୱାଲ, ମାରୱାଡି ସମାଜ ଅଧକ୍ଷ ଅମରଦୀପ ଅଗ୍ରୱାଲ, ସମ୍ପାଦକ ବଜରଙ୍ଗ ଗର୍ଗ, ଯୁବାମଞ୍ଚ ଅଧକ୍ଷ ବିଜୟ ଅଗ୍ରୱାଲ, ସମ୍ପାଦକ ଅମିତ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ଅଧକ୍ଷ ପରାଗ ଅଗ୍ରୱାଲ ନୂତନ ଅଧକ୍ଷ ସୋମନାଥ ଅଗ୍ରୱାଲ, ସମ୍ପାଦକ ଅମିତ ଅଗ୍ରୱାଲ, କୋଷାଧକ୍ଷ ଦିନେଶ ଜୈନଙ୍କୁ ଶପଥ ପାଠ କରାଇଥିଲେ। ସେହିପରି ସହାୟକ ମନ୍ତ୍ରୀ କିଶନ ଅଗ୍ରୱାଲ ନୂତନ କାର୍ଯ୍ୟକାରିଣୀ ସଦସ୍ୟ ଭଜନ ଅଗ୍ରୱାଲ, ଅଜୁ ପଲସାନିଆ, ଆଦର୍ଶ ବଂଶଲ, ଜୟପ୍ରକାଶ ଅଗ୍ରୱାଲ, ଭୂପେଶ ଅଗ୍ରୱାଲ, ସୁରଜ ଅଗ୍ରୱାଲ, ବିଜୟ ଅଗ୍ରୱାଲ, ଅମିତ ଗର୍ଗ, ସୁନୀଲ ଅଗ୍ରୱାଲ, ଜୟ ପଲସାନିଆଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ସମାରୋହରେ ମାରୱାଡି ସମାଜ, ମହିଳା ସମିତି, ଜାଗୃତି ଶାଖା ଓ ଯୁବାମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଜନଶୁଣାଣି ଶିବିର

**ବୌଦ୍ଧ/ବାଉଶୁଣୀ, ୧୭।୪ (ସ୍ୱ.ପ୍ର/ଡି.ଏନ.ଏ.):** ବୌଦ୍ଧ ଜିଲା ବୌଦ୍ଧ ବ୍ଲକ ଗୋଛାପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଥିଲା। ଶିବିରରେ ୨୮୫ଟି ଆପତ୍ତି ଅଭିଯୋଗ ଆସିଥିଲା। ସେଥିରୁ ୨୬ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ମାମଲା ଥିଲା। ରେଡକ୍ରସ ପାଣ୍ଠିରୁ ୧୮ ଜଣଙ୍କୁ ଏକ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୩ ଜଣଙ୍କୁ ଏକ ଲକ୍ଷ ୧୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ୧୩୯ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୯ ଜଣଙ୍କୁ ଭତ୍ତା ଓ ୩ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଗଇଲୋ ଘାଟି ଦୁର୍ଘଟଣାକୁ ୭ବର୍ଷ ପୂରିଲା

# ଶୁଖୁନି ଲୁହ, ଝୁରୁଛି ରେମତା

୨୦୧୭ ମସିହା ଏପ୍ରିଲ ୧୭ତାରିଖ। ସେଦିନର କାଳରାତ୍ରି ଯେତିକି କରୁଣ ତାହାଠାରୁ ଅଧିକ ଥିଲା ଭୟଙ୍କର। ଦେବଗଡ଼ ଜିଲାରେ ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ରେମତା ଗ୍ରାମର ଭାରତୀ ଗଣନାଟ୍ୟର କଳାକାରମାନେ ସେହି ରାତ୍ରିରେ ସୀତାରାମ ପାଇଁ ଅଯୋଧ୍ୟା କାନ୍ଦେ ନାଟକ ପରିବେଷଣ କରି ଘରକୁ ଫେରୁଥିଲେ। ହେଲେ ଫେରିବା ବାଟରେ ସେହି ରାତିରେ ୩୮ କଳାକାରଙ୍କୁ ନେଇ ଫେରୁଥିବା ଯାତ୍ରାପାର୍ଟି ବସ୍ ଦେବଗଡ଼ ଜିଲା କୈଳାସ ଗଇଲୋ ଘାଟିରେ ୩ଶହ ଫୁଟ୍ ତଳକୁ ଖସି ପଡ଼ିଥିଲା। ୨୭ କଳାକାରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୧ଜଣ ଗୁରୁତର ହୋଇଥିଲେ। ଅନ୍ଧାର ଘଞ୍ଚ ଜଙ୍ଗଲ ମଧ୍ୟରେ ମିଳାଇ ଯାଇଥିଲା ଆହତଙ୍କ ଆର୍ତ୍ତ ଚିତ୍କାର। ଆହତମାନେ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ହେଲେ ପରଦିନ ରେମତା ଗ୍ରାମକୁ ପହଞ୍ଚିଥିଲା ଗୋଟିଏ ପରେ ଗୋଟିଏ ମୃତଦେହ। ଘଟଣା ପରେ ଅଯୋଧ୍ୟାପୁର ସଦୃଶ ରେମତା ଗ୍ରାମ କାନ୍ଦି ଉଠିଥିଲା ଏବଂ ବେସୁରା ହୋଇପଡ଼ିଥିଲେ ପରିବାର ଲୋକେ। ଆଉ ଝୁରିଥିଲା ଗ୍ରାମର ଆଖଡ଼ା ଶାଳ। ଏହି ହୃଦୟ ବିଦାରକ ଘଟଣାକୁ ଆଜି ୭ବର୍ଷ ବିତିଛି । ଆଖଡ଼ା ଶାଳ ବନ୍ଦ ପଡ଼ିଛି । କଳାକାରଙ୍କ ରୋଜଗାର ଆଉ ନାହିଁ । କିଏ ପରିବା ବିକି ପରିବାର ପୋଷଣ କରୁଛନ୍ତି ତ ଆଉ କେହି ଶଯ୍ୟାଶାୟୀ ହୋଇଛନ୍ତି । ତଥାପି କଳାକାର ଭତ୍ତା ସେମାନଙ୍କୁ ଅପହଞ୍ଚ ହୋଇପଡ଼ିଛି । ହେଲେ ସେହି ଦୁର୍ଘଟଣା ପରେ ରେମତା ଗ୍ରାମ ଏବେ ମଧ୍ୟ ମୃତ କଳାକାରଙ୍କୁ ଝୁରୁଛି। କେବଳ ସେତିକି ନୁହେଁ, ସେହି ମୃତ କଳାକାରଙ୍କୁ ମନେ ପକାଇ ଏବେ ମଧ୍ୟ ସେମାନଙ୍କ ପରିବାର ଆଖିରୁ ଲୁହ ଶୁଖୁନି।

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)

### ଏମାନେ ଯାହା କୁହନ୍ତି...

#### ପରିବା ବିକୁଛି, ଭତ୍ତା ମିଳିନି



"ନାଟକ ଥିଲା ଜୀବନ ଜୀବିକା। ଗାଁ ନାଟକରେ ଅଭିନୟ କରୁଥିଲି। ସେଥିରୁ ଯାହା ମିଳୁଥିଲା, ପରିବାର ଚଳୁଥିଲା । ହେଲେ ଗଇଲୋ ଘାଟି ଦୁର୍ଘଟଣା ପରେ ଯାତ୍ରାପାର୍ଟି ବନ୍ଦ ହୋଇଗଲା। ରୋଜଗାର ବି କିଛି ହେଲାନି। କଳାକାର ଭତ୍ତା ମଧ୍ୟ ମିଳିଲାନି। ଏବେ ପରିବାର ଚଳାଇବାକୁ ବାଧ୍ୟ ହୋଇ ପରିବା ବିକୁଛି ।

–ଶାନ୍ତନୁ ଦାଶ

#### ସାଥୀ କଳାକାରଙ୍କୁ ସହାୟତା ଅପହଞ୍ଚ



"ଯାତ୍ରାପାର୍ଟିରେ ମୁଁ କଣ୍ଠଶିଳ୍ପୀ ଥିଲି। ହେଲେ ସେଦିନ ମୁଁ ଯାଇ ନ ଥିଲି। କାଳରାତ୍ରିରୁ ବର୍ତ୍ତିଯାଇଛି ସତ। ହେଲେ ଯେଉଁ ସାଥୀ କଳାକାରଙ୍କୁ ହରାଇଛି, ସେମାନଙ୍କୁ ଜୀବନସାରା ଭୁଲି ପାରିବିନି। ଯେଉଁମାନେ ଜୀବିତ ଅଛନ୍ତି, ତାଙ୍କ ଅବସ୍ଥା ମଧ୍ୟ ହୃଦୟକୁ ଆଘାତ ଦେଉଛି। ସେମାନଙ୍କୁ ସରକାରୀ ସହାୟତା ମିଳୁ।

–ସରସ୍ୱତୀ ସାହୁ

#### ସତ ହୋଇଗଲା ନାଟକ



"ନାଟକର ନାଁ ଥିଲା ସୀତାରାମ ପାଇଁ ଅଯୋଧ୍ୟା କାନ୍ଦେ। ସ୍ୱାମୀ ଥିଲେ ଯାତ୍ରାପାର୍ଟିର ଉଦ୍ୟୋକ୍ତା ଏବଂ ମୁଁ ଅଯୋଧ୍ୟା ଥିଲି ତାଙ୍କ ସ୍ତ୍ରୀ। କେବେ ଭାବି ନ ଥିଲି ନାଟକ ସତ ହୋଇଯିବ। କିନ୍ତୁ ତାହା ହିଁ ଘଟିଲା । ପ୍ରଥମରୁ ଝିଅକୁ ହରାଇଲି। ବସ୍ ଦୁର୍ଘଟଣାରେ ସ୍ୱାମୀ ବି ଚାଲିଗଲେ ଏବଂ ଏହାପରେ ପୁଅ ବି ଆଖି ବୁଜିଦେଲା। – ଅଯୋଧ୍ୟା ପ୍ରଧାନ

#### ଶଯ୍ୟାଶାୟୀ କରିଦେଲା କାଳରାତ୍ରି



"ସେହି ଦୁର୍ଘଟଣାରେ ୨୭ ସାଥୀ କଳାକାରଙ୍କୁ ହରାଇଛି। ଆଉ ୧୧ଜଣ ଜୀବିତ ଅଛୁ। ହେଲେ ଜୀବିତ କଳାକାରଙ୍କ ମଧ୍ୟରୁ ମୁଁ ହିଁ କେବଳ ଶଯ୍ୟାଶାୟୀ ହୋଇପଡ଼ିଲି। ରୋଜଗାର କିଛି ନାହିଁ । ପରିବାର ବୋଝ ମୋ ଉପରେ ଥିଲା। ହେଲେ ଏବେ ପରିବାର ଉପରେ ମୁ ବୋଝ ହୋଇଛି ।

–ଦିଲୀପ ପାଣ୍ଡେ

## ଚୋରି ସାମଗ୍ରୀ ଜବତ, ୨ ଗିରଫ

**ସରଣ୍ଡା, ୧୭।୪(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ଥାନା ସୋର୍ଣ୍ଣା ସ୍କୁଲରୁ ଚୋରି ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରଛ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସେହି ଗ୍ରାମର ଶୁଭମ ଶେଖର ମହାପାତ୍ର ଓ ସହଦତ ଅଲି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୧୫ତାରିଖ ରାତିରେ ସୋର୍ଣ୍ଣା ପ୍ରାଥମିକ ବିଦ୍ୟାଳୟରୁ ପ୍ରାୟ ୧କୁଇଣ୍ଟାଲ ଲୁହାରଡ୍ ଚୋରି ହୋଇଥିଲା। ଏ ନେଇ ସ୍କୁଲ କମିଟି ଚେୟାରମ୍ୟାନ ପ୍ରମୋଦ ମହାପାତ୍ରଙ୍କ ଅଭିଯୋଗ କ୍ରମେ ଅତାବିରା ଥାନା ପୋଲିସ ଏକ ମାମଲା (ନଂ.୧୫୨।୨୩) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କୁ ଠାବ କରି ସେମାନଙ୍କୁ ଥାନାରେ ପଚରାଉଚରା କରିଥିଲା। ପରେ ଚୋରି ସାମଗ୍ରୀ କିଣିଥିବା କାବାଡି ମାଲିକ କପିଳଦେବ ଶର୍ମାଙ୍କ ପାଖରୁ ପୋଲିସ ଲୁହାରଡ୍ ଜବତ କରିଥିଲା।

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ଧାନଖେତରେ ରୋଗପୋକ**

**ସରଣ୍ଡା,୧୭।୪(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ଅଞ୍ଚଳର ପ୍ରାୟ ୯୦ ପ୍ରତିଶତ ଜମି ହୀରାକୁଦ ନଦୀବନ୍ଧ ଦ୍ୱାରା ଜଳସେଚିତ ହୋଇଥାଏ। ଏଠାରେ ଆଧୁନିକ ପ୍ରଣାଳୀରେ ଚାଷ ଏବଂ ମାଟିରେ ଅମ୍ଳଗୁଣ ଅଧିକ ରହୁଥିବାରୁ ଚାଷୀମାନେ ଅଧିକ ଅମଳ ପାଇଁ ଫସଲରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରିଥାନ୍ତି। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ନକଲି ସାର ଏବଂ କୀଟନାଶକ ବିକ୍ରି କରୁଛନ୍ତି। ଫଳରେ ଏଠାକାର ଚାଷୀମାନେ ବିପୁଳ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ସେହିପରି ବର୍ତ୍ତମାନ ୧୨୦ ଦିନିଆ ଧାନ ଚାଷରେ ପ୍ରତି ପଞ୍ଚାୟତରେ ରୋଗପୋକ ଦେଖାଦେଇଛି। ଏ ସମୟରେ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ଦେଖା ମିଳୁନାହିଁ। ଫଳରେ ଚାଷୀମାନେ ଉଚିତ ପରାମର୍ଶ ପାଉନାହାନ୍ତି। ତେଣୁ ପ୍ରତି ପଞ୍ଚାୟତରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଯୁଗ୍ମ ନିରୀକ୍ଷଣ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ ସୋମବାର ବରଗଡ଼ ଜିଲା ଚାଷୀ ସଙ୍ଗଠନ ଅତାବିରା ସଭାପତି ୟୁନୁସ ଖାନ, ସମ୍ପାଦକ ରମଣୀ ଦନ୍ତା, ରବୀନ୍ଦ୍ର ନାଥ ବିଶି, ପ୍ରଦୀପ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ବହୁ ଚାଷୀ ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସଙ୍ଗଠନ ସଭାପତି ଖାଁନଙ୍କ ନେତୃତ୍ୱରେ ଚାଷୀମାନେ କୃଷି କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ସେଠାରୁ ତହସିଲ ଅଫିସକୁ ଯାଇ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ପ୍ରଦାନ ପାଇଁ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ଚାଷୀଗଣ।

# ଗଙ୍ଗାଧର ମେହେର ମହିଳା ସଂଘ ଗଠନ

**ବରପାଲି,୧୭।୪(ଡି.ଏନ.ଏ.)**

ବରପାଲିରେ ଭୁଲିଆ ସମାଜର ଗଙ୍ଗାଧର ମେହେର ମହିଳା ସଂଘ ଗଠିତ ହୋଇଛି। ବରପାଲି ଓଡ଼ିଆ ପଡ଼ା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଭୁଲିଆ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇ ସଂଘ ଗଠନ କରାଯାଇଥିଲା। ସଭାନେତ୍ରୀ ଭାବେ ସୁକାନ୍ତି ମେହେର, କାର୍ଯ୍ୟକାରୀ ସଭାନେତ୍ରୀ ପୁଷ୍ପାଞ୍ଜଳି ମେହେର, ଉପ ସଭାନେତ୍ରୀ ସନ୍ତୋଷିନୀ ମେହେର, ସାଧାରଣ ସମ୍ପାଦିକା ସ୍ୱାଗତିକା ମେହେର, ସମ୍ପାଦିକା ପୁଷ୍ପାଞ୍ଜଳି ମେହେର, ସହ ସମ୍ପାଦିକା ସାବିତ୍ରୀ ମେହେର, କୋଷାଧକ୍ଷା ରୀତା ମେହେର, ସହ କୋଷାଧକ୍ଷା ପୂର୍ଣ୍ଣିମା ମେହେର, ଲାଇବ୍ରେରୀ ସମ୍ପାଦିକା ମିନି ମେହେର, ଦୁର୍ଲ୍ଲଭୀ ମେହେର, ସାଂସ୍କୃତିକ ସମ୍ପାଦିକା ଭାବେ ମନ୍ଦାକିନୀ ମେହେର, ପୁଷ୍ପାସିନୀ ମେହେର ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ରାଷ୍ଟ୍ରପତି ଶାନ୍ତିଲତା ମେହେର, ଲତା ମେହେର, ବେଲମତି ମେହେର, ସୁଷମା ମେହେର, କମଳିନୀ ମେହେର, ସୁବାସିନୀ ମେହେର ପ୍ରମୁଖ ରହିଛନ୍ତି। ସୂଚନାଯୋଗ୍ୟ, ୧୯୨୪ରେ କବି ଗଙ୍ଗାଧର ମେହେର ବରପାଲିଠାରେ ଭୁଲିଆ ସମାଜର ଏକ ମହାସଭା କରିଥିଲେ । ସେହି ସ୍ମୃତିକୁ ଉଜ୍ଜୀବିତ କରିବା ସହ ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୨୪ରେ ବରପାଲିରେ ଭୁଲିଆ ସମାଜର ସର୍ବଭାରତୀୟ ମହାସଭା ଆୟୋଜନ କରାଯିବ। ଏଥିରେ ସାରା ଦେଶରୁ ଲକ୍ଷାଧିକ ସଭ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଭଳି ଏକ କାର୍ଯ୍ୟକ୍ରମରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସାରା ଓଡ଼ିଶାର ମହିଳାମାନଙ୍କୁ ଏହି ସଂଘରେ ଯୋଡ଼ି ସଂଘକୁ ମଜବୁତ କରାଯିବ ବୋଲି ନୂତନ ସଭାନେତ୍ରୀ ସୁକାନ୍ତୀ ମେହେର ପ୍ରକାଶ କରିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବ ରେଳ ଉପଭୋକ୍ତା ସଂଘ

**ବରଗଡ଼ ଅଫିସ,୧୭।୪**

ବରଗଡ ଜିଲା ରେଳ ଉପଭୋକ୍ତା ସଂଘର ତ୍ରୈମାସିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ ପ୍ରତି ରେଳ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ସକରାତ୍ମକ ପଦକ୍ଷେପ ନ ନେଇ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ମାସରୁ ବରଗଡର ସମସ୍ତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ବୈଠକ କରିବାକୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବାକୁ ସ୍ଥିର କରାଯାଇଥିଲା। ଯଦି ଉକ୍ତ ଟ୍ରେନ୍‌ର ସମ୍ପ୍ରସାରଣ କରିବା ପାଇଁ ରେଳବାଇକୁ ବିଶେଷ ଅସୁବିଧା ହେଉଛି ତେବେ ବଲାଙ୍ଗୀରରୁ କଟକ ଦେଇ ଭୁବନେଶ୍ୱରକୁ ସକାଳୁ ଏକ ନୂତନ ଟ୍ରେନ ଚଳାଇବାକୁ ଦାବି କରାଯିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ସଭାପତି ପ୍ରଦୀପ ଦେବତା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସର୍ଦ୍ଦାର ପ୍ରିତମ ସିଂ, ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଷୀ, ଯୁଗ୍ମ ସମ୍ପାଦକ କିଶୋର କୁମାର ରଥ, କୋଷାଧକ୍ଷ ଅଭିଜିତ ପ୍ରତିହାର, ଅଚ୍ୟୁତାନନ୍ଦ ବାରିକ, ମଳୟ ମହାନ୍ତି, ଗୋପାଳ ଚନ୍ଦ୍ର ଦାଶ, ଗୋବିନ୍ଦ ଦାଶ, ଦେବୀ ପଟ୍ଟନାୟକ, ଅମିତ ସାହୁ, ହରଦୀପ ସିଂହ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ରେଳ ଉପଭୋକ୍ତା ସଂଘର ପ୍ରତିନିଧିବୃନ୍ଦ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବରଗଡ଼ ଅଫିସ,୧୭।୪**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାରଠାରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁଙ୍କ ଆର୍ଶିବାଦ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ଜମୁର୍ଡା ସରପଞ୍ଚ ପଦ୍ମଲୋଚନ ପ୍ରଧାନ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଜିଲା ସଂକୀର୍ତ୍ତନ ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, କିଶନଲାଲ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ପୂର୍ଣ୍ଣାହୂତି ଦିବସରେ ୬ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅଧ୍ୟାପକ ସୁରେଶ ବାରିକ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞ ପରିଚାଳନାରେ ନିଗମାନନ୍ଦ ବିହାର ପଡ଼ାବାସୀ, କମିଟି ସଭାପତି ଚନ୍ଦ୍ର ଶେଖର କର୍ମ, ଉପ ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର, ସହସମ୍ପାଦକ ସୁରେଶ ବାରିକ, କୋଷାଧକ୍ଷ କୁଞ୍ଜବିହାରୀ ଭୋଇ, ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ, ବରିଷ୍ଠ ସଭ୍ୟ ପ୍ରହଲ୍ଲାଦ ମହାପାତ୍ର, ବାଙ୍କା ବିହାରୀ ସାହୁ, ଅର୍ଜୁନ ସେଟ, ପ୍ରଦୀପ ସାହୁ, ରାଜେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# କୋଶଳ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**ସରଣ୍ଡା,୧୭।୪(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁ ଖଇରପାଲି ସ୍ଥିତ କୋଶଳ ସ୍କୁଲରେ ସୋମବାର ପ୍ରବେଶ ସହ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଶଳ ସ୍କୁଲରେ ନୂତନ ଭାବେ ନାମ ଲେଖାଇଥିବା ଏଲ୍‌କେଜିର କୋମଳମତି ଛାତ୍ରୀଛାତ୍ରଙ୍କ ଶିକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ସେମାନଙ୍କ ମନରେ ଶିକ୍ଷା ସହ ଏକ ଭଲ ମଣିଷ ଗଢିବା ସଂକଳ୍ପ ନେଇଛି କୋଶଳ ସ୍କୁଲ ପରିବାର। ପ୍ରଥମ ଦିନରେ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ସେମାନଙ୍କୁ ସ୍ୱାଗତ ସହ ଶ୍ରେଣୀ ପ୍ରକୋଷ୍ଠକୁ ବିଭିନ୍ନ ରଙ୍ଗବେରଙ୍ଗ ବେଲୁନରେ ସଜ୍ଜିତ କରାଯାଇଥିଲା। ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ କକ୍ଷରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଉପାଧକ୍ଷା ଜ୍ୟୋତ୍ସ୍ନା ରାଉତରାୟ, ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ।



କୋଶଳ ସ୍କୁଲ ପକ୍ଷରୁ ପ୍ରବେଶ ପଥରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

# ବିଜୁ, ଆନନ୍ଦ ବାବୁଙ୍କ ତିରୋଧାନ ଦିବସ ପାଳିତ

- ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
- ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ,୧୭।୪**

ବରଗଡରେ ସୋମବାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ଆନନ୍ଦ ଆଚାର୍ଯ୍ୟଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶା ମୋ ପରିବାର, ଜୀବନ ବିନ୍ଦୁ ଓ ଆନନ୍ଦ ଆଚାର୍ଯ୍ୟ ସ୍ମୃତି କମିଟି ଆନୁକୂଲ୍ୟରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଶୁଭାରମ୍ଭ କରି ବିଜୁବାବୁ ଓ ଆନନ୍ଦବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ନିଜେ ରକ୍ତଦାନ କରିବା ସହ ଅନ୍ୟ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଧୁ ନେପାକ, ବିଜେଡି ଟାଉନ ସଭାପତି କିଶୋର ମିଶ୍ର, ପୌରାଧକ୍ଷା କଳ୍ପନା ମାଝୀ, ପ୍ରଭାତ ଆଦିତ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ମୋ ପରିବାର ଜିଲା ସଂଯୋଜକ ଗୌରହରି ମିଶ୍ର, ଜୀବନ ବିନ୍ଦୁ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ ଶିବିର ପରିଚାଳନା କରିଥିବାବେଳେ ଏମ୍‌ଡି ସବଦର, ପୌର ଉପାଧକ୍ଷ ରାଜେଶ ଅଗ୍ରୱାଲଙ୍କ ସମେତ ଅନ୍ୟ କାଉନସିଲରମାନେ ସହଯୋଗ କରିଥିଲେ। ଅତିଥିବୃନ୍ଦ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।



ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ନେତୃବୃନ୍ଦ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବେଲପାହାଡ,୧୭।୪(ଡି.ଏନ.ଏ.):** ୪୯ନଂ. ଜାତୀୟ ରାଜପଥର ଲଖନପୁର ଥାନା ପୁଞ୍ଜିପଥର ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଅଁରଖୋଲ ପଞ୍ଚାୟତ ଠେବରା ଗାଁର ସରୋଜ ପାଣ୍ଡେ (୨୭)। ସୂଚନା ଅନୁସାରେ ଓଆର୍୧୯ଏଫ-୪୫୪୭ ନମ୍ବର ବିଶିଷ୍ଟ ଏକ ଦଶଚକିଆ ଟ୍ରକ ରାୟଗଡ ଆଡୁ ଲଖନପୁର କୋଇଲା ଖଣିକୁ ଫେରୁଥିଲା। ପୁଞ୍ଜିପଥର ନିକଟରେ ବାଇକ୍‌ରେ ଯାଉଥିବା ସରୋଜଙ୍କ ଉପରେ ଟ୍ରକ୍‌ଟି ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲଖନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତି ଶାନ୍ତ କରିଥିଲା। ପୋଲିସ ଟ୍ରକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଜୁ ବାବୁଙ୍କ ତିରୋଧାନ ଦିବସ

**ବେଲପାହାଡ଼,୧୭।୪(ଡି.ଏନ.ଏ.):** ବେଲପାହାଡ଼ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତିଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ରହି ବେଲପାହାଡ଼ ଶନି ମନ୍ଦିର ନିକଟରେ ସ୍ଥାପିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ବିଜେଡିର ଜିଲା ଉପସଭାପତି ଶମ୍ଭୁ ମହାନ୍ତି, ବେଲପାହାଡ଼ ଟାଉନ ସଭାପତି କୈଳାଶ ନାଏକ, ପୂର୍ବତନ ଟାଉନ ସଭାପତି ରାଜେଶ ଭୋଇ, ପୂର୍ବତନ ନଗରପାଳ ପର୍ଶୁରାମ ସାହୁ, ପୌର କାଉନସିଲର କହ୍ନେଇ ଚରଣ ସେଠ, ବିଭୀଷଣ ରାଉତ, ପ୍ରଶାନ୍ତ ରାଉତ, ସଞ୍ଜୀବ କିଷାନ, ଜ୍ୟୋତିର୍ମୟୀ ପଟ୍ଟନାୟକ, ମହିଳା ସଭାନେତ୍ରୀ ରତ୍ନା ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

### ଇଣ୍ଟରନେଟ୍ ସେବା ବନ୍ଦ ଯୋଗୁ ସମସ୍ୟା ବଢୁଛି

**କୁଚିଣ୍ଡା,୧୭।୪(ଡି.ଏନ.ଏ.):** ଗତ ୧୨ତାରିଖରେ ସମ୍ବଲପୁରରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ପରେ ପ୍ରଶାସନ ପକ୍ଷରୁ ଗତ ୧୩ ତାରିଖରୁ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ପ୍ରଥମେ ୪୮ଘଣ୍ଟା, ପରବର୍ତ୍ତୀ ସମୟରେ ପୁଣି ୪୮ଘଣ୍ଟା ଏହି ସେବା ବନ୍ଦ ଘୋଷଣା ହୋଇଥିଲା। ସୋମବାର ଏହା କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ପୁଣିଥରେ ଆଉ ୨୪ଘଣ୍ଟା ଅର୍ଥାତ୍ ମଙ୍ଗଳବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ବନ୍ଦ ପାଇଁ ଘୋଷଣା କରାଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ୟାଙ୍କ ସେବା ପ୍ରଭାବିତ ହେବା ସାଙ୍ଗକୁ କୌଣସି ସରକାରୀ କାର୍ଯ୍ୟକ୍ରମ ହୋଇପାରୁନାହିଁ। ୫ଦିନ ଧରି ସମଗ୍ର ସମ୍ବଲପୁର ଜିଲାରେ ଏହି ସେବା ବନ୍ଦ କରାଯାଇଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୀଘ୍ର ଇଣ୍ଟରନେଟ୍ ସେବା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।





ସମ୍ବଲପୁର ସହରରେ କର୍ଫ୍ୟୁ କୋହଳ ଓ ଜାରି ସମୟର ଦୃଶ୍ୟ

କର୍ଫ୍ୟୁ କୋହଳ ପରେ ସହରର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ଗୋଲବଜାରରେ ଭିଡ଼।

କଚେରିଛକ ଶୂନ୍‌ଶାନ୍ ହୋଇପଡ଼ିଛି।

# ଜିଲାପାଳଙ୍କୁ ଭେଟିଲା ବ୍ୟବସାୟୀ ସଂଘ

## ଡାକ୍ତର, ଔଷଧ ଦୋକାନୀ, ଖବରଦାତାଙ୍କୁ ଦୁର୍ବ୍ୟବହାର

**ସମ୍ବଲପୁର,୧୭।୪(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ବାଇକ୍ ଶୋଭାଯାତ୍ରା ସମୟରେ ଘଟିଥିବା ହିଂସା ଘଟଣାକୁ ନେଇ ସହରରେ କର୍ଫ୍ୟୁ ଜାରି ହେବା ସାଙ୍ଗକୁ ନେଟ୍ ସେବା ବନ୍ଦ କରିଦିଆଯାଇଛି। ଜିଲା ପ୍ରଶାସନର ଗାଇଡ୍‌ଲାଇନ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଏପରି କି ଜରୁରୀ ସେବା ମେଡିସିନ ଦୋକାନ ଓ କାର୍ଯ୍ୟରତ ଡାକ୍ତର ଓ ଖବରଦାତାମାନଙ୍କ ପାଇଁ ମଧ୍ୟ କୋହଳ କରାଯାଇ ନାହିଁ। ସୋମବାର ସକାଳେ ଅଇଁଠାପାଲି ପୋଲିସ ବୁଢାରାଜା ଅଞ୍ଚଳର ୭ଜଣ ଔଷଧ ଦୋକାନୀଙ୍କୁ ଉଠାଇ ନେଇ ଥାନାରେ ବସାଇଥିଲା। ଏହା ଜରୁରୀ ସେବା କହିବା ପରେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଔଷଧ ଦୋକାନୀ ସଂଘ ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଜରୁରୀ ସେବାକୁ ବାଦ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ତେଣୁ ଦୋକାନଗୁଡିକ ଖୋଲାଯାଇଥିଲା ବୋଲି ଏସ୍‌ପି ଗଙ୍ଗାଧରଙ୍କୁ କହିଥିଲେ। ପରେ ଥାନାରେ ଚୁକ୍ତିନାମା ଦେଇ ଦୋକାନୀମାନଙ୍କୁ ଛଡାଯାଇଥିଲା। ଅନ୍ୟପଟେ ବୁର୍ଲା ମେଡିକାଲ ଓ ଜିଲା ସଦର ଡାକ୍ତରଖାନା ସହିତ ବିଭିନ୍ନ ଘରୋଇ ମେଡିକାଲ ଓ କ୍ଲିନିକର ଡାକ୍ତର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାମ ସାରି ଘରକୁ ଫେରିବା ସମୟରେ ପୋଲିସ ସେମାନଙ୍କୁ ଅଟକାଇ ନାକେଦମ କରୁଛି। କର୍ଫ୍ୟୁ ସମୟରେ ବାହାରକୁ ଯାଇପାରିବେ ନାହିଁ ବୋଲି ପୋଲିସ କହୁଛି। ଏହାକୁ ନେଇ ସେମାନେ ଚିନ୍ତା ପ୍ରକଟ କରୁଥିବା କହିଛନ୍ତି। ସେହିପରି ପୋଲିସ ଦୁର୍ବ୍ୟବହାର କରୁଥିବା ନେଇ ଏକ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା ପ୍ରୀତି ସୁନା ଏସ୍‌ପି ଗଙ୍ଗାଧରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ସହ ଅନ୍ୟ କେତେଜଣ ଖବରଦାତା ଏସ୍‌ପିଙ୍କୁ ଭେଟିବା ସହ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ଜିଲାପାଳ ଦାସ ବିଭିନ୍ନ ସଂଗଠନ ସହିତ ଶାନ୍ତି ଫେରାଇବା ପାଇଁ ଆଲୋଚନା କରିଛନ୍ତି। ବିଭିନ୍ନ ସମ୍ପ୍ରଦାୟର ୮ ଗୋଟି ସଂଗଠନ ସହିତ ଆଲୋଚନା କରିବା ପରେ ସେମାନଙ୍କୁ ନିଜ ଅଞ୍ଚଳର ଲୋକମାନଙ୍କୁ ଭୟଭୀତ ନ ରହିବାକୁ ସଚେତନ କରିବାକୁ କୁହାଯାଇଛି।



ବୈଠକରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

## ବିଜୁ ବାବୁଙ୍କ ତିରୋଧାନ ଦିବସ

**କୁଚିଣ୍ଡା,୧୭।୪(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାର ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି ଅମୂଲ୍ୟ ମିଶ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡାକ୍ତରଖାନାର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିବା ବେଳେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବରୁ ହୋଇଥିବା ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା କୁଚିଣ୍ଡା କଲେଜର ୮ଜଣ ଓ ଚନ୍ଦନିମାଲ ହାଇସ୍କୁଲର ୬ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇ ଥିଲେ।




କୃତୀ ପ୍ରତିଯୋଗୀଙ୍କୁ ମେଧା ସମ୍ମାନ ପ୍ରଦାନ କରୁଛନ୍ତି ଅତିଥି।

# ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ



ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଧାୟିକା ଓ ଅନ୍ୟ ନେତୃବୃନ୍ଦ।

**ବ୍ରଜରାଜନଗର,୧୭।୪(ଡି.ଏନ.ଏ.)**

ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ସୋମବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ଟାଉନ ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟିକା ଅଲକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନି ଓରାମ, ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଉପସଭାପତି କୁଳମଣି ଦାସ, ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଚୌଧୁରୀ, ନୃପ ତାଣ୍ଡିଆ, ବିଜୟ ପାଣି, ମହିଳା ସଭାପତି ନଳିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

**ବେଲପାହାଡ,୧୭।୪ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ ଥାନା ଅନ୍ତର୍ଗତ ଫାଟକ ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ଝଣ୍ଡାପଡ଼ାର ବିଜୟ କଲେତ (୩୫)। ପୋଲିସ ଅଭିଯୁକ୍ତ ବ୍ରଜରାଜନଗର ଟିନା ଲାଇନର ପଙ୍କଜ ସୁରେନ(୨୮)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ବିଜୟ ସ୍ଥାନୀୟ ଇଂଲିଶ ମିଡିୟମ ସ୍କୁଲରେ ପିଅନ ଭାବରେ କାମ କରୁଥିଲେ। ତାଙ୍କ ଶଳା ସରୋଜ ପାତ୍ର ସ୍ଥାନୀୟ ଥାନାରେ ହୋମଗାର୍ଡ ଭାବରେ କାମ କରନ୍ତି। ସରୋଜ ବେଲପାହାଡ ଫାଟକଠାରେ ଏକ ଚାଉମିନ ଦୋକାନ ଖୋଲି ପଙ୍କଜଙ୍କୁ ମିସ୍ତ୍ରୀ ଭାବରେ ନିୟୋଜିତ କରିଥିଲେ। ତେବେ କୌଣସି ଘଟଣାକୁ ନେଇ ବିଜୟ ଓ ପଙ୍କଜଙ୍କ ମଧ୍ୟରେ ରବିବାର ରାତି ୧୦ଟା ୩୦ମିନିଟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପଙ୍କଜ ଦୋକାନ ପାଖରେ ପଡିଥିବା ଏକ କଂକ୍ରିଟ ପଥରରେ ବିଜୟଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଟିଆର୍‌ଏଲ୍ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ବେଲପାହାଡ ପୋଲିସ କେସ୍ ନଂ ୮୯/୨୩ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଦଳ ସହାୟତାରେ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ବିଜୟଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି।



ଗିରଫ ଅଭିଯୁକ୍ତ

# ବିଜୁ ବାବୁଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ଓ ତିଳତର୍ପଣ

**ଦେବଗଡ଼, ୧୭।୪(ଡି.ଏନ.ଏ.)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ତମ ତିରୋଧାନ ଦିବସ ଅବସରରେ ସୋମବାର ଦେବଗଡ ଜିଲା ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସକାଳେ ସ୍ଥାନୀୟ ପ୍ରଧାନପାଟଠାରେ ଦଳ ପକ୍ଷରୁ ସାମୂହିକ ତିଳତର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ପ୍ରଥମଥର ପାଇଁ ମହିଳାମାନେ ଅଂଶଗ୍ରହଣ କରିଥିଲେ। ଏଥିସହ ପ୍ରଧାନପାଟ ଶିଶୁ ଉଦ୍ୟାନରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ଦଳ ପକ୍ଷରୁ ସଫେଇ କରାଯାଇଥିଲା। ଏଥିରେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ବିଜେଡି କୃଷକ ମୋର୍ଚ୍ଚା ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ଅର୍ଚ୍ଚନା ପ୍ରଧାନ, ନଗର ମହିଳା ବିଜେଡି ସଭାନେତ୍ରୀ ଭୁବନେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାରକୋଟ କାଳୀପୂଜା କମିଟି ସଭାଗୃହରେ ରକ୍ତଦାନ ଶିବିର ଓ ଦେବଗଡ ଗୋପବନ୍ଧୁ ଛକରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବିଜୁ ବାବୁଙ୍କ ତିରୋଧାନ ଦିବସ ଅବସରରେ ତିଳତର୍ପଣ କରାଯାଉଛି।

# ରମଜାନ ପାଳନ ପାଇଁ ଥାନାରେ ଶାନ୍ତି ବୈଠକ

**ବେଲପାହାଡ,୧୭।୪(ଡି.ଏନ.ଏ.)**

ଆସନ୍ତା ରମ୍‌ଜାନ ପର୍ବ ପାଳନ ପାଇଁ ବେଲପାହାଡ଼ ଥାନାରେ ସୋମବାର ଏକ ସର୍ବଧର୍ମ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରରେ ପରସ୍ପର ମଧ୍ୟରେ ଭାଇଚାରା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଛି। ବିଶେଷ କରି ମୁସଲମାନ ସମ୍ପ୍ରଦାୟଙ୍କ ଆସନ୍ତା ରମଜାନ ପର୍ବ ପାଳନ ଅବସରରେ ଶାନ୍ତି ଶୃଙ୍ଖଳା ରଖିବାକୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ ପ୍ରଶାସନ ପକ୍ଷରୁ ଲଖନପୁର ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର ଷଡ଼ଙ୍ଗୀ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବେଲପାହାଡ଼ ଥାନାଧିକାରୀ ଅମିତାଭ ପଣ୍ଡାଙ୍କ ସମେତ ଶ୍ୟାମ ସୁନ୍ଦର ଶତପଥୀ, ସତ୍ୟପ୍ରକାଶ ମହାନ୍ତି, ହିତେଶ ଠକ୍କର, ସମୀର ମିଶ୍ର, ଦିଲୀପ ସାଏ, ପ୍ରଚଣ୍ଡ ଜୟସାଲ, ଏମ୍‌ଡି ଆରିଫ, ଅବଦୁଲ ଜଲିଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ମହୁଲ ବୋଝେଇ ଭ୍ୟାନ୍ ଜବତ: ଜଣେ ଗିରଫ

**ଦେବଗଡ଼ ୧୭।୪(ଡି.ଏନ.ଏ)**

ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ବାରକୋଟ ଥାନା ଅନ୍ତର୍ଗତ ଖଡିନାଳୀ-ଖଜୁରୀଖମଣ ରାସ୍ତାରୁ ଏକ ମହୁଲ ବୋଝେଇ ପିକ୍‌ଅପ ଭ୍ୟାନ ଜବତ କରାଯିବା ସହ ଏହାର ଚାଳକକୁ ମଧ୍ୟ ଗିରଫ କରାଯାଇଛି। ଜିଲା ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବଗଡ଼ ଅବକାରୀ ଅଧୀକ୍ଷିକା ବାସନ୍ତୀ ପ୍ରଭା ନାୟକଙ୍କ ନିର୍ଦ୍ଦେଶରେ ସୋମବାର ଅବକାରୀ ଇନ୍ସପେକ୍ଟର ମଧୁସୂଦନ ସାହୁ ବାରକୋଟ ଥାନା ଅନ୍ତର୍ଗତ ଖଡିନାଳୀ-ଖଜୁରୀଖମଣ ରାସ୍ତାରେ ସଦଳବଳ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ପିକ୍‌ଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୨୪ କୁଇଣ୍ଟାଲ ୮୦କିଲୋ ମହୁଲ ବୋଝେଇ ହୋଇଥିବା ଜଣାପଡିଥିଲା। ଅନ୍ୟ ପକ୍ଷରେ ଏହାର ଚାଳକ ନିକଟସ୍ଥ ସଇଡା ଗ୍ରାମର ରଂଜିତ ଜେନା ଏହି ମହୁଲ ସମ୍ବନ୍ଧୀତ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଉକ୍ତ ମହୁଲ ଏବଂ ମହୁଲ ବୋଝେଇ ଭ୍ୟାନକୁ ଜବତ କରାଯିବାସହ ରଞ୍ଜିତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଏହି ଚଢାଉରେ ବାରକୋଟ ଅବକାରୀ ସବ ଇନ୍ସପେକ୍ଟର ସିଦ୍ଧେଶ୍ୱର ନାୟକ, ଏଏସଆଇ ବାଦଲ କୁମାର ବ୍ରହ୍ମା, ଅମୂଲ୍ୟ ପାଣି, ରାଜକିଶୋର ସାହୁ,କନଷ୍ଟବଲ ଲିଙ୍କନ ପ୍ରଧାନ ଓ ସାଗର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଅବକାରୀ ବିଭାଗ ପକ୍ଷରୁ ମହୁଲ ବୋଝେଇ ଭ୍ୟାନ ଜବତ।

# ମାର୍ଚ୍ଚରେ ପାଇକାରୀ ମୁଦ୍ରାସ୍ଫୀତି ହାର ୧.୩୪%

■୨୯ ମାସରେ ସର୍ବନିମ୍ନ
■ଉତ୍ପାଦିତ ସାମଗ୍ରୀ ମୂଲ୍ୟରେ ହ୍ରାସ



ନୂଆଦିଲ୍ଲୀ,୧୭।୪

କ୍ରମାଗତ ୧୦ ମାସ ହେବ ଦେଶର ହୋଲସେଲ୍ ପ୍ରାଇସ୍ ଇଣ୍ଡେକ୍ସ (ଡବ୍ଲ୍ୟୁପିଆଇ)ରେ ହ୍ରାସ ପରିଲକ୍ଷିତ ହେଉଛି। ଫଳରେ ଦରବୃଦ୍ଧି ଓ ମାନ୍ଦାବସ୍ଥା ସମୟରେ ଗ୍ରାହକଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ମିଳୁଛି। ଏପରିକି ଚଳିତ ବର୍ଷ ମାର୍ଚ୍ଚରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ହାର ୧.୩୪%ରେ ପହଞ୍ଚିଛି ବୋଲି ସୋମବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ୨୦୨୩ ମାର୍ଚ୍ଚରେ ହ୍ରାସ ପାଇ ୨୯ ମାସର ସର୍ବନିମ୍ନ ସ୍ତରରେ ରହିଛି। ଏପରିକି ୨୦୨୩ ମାର୍ଚ୍ଚରେ ଡବ୍ଲ୍ୟୁପିଆଇ ୧.୩୪% ରହିଥିଲା ବେଳେ ୨୦୨୩ ଫେବୃୟାରୀରେ ଏହାର ପରିମାଣ ୩.୮୫% ଥିଲା। ସେହିଭଳି ଗହମ ଏବଂ ଡାଲି ଜାତୀୟ ସାମଗ୍ରୀରେ ଦରବୃଦ୍ଧି ୨୦୨୩ ମାର୍ଚ୍ଚରେ ଯଥାକ୍ରମେ ୯.୧୬% ଏବଂ ୩.୦୩% ରହିଛି। ଏପରିକି ପନିପରିବା ମୂଲ୍ୟରେ ଏହାର ପରିମାଣ ୨.୨୨% ରହିଥିଲା ବେଳେ ତୈଳ ଜାତୀୟ ସାମଗ୍ରୀରେ ମଧ୍ୟ ମୁଦ୍ରାସ୍ଫୀତି ୨୦୨୩ ମାର୍ଚ୍ଚରେ ୧୫.୦୫% ରହିଥିଲା। ସେହିପରି ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ମୁଦ୍ରାସ୍ଫୀତି ୨୦୨୩ ମାର୍ଚ୍ଚରେ ୮.୯୬% ରହିଛି। ଯାହା ୨୦୨୩ ଫେବୃୟାରୀରେ ୧୪.୮୨% ରହିଥିଲା ବେଳେ ବିନିର୍ମାଣ ଉତ୍ପାଦରେ ମଧ୍ୟ ମୁଦ୍ରାସ୍ଫୀତି ୨୦୨୩ ଫେବୃୟାରୀରେ ୧.୯୪% ଥିଲା। ଏହା ୨୦୨୩ ମାର୍ଚ୍ଚରେ ଖସି ୦.୭୭% ରହିଛି। ଉଲ୍ଲେଖଯୋଗ୍ୟ ଚଳିତ ବର୍ଷ ଫେବୃୟାରରେ ଖୁଚୁରା ମୁଦ୍ରାସ୍ଫୀତି ହାର କମିବା ଯୋଗୁ ଚଳିତ ବର୍ଷ ମାର୍ଚ୍ଚରେ ମଧ୍ୟ ଡବ୍ଲ୍ୟୁପିଆଇରେ ମଧ୍ୟ ହ୍ରାସ ଘଟିଛି। ଅପରପକ୍ଷରେ ମନ୍ତ୍ରଣାଳୟର ସୂଚନା ଅନୁସାରେ ଲଗାତର ୧୦ମ ମାସ ଲାଗି ପାଇକାରୀ ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟିଛି। ବିଶେଷ କରି ବେସିକ୍ ମେଟାଲ୍ସ, ଖାଦ୍ୟ ସାମଗ୍ରୀ ମୂଲ୍ୟରେ ହ୍ରାସ ଯୋଗୁ ଡବ୍ଲ୍ୟୁପିଆଇରେ ହ୍ରାସ ଘଟିଛି। ଏପରିକି ମୂଳ ଧାତୁ, ଖାଦ୍ୟ ପାନୀୟ ସାମଗ୍ରୀ, କପଡ଼ା, ଅଣ-ଖାଦ୍ୟ ସାମଗ୍ରୀ, ଖଣିଜ, ରବର ଏବଂ ପ୍ଲାଷ୍ଟିକ ସାମଗ୍ରୀ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଏବଂ କାଗଜ ଉତ୍ପାଦଗୁଡ଼ିକର ମୂଲ୍ୟରେ ହ୍ରାସ ଯୋଗୁ ମୁଦ୍ରାସ୍ଫୀତି ହାରରେ ମଧ୍ୟ ହ୍ରାସ ଘଟିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ପିଏନ୍‌ବି ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୧୭।୪


ଲକ୍ଷ୍ମୀକାନ୍ତ ମିଶ୍ର

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ଲକ୍ଷ୍ମୀକାନ୍ତ ମିଶ୍ର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏପରିକି ସେ ଉକ୍ତ ମଣ୍ଡଳର ଉପ-ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଏହା ପୂର୍ବରୁ ମିଶ୍ର ଭୁବନେଶ୍ୱର ଜୋନାଲ ଅଡିଟ୍ କାର୍ଯ୍ୟାଳୟର ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ଉଲ୍ଲେଖଯୋଗ୍ୟ ୧୯୯୨ରେ ମିଶ୍ର ପିଏନ୍‌ବିରେ ପ୍ରୋବେସନାରୀ ଅଫିସର ଭାବେ ଯୋଗ ଦେଇଥିଲେ। ବିଶେଷକରି ମିଶ୍ରଙ୍କର ବିଭିନ୍ନ କ୍ଷେତ୍ରରେ ୩୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଅଭିଜ୍ଞତା ରହିଛି। ସେ ମଧ୍ୟ ଦେଶର ବିଭିନ୍ନ ସ୍ଥାନରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏପରିକି ଗତ ୩୦ ବର୍ଷ ମଧ୍ୟରେ ମିଶ୍ର ଭିନ୍ନ ଭିନ୍ନ ଶାଖାରେ ଶାଖା ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ଆସେଟ୍ ରିକଭରି ମ୍ୟାନେଜମେଣ୍ଟ ଶାଖା ଏବଂ କଟକ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ଅପରପକ୍ଷରେ ସେ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଭାବେ ଯୋଗଦେଇ ବ୍ୟାଙ୍କର ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର କାରବାର ବୃଦ୍ଧି ସହ ଗ୍ରାହକଙ୍କ ନିକଟତର ହେବାକୁ ଆଶା ପ୍ରକାଶ କରିଛନ୍ତି। ସେହିଭଳି ବ୍ୟାଙ୍କର ପ୍ରଦର୍ଶନକୁ ଉନ୍ନତ କରିବାକୁ ସେ ଦକ୍ଷତାର ସହ କାର୍ଯ୍ୟ କରିବେ ବୋଲି ଇଚ୍ଛା ପ୍ରକାଶ କରିଛନ୍ତି।

# ଥର୍ମାଲ୍ ପାୱାର ପ୍ଲାଣ୍ଟରେ ଆଇଆଇଓଟି

ଭୁବନେଶ୍ୱର,୧୭।୪

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ୨୪୦୦ ମେଗାୱାଟ୍ ଥର୍ମାଲ୍ ପାୱାର ପ୍ଲାଣ୍ଟରେ ଏକ ଅତ୍ୟାଧୁନିକ ଇଣ୍ଡଷ୍ଟ୍ରିଆଲ୍ ଇଣ୍ଟରନେଟ୍‌ଅଫ୍‌ଥିଙ୍ଗ୍ସ (ଆଇଆଇଓଟି) ଟେକ୍ନୋଲୋଜିର ବ୍ୟବହାର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବେଦାନ୍ତ ଥର୍ମାଲ ପାୱାର ପ୍ଲାଣ୍ଟରେ ନିର୍ଗମନ ହେଉଥିବା କଣିକାଗୁଡ଼ିକୁ ଉପଯୁକ୍ତ ଭାବେ ନିୟନ୍ତ୍ରଣ କରିବା ସହ ସେଥିରେ ଉନ୍ନତି ଆଣିବା ପାଇଁ ଫ୍ୟାବ୍ରିକ୍ ଫିଲ୍ଟରର ବ୍ୟବହାର ସହ ଆଇଆଇଓଟି ଟେକ୍ନୋଲୋଜିକୁ କମ୍ପାନୀର ୨୪୦୦ ମେଗାୱାଟ୍ ଥର୍ମାଲ ପାୱାର ପ୍ଲାଣ୍ଟରେ ନିୟୋଜନ କରାଯାଇଛି। ଏପରିକି ଉକ୍ତ ପାୱାର ପ୍ଲାଣ୍ଟର ବଏଲର ସିଷ୍ଟମରୁ ବାହାରୁଥିବା ଗରମ ଗ୍ୟାସ୍‌ରୁ ବିଭିନ୍ନ କଣିକା ପଦାର୍ଥଗୁଡ଼ିକୁ ସଂଗ୍ରହ କରିବା ପାଇଁ ଚିମିନିରେ ଇଲେକ୍ଟ୍ରୋଷ୍ଟାଟିକ୍ ବୃଷ୍ଟିପାତ ସହ ଫ୍ୟାବ୍ରିକ୍ ଫିଲ୍ଟରର ବ୍ୟବହାର କରାଯାଏ। ଫଳରେ ଫ୍ୟାବ୍ରିକ୍ ଫିଲ୍ଟର ମଧ୍ୟରେ ଥିବା ଡିଫେରିଏଲ୍ ଚାପ ଫିଲ୍ଟରଗୁଡ଼ିକର ଦକ୍ଷତା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେହିଭଳି କଣିକା ପଦାର୍ଥ ଏବଂ ଗ୍ୟାସ୍ ଧରିବାରେ ଏହା ବେଶ୍ ସହାୟକ ହୋଇଥାଏ। ଯାହା ବାୟୁ ଗୁଣବତ୍ତାକୁ ଯଥେଷ୍ଟ ଉନ୍ନତ କରିଥାଏ। ଠିକ୍ ମନିଟରିଂ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇଆଇଓଟି ଟେକ୍ନୋଲୋଜି ଉପକରଣଗୁଡ଼ିକୁ ବ୍ୟବହାର କରି ଟ୍ରାନ୍ସମିଟର ମାଧ୍ୟମରେ ଭିନ୍ନ ଭିନ୍ନ ଚାପ ମାପିବାର ପାରମ୍ପରିକ ଉପାୟରୁ କମ୍ପାନୀ ଉନ୍ନତ ଜ୍ଞାନକୌଶଳ ନିୟୋଜନ କରିଛି। ସେହିପରି ଏହାର ମୂଲ୍ୟ ଶୃଙ୍ଖଳା ମଧ୍ୟରେ ଅଗ୍ରଣୀ ଟେକ୍ନୋଲୋଜିର କଷ୍ଟୋମାଇଜ୍‌ଡ ପ୍ରୟୋଗ ମଧ୍ୟ କରାଯାଇଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ୍ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆମର ପରିବେଶ ସ୍ଥିରତା କାର୍ଯ୍ୟଦକ୍ଷତାକୁ ଆମେ ଆହୁରି ଉନ୍ନତ କରିବାକୁ ପ୍ରତିଶ୍ରୁତିବଦ୍ଧ, ଯେଉଁଥିରେ ସର୍ବୋତ୍ତମ ଶିଳ୍ପ ଅଭ୍ୟାସ ଗ୍ରହଣ କରାଯାଏ। ଏପରିକି ଅଗ୍ରଣୀ ଓ ଅତ୍ୟାଧୁନିକ ଡିଜିଟାଲ୍ ଟେକ୍ନୋଲୋଜି ସହ ଦକ୍ଷତାର କ୍ରମାଗତ ଉନ୍ନତି, ସର୍କୁଲାର୍ ପଦକ୍ଷେପ ଏବଂ ଆମର କାର୍ଯ୍ୟରେ ସ୍ଥିରତା ପାଇଁ ଡିଜାଇନ୍ ନୀତିର ଅନ୍ତର୍ଭୁକ୍ତ କରାଯାଉଛି।

# ରାଉରକେଲାରେ କଲ୍ୟାଣ ଜୁଏଲର୍ସ

■ରାଜ୍ୟର ୩ୟ ଷ୍ଟୋର
■ଆଜି ଉଦ୍‌ଘାଟନ କରିବେ ରଣବୀର କପୁର

ଭୁବନେଶ୍ୱର,୧୭।୪




କଲ୍ୟାଣ ଜୁଏଲର୍ସର ଓଡ଼ିଶା ୟୁନିଟ୍ ପକ୍ଷରୁ ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ମଙ୍ଗଳବାର ଷ୍ଟିଲ୍ ସିଟି ରାଉରକେଲାଠାରେ ଖୋଲିବାକୁ ଯାଉଛି। ବିଶେଷ କରି ରାଉରକେଲା ସହରରେ ବ୍ରାଣ୍ଡର ଏହା ପ୍ରଥମ ଷ୍ଟୋର ହୋଇଥିବା ବେଳେ ଓଡ଼ିଶା ବଜାରରେ ୩ୟ ଶୋ'ରୁମ୍ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କଲ୍ୟାଣ ଜୁଏଲର୍ସର ରାଉରକେଲା ଷ୍ଟୋରକୁ ବଲିଉଡ୍ ଅଭିନେତା ରଣବୀର କପୁର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ରାଉରକେଲା ପାନପୋଷ ରୋଡ୍‌ର ଆର୍‌ଆର୍ ପ୍ଲାଜା ପରିସରରେ କଲ୍ୟାଣ ଜୁଏଲର୍ସର ନୂତନ ଷ୍ଟୋର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବାକୁ ଯାଉଛି। ଏଠାରେ ଗ୍ରାହକ କଲ୍ୟାଣ ଜୁଏଲର୍ସର ଲୋକପ୍ରିୟ ବ୍ରାଣ୍ଡ୍ ଲିଲା-ହୀରା ଓ ସେମି-ପ୍ରିସିଅସ୍ ଷ୍ଟୋନ୍ ଗହଣା, ତେଜସ୍ୱୀ-ପୋଲକି ଗହଣା, ମୁଦ୍ରା-ହାତତିଆରି ଆଣ୍ଟିକ୍ ଗହଣା, ନିମାହ-ମନ୍ଦିର ଗହଣା, ଗ୍ଲୋ-ଡ୍ୟାନ୍ସିଂ ହୀରା, ଜିଆ-ସୋଲିଟାୟାର୍ ଭଳି ହୀରା ଗହଣା, ଅନୋଖି-ଅନକଟ ହୀରା, ଅପୂର୍ବା-ସ୍ୱତନ୍ତ୍ର ଅବସର ପାଇଁ ହୀରା,ମହୁରତ-ବିବାହ ଗହଣା, ରଙ୍ଗ-ପ୍ରିସିଅସ୍ ଷ୍ଟୋନ୍ ଗହଣା ଆଦି ଉପଲବ୍ଧ। ଏପରିକି ଉଦ୍‌ଘାଟନୀ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଗ୍ରାହକମାନଙ୍କୁ ସର୍ବନିମ୍ନ ୧ ଲକ୍ଷ ଟଙ୍କାର ସର୍ଫ ଉପରେ ୦% ଗଢ଼ା ମୂଲ୍ୟର ପ୍ରସାର କରାଯିବ। ଏହି ଅଫର୍ ସୀମିତ ସମୟ ପାଇଁ ଉପଲବ୍ଧ ରହିବ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି, ଓଡ଼ିଶା ବଜାରରେ ଆମେ ୮ ବର୍ଷ ପୂରଣ କରିଥିବା ବେଳେ ବର୍ତ୍ତମାନ ଆମେ ରାଜ୍ୟର ପ୍ରମୁଖ ସହର ରାଉରକେଲାଠାରେ ମଧ୍ୟ ଏକ ନୂତନ ଷ୍ଟୋର ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରି ବେଶ୍ ଆନନ୍ଦିତ। ବିଶେଷକରି କଲ୍ୟାଣ ଜୁଏଲର୍ସ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ଆମର ନୂତନ ନିବେଶ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ବଢ଼ାଇବା ପାଇଁ ରହିଥିବା ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏପରିକି ଆମର ବିଶ୍ୱାସ ରହିଛି ରାଉରକେଲା ଠାରେ ମଧ୍ୟ ଗ୍ରାହକଙ୍କ ବିଶ୍ୱାସଭାଜନ ହାସଲ କରିବା ଲାଗି ବ୍ୟାପକ ସୁଯୋଗ ରହିଛି। ଉକ୍ତ ଅଞ୍ଚଳରେ ଆମ ଦୃଢ଼ ମୂଲ୍ୟବୋଧ ଅନୁସାରେ ସାମଗ୍ରିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।

ସେହିଭଳି କଲ୍ୟାଣ ଜୁଏଲର୍ସରେ ବିକ୍ରି କରାଯାଉଥିବା ଗହଣାଗୁଡ଼ିକ ବିଆଇଏସ୍ ହଲମାର୍କର ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗତି କରିଥାଏ। ଆମର ଗ୍ରାହକମାନେ ବ୍ରାଣ୍ଡର ୪ ସ୍ତରୀୟ ଆସ୍ୱାରାନ୍ସ ସାର୍ଟିଫିକେଟ୍ ମଧ୍ୟ ପାଇବେ। ଯାହା ଶୁଦ୍ଧତା, ଗହଣାର ଜୀବନବ୍ୟାପୀ ମରାମତି, ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ ଏବଂ ଏକ୍ସଚେଞ୍ଜ ଓ ବାଏ ବ୍ୟାକ୍ ନୀତିରେ ସ୍ୱଚ୍ଛତା ଆଦିର ଗ୍ୟାରେଣ୍ଟି ପ୍ରଦାନ କରୁଛି।

# ଜୟଆଲୁକ୍କାସର କ୍ୟାଶବ୍ୟାକ ସେଲିବ୍ରେଶନ

ନୂଆଦିଲ୍ଲୀ,୧୭।୪

Joyalukkas
World's favourite jeweller

ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଆକର୍ଷଣୀୟ କ୍ୟାଶବ୍ୟାକ ସେଲିବ୍ରେଶନ କ୍ୟାମ୍ପେନିଙ୍ଗର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଜୟଆଲୁକ୍କାସରେ କିଣାକିଣି କଲେ ଗ୍ରାହକଙ୍କୁ ପ୍ରତି କ୍ରୟ ଉପରେ କ୍ୟାଶବ୍ୟାକର ସୁବିଧା ପ୍ରଦାନ କରାଯାଉଛି। ଏପରିକି ଏହି ଅଭିଯାନ ୨୦୨୩ ଏପ୍ରିଲ ୨୩ ମଧ୍ୟରେ କିଣାକିଣି କଲେ ଗ୍ରାହକଙ୍କୁ ଏକ ନିର୍ଦ୍ଦିଷ୍ଟ ରାଶିର ଉପହାର ଗିଫ୍ଟ ଭାଉଚର ଆକାରରେ ଦିଆଯାଉଛି। ଅପରପକ୍ଷରେ ୧୦,୦୦୦ ଟଙ୍କାର ରୁପା ଅଳଙ୍କାର କ୍ରୟ ଉପରେ ୫୦୦ଟଙ୍କାର ଗିଫ୍ଟ ଭାଉଚର ଦିଆଯାଉଥିବା ବେଳେ ୫୦,୦୦୦ ଟଙ୍କାର ସୁନା ଗହଣା କ୍ରୟ ଉପରେ ୧୦୦୦ ଟଙ୍କାର ଗିଫ୍ଟ ଭାଉଚର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ୫୦,୦୦୦ ଟଙ୍କାର ହୀରା ଓ ଅନକଟ ହୀରା ଏବଂ ମୂଲ୍ୟବାନ ଅଳଙ୍କାର କିଣିଲେ ଗ୍ରାହକଙ୍କୁ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ଷ୍ଟୋର ପକ୍ଷରୁ ଯୋଗାଇ ଦିଆଯାଉଛି। ଏପରିକି ଏସବିଆଇ କ୍ରେଡିଟ କାର୍ଡରେ କିଣାକିଣି କଲେ ଗ୍ରାହକଙ୍କୁ ଅତିରିକ୍ତ ୫%ର ରିହାତି ମିଳୁଛି ବୋଲି ଜୟଆଲୁକ୍କାସ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜୟଆଲୁକ୍କାସ ଗ୍ରୁପର ଚେୟାରମ୍ୟାନ ଏବଂ ଏମଡି ଜୟ ଆଲୁକ୍କାସ କହିଛନ୍ତି,ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଆମର ପ୍ରିୟ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଓ ସୁବିଧା ଯୋଗାଇ ଦେଉଛୁ। ଏପରିକି ପବିତ୍ର ଅକ୍ଷୟ ତୃତୀୟା ପାଇଁ ଆମେ ଗ୍ରାହକଙ୍କୁ ଆକର୍ଷଣୀୟ ଡିଜାଇନ ଓ କଲେକ୍ସନ ଯୋଗାଇ ଦେବୁ ବୋଲି ପ୍ରତିଶ୍ରୁତିବଦ୍ଧ ରହିଛୁ।

## ଫୁର୍‌ସତ୍

# ଟାଟୁରେ ଭର୍ତ୍ତି ଶିକ୍ଷକଙ୍କ ଶରୀର

ପ୍ୟାରିସ

ଆମେ ଶିକ୍ଷକଙ୍କୁ ସବୁବେଳେ ସରଳ ମଣିଷ ଭାବେ ଦେଖିବାକୁ ପାଇଥାଉ। ତାଙ୍କ ଆସନ ସର୍ବଦା ବହୁ ଉର୍ଦ୍ଧ୍ୱରେ ରହିଥାଏ। ସେମାନେ ନିଜ ଚାଲିଚଳନ, ବେଶଭୂଷାକୁ ସାଧାରଣ ରଖିଥା'ନ୍ତି। ହେଲେ ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ପେସାରେ ଜଣେ ଶିକ୍ଷକ, ହେଲେ ତାଙ୍କୁ ଦେଖିଲେ କେହି ତାହା ଭାବିପାରିବେନି। ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ରହୁଥିବା ଜଣେ ୩୭ ବର୍ଷୀୟ ସେଲ୍‌ଭେନ ହେଲେନି ତାଙ୍କ ଶରୀରର ଶତପ୍ରତିଶତ ଭାଗରେ ଟାଟୁ କରିଛନ୍ତି। ଏପରିକି ସେ ତାଙ୍କ ଆଖି ଡୋଳାରେ ମଧ୍ୟ ଟାଟୁ କରିଛନ୍ତି। ଏଥିପାଇଁ ସେ ପାଖାପାଖି ୫୮ ଲକ୍ଷ ୧୩ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ସେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ ପାଠ ପଢ଼ାଉଛନ୍ତି। ଏଥିସହ ହେଲେନି ଜଣେ ମଡେଲର ଏବଂ କମେଡିଆନ ମଧ୍ୟ। ସେ ତାଙ୍କର ଏହି ଟାଟୁ ଯାତ୍ରା ୧୦ ବର୍ଷ ପୂର୍ବେ ଆରମ୍ଭ କରିଥିଲେ। ସେ ଥରେ ଲଣ୍ଡନରେ ସୁଟ୍‌ବୁଟ୍ ପିନ୍ଧିଥିଲେ ମଧ୍ୟ ତାଙ୍କ ପାଖରେ ଟଙ୍କାର ଅଭାବ ରହିଥିଲା। ସେତେବେଳେ ସେ କ'ଣ କରିବେ ଜାଣିପାରି ନ ଥିଲେ। ହଠାତ୍ ତାଙ୍କର ନଜର ଜଣେ ବ୍ୟକ୍ତିଙ୍କ ଉପରେ ପଡ଼ିଲା, ଯିଏକି ବେକରେ ଟାଟୁ କରିଥିଲେ। ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ଆଖିରେ ଟାଟୁ କରିଥିଲେ। ଏହା ଦେଖି ସେ ତାଙ୍କ ଶରୀରରେ ଟାଟୁ କରିବା କଥା ଚିନ୍ତା କରିଥିଲେ। ସେବେଠାରୁ ତାଙ୍କର ଟାଟୁ ଯାତ୍ରା ଆରମ୍ଭ ହୋଇଥିଲା। ସେ ୬ ମାସ ମଧ୍ୟରେ ପ୍ୟାରିସ୍‌ରେ ଟାଟୁର ପ୍ରଥମ ପର୍ଯ୍ୟାୟ କରିସାରିଥିଲେ। ଏବେ ସେ ଟାଟୁର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ଏହାପରେ ସେ ଟାଟୁର ତୃତୀୟ ଏବଂ ୪ର୍ଥ ପର୍ଯ୍ୟାୟ କରିବେ ବୋଲି କହିଛନ୍ତି। ଏହି ଟାଟୁ ପାଇଁ ସେ ତାଙ୍କ ଶରୀରର ସ୍ତନବୃନ୍ତ ସହ ନାଭିକୁ କାଢ଼ି ଦେଇଛନ୍ତି। ସେ ଟାଟୁକୁ ନିଜ ଶରୀରରେ ପୋଷାକ ଭଳି ପିନ୍ଧିବାକୁ ଚାହୁଁଥିବା କହିଛନ୍ତି।



# ସଲ୍‌ମାନଙ୍କ ସହ କାମ କରିବାକୁ କିଛି ରୁଲ୍ ନାହିଁ


ଶେହେନାଜ୍ ଗିଲ୍

ମୁମ୍ବାଇ

ବିଗ୍‌ବସ୍ ଫେମ୍ ଶେହେନାଜ୍ ଗିଲ୍ ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍‌ଙ୍କ ସହ ଫିଲ୍ମ 'କିସି କା ଭାଇ କିସି କି ଜାନ୍'ରେ ବଲିଉଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ଶେହେନାଜ୍‌ଙ୍କ ସହ ଅଭିନେତ୍ରୀ ପଲକ୍ ତିୱାରୀ କହିଥିଲେ କି ସଲ୍‌ମାନଙ୍କ ସହ କାମ କରିବାକୁ ହେଲେ କିଛି ରୁଲ୍ ମାନିବାକୁ ହେବ। ପୂର୍ବରୁ ସଲ୍‌ମାନଙ୍କ ସହ ଏକ ଫିଲ୍ମ କରିବାବେଳେ ତାଙ୍କୁ ଏପରି କିଛି ରୁଲ୍ ମାନିବାକୁ ପଡିଥିବା ସେ କହିଥିଲେ। ହେଲେ ଏଥିରେ ଶେହେନାଜ୍ ଉତ୍ତର ରଖି କହିଛନ୍ତି, ଟ୍ରେଲର ରିଲିଜ୍ ହେବା ସମୟରେ ସେ ବୋଲ୍ଡ ଡ୍ରେସ ପିନ୍ଧିଥିଲେ। ତାଙ୍କ ସହିତ କାମ କରିବାକୁ ପ୍ରକୃତରେ ସେମିତି କିଛି ରୁଲ୍ ନାହିଁ ବୋଲି ସେ ସଫେଇ ଦେଇଥିଲେ। ତେବେ ପଲକ୍‌ଙ୍କ ଏପରି ମନ୍ତବ୍ୟରେ ଶେହେନାଜ୍ ଏପରି ଯୁକ୍ତି ବାଢ଼ିଥିଲେ। ଶେହେନାଜ୍ ଏହି ଫିଲ୍ମ ଜରିଆରେ ବଲିଉଡ୍ ଡେବ୍ୟୁ କରୁଥିବାବେଳେ ସେ ବିଗବସ୍ ଜରିଆରେ ସେ ପରିଚିତ ହୋଇଥିଲେ।

# ଖାଦ୍ୟ ଉପଯୋଗୀ ବ୍ୟାଟେରି



ରୋମ

ଆଇଆଇଟି-ଇଟାଲୀୟ ଇନ୍‌ଷ୍ଟିଚ୍ୟୁଟ୍‌ଅଫ୍ ଟେକ୍ନୋଲୋଜିର ଏକ ଅନୁସନ୍ଧାନକାରୀ ଦଳ ଏକ ବ୍ୟାଟେରି ପ୍ରସ୍ତୁତ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ଭାବେ ଭୋଜନଯୋଗ୍ୟ ଅଟେ। ଏହାକୁ ସାଧାରଣତଃ ଆମେ ଆମ ଦୈନନ୍ଦିନ ଖାଦ୍ୟର ଅଂଶ ଭାବେ ଖାଇଥାଉ। ପ୍ରକାଶିତ ଏକ ପତ୍ରିକାରେ ଉଲ୍ଲେଖ ହୋଇଛି, ସବୁଠୁ ପ୍ରଥମ ରିଚାର୍ଜଯୋଗ୍ୟ ଖାଇବା ବ୍ୟାଟେରି ପ୍ରସ୍ତୁତ କରି ଇଟାଲୀ ସଫଳତା ହାସଲ କରିଛି। ଏହି ଅଭିନବ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସ୍ୱାସ୍ଥ୍ୟ ନିରାକରଣ, ଖାଦ୍ୟର ଗୁଣବତ୍ତା ଉପରେ ପ୍ରଭାବ ପକାଯାଇପାରିବ। ଏକ ଅନୁସନ୍ଧାନକାରୀ ଦଳ ସମସ୍ତ ଜୀବଙ୍କଠାରେ ଘଟୁଥିବା ବାୟୋକେମିକାଲ ରିଡକ୍ସ ପ୍ରତିକ୍ରିୟାକୁ ଅନୁଧ୍ୟାନ କରି ସେଥିରୁ ଖାଇବାଯୋଗ୍ୟ ବ୍ୟାଟେରି ପ୍ରସ୍ତୁତ କରିଥିଲେ, ଯାହା ରିବୋଫ୍ଲୋବିନ୍ (ଭିଟାବିନ୍-ବି୨), ବାଦାମକୁ ଯୁକ୍ତ ଏବଂ କ୍ୟୁରେସିଟିନ୍ (ଖାଦ୍ୟ ଉପାଦାନ)କୁ ବିଯୁକ୍ତ ଭାବେ ବ୍ୟବହାର କରିଥିଲେ। ଇଲେକ୍ଟ୍ରିକାଲ୍ କଣ୍ଡକ୍ଟିଭିଟି ବଢ଼ାଇବାକୁ ସେଠାରେ ଅଙ୍ଗାରକୁ ବ୍ୟବହାର କରାଯାଇଥିଲା। ପ୍ରସ୍ତୁତ ଖାଦ୍ୟଯୋଗ୍ୟ ବ୍ୟାଟେରି ସେଲରେ ୦.୬୫ ଭୋଲ୍ଟର ଇଲେକ୍ଟ୍ରି ଥିଲା, ଯାହା ଶରୀରରେ ଖାଦ୍ୟ ହଜମରେ କୌଣସି ବାଧା ସୃଷ୍ଟି କରିବନି। ଏହି ବ୍ୟାଟେରି ଜରିଆରେ ଏଲ୍‌ଇଡି ଲାଇଟ୍ ସବୁ ଚାଲିପାରିବ।

# ମେଟ୍ରୋ ଟ୍ରେନ୍‌ରେ ସୋଫାରେ ଯାତ୍ରା



**ବେଜିଂ:** ବହୁ ଲୋକ ବସ୍ ଅପେକ୍ଷା ଟ୍ରେନ୍‌ରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରନ୍ତି। ହେଲେ ଅନେକ ସମୟରେ ଟ୍ରେନ୍ ଯାତ୍ରାରେ ଅଧିକାଂଶ ଲୋକ ବସିବାକୁ ସିଟ୍ ନ ପାଇ ଠିଆହୋଇ ଯାଇଥା'ନ୍ତି। ଏପରି ଅସୁବିଧା ପାଇଁ ଜଣେ ଯୁବକ ଏକ ଉପାୟ ବାହାର କରିଛନ୍ତି, ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ଚାଇନାର ଜଣେ ଯୁବକ ଟ୍ରେନ୍ ଯାତ୍ରା କରିବାକୁ ଯିବାବେଳେ ନିଜ ସହ ଏକ ଜଣିକିଆ ସୋଫା ନେଇ ଯାଉଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଯୁବକଙ୍କ ଏପରି କାର୍ଯ୍ୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି। ତେବେ ଯୁବକ ଜଣକ ପ୍ରତିଦିନ ତାଙ୍କ ସହ ଘରୁ ଏକ ସୋଫା ନେଇକି ଯାଇଥା'ନ୍ତି। ଷ୍ଟେଶନରେ ସେହି ସୋଫାକୁ ପକାଇ ଟ୍ରେନ୍ ଆସିବାକୁ ଅପେକ୍ଷା କରନ୍ତି। ପରେ ମେଟ୍ରୋ ଟ୍ରେନ୍ ଆସିଲେ ସେ ସେହି ସୋଫାକୁ ଟ୍ରେନ୍ ଭିତରେ ପକାଇ ଶାନ୍ତିରେ ବସିଥା'ନ୍ତି। ଏନେଇ ଉକ୍ତ ଯୁବକଙ୍କୁ ପଚରାଯିବାରୁ, ସେ ପ୍ରତିଦିନ ଟ୍ରେନ୍‌ରେ ସିଟ୍ ନ ପାଇ ଠିଆ ହୋଇ ଯାଇଥା'ନ୍ତି। ଏଥିରେ ସେ ବିରକ୍ତ ହୋଇ ଏକ ଖାସ୍ ପ୍ରକାରର ସୋଫା ତିଆରି କରାଇଲେ, ଯାହାକୁ ସେ ସହଜରେ ସାଙ୍ଗରେ ନେଇ ଟ୍ରେନ୍‌ରେ ଯାତ୍ରା କରିପାରିବେ। ପ୍ରଥମେ ସେ ଏକ ପୋର୍ଟେବଲ ଚୌକି ବ୍ୟବହାର କରିବାକୁ ଭାବିଥିଲେ। ହେଲେ ଅଫିସରେ ଏବଂ ଅଫିସ ସରିବା ପରେ ଏକାଭଳି ଚୌକିରେ ବସି ଆରାମ କରିପାରିବେନି। ସେଥିପାଇଁ ସେ ଏକ ଆରାମଦାୟକ ସୋଫା ତିଆରି କରାଇଥିବା କହିଛନ୍ତି।

# ସଭ୍ୟତାର ସୂଚନା ଦିଏ

**ବିଶ୍ୱ ଐତିହ୍ୟ ଦିବସ**

ଏ ବର୍ଷର ବାର୍ତ୍ତା **ଐତିହ୍ୟ ପରିବର୍ତ୍ତନ**

ମାନବ ସଭ୍ୟତାର କ୍ରମବିକାଶ ସମ୍ପର୍କିତ ସୂଚନା କ୍ଷେତ୍ରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଐତିହ୍ୟର ଗୁରୁତ୍ୱ ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଏପ୍ରିଲ ୧୮କୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷର ବାର୍ତ୍ତା ରହିଛି 'ଐତିହ୍ୟ ପରିବର୍ତ୍ତନ'। ଅନ୍ତର୍ଜାତୀୟ ପରିଷଦ ସ୍ମାରକୀ ଏବଂ ସାଇଟ୍ (ଆଇକ୍‌ମୋସ୍) ପକ୍ଷରୁ ବିଶ୍ୱର ସାଂସ୍କୃତିକ ଐତିହ୍ୟ ଏବଂ ସ୍ମାରକୀସ୍ଥଳର ବିକାଶକୁ ପ୍ରୋତ୍ସାହିତ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ବିଶ୍ୱ ଐତିହ୍ୟ ସ୍ଥଳଗୁଡ଼ିକର ବିବିଧତା ଏବଂ ସେଗୁଡ଼ିକର ସୁରକ୍ଷା ତଥା ସଂରକ୍ଷଣ ପାଇଁ ଅତ୍ୟାବଶ୍ୟକ ପ୍ରୟାସ ବିଷୟରେ ସଚେତନତା ସୃଷ୍ଟି କରାଯାଏ। ୧୯୮୨ରେ ଆଇକ୍‌ମୋସ୍ ପରାମର୍ଶ ଦେଇଥିଲା ଯେ, ଏପ୍ରିଲ ୧୮କୁ ଐତିହ୍ୟ ଦିବସ ଭାବେ ପାଳନ କରାଯିବ। ୧୯୮୩ରେ ୟୁନେସ୍କୋ ଏହାର ୨୨ତମ ସାଧାରଣ ସମ୍ମିଳନୀରେ ଏହି ଦିବସ ପାଳନକୁ ଅନୁମୋଦନ କରିଥିଲା।



ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇ ଆସୁଛି। ୟୁନେସ୍କୋ ସହଭାଗିତାରେ ଆଇକ୍‌ମୋସ୍ ଦ୍ୱାରା ମାନବ ସଭ୍ୟତାର ଯାତ୍ରା ଏବଂ ଇତିହାସ ସମ୍ପର୍କରେ ଏହି ଦିବସ ଅବସରରରେ ସଚେତନତା ସୃଷ୍ଟି କରାଯାଇଥାଏ। ଭାରତରେ ପ୍ରାୟ ୩୬୯୧ ସଂରକ୍ଷିତ ଐତିହ୍ୟ ସ୍ମାରକୀ ରହିଛି। ସେଥିମଧ୍ୟରୁ ପ୍ରାୟ ୫୦ଟି ଐତିହ୍ୟସ୍ଥଳୀ ୟୁନେସ୍କୋ ଅଧୀନରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ। କେବଳ ଉତ୍ତର ପ୍ରଦେଶରେ ୭୪୫ ଓ କର୍ନାଟକରେ ୫୦୬ଟି ସଂରକ୍ଷିତ ଐତିହ୍ୟ ଅଛି। ତେବେ ଉଲ୍ଲେଖନୀୟ ଐତିହ୍ୟ ସ୍ଥଳ ମଧ୍ୟରେ ତାଜମହଲ, ହାମ୍ପି, ଅଜନ୍ତା ଏବଂ ଏଲୋରା ଗୁମ୍ଫା, ସୂର୍ଯ୍ୟମନ୍ଦିର, ସାଞ୍ଚିସ୍ତୂପ, ରାଜସ୍ଥାନର ହିଲ୍ ଫୋର୍ଟ୍ସ ଆଦି ଅନ୍ତର୍ଭୁକ୍ତ। ପ୍ରାକୃତିକ ଐତିହ୍ୟ ସ୍ଥଳରେ ପଶ୍ଚିମଘାଟ, ଗ୍ରେଟ୍ ହିମାଳୟ ଜାତୀୟ ଉଦ୍ୟାନ, କାଜିରଙ୍ଗା ୱାଇଲ୍ଡ ଲାଇଫ୍ ଅଭୟାରଣ୍ୟ, ସୁନ୍ଦରବନ ଜାତୀୟ ଉଦ୍ୟାନ, ନନ୍ଦା ଦେବୀ ଏବଂ ଭ୍ୟାଲି ଫୁଲ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ।

# ସଂରକ୍ଷଣ ପାଇଁ ଉଦ୍ୟମ ଲୋଡ଼ା

## ବିପଦରେ ଓଡ଼ିଶା ଐତିହ୍ୟ

ଗୋଟିଏ ଜାତିର ସମୃଦ୍ଧି, କଳାନୈପୁଣ୍ୟ,ସମରପଟୁତା ଇତ୍ୟାଦି ସେ ଜାତିର ଐତିହ୍ୟ, ପରମ୍ପରା, ସଂସ୍କୃତିର ଛାପରୁ ସ୍ପଷ୍ଟ ହୁଏ। ଐତିହ୍ୟ ୟା' ଭିତରେ ମୁଖ୍ୟ ମାନଦଣ୍ଡ । ଐତିହ୍ୟ ସ୍ପର୍ଶନୀୟ (ମନ୍ଦିର, ଅଟ୍ଟାଳିକା, ସ୍ତମ୍ଭ) ହେଉ କି ଅସ୍ପର୍ଶନୀୟ (ସଙ୍ଗୀତ ଯଥା ଆଶ୍ରମେ ପ୍ରଭାତ, ଯଶୋଦା ବିଳାପ), ନୃତ୍ୟ (ମାହାରୀ, ପ୍ରହ୍ଲାଦ ନାଟକ ଇତ୍ୟାଦି), ଜ୍ଞାନଯୁକ୍ତ ପ୍ରଥା (ଯେପରି ଦୋଳଯାତ୍ରା, ଚନ୍ଦନ ଚାପ) ହେଉ, ସେ ସବୁର ପୁନରୁଦ୍ଧାର, ସଂରକ୍ଷଣ, ପ୍ରଲେଖନର ଆବଶ୍ୟକତା ରହିଛି। ଏସବୁ ଆମ ଜାତିର ଅସ୍ମିତା, ଯାହାକୁ ଆଗାମୀ ପିଢ଼ିଙ୍କ ପାଇଁ ସାଇତି ରଖିବା ଓ ପ୍ରଥାଗୁଡିକୁ ଚାଲୁ ରଖିବା । ତେବେ ଆମ ରାଜ୍ୟର ଉଭୟ ସ୍ପର୍ଶନୀୟ ଐତିହ୍ୟ ଓ ଅସ୍ପର୍ଶନୀୟ ଐତିହ୍ୟ ଧୀରେ ଧୀରେ ବିପଦବଳୟ ଭିତରକୁ ଠେଲି ହୋଇଯାଉଛି। କୋଣାର୍କର ଲୁହ କେବେ ଶୁଖିବ ତାହା କେହି କହିପାରୁ ନାହାନ୍ତି। କୋଣାର୍କ ଜଗମୋହନରୁ ବାଲିକଢ଼ା (୧୯୦୦ରୁ ୧୯୦୩) ଗୋଟିଏ ଭୁଲ ସିଦ୍ଧାନ୍ତ ଥିଲା ବୋଲି ଅନେକେ ମତ ଦେଲେ । ଅବଶ୍ୟ ଏବେ


ଶିଶୁପାଳ ଗଡ଼

ବାଲିକଢ଼ା କାମ ଅନେକ ଡେରିରେ ହେଲେ ବି କୋଣାର୍କ କେତେଦୂର ସଂରକ୍ଷିତ ରହିପାରିବ କେହି ଆକଳନ କରିପାରୁନାହାନ୍ତି। ପୁଣି ଶ୍ରାବଣ ମାସରେ କୋଣାର୍କ ପରିସର ଜଙ୍ଘେ ପାଣିରେ ବୁଡ଼ି ରହୁଛି । ଅନେକ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ହେଉନାହିଁ। ସେପରି ପାରମ୍ପରିକ ସଙ୍ଗୀତ (ଯଥା ଢୁମ୍ପା), ନୃତ୍ୟ (ଦୁଆରି, ରାବଣ ଛାୟା ଇତ୍ୟାଦି), ପରମ୍ପରାର କଂସା, ପିତ୍ତଳ ବାସନ ବ୍ୟବହାର ଧୀରେ ଧୀରେ ଲୋପ ପାଇଲାଣି। ଏସବୁର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଅଗ୍ରସର ହେବା ଆବଶ୍ୟକ ।

**– ସୁଦର୍ଶନ ସାହୁ,** ମୋ : ୮୮୯୫୨୯୫୧୬୫

# ଐତିହ୍ୟର ପୃଷ୍ଠଶାଳା

ଓଡ଼ିଶାର ଧାରାବାହିକ ଇତିହାସର ପୂର୍ଣ୍ଣତା ଏଯାଏଁ ସମ୍ଭବ ହେଇନି। ୟା' ବୋଲି ମହାଜନମାନେ ସ୍ଥିର କରିଥିବା ଇତିହାସର ଉପାଦାନ ଯେ ନାହିଁ ତାହା ଶତପ୍ରତିଶତ କହିହେବ ନାହିଁ। ଓଡ଼ିଶାର ଗାଁଠାରୁ ସହର ଗଳି ପର୍ଯ୍ୟନ୍ତ ଇତିହାସ ଉପାଦାନ ବିଛାଡ଼ି ହୋଇ ରହିଛି। ଦୃଷ୍ଟିକୋଣରେ ସାମାନ୍ୟ ପରିବର୍ତ୍ତନ ହେଲେ ଉପାଦାନଗୁଡ଼ିକର ମୂଲ୍ୟାୟନ ହୋଇପାରିବ। ଶାସ୍ତ୍ରୀୟ ପୋଥିକୁ ଆମକୁ ଗ୍ରହଣ କରିବାକୁ ତ ନିଶ୍ଚୟ ହେବ। ୟା' ବାଦେ ଓଡ଼ିଶାର ନଈ ଉପତ୍ୟକାରୁ, ମହୋଦଧିର ଭଗ୍ନ ବିଲୁପ୍ତପ୍ରାୟ ବନ୍ଦରମାନଙ୍କରୁ, ଗାଁମୁଣ୍ଡ ଦେଉଳ କାନ୍ଥରୁ, ମଠ-ଆଶ୍ରମମାନଙ୍କ ସନନ୍ଦ ଦସ୍ତାବିଜ୍‌ରୁ, ନିପଟ ମଫସଲର କାନ୍ଦଣା ଗୀତର ଢଗ ଢମାଳିରୁ, କାନରୁ କାନକୁ ବ୍ୟାପୀ ଶହ ଶହ ବର୍ଷ ଧରି ବଞ୍ଚି ରହିଥିବା ଲୋକକଥାରୁ, ପାହାଡ଼ର ଗୁମ୍ଫାରୁ ତ ଚିଲିକାର ବୁଦିବୁଦିକିଆ ଦ୍ୱୀପପୁଞ୍ଜରୁ ଆମକୁ ଉପାଦାନ ମିଳିବ। ଟିକିଏ ନିଷ୍ଠା ଆଉ ଅନ୍ତର୍ଦୃଷ୍ଟି ଲୋଡ଼ା। ଅନୁସନ୍ଧାନର ମାନସିକତା ଆମକୁ ଆଗେଇ ନେବ ଯେ ଦିଗରେ।

ଚିଲିକା ଚକାନାସୀର ଶିଉଳିଲଗା ଖପରା ଖଣ୍ଡରୁ ଆମକୁ ଯେମିତି କିଛି ମିଳିଛି, ଗୁରୁବାଇ ଗଡ଼ର ଲୋଟଣୀ ବରଗଛ ତଳୁ ମହାପ୍ରଭୁଙ୍କ ପୋତି ହୋଇଥିବା ବୈଠିକି 'ଚକା' ବି ଇତିହାସକୁ ମଜଭୁତ କରିଛି। ଚିଲିକା କୂଳର ନଇରୀସ୍ଥିତ ହରୀଶ୍ୱର ମଣ୍ଡପ, ବାଣପୁରର ବଢ଼ହନୁଆଡ଼ ଓ ଗବପଦର, ଖଲିକୋଟର ଚିକିଲି ଆଜି ମାଦଳା ପାଞ୍ଜିକୁ ବିଶ୍ୱାସ କରିବାକୁ ବାଧ କରିଛି। ନଇରୀର ଗୁଣ୍ଡିଚା କୂଅ, ଗଞ୍ଜାମ ମାରଦାର ମଥୁରା ଶିଳ୍ପୀଙ୍କ ଦ୍ୱାରା ଦି' ମାସରେ ଗଢ଼ି ଉଠିଥିବା ମନ୍ଦିର ଓ


ଚକାନାସୀ

ବ୍ରହ୍ମଗିରି ଗଡ଼କୋକଲର ଭଗବତୀ ମନ୍ଦିର, ଆମ୍ଭର ଅନୁସନ୍ଧାନ ମାନସିକତାକୁ ପ୍ରେରଣା ଯୋଗାଇଛି।

ମହାନଦୀ ଘାଟ ଦଳେଇଙ୍କ ଦଲିଲ ଆମକୁ ବିସ୍ମିତ କରିଛି। ଗଜପତିଙ୍କ ଜଳବାହିନୀ ବା ନୌବାହିନୀ ସେନା ସ୍ଥଳବାହିନୀ ସେନାଙ୍କ ଅପେକ୍ଷା କେତେ ଯେ ହୁସିଆର, ତାହା ହୃଦ୍‌ବୋଧ ହୋଇଛି। ଘାଟ ଦଳେଇଙ୍କ ଐତିହ୍ୟ ଖୋଜୁଖୋଜୁ କଟକ ମହ୍ଲାସାହିର ମଲ୍ଲବୀରମାନଙ୍କ ଦସ୍ତାବିଜ ଦେଖି ପୁଣି ବିଚାରିବାକୁ ପଡ଼ିଛି। ମଲ୍ଲମାନେ ମହ୍ଲା ହୋଇ ବଡ଼ଦାଣ୍ଡରେ ଆସ୍ଥାନଟିଏ ଗଜପତିଙ୍କଠୁ ନେଇ ଗଢ଼ିଦେବା ପରେ ତାହା ଅପଭ୍ରଂଶରେ 'ମଲେଇମଠ'ରେ ପରିଣତ ହେବାର ଅଣଦେଖା ମାନସିକତା କୋହ ଭରି ଦେଇଛି ମନରେ।

ବାସ୍ତବରେ ହୃଦ୍‌ବୋଧ ହୋଇଛି ଓଡ଼ିଶାର ଶିଉଳିଲଗା ଅପାଙ୍‌କ୍ତେୟ ହୋଇ ପଡ଼ି ରହିଥିବା ପଥର ଖଣ୍ଡକରେ ବି ପ୍ରଚୁର ଐତିହ୍ୟ ଲୁଚି ରହିଛି। ପ୍ରତି ଗାଁର ବୁନିଆଦି ଅଛି। ଯେ ବୁନିଆଦି କିଛି ପୋଥିକି ଆସିଛି, କିଛି ଆସିନି। ୟା' ମାନେ ନୁହଁ ଯେ ବୁନିଆଦି ନାହିଁ। ପ୍ରତି ଗାଁର ଶାବର ବିଦ୍ୟାର ଗ୍ରାମଦେବୀ, ପୋଥିବିଦ୍ୟାର ଶ୍ରୀଶ୍ରୀ ମହାଦେବଙ୍କର ମନ୍ଦିର ହିଁ ବୁନିଆଦିର ମୂକସାକ୍ଷୀ।

ଓଡ଼ିଶାର ପ୍ରସିଦ୍ଧ ଦେବଦେବୀଙ୍କର କିଛି ନା କିଛି ଗୌରବପୂର୍ଣ୍ଣ ଐତିହ୍ୟ ରହିଛି। ଆମେ ଯେତିକି ଘାଣ୍ଟିଚୁ, ନିଶ୍ଚୟ କିଛି ପାଇଛୁ। ଯାହା ନ ଘାଣ୍ଟିଛୁ ସେଠି ଯେ ନାହିଁ, ସେକଥା ନୁହେଁ। ଲୋପ ହୋଇ ଆସୁଛି ସେସବୁ। ପ୍ରତି ଗଡ଼ର, ପ୍ରତି ଦୁର୍ଗର, ପ୍ରତି ଦୁର୍ଗ ଦେବୀଙ୍କର ରୋମାଞ୍ଚଭରା ଐତିହ୍ୟ ରହିଛି। ତା'ରି ଭିତରେ ଆମ ଇତିହାସ। କାରଣ ଇତିହାସ ଲେଖାରେ ଶାସ୍ତ୍ର/ ପୁରାଣ/ କାହାଣୀ/ କିମ୍ବଦନ୍ତୀ/ ଲୋକକଥା ମଧ୍ୟ ପ୍ରବନ୍ଧ ହୋଇପାରେ।

ସେଥିପାଇଁ ପଣ୍ଡିତ ଗୋପବନ୍ଧୁ ଲେଖିଥିଲେ- "ଏ ମୂର୍ତ୍ତି ଆମ୍ଭମାନଙ୍କ ଦୃଷ୍ଟିରେ ଜଡ଼-ପିତୁଳା ନୁହନ୍ତି। ସୁକୁମାର ଶିଳ୍ପର ଆଦର୍ଶ ନୁହନ୍ତି କିମ୍ବା ଅନ୍ଧ ଲୋକ ସାଧାରଣଙ୍କର ଧର୍ମବିଶ୍ୱାସକୁ ସୁଦୃଢ଼ ଓ ଚରିତାର୍ଥ କରିବା ଲାଗି କୌଶଳ ନୁହନ୍ତି। ଏହା ଶୁଦ୍ଧ ବୁଦ୍ଧ ପ୍ରେମମୟ ଜୀବନ୍ତ ପ୍ରତିମା। ମୂକସାକ୍ଷୀ ହୋଇ ଉଭା ହୋଇଛନ୍ତି ସତ୍ୟ, କିନ୍ତୁ ସେ ମୁଖରୁ କେତେ ପ୍ରେମର କାହାଣୀ, ଗୌରବର ଇତିହାସ, ଭକ୍ତିର ବୃତ୍ତାନ୍ତ, ନୀରବ ଗମ୍ଭୀର ଭାବରେ ନିଃସୃତ ହେଉଅଛି।" (ସତ୍ୟବାଦୀ ୧/୨ ସଂଖ୍ୟା, ୧୩୨୨ ସାଲ, ପୃ-୬୨, ୬୩)।

ସାହିତ୍ୟ ଏବଂ ଇତିହାସ ପରସ୍ପର ସଂଶ୍ଳିଷ୍ଟ ହୋଇପାରନ୍ତି, କିନ୍ତୁ ସାହିତ୍ୟ ଯାହା ଇତିହାସ ତା' ନୁହେଁ। ଐତିହ୍ୟକୁ ଆମେ ସମ୍ପୂର୍ଣ୍ଣ ଇତିହାସ ପର୍ଯ୍ୟାୟରେ ନେଇପାରୁ ନାହୁଁ। ଐତିହ୍ୟ ସଂସ୍କୃତିର ହୋଇପାରେ, ସଭ୍ୟତାର ହୋଇପାରେ, କଳା-ସଙ୍ଗୀତ-ନୃତ୍ୟ-ଗୀତ ଓ ପରମ୍ପରାର ବି ହୋଇପାରେ। କାରଣ ଇତିହାସ ସହିତ 'ଗୌରବ'କୁ ଯୋଡ଼ିବାକୁ ହୁଏ। ଏଇ ଗୌରବ ଭିତରେ କେବଳ 'ଭାବନା' ନ ଥାଏ। ଜାତି ଜାତୀୟତା ଓ ଅତୀତକୁ ନୂଆ କରି ଦେଖିବାକୁ ହୁଏ। ବାଚନିକ ଇତିହାସ ପାଇଁ ମଣିଷର ବିଶ୍ୱାସ ସହିତ ଚଳଣିକୁ ଯୋଡ଼ିବାକୁ ହୁଏ। ସହାବସ୍ଥାନର ଧାରାକୁ ଏଠି ଆଡ଼େଇଦେବା ସମ୍ଭବ ନୁହେଁ। ତେଣୁ ଐତିହ୍ୟକୁ ଇତିହାସର ଉପାଦାନ ପର୍ଯ୍ୟାୟରେ ଆମେ ଗଣତି କରିଅଛୁ। ପରମ୍ପରାର ଐତିହ୍ୟ ମଧ୍ୟ ଏଥିରେ ରହିଛି। ଯାହାକୁ ଜଣେ ଇତିହାସ ପକ୍ଷରେ ସଂଯୋଗ କରିବାରେ କୌଣସି ବାଧା ଉପୁଜିବ ନାହିଁ ବୋଲି ଆମ୍ଭର ବିଶ୍ୱାସ।



କାଙ୍କଣ ଶିଖରୀ

ସତ୍ୟବାଦୀର ୧/୨ ସଂଖ୍ୟାରେ ସ୍ପଷ୍ଟ ବି ହୋଇଛି। କିମ୍ବଦନ୍ତୀ କେବଳ ମରୁମରୀଚିକା ନୁହେଁ। ନିସ୍ତରଙ୍ଗ ଅନ୍ଧକାରାଚ୍ଛନ୍ନ ଯୁଗକୁ ଘଟଣାମୟ କରି ଚିତ୍ରିବା ଲାଗି ଅଯଥା ଅସଙ୍ଗତ କଳ୍ପନା ନୁହେଁ। ସେ ସବୁକୁ ଅନାଦର କଲେ ଆଧୁନିକ ଯୁଗ ବହୁ ପୁରା ତତ୍ତ୍ୱରୁ ବଞ୍ଚିତ ହେବ ଏବଂ ବର୍ତ୍ତମାନ ସହିତ ଅତୀତର ସଂଯୋଜକ ସୂତ୍ର ଅନେକ ସ୍ଥଳେ ମିଳିବ ନାହିଁ। ଭାରତ ପରି ରୋମ, ଗ୍ରୀସ୍, ମିଶର, ବାବିଲୋନ୍ ପ୍ରଭୃତି ପ୍ରାଚୀନ ଦେଶ ଓ ଜାତିମାନଙ୍କ ଇତିହାସ କାହାଣୀ କିମ୍ବଦନ୍ତୀରୁ ବହୁ ପରିମାଣରେ ଉଦ୍ଧାର କରାଯାଇଛି। ବାଲୁକାରାଶିର ନିମ୍ନରେ ଫଲ୍‌ଗୁ ପ୍ରବାହ ପରି ଏହିସବୁ କିମ୍ବଦନ୍ତୀର ମଜା ଯେ ସାର ସତ୍ୟରେ ଚିରକାଳ ଉଜ୍ଜୀବିତ ରହିଅଛି ତାହା ଅନୁସନ୍ଧାନ କଲେ ଅନାୟାସରେ ଉପଲବ୍ଧି ହେବ (ପୃ.୬୩)।

ଐତିହ୍ୟର ଉପାଦାନ ଉପରେ ଇତିହାସ ଛିଡ଼ା ହେବା ଭାରତରେ କିଛି ନୂଆ କଥା ବି ନୁହେଁ, ଐତିହ୍ୟର ଉପାଦାନକୁ ଇତିହାସରୁ ଆଡ଼େଇ ନେଲେ ସେ ଇତିହାସ ସମୃଦ୍ଧ ଇତିହାସ ହୋଇ ରହିବ ନାହିଁ। ସେଥିରେ ଦାରିଦ୍ର୍ୟର ଛିଟା ଦିଶିବ ହିଁ ଦିଶିବ।

**– ଡ. ସୁରେନ୍ଦ୍ର କୁମାର ମିଶ୍ର**

**ନୀତି ରାଜନୀତି**


କର୍ନାଟକ ବିଦାର ଜିଲାର ଭଲ୍‌କି ସହରରେ ଏକ ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କଂଗ୍ରେସରେ ପୂର୍ବତନ ଭାଜପା ମୁଖ୍ୟମନ୍ତ୍ରୀ

**ବେଙ୍ଗାଲୁରୁ, ୧୭।୪**

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଲିଙ୍ଗାୟତ ନେତା ଜଗଦୀଶ ଶେଟ୍ଟାର ସୋମବାର ସକାଳେ କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କର୍ନାଟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ଡି.କେ. ଶିବକୁମାରଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଥିଲେ। ରବିବାର ସନ୍ଧ୍ୟାରେ ସେ ବେଙ୍ଗାଲୁରରେ ଶିବକୁମାର, ସିଦ୍ଧରମୈୟା ଏବଂ ରଣଦୀପ୍ ସୁର୍ଜେୱାଲାଙ୍କ ସହ ଏକ ବୈଠକରେ ଆଲୋଚନା କରିବା ସହ କେତେକ ସର୍ତ୍ତ ରଖିଥିଲେ। ତାଙ୍କୁ ହୁବାଲି-ଧରୱାଡ୍ କେନ୍ଦ୍ରୀୟ ଆସନରୁ କଂଗ୍ରେସ ଟିକେଟ ମିଳିପାରେ ବୋଲି କୁହାଯାଉଛି। ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ସେଟ୍ଟାର କର୍ନାଟକ ମୁଖ୍ୟମନ୍ତ୍ରୀ ହେବା ସହ ଭାଜପା ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଥିଲେ। ଚଳିତ ବିଧାନସଭା ନିର୍ବାଚନ ଲାଗି ଭାଜପା ତାଙ୍କୁ ଟିକେଟ ନ ଦେବାରୁ ରବିବାର ସେ ଭାଜପାରୁ ଇସ୍ତଫା ଦେଇଥିଲେ। ଦଳ ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ଜଗଦୀଶଙ୍କୁ ଅଟକାଇବାକୁ ଉଦ୍ୟମ କରି ଭାଜପା ଶୀର୍ଷ ନେତାମାନେ ବିଫଳ ହୋଇଥିଲେ।


କର୍ନାଟକ ପୂର୍ବତନ ଭାଜପା ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପସ୍ଥିତିରେ ସୋମବାର ସର୍ବ ପୁରାତନ ଦଳରେ ଯୋଗ ଦେଇଛନ୍ତି।

# ଅଭିଷେକଙ୍କୁ ସିବିଆଇ ସମନ

**କୋଲକାତା, ୧୭।୪**

ଶିକ୍ଷକ ଦୁର୍ନୀତି ମାମଲାରେ ଜେରା ପାଇଁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ) ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏମ୍‌ପି ତଥା ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ସୋମବାର ସମନ ଜାରି କରିଛି। ଏହି ସମ୍ବେଦନଶୀଳ ମାମଲାରେ କଲିକତା ହାଇକୋର୍ଟ ଅଭିଷେକଙ୍କୁ ଜେରା କରିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇବାର କିଛି ଘଣ୍ଟା ପରେ ସିବିଆଇ ଅଭିଷେକଙ୍କୁ ସମନ ଜାରି କରିବା ଜାତୀୟ ରାଜନୀତିକୁ ଉଷ୍ମ କରିଛି।

ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବଜ୍ଞା କରି ସିବିଆଇ ସମନ ଜାରି କରିବା ବିରୋଧରେ କୋର୍ଟରେ ପିଟିଶନ ଦାଏର କରିବେ ବୋଲି ଅଭିଷେକ କହିଛନ୍ତି। ସେ ଟୁଇଟ୍ କରି କହିଛନ୍ତି ଏହା କେନ୍ଦ୍ର ସରକାରଙ୍କ ହତାଶାକୁ ଦର୍ଶାଉଛି। କୋର୍ଟଙ୍କ ଆଦେଶକୁ ବେଖାତିର କରି ସିବିଆଇ ଏବଂ ଇଡି ନିଜର ଅସଲ ମୁଖା ଖୋଲିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, କଲିକତା ହାଇକୋର୍ଟ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସିର ସାଧାରଣ ସମ୍ପାଦକ ଅଭିଷେକଙ୍କୁ ପଚରାଉଚୁରା କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ନିଜର ଏପ୍ରିଲ ୧୩ ଆଦେଶରେ ହାଇକୋର୍ଟ ମାମଲାର ତଦନ୍ତ କରୁଥିବା ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ବିରୋଧରେ କୌଣସି ଏଫଆଇଆର୍ କିମ୍ବା କାର୍ଯ୍ୟାନୁଷ୍ଠାନ ନ ନେବାକୁ ପଶ୍ଚିମବଙ୍ଗ ପୋଲିସକୁ କହିଥିଲେ। ତେବେ ଅଭିଷେକଙ୍କୁ ସିବିଆଇ ଜେରା ଲାଗି କଲିକତା ହାଇକୋର୍ଟଙ୍କ ଆଦେଶ ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଛନ୍ତି।

# ଖଣି ଦୁର୍ନୀତି କଥା କହି ବର୍ଷିଲେ ଅପରାଜିତା

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ଲୁହା, ମାଙ୍ଗାନିଜ୍, କ୍ରୋମ ଇତ୍ୟାଦି ଖଣିଜ ସମ୍ବଳ ଓଡ଼ିଶାରେ ଗଚ୍ଛିତ ଥିଲେ ମଧ୍ୟ ଏହା ଦରିଦ୍ର ରାଜ୍ୟ ରୂପେ ପରିଗଣିତ ହେଉଛି। ଦେଶର ମୋଟ ଖଣିଜ ସମ୍ବଳ ମଧ୍ୟରୁ ଓଡ଼ିଶାରେ ୯୬.୧୨ ପ୍ରତିଶତ କ୍ରୋମ, ୫୧.୧୫ ପ୍ରତିଶତ ବକ୍ସାଇଟ, ୩୩.୧୨ ପ୍ରତିଶତ ହେମାଟାଇନ ଆଇରନ, ୪୩.୬୪ ପ୍ରତିଶତ ମାଙ୍ଗାନିଜ ଗଚ୍ଛିତ ଅଛି। କିନ୍ତୁ ରାଜ୍ୟ ସରକାର ଓ ଖଣିମାଫିଆଙ୍କ ଅନୈତିକ ବୁଝାମଣା ଯୋଗୁ ଦୁର୍ନୀତି ଚାଲିଛି। ଗତ ୬ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ଆସିଥିବା ତାଗିଦାପୂର୍ଣ୍ଣ ଚିଠି ଦେଖାଇବା ସହ ୫ଟି ମାଙ୍ଗାନିଜ ଖଣି କଥା ଉଠାଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବର୍ଷିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ୨୦୧୦ ନଭେମ୍ବରରେ ବ୍ୟାପକ ଖଣି ଦୁର୍ନୀତିର ତର୍ଜମା ପାଇଁ 'ଶାହା କମିଶନ' ଗଠନ କରାଯାଇଥିଲା। ଶାହା କମିଶନ ଓଡ଼ିଶାର ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ରିପୋର୍ଟ ଦେଇଥିଲେ ବି ସରକାର ଏହାକୁ ଅଣଦେଖା କରିଥିଲେ ବୋଲି ସେ କହିଥିଲେ। ରାଜ୍ୟ ସରକାର ଓ ପ୍ରାଇଭେଟ ଲିଜଧାରୀ ଖଣି ମାଲିକଙ୍କ ମଧ୍ୟରେ ଥିବା ଅନୈତିକ ବୁଝାମଣା ଯୋଗୁ ରାଜ୍ୟରେ ଖଣିଗୁଡ଼ିକରେ ବ୍ୟାପକ ଦୁର୍ନୀତି ହେବା ସହ ରାଜ୍ୟ ରାଜକୋଷର ହଜାର ହଜାର କୋଟି ଟଙ୍କା କ୍ଷତି ହେଉଛି। କେନ୍ଦ୍ର ସରକାର ଓଡ଼ିଶାରେ ନୂତନଭାବେ ନିଲାମ ହୋଇଥିବା କେତେକ ଖଣିର ଦୁର୍ନୀତି ଓ ଅନିୟମିତତା ନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ସେହି ଚିଠିରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ, ଉତ୍ପାଦନ ହେଉଥିବା ଭଲ ଗ୍ରେଡ୍‌ର ଲୁହା, ମାଙ୍ଗାନିଜ, କ୍ରୋମ ଖଣିଜ ପଦାର୍ଥକୁ ନିମ୍ନମାନର ଦର୍ଶାଇ ନିମ୍ନ ମୂଲ୍ୟରେ ବିକ୍ରୟ କରି ରାଜକୋଷକୁ ରୟାଲଟି ଡିଏମ୍‌ଏଫ୍ ଏବଂ ଏନ୍‌ଏମ୍‌ଇଟିକୁ ଆବଶ୍ୟକ ଦେୟ ଫାଙ୍କି ବ୍ୟାପକ ହରିଲୁଟ୍ କରିଥିବା ଉଲ୍ଲେଖ କରିଛନ୍ତି।

# ବିଜେଡି-ଭାଜପା: ବଢ଼ିଲା ତିକ୍ତତା

**ବୁଗୁଡ଼ା, ୧୭।୪(ଡି.ଏନ୍.ଏ.)**

> ଆକ୍ରମଣ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳରେ ଦୁଇ ରାଜନୈତିକ ଦଳ ଭାଜପା ଓ ବିଜେଡି ମଧ୍ୟରେ ତିକ୍ତତା ଦେଖାଦେଇଥିବା ବେଳେ ସୋମବାର ଉଭୟ ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି। ସକାଳେ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ ସାଙ୍ଗଠନିକ କାର୍ଯ୍ୟରେ ବୁଗୁଡ଼ା ଆସୁଥିଲେ। ଏହି ସମୟରେ ସହର ଉପକଣ୍ଠ ସନ୍ତୋଷୀ ମନ୍ଦିର ନିକଟରେ କେତେଜଣ ବିଜେଡି କର୍ମୀ ତାଙ୍କ କାରକୁ ଅଟକାଇ ଗାଳିଗୁଲଜ ସହ ମାଡ଼ ମାରିଥିବା ନେଇ ଦୀପକ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବୁରୁଖୋଲା ଗ୍ରାମର ବିଜେଡି କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ବାଇକ୍‌ରେ ଫେରୁଥିବା ବେଳେ ସେହି ସନ୍ତୋଷୀ ମନ୍ଦିର ନିକଟରେ ଭାଜପା ଯୁବମୋର୍ଚ୍ଚା ସଭାପତି ଦୀପକଙ୍କ ଗାଡି ଧକ୍କା ଦେଇଥିଲା। ଫଳରେ ପୂର୍ଣ୍ଣଚନ୍ଦ୍ର ଛିଟିକି ପଡିଯିବାରୁ ଗାଡିରୁ ଓହ୍ଲାଇ ଦୀପକ ଓ ତାଙ୍କର ସହଯୋଗୀମାନେ ତାଙ୍କୁ ମାଡ ମାରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟଙ୍କ ଅଭିଯୋଗକୁ ଗ୍ରହଣ କରିଥିବା ବେଳେ ଏହା ନିଶ୍ଚିତ ରୂପେ ପଞ୍ଜୀକରଣ କରାଯିବ ବୋଲି ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ଭୟମୁକ୍ତ ଝାରସୁଗୁଡ଼ା ମୁଖ୍ୟ ପ୍ରସଙ୍ଗ: ଟଙ୍କଧର

**ଝାରସୁଗୁଡ଼ା ଉପନିର୍ବାଚନ**

- ନାମାଙ୍କନ ପତ୍ର ଦାଖଲ କଲେ ଭାଜପା ପ୍ରାର୍ଥୀ

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ସୋମବାର ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଦଳୀୟ ନେତା ଓ କର୍ମୀଙ୍କ ସହ ଶୋଭାଯାତ୍ରାରେ ଯାଇ ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ବେଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ଭାଜପା ସଭାପତି କେପି ସିଂହଦେଓ, ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନାମାଙ୍କନ ପରେ ଟଙ୍କଧର କହିଛନ୍ତି, ଏହି ନିର୍ବାଚନ ଲଢ଼େଇ ୨୪ ବର୍ଷ ଧରି ରାଜ୍ୟରେ ଥିବା ଅପାରଗ ସରକାର ସହ ସାଧାରଣ ନାଗରିକଙ୍କ ଭିତରେ ହେବ। ଭୟମୁକ୍ତ, ସୁରକ୍ଷିତ, ପ୍ରଦୂଷଣମୁକ୍ତ ଓ ସମୃଦ୍ଧ ଝାରସୁଗୁଡ଼ା ଗଠନ ଏହି ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ହେବ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସାଧାରଣ ଲୋକ ଭାଜପା ସହ ଅଛନ୍ତି। ସେମାନେ ନିର୍ବାଚନ ଲଢୁଛନ୍ତି। ଆମେ ତାଙ୍କ ସହଯୋଗୀ ହେବୁ। ଯେଉଁଦିନ ନବ ଦାସଙ୍କୁ ହତ୍ୟା କରାଗଲା ଲୋକେ ସେହିଦିନରୁ ସେମାନଙ୍କ ସୁରକ୍ଷା ନେଇ ଚିନ୍ତିତ। ଯେଉଁ ସରକାର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇପାରୁନି, ସେ ଏଠାରେ ଲଢ଼ିବାର ନୈତିକ ସାହସ ହରାଇଛି। ସାଧାରଣ ଲୋକ ନିଷ୍ପତ୍ତି କରିଛନ୍ତି ଏଠାରେ କ୍ଷମତା ପରିବର୍ତ୍ତନ ନିଶ୍ଚୟ କରିବେ। ବୁଲେଟ୍ ବିରୋଧରେ ବାଲଟ୍ ଏଥର ନିର୍ଣ୍ଣାୟକ ଭୂମିକା ନେବ। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର କହିଛନ୍ତି, ୨୦୧୪ରୁ କେନ୍ଦ୍ରରେ ସୁଶାସନ କରୁଥିବା ମୋଦି ସରକାରଙ୍କ ବିକାଶ ପ୍ରତି ଲୋକେ ଆକର୍ଷିତ ହୋଇଛନ୍ତି। ତେଣୁ ସେହି ଅନୁରୂପ ମତଦାନ ଝାରସୁଗୁଡ଼ାରେ ହେବ।

ସୂଚନାଯୋଗ୍ୟ, କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ଗତ ୧୫ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ବିଜେଡି ପ୍ରାର୍ଥୀ ଦୀପାଳି ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିବା ନେଇ ସୂଚନା ମିଳିଛି। ଝାରସୁଗୁଡ଼ା ଉପ ନିର୍ବାଚନ ପାଇଁ ମେ'୧୦ରେ ଭୋଟ୍ ଗ୍ରହଣ ହେବ। ମେ'୧୩ରେ ଭୋଟ୍ ଗଣତି କରାଯିବ।

ଝାରସୁଗୁଡ଼ା ଉପନିର୍ବାଚନ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଏହାର ଫଳାଫଳ ଆସନ୍ତା ୨୦୨୪ ନିର୍ବାଚନକୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ଏହି ଦୃଷ୍ଟିକୋଣରୁ ବିଜେଡି ଉକ୍ତ ଆସନକୁ ନିଜ ସପକ୍ଷରେ ନେବା ପାଇଁ ସମସ୍ତ କୌଶଳ ପ୍ରୟୋଗ କରିବ। ଅନ୍ୟପକ୍ଷରେ ଭାଜପା ଓ କଂଗ୍ରେସ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡକୁ ମୁଖ୍ୟ ଅସ୍ତ୍ର କରି ବିଜେଡିକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି।


ଦଳୀୟ ନେତାଙ୍କ ସହ ଭାଜପା ପ୍ରାର୍ଥୀ ଟଙ୍କଧର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପୁସ୍ତମ୍ ପରିବାରବର୍ଗ


କୁମାର ସ୍ୱରାଜ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚିନ୍ନାସ୍ୱାମୀରେ ଚେନ୍ନାଇ ଚମକ

**ବେଙ୍ଗାଲୁରୁ,୧୭।୪**

ସୋମବାର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ୍ ପ୍ରିମିୟର ଲିଗରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ବିପକ୍ଷ ମ୍ୟାଚକୁ ୮ ରନରେ ଜିତି ନେଇଛି ଚେନ୍ନାଇ ସୁପର କିଙ୍ଗ୍ସ। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୨୨୬ ରନ୍ କରିଥିଲା। ଜବାବରେ ବାଙ୍ଗଲୋର ୨୦ ଓଭରରେ ୮ ଉଇକେଟ ହରାଇ ୨୧୮ ରନରେ ସୀମିତ ରହିଥିଲା। ଚେନ୍ନାଇ ପକ୍ଷରୁ ଡେଭନ୍ କନ୍‌ୱେ ୮୩ ଓ ଶିବମ୍ ଦୁବେ ୫୨ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ସହିତ ଚଳିତ ସିଜନର ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲା ଚେନ୍ନାଇ। ଜବାବରେ ଗ୍ଲେନ୍ ମ୍ୟାକ୍ସୱେଲ ୭୬ ଓ ଫାଫ୍ ଡୁ ପ୍ଲେସି ୬୨ ରନ୍ କରିଥିଲେ ହେଁ ବାଙ୍ଗଲୋରକୁ ଜିତାଇ ପାରି ନ ଥିଲେ। ଟସ୍ ଜିତି ଆରସିବି ଅଧିନାୟକ ଫାଫ୍ ଡୁ ପ୍ଲେସି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ମହମ୍ମଦ ସିରାଜ୍ ପାୱାର ପ୍ଲେରେ ପୁଣି ଥରେ ଘାତକ ବୋଲିଂ କରିଥିଲେ। ପ୍ରଥମ ସ୍ପେଲରେ ସେ ଦୁଇ ଓଭର ବୋଲିଂ କରି ୩ ରନ୍ ଦେଇ ନିର୍ଭରଯୋଗ୍ୟ ଋତୁରାଜ ଗାଏକ୍ୱାଡ(୩)ଙ୍କୁ ଆଉଟ କରିଥିଲେ। ତେବେ ଓପନର ଡେଭନ୍ କନ୍‌ୱେ ଓ ଅଜିଙ୍କ୍ୟ ରାହାନେ ୩୭ ଦ୍ୱିତୀୟ ଉଇକେଟରେ ୭୪ ରନ୍ ଯୋଡିଥିଲେ। ରାହାନେ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୦ ବଲରୁ ୩ ଚୌକା ଓ ୨ ଛକା ମାରିଥିଲେ। ଦଳୀୟ ସ୍କୋର ୯୦ ରନ୍‌ରେ ବଡ ଶଟ୍ ଖେଳିବାକୁ ଯାଇ ରାହାନେ ହସରଙ୍ଗାଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଏହାପରେ ଶିବମ ଦୁବେ କ୍ରିଜରେ ଯୋଗ ଦେଇ କନ୍‌ୱେଙ୍କ ସହିତ ୮୦ ରନର ଭାଗୀଦାରି କରିଥିଲେ। ଉଭୟ ୩୭ ବଲ୍ ଖେଳି ୮୦ ରନ୍ ଯୋଡିଥିଲେ। କନ୍‌ୱେ ୪୫ ବଲ୍ ଖେଳି ୬ଟି ଲେଖାଏ ଛକା ଓ ଚୌକା ସହିତ ୮୩ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଦୁବେ ମାତ୍ର ୨୭ ବଲ୍ ଖେଳି ୨ ଚୌକା ଓ ୫ ଛକା ମାରିଥିଲେ। ଉଭୟ ଖେଳାଳି ମାତ୍ର ୫ ରନ୍ ବ୍ୟବଧାନରେ ଆଉଟ ହୋଇଥିଲେ। ଶେଷ ଭାଗରେ ଅମ୍ବାତି ରାୟୁଡୁ ୧୪ ଓ ମୋଇନ୍ ଅଲୀ ୧୯* ଦ୍ରୁତ ରନ୍‌ର ଇନିଂସ ଖେଳିବାରୁ ଚେନ୍ନାଇ ୨୨୬ ରନ୍ କରିଥିଲେ। ଆରସିବି ପକ୍ଷରୁ ମହମ୍ମଦ ସିରାଜ, ହର୍ଷଲ ପଟେଲ, ୱେନ୍ ପାର୍ନେଲ, ଗ୍ଲେନ୍ ମ୍ୟାକ୍ସୱେଲ ଓ ବିଜୟ କୁମାର ବୈଶାକ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୨୭ ରନ୍ ଲକ୍ଷ୍ୟର ପିଛା କରୁଥିବା ବାଙ୍ଗାଲୋରକୁ ପ୍ରଥମ ଓଭରରେ ଝଟ୍‌କା ଦେଇଥିଲେ ଇମ୍ପାକ୍ଟ ପ୍ଲେୟର ଆକାଶ ସିଂ। ବିରାଟ କୋହଲିଙ୍କୁ ୬ ରନରେ ବୋଲ୍ଡ କରି ସେ ଚେନ୍ନାଇକୁ ସଫଳତା ଦେଇଥିଲେ। ପରବର୍ତ୍ତୀ ବ୍ୟାଟର ମହିପାଲ ଲୋମରର ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଚିନ୍ନାସ୍ୱାମୀ ଷ୍ଟାଡିୟମର ଛୋଟ ବାଉଣ୍ଡାରୀର ଫାଇଦା ଉଠାଇଥିଲେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଅଧିନାୟକ ଫାଫ୍ ଡୁ ପ୍ଲେସି। ଉଭୟ ୬୧ ବଲ୍ ବ୍ୟାଟିଂ କରିବା ସହିତ ୧୧୬ ରନ୍ ଯୋଡିଥିଲେ। ମ୍ୟାକ୍ସୱେଲ ଅଧିକ ବିପଜ୍ଜନକ ବ୍ୟାଟିଂ କରିଥିଲେ। ମ୍ୟାକ୍ସୱେଲ ୩୬ ବଲ୍ ଖେଳି ୩ ଚୌକା ଓ ୮ ଛକା ସହ ୭୬ ରନ୍ କରିଥିଲେ। ଡୁପ୍ଲେସି ୩୩ ବଲ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଉଭୟ ଖେଳାଳି ମାତ୍ର ୨ ଓଭର ବ୍ୟବଧାନରେ ଆଉଟ ହୋଇଥିଲେ। ପରେ ଦୀନେଶ କାର୍ତ୍ତିକ ୧୪ ବଲ୍‌ରୁ ୨୮ ରନ୍ କରି ଦଳକୁ ବିଜୟର ନିକଟତର କରିଥିଲେ। ତେବେ କାର୍ତ୍ତିକ ଆଉଟ ହେବା ସହ ଆରସିବିର ବିଜୟ ଆଶା ମଉଳି ଯାଇଥିଲା। ଚେନ୍ନାଇ ପକ୍ଷରୁ ତୁଷାର ଦେଶପାଣ୍ଡେ ୩ ଓ ମଥୀଷା ପଥିରାନା ଦୁଇଟି ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଡେଭନ୍ କନ୍‌ୱେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୨୬/୬( ଡେଭନ୍ କନ୍‌ୱେ-୮୩, ଶିବମ୍ ଦୁବେ-୫୨, ଅଜିଙ୍କ୍ୟ ରାହାନେ-୩୭, ମହମ୍ମଦ ସିରାଜ-୧/୩୦, ହର୍ଷଲ ପଟେଲ-୧/୩୬, ୱେନ୍ ପାର୍ନେଲ-୧/୪୮)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୧୮/୮ (ଗ୍ଲେନ୍ ମ୍ୟାକ୍ସୱେଲ-୭୬, ଫାଫ୍ ଡୁ ପ୍ଲେସି-୬୨, ଦୀନେଶ କାର୍ତ୍ତିକ-୨୮, ତୁଷାର ଦେଶପାଣ୍ଡେ-୩/୪୪, ମଥୀସା ପଥିରାନା-୨/୪୨,ମୋଇନ୍ ଅଲ1-୧/୧୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୧.୩୫୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ | ୫ | ୩ | ୨ | ୬ | +୦.୭୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୨୬୫ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୬ | +୦.୧୯୨ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | -୦.୧୦୯ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୫ | ୨ | ୩ | ୪ | -୦.୩୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୨ | ୨ | ୪ | -୦.୩୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | -୦.୮୨୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୦ | ୫ | ୦ | -୧.୪୮୮ |

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)
**ହାଇଦ୍ରାବାଦ ବନାମ ମୁମ୍ବାଇ**
ସ୍ଥାନ:ହାଇଦ୍ରାବାଦ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବ୍ରହ୍ମେଶ୍ୱର ଫାଇଟର୍ସ ଚାମ୍ପିୟନ



ଚାମ୍ପିୟନ ବ୍ରହ୍ମେଶ୍ୱର ଫାଇଟର୍ସ ଦଳର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

### କଳିଙ୍ଗ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୭।୪ (କ୍ରୀଡ଼ା ପ୍ରତିନିଧି)**

କେସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଇଆର୍‌ସି ଭିଲେଜ୍‌ସ୍ଥିତ ଏନ୍୪ ଖେଳପଡ଼ିଆରେ କଳିଙ୍ଗ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ସମ୍ପନ୍ନ ହୋଇଛି। ୩ ଦିନବିଶିଷ୍ଟ ଏହି ଦିବାରାତ୍ର ଟୁର୍ନାମେଣ୍ଟରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ବିଳମ୍ବିତ ରାତିରେ ଶେଷ ହୋଇଥିବା ଫାଇନାଲରେ ୱାଇଲ୍‌ଡ୍‌ଫୁନେଲ ୱାରିୟର୍ସକୁ ହରାଇ ବ୍ରହ୍ମେଶ୍ୱର ଫାଇଟର୍ସ ଚାମ୍ପିୟନ ହୋଇଛି। ତ୍ରିବେଣୀ ଆଇଆର୍‌ସି ତୃତୀୟ ସ୍ଥାନ ଅଧିକାର କରିଛି। ୬ ଓଭରବିଶିଷ୍ଟ ଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ୱାରିୟର୍ସ ଦଳ ୮ ଉଇକେଟ ହରାଇ ୫୩ ରନ କରିଥିଲା। ଜବାବରେ ଫାଇଟର୍ସ ୪.୪ ଓଭରରେ ୧ ଉଇକେଟ ହରାଇ ୫୬ ରନ୍ ସଂଗ୍ରହ କରି ନେଇଥିଲା। ଚିରାଗ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ୍, ମଦନ ପଲାଇ ପ୍ଲେୟର ଅଫ୍ ଦି ସିରିଜ୍, ବିକି ଡିଗଲ ଶ୍ରେଷ୍ଠ ବ୍ୟାଟର, ଆଶୁତୋଷ ନାୟକ ଶ୍ରେଷ୍ଠ ବୋଲର ଏବଂ ଅମିତ କୁମାର ତ୍ରିପାଠୀ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧.୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ରନରଅପ୍ ଦଳକୁ ଟ୍ରଫି ସହ ୬୦,୦୦୦ ଓ ତୃତୀୟ ସ୍ଥାନୀୟ ଦଳକୁ ୨୦,୦୦୦ ଟଙ୍କା ପୁରସ୍କୃତ କରାଯାଇଥିଲା। ବିଧାୟକ ସୁଶାନ୍ତ କୁମାର ରାଉତ, କର୍ପୋରେଟର ମାନସୀରାଣୀ ସୁନ୍ଦରାୟ ଅତିଥିଭାବେ ଯୋଗଦେଇଥିଲେ। କେସିସି ଚେୟାରମ୍ୟାନ୍ ଏ. ସାଇପ୍ରସାଦ ଦୋରା, ସମ୍ପାଦକ ହିମାଂଶୁ ପତି, ସଦସ୍ୟ ଧନଶ୍ରୀ ମିସାଲେ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଲିନରେ ଫର୍ମୁଲା ଇ କାର୍ ଚଲାଇବେ ଜେହାନ୍ ଦାରୁୱାଲା

**ଲଣ୍ଡନ,୧୭।୪(ପି.ଟି.):** ଭାରତୀୟ ରେସର ଜେହାନ୍ ଦାରୁୱାଲା ପ୍ରଥମଥର ପାଇଁ ଏକ ଫର୍ମୁଲା ଇ କାର୍ ଚଲାଇବେ। ବର୍ଲିନ୍‌ରେ ଏପ୍ରିଲ୍ ୨୨-୨୩ରେ ହେବାକୁଥିବା ରେସ୍‌ରେ ଦାରୁୱାଲା ପ୍ରଥମଥର ଏକ ଇଲେକ୍ଟ୍ରିକ୍ ରେସିଂରେ ଅଂଶଗ୍ରହଣ କରିବେ। ଫର୍ମୁଲା-୨ରେ ଅଂଶଗ୍ରହଣ କରୁଥିବା ୨୪ ବର୍ଷୀୟ ଜେହାନ୍ ମହିନ୍ଦ୍ରା ଟିମ୍ ପକ୍ଷରୁ ଅଂଶଗ୍ରହଣ କରିଥିଲେ। ବର୍ଲିନ୍ ଇ-ପ୍ରିରେ ପ୍ରଥମଥର ପାଇଁ ଭାରତୀୟ କମ୍ପାନୀ ମହିନ୍ଦ୍ରା ଅଂଶଗ୍ରହଣ କରୁଥିବା ନେଇ କମ୍ପାନୀ ପକ୍ଷରୁ ଟୁଇଟ୍ କରାଯାଇଛି। ଏହାସହିତ ଜେହାନ୍ ପ୍ରଥମ ଭାରତୀୟ ଭାବେ ଫର୍ମୁଲା ଇ କାର ଚଲାଇବାର ସୁଯୋଗ ପାଇବେ। ଉଲ୍ଲେଖଯୋଗ୍ୟ, ଟାଟା ଦ୍ୱାରା ଅଧିକୃତ ଜାଗୁଆର ମଧ୍ୟ ଏହି ରେସ୍‌ରେ ଅଂଶଗ୍ରହଣ କରିଥାଏ।

# ଏଲ୍‌ଏସ୍‌ଜିରେ ଯୋଗଦେବେ ମୋହସିନ୍ ଖାନ୍

**ନୂଆଦିଲ୍ଲୀ, ୧୭।୪:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)କୁ ଫେରିବେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସ୍‌ଜି) ଦଳର ପେସ୍ ବୋଲର ମୋହସିନ୍ ଖାନ୍। କାନ୍ଧ ଆଘାତ କାରଣରୁ ଅନ୍‌ଫିଟ୍ ଥିବା ମୋହସିନ୍ ଦଳ ସହିତ ଯୋଗଦେଇ ନ ଥିଲେ। ଆସନ୍ତା ମ୍ୟାଚ୍ ପୂର୍ବରୁ ସେ ଦଳ ସହ ଯୋଗଦେବେ। ୨୦୨୨ ସଂସ୍କରଣରେ ମୋହସିନ୍ ଏଲ୍‌ଏସ୍‌ଜିର ପ୍ରମୁଖ ଶକ୍ତି ଥିଲେ। ୯ ମ୍ୟାଚ୍‌ରୁ ସେ ୧୪ ଉଇକେଟ ଅକ୍ତିଆର କରିଥିଲେ। ବର୍ତ୍ତମାନ ଏଲ୍‌ଏସ୍‌ଜିରେ ମାର୍କ ଉଡ୍, ଆଭେଶ୍ ଖାନ୍, ଯୁଦ୍ଧବୀର ଚରକ, ଜୟଦେବ ଉନାଡକଟ ଓ ମୟଙ୍କ ଯାଦବଙ୍କ ପରି ପେସ୍ ବୋଲର ରହିଛନ୍ତି।

# ଭାରତୀୟ ତୀରନ୍ଦାଜୀ ଦଳକୁ କୋରିଆନ କୋଚ୍

**କୋଲ୍‌କାତା, ୧୭।୪ (ପି.ଟି.):** ପ୍ୟାରିସ୍ ଗେମ୍ସ-୨୦୨୪ ପୂର୍ବରୁ ଭାରତୀୟ ଆର୍ଚେରୀ ଦଳ ପାଇଁ ଏକ ଭଲ ଖବର। ଖେଳର ଜାତୀୟ ମହାସଂଘ ରିକର୍ଭ ଟିମ୍ ପାଇଁ ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ କୋଚ୍ ଦକ୍ଷିଣ କୋରିଆର ବେକ୍ ଉଙ୍ଗ୍ କି'ଙ୍କୁ କୋଚ୍ ଭାବେ ନିଯୁକ୍ତି ଦେବ। ବେକ୍‌ଙ୍କ ଯୋଗୁ ତାଙ୍କ ଦେଶ ଲଣ୍ଡନ ଅଲିମ୍ପିକ୍ସରେ ମହିଳା ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ଦୁଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ମଙ୍ଗଳବାର ତୁର୍କୀର ଆଣ୍ଟାଲ୍ୟାଠାରେ ସିଜନ ଆରମ୍ଭ ୱାର୍ଲ୍ଡକପ୍ ଷ୍ଟେଜ୍-୧ରେ ଭାରତୀୟ ଦଳ ସହ ତାଙ୍କ କାର୍ଯ୍ୟ ଆରମ୍ଭ କରିବେ। ଏହାପୂର୍ବରୁ ୨୦୧୪ ଏସିଆନ ଗେମ୍ସ ପାଇଁ ସେତେବେଳେ ଭାରତ ଜଣେ ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତି ଦେଇଥିଲା। ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ) ଦୁଇଥର ଇଟାଲିଆନ ବିଶ୍ୱକପ୍ ବିଜେତା ସର୍ଗିଓ ପାଗ୍‌ନୀଙ୍କୁ ନିଯୁକ୍ତି ଦେଇଛି। ସେ ତୁର୍କୀ ବିଶ୍ୱକପ୍ ପାଇଁ କମ୍ପାଉଣ୍ଡ ଦଳ ସହ ଗସ୍ତ କରିଛନ୍ତି। ଉଙ୍ଗ୍ କି' ପ୍ରଥମେ ସୋନିପତ୍‌ସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଂଶବିଶେଷ ଥିଲେ। ବର୍ତ୍ତମାନ ତାଙ୍କ ଚୁକ୍ତି ମିଆଦକୁ ଅଲିମ୍ପିକ୍ସ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବା କହିଛନ୍ତି ଇଣ୍ଡିଆନ୍ ଆର୍ଚେରୀ ହାଇପରଫର୍ମାନ୍ସ ଡାଇରେକ୍ଟର ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ସଞ୍ଜୀବ ସିଂ। ପୂର୍ବତନ ବିଶ୍ୱ ଚାମ୍ପିୟନ ୪୪ ବର୍ଷୀୟ ପାଗ୍‌ନୀ ୨୦୧୮ରୁ କମ୍ପାଉଣ୍ଡ ଦଳ ସହ ସମ୍ପୃକ୍ତ ଅଛନ୍ତି। ସେତେବେଳେ ସେ ଏସିଆନ ଗେମ୍ସ ପୂର୍ବରୁ ଏକ ଟ୍ରେନିଂ ପ୍ରୋଗ୍ରାମ ପରିଚାଳନା କରିଥିଲେ। ଭାରତୀୟ ତୀରନ୍ଦାଜଙ୍କ ପରିଚିତ ଏବଂ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ପସନ୍ଦ କରାଯିବା ସ୍ୱାଭାବିକ। ଆଗାମୀ ବିଶ୍ୱକପ୍ ଦୁଇ ବିଦେଶୀ କୋଚ୍‌ଙ୍କ ପାଇଁ ଏକ ବଡ଼ ପରୀକ୍ଷା ହେବ। କାରଣ ଅଧିକାଂଶ ଜୁନିୟରଙ୍କୁ ନେଇ ଭାରତୀୟ ଦଳକୁ ନୂଆ ରୂପ ଦିଆଯାଇଛି।


# Classified Everyday
0674-2580101, 2549949


REAL ESTATE

**SALE**

**30' Revenue** ରୋଡ୍‌କୁ ଲାଗି **gharabari yellowzone boundarywall plot (1200, 1500, 1800)** ନେଇ ତୁରନ୍ତ ଘର କରନ୍ତୁ। **Mouza- Jujhagarha near KIIT Campus, Bhubaneswar, Direct owner- 9437033320.** D-74845

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842




House for rent- 1BHK, Flat, Ground Floor, 1Bathroom for Family. Lingaraj Vihar, Pokhariput. Contact: 9938136307. D-0110

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits Spa special offer @999 Nayapalli. 7846814019. D-73699

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74670

Fullbody massage, refresh, relaxed by expert Lady Therapist. Contact: 8480939300. D-0029

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Newly open health benefits SPA special offer @799 Jaydev Vihar. 8018429809. D-73700

All type of professional full body massage by professional therapist at Rajmahal @ 999. Contact: 7855053566. D-0078

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**


**କୁମାର ସ୍ୱରାଜ ପ୍ରଧାନ**
ଗ୍ରା: ପାଜିଗାଲୁ ଡଗାନାଲୁ, ରାଇକିଆ, କନ୍ଧମାଳ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବର୍ଷା, ମେଘା ଓ ରାଜନନ୍ଦିନୀ, ବାପା, ମାଁ, ବଡ଼ବାପା, ବଡ଼ମାଁ।
ଧ-୦୧୨୧

**୪୦ତମ ଜନ୍ମଦିନ ଶୁଭେଚ୍ଛା**


**ପୁସ୍ତମ୍ ସୁନାନୀ**
ଆଜି ଜନ୍ମ ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଚଲାପଥ ତୁମର କୁସୁମିତ ହେଉ।
ଶୁଭେଚ୍ଛା ସହ: ଦିବ୍ୟା, ସାଇନା, ଜନ୍‌ସନ୍, ଦିବରନ୍, ଶୁଭମ୍, ଶ୍ରୁତି, ଉପେନ୍ଦ୍ରି ଓ ପରିବାରବର୍ଗ।
ଧ-୦୧୨୬

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




For online french learning for children, please whats app 9776072277. D-0124

**AFFIDAVIT**

By an affidavit before the Executive Magistrate, Jharsuguda I Saubhadra Marei, W/o. Siba Marei, R/o. Vill/PO- H.Katapali, Dist. Jharsuguda declared that before marriage I was known as Sudesna Bag and this name also mentioned in my Grameen Dak Jeevan Bima Policy No. RORSBEA-99136 dt.7.4.2007. After marriage I am known as Saubhadra Marei. That both the names belongs to one and same person. D-0128

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**


**୰ବୀଣାପାଣି ହରିଚନ୍ଦନ**
ନୂଆପଲ୍ଲୀ, ଭୁବନେଶ୍ୱର
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସରଳତା, ଦୃଢ଼ମନୋବଳ, ଶୃଙ୍ଖଳିତ ଜୀବନ ଓ ସତ୍‌ମାର୍ଗ ଦର୍ଶନ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ବନ୍ଧୁ ଓ ପରିବାରବର୍ଗ।**
ଧ-୦୧୨୫

**ଏକାଦଶ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**୰ପ୍ରମୋଦ କୁମାର କର**
ଆବିର୍ଭାବ - ୦୩.୦୨.୧୯୫୪
ତିରୋଧାନ - ୧୯.୦୪.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
**ପରିବାରବର୍ଗ ଓ ଆତ୍ମୀୟସ୍ୱଜନ**
ଧ-୭୪୫୩୮

**ଏକାଦଶାହ ଉପଲକ୍ଷେ**


**୰ହେମଲତା ନାୟକ**
ରାଜମୁକୁନ୍ଦପୁର, ଅନ୍ନପାଳ, ଜିଲା-ଭଦ୍ରକ
ଆବିର୍ଭାବ : ୧୫.୦୩.୧୯୨୪
ତିରୋଧାନ : ୦୮.୦୪.୨୦୨୩
ବୋଉ, ତୁମେ ୯୯ ବର୍ଷର ପାର୍ଥିବ ଜୀବନ ଅତିବାହିତ କରି ଆମକୁ ଛାଡ଼ି ସବୁଦିନ ପାଇଁ ଚିର ବିଦାୟ ନେଇଗଲ। ଏବେ ତୁମ ଅନୁପସ୍ଥିତିକୁ ଆମେ ସଭିଏଁ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମପାଇଁ ଚିରସ୍ମରଣୀୟ ହୋଇ ରହିବ। ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମ ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତି ହେଉ।
-: ଶୋକସନ୍ତପ୍ତ :-
ପୁତ୍ର-ପ୍ରବାସ ଚନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ନାୟକ ଓ ପରିବାରବର୍ଗ
ଧ-୦୧୨୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଫ୍ୟାଶନ

# ସମର ଆଉଟ୍‌ଫିଟ୍

ଫ୍ୟାଶନ ସିଜନ୍ ଅନୁଯାୟୀ ବଦଳିଥାଏ। ଖରାଦିନକୁ ଲକ୍ଷ୍ୟକରି କ'ଣ ପିନ୍ଧିଲେ ଏହା ଆପଣଙ୍କୁ କମ୍ଫର୍ଟେବଲ୍ ଲାଗିବା ସହିତ କିପରି ଷ୍ଟାଇଲିଶ୍ ଦେଖାଯିବେ, ଜାଣନ୍ତୁ ଏ ସମ୍ପର୍କରେ.....



**ଧଳା ରଙ୍ଗ ଚୟନ କରନ୍ତୁ ପ୍ରଥମେ**
ଖରାଦିନରେ ୱାର୍ଡରୋବ୍‌ରେ ନିହାତି ଧଳାରଙ୍ଗର ଆଉଟ୍‌ଫିଟ୍ ରଖନ୍ତୁ। ଏହି ଋତୁରେ ଧଳାରଙ୍ଗର ଡ୍ରେସ୍ ପିନ୍ଧିବା ତା'ର ଆଉ ଗୋଟେ ମଜା। ଧଳାରଙ୍ଗର ଶର୍ଟ ଡ୍ରେସ୍,ମ୍ୟାକ୍ସି ଡ୍ରେସ୍, ଅନାରକଲୀ, ଶାଢ଼ି, ଶର୍ଟ,ପେନ୍ ସିଲ୍ ସ୍କର୍ଟ, ଟ୍ରାଉଜର ଆଦି ଚିନ୍ତା କରିପାରନ୍ତି।

**ପ୍ରିଣ୍ଟର ରଖନ୍ତୁ ବହୁ ଧ୍ୟାନ**
ଖରାଦିନରେ ଫ୍ଲୋରାଲ୍ ପ୍ରିଣ୍ଟର ଚାହିଦା ବେଶି ରହିଛି। କିନ୍ତୁ ଖରାଦିନରେ ଲାଇଟ୍ କଲର ଫ୍ଲୋରାଲ ଡ୍ରେସ୍ ଏହା ଆପଣଙ୍କୁ କୁଲ୍ ଲୁକ୍ ଦେଇଥାଏ। ଫ୍ଲୋରାଲ ଲୁକ୍ ବ୍ୟତୀତ ଚେକ୍ସ,ଷ୍ଟ୍ରାଇପ୍ସ,ଜ୍ୟୋମେଟ୍ରିକ୍ ପ୍ରିଣ୍ଟକୁ ଆପଣାଇପାରିବେ।



**କମ୍ଫଟେବୁଲ ଡ୍ରେସ୍**
ଖରାଦିନରେ ଝାଳ ବହୁତ ବାହାରିଥାଏ। ଏଥିପାଇଁ ଟାଇଟ୍ ଫିଟିଂ ଡ୍ରେସ୍ ପିନ୍ଧନ୍ତୁ ନାହିଁ। ଏହି ସିଜନ୍‌ରେ ଯେତେ ଆରାମଦାୟକ ଡ୍ରେସ୍ ପିନ୍ଧିବେ ତାହା ଆପଣଙ୍କୁ ଭଲ ଲାଗିବ। ଶର୍ଟ ଡ୍ରେସ୍,କର୍ଟନ ଟି ଶର୍ଟ,ପ୍ଲାଜୋ,ଲଙ୍ଗ୍ କୁର୍ତ୍ତି, ପ୍ରିଣ୍ଟେଡ୍ ସ୍କର୍ଟ, ହ୍ୱାଇଟ୍ ଶର୍ଟ,ଲିନେନ୍ ଜ୍ୟାକେଟ୍,ଏସିମେଟ୍ରିକଲ୍ ଟପ୍, କର୍ଟନ ଶାଢ଼ି ଆଦି ଖରାଦିନରେ ପିନ୍ଧିବା ଭଲ ଅପ୍‌ସନ।

**ଇଭ୍ନିଂ ପାର୍ଟି ପାଇଁ ଚୟନ କରନ୍ତୁ ଡ୍ରେସ୍**
ପାର୍ଟିରେ ସବୁବେଳେ ସମସ୍ତେ ବ୍ଲାକ୍ ରଙ୍ଗର ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି। କିନ୍ତୁ ଏହି ଦିନରେ କିଛି ଅଲଗା ପିନ୍ଧିପାରିବେ। ଆପଣ ବ୍ଲାକ୍ କଲର ସହିତ ଗୋଲ୍‌ଡେନ୍ କିମ୍ବା ସିଲ୍‌ଭର କଲରକୁ ମିକ୍ସ ଅପ୍ କରି ପିନ୍ଧିପାରିବେ। ଇଭ୍ନିଂ ପାର୍ଟି ପାଇଁ ଶିଫନ୍,ଜର୍ଜେଟ କିମ୍ବା ସିଲ୍‌କ ୱାନ୍ ଶୋଲ୍‌ଡର କିମ୍ବା ଅଫ୍ ଶୋଲ୍‌ଡର ଥିବା ଶର୍ଟ ଡ୍ରେସ୍ କିମ୍ବା ମ୍ୟାକ୍ସି ଡ୍ରେସ୍ ବି ପିନ୍ଧିପାରିବେ।

# ଗୃହିଣୀଙ୍କ ପାଇଁ....

ଟୁଥ୍‌ପେଷ୍ଟ କେବଳ ଦାନ୍ତ ସଫା କରିବା ସହ ଅନେକ କାମରେ ଆସିଥାଏ। ଆପଣ ପ୍ରତିଦିନର କେତୋଟି କାମରେ ଏହାର ଉପଯୋଗ କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ.....



**ଜୁଏଲେରି ସଫା:** ଜୁଏଲେରିକୁ ସଫା କରିବାକୁ ହେଲେ ଆପଣ ଟୁଥ୍‌ପେଷ୍ଟକୁ ବ୍ୟବହାର କରିପାରିବେ। ଏଥିପାଇଁ ଟୁଥ୍‌ପେଷ୍ଟରେ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଏହି ପେଷ୍ଟକୁ ଗୋଲ୍ଡ ଜୁଏଲେରି ଉପରେ ଲଗାନ୍ତୁ। ଏହା ପରେ ନରମ ବ୍ରଶ୍ କିମ୍ବା ସ୍କ୍ରବ୍ ସାହାଯ୍ୟରେ ଘସି ଏହାକୁ ସଫା କରିପାରିବେ। ଏହାଦ୍ୱାରା ଆପଣଙ୍କ ଜୁଏଲେରି ବିଲ୍‌କୁଲ୍ ନୂଆ ଦେଖାଯିବ।

**ଟ୍ରଲି ବ୍ୟାଗ୍ କ୍ଲିନ୍ :** ଟ୍ରଲି ବ୍ୟାଗ୍‌ରେ ଲାଗିଥିବା ଦାଗ ସଫା କରିବାକୁ ହେଲେ ଟୁଥ୍‌ପେଷ୍ଟର ସାହାଯ୍ୟ ନେଇପାରିବେ। ଏଥିପାଇଁ ଅଧା ଚାମଚ ଟୁଥ୍‌ପେଷ୍ଟରେ ଏକ ଚାମଚ ବେକିଂ ସୋଡ଼ା ମିଶାଇ ଟ୍ରଲି ବ୍ୟାଗ୍ ଉପରେ ଲଗାନ୍ତୁ। ପୁଣି ସଫା କପଡ଼ାରେ ପୋଛି ବ୍ୟାଗ୍‌କୁ କ୍ଲିନ୍ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଟ୍ରଲି ବ୍ୟାଗ୍ ନୂଆ ଭଳି ଦେଖାଯିବ।

**ଟାଇଲ୍ସ କ୍ଲିନ୍:** ଘରେ ଏବଂ ବାଥ୍‌ରୁମ୍‌ରେ ଲାଗିଥିବା ଟାଇଲ୍ସକୁ ସଫା କରିବାକୁ ହେଲେ ଆପଣ ଟୁଥ୍‌ପେଷ୍ଟ ବ୍ୟବହାର କରିପାରିବେ। ଏଥିପାଇଁ ଟୁଥ୍‌ପେଷ୍ଟରେ ନଖ ଉଷୁମ ପାଣି ମିଶାଇ ଏଥିରେ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଦାଗ ଲାଗିଥିବା ସ୍ଥାନରେ ଲଗାଇ ନରମ ସ୍କ୍ରବ୍ ସାହାଯ୍ୟରେ ରଗଡ଼ନ୍ତୁ। ଏହାଦ୍ୱାରା ଘରେ ଲାଗିଥିବା ଟାଇଲ୍ସ ତୁରନ୍ତ ସଫା ହୋଇଯିବ।

**କାନ୍ଥକୁ ଫିଲ୍ କରନ୍ତୁ:** ଘର କାନ୍ଥରେ ବେଳେବେଳେ କ୍ରାକ୍ ଦେଖିବାକୁ ମିଳେ। ଫଳରେ କାନ୍ଥ ଅସୁନ୍ଦର ଦେଖାଯାଏ। ଏମିତିରେ ଆପଣ ଟୁଥ୍‌ପେଷ୍ଟର ବ୍ୟବହାରକରି ହୋଲ୍ସ ଗୁଡ଼ିକୁ ଫିଲ୍ କରିପାରିବେ।

# କର୍ମଜୀବୀ ଓ ସନ୍ତାନର ଯତ୍ନ

ଜଣେ କର୍ମଜୀବୀ ନିଜ ଚାକିରି ସହ ପରିବାର ଏବଂ ପିଲାଙ୍କ ପ୍ରତି ଯତ୍ନବାନ୍ ହୋଇଥାଆନ୍ତି। ସେମାନଙ୍କର କେତୋଟି କଥା ପିଲାମାନଙ୍କର ଭବିଷ୍ୟତ ଗଢ଼ିବାରେ ବେଶ୍ ସହାୟକ ହୋଇଥାଏ। ସେ ବିଷୟରେ ଉପସ୍ଥାପନା...







ଆଜିକାଲି ମହିଳାମାନେ ନିଜକୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବୋଲି ପ୍ରମାଣିତ କରିସାରିଲେଣି। ତେବେ ଜଣେ କର୍ମଜୀବୀକୁ କେବଳ ଚାକିରି ନୁହେଁ, ଅନ୍ୟପକ୍ଷରେ ପରିବାର ଏବଂ ନିଜ ସନ୍ତାନଙ୍କ ଯତ୍ନ ମଧ୍ୟ ନେବାକୁ ପଡ଼ିଥାଏ। ତେଣୁ ତାକୁ ଏକ ରୁଟିନ୍ ଜୀବନଯାପନ କରିବାକୁ ପଡ଼େ। ସକାଳୁ ଘର କାମ କରିବା, ପିଲାଙ୍କୁ ସ୍କୁଲକୁ ଯିବାକୁ ପ୍ରସ୍ତୁତ କରିବା ଆଦି କାମରେ ସେମାନେ ବ୍ୟସ୍ତ ରୁହନ୍ତି। ହେଲେ କର୍ମଜୀବୀଙ୍କଠାରେ ଏଭଳି କିଛି ମହତ୍ତ୍ୱ ରହିଛି, ଯାହାକୁ ତାଙ୍କର ପିଲାମାନେ ଆପଣେଇପାରନ୍ତି। ଜଣେ ମହିଳା ଚାକିରି କରିବା ପରେ ନିଜ ପିଲାଟି କିପରି ପାଠ ପଢ଼ି ମଣିଷ ହେବ ସେ ନେଇ ବେଶ୍ ଯତ୍ନବାନ୍ ହୋଇଥାନ୍ତି। ତେବେ ଜଣେ କର୍ମଜୀବୀ ସନ୍ତାନର ଯତ୍ନ କିପରି ନେଇପାରିଲେ ତାହା ତାଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ, ସେ ନେଇ କେତୋଟି ଟିପ୍ସ।

**ମା' ହୋଇଥାନ୍ତି ରୋଲ୍ ମଡେଲ :** ବେଳେବେଳେ ମା'ମାନଙ୍କଠାରେ ଲୁଚି ରହିଥିବା ପ୍ରତିଭା ପିଲାମାନଙ୍କ ପାଇଁ ପ୍ରେରଣାଦାୟୀ ସାଜିଥାଏ। ତେବେ ଏ ବିଷୟରେ ପିଲାମାନେ ଭଲ ଭାବରେ ଅବଗତ ହେବା ନିହାତି ଦରକାର। ସବୁବେଳେ ସେମାନେ ନିଜ ମା'ର ଭଲ ଗୁଣଗୁଡ଼ିକ ବିଷୟରେ ଜାଣିବା ଆବଶ୍ୟକ। କାରଣ ଗୁରୁଜନଙ୍କଠାରୁ ଅନେକ କିଛି ଶିଖିବାର ଅଛି। ତେବେ ଏ ନେଇ ନିଜ ମନରେ ଉତ୍ସୁକତା ରହିଲେ ତାହା ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଯଦି ମା' ଏକ ଭଲ ଚାକିରି କରିଛନ୍ତି ତେବେ ପିଲା ତାଙ୍କୁ ଲକ୍ଷ୍ୟ ରଖିବା ଉଚିତ। ଏହାଦ୍ୱାରା ସେମାନେ ନିଜ ଲକ୍ଷ୍ୟ ହାସଲ କରିପାରିବେ। ତେଣୁ ନିଜ ଭବିଷ୍ୟତ ପାଇଁ ମା'କୁ ରୋଲ୍ ମଡେଲ ଭାବରେ ଗ୍ରହଣ କରିପାରନ୍ତି।

**ଲାଇଫ୍ ମ୍ୟାନେଜମେଣ୍ଟ :** ଜୀବନର ରାସ୍ତାରେ ଚାଲିବା ସହଜ ନୁହେଁ। ବେଳେବେଳେ ଏହା ବେଶ୍ କଣ୍ଟକିତ ହୋଇଥାଏ। କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହାକୁ ସମାଧାନ କରିବାକୁ ପିଲାମାନେ ବାଟ ଖୋଜି ପାଇ ନ ଥାନ୍ତି। ତେଣୁ ଲାଇଫ୍ ମ୍ୟାନେଜମେଣ୍ଟ ବିଷୟରେ ମା'ଙ୍କ ନିକଟରୁ ଶିଖନ୍ତୁ। କେଉଁ ପରିସ୍ଥିତିକୁ କିପରି ସାମ୍ନା କରିବାକୁ ପଡ଼ିବ ହୁଏତ ତାଙ୍କର ଟିପ୍ସ ତୁମମାନଙ୍କ ପାଇଁ ବେଶ୍ କାମରେ ଆସିପାରେ। ସାଧାରଣତଃ ଜଣେ କର୍ମଜୀବୀକୁ ଦୁଇଟି ସମାନ୍ତରାଳ ରାସ୍ତାରେ ଯାତ୍ରା କରିବାକୁ ପଡ଼ିଥାଏ। ଗୋଟିଏ ହେଲା ପରିବାର ଏବଂ ଅନ୍ୟଟି ନିଜର କର୍ମସଂସ୍ଥାନ। ତେଣୁ ଏହି ଦୁଇଟିକୁ ସୁରୁଖୁରୁରେ ଚଳାଇବାକୁ ବୁଦ୍ଧିର ଆବଶ୍ୟକତା ରହିଛି। କୌଣସି ଗୋଟିକୁ ଯଦି ଅବହେଳା କରନ୍ତି, ତେବେ ସବୁକିଛି ଅଡୁଆ ହୋଇଯିବ। ତେଣୁ ସବୁବେଳେ ଏକ ରୁଟିନ୍ ଲାଇଫ୍ ଅନୁସରଣ କରନ୍ତୁ। ପ୍ରତ୍ୟେକ କର୍ମଜୀବୀ ମହିଳାଙ୍କ ନିକଟରୁ ତାଙ୍କର ପିଲା ଯେଉଁ ପ୍ରଥମ କଥା ଶିଖିବା ଦରକାର ତାହା ହେଲା, ସମୟାନୁବର୍ତ୍ତିତା। କାରଣ ନିଜ ଜୀବନକୁ ଆଗେଇନେବାରେ, ଶିକ୍ଷା କ୍ଷେତ୍ର ଅବା ଚାକିରିରେ ଏହାର ବେଶ୍ ଗୁରୁତ୍ୱ ରହିଛି। ତେଣୁ ର୍କମଜୀବୀ ମା'ଙ୍କ ନିକଟରୁ ପିଲାମାନେ ଏହା ଶିଖିବା ଦରକାର।

**କାମର ମହତ୍ତ୍ୱ :** ନିଜେ କରୁଥିବା କାମକୁ ତୁଲାଇବି ବୋଲି କହିଦେଲେ ହେବ ନାହିଁ। ଏହାକୁ ଶେଷ କରିବା ଲାଗି ନିଜର ସାମର୍ଥ୍ୟ ଥିବା ଦରକାର। ତା'ସହ କାମଟିକୁ କିପରି ସମ୍ପାଦନ କରିବେ ସେ ନେଇ ଯୋଜନା ପ୍ରସ୍ତୁତ କରନ୍ତୁ। ବିଶେଷଭାବରେ କର୍ମଜୀବୀ ନିଜ ଅଫିସ୍ କାମ ଏବଂ ଘର କାମକୁ ତୁଲାଇଥାଆନ୍ତି। ତେଣୁ ସେମାନଙ୍କୁ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡ଼ିଥାଏ। ଏ ବିଷୟରେ ସେମାନଙ୍କର ପିଲାମାନେ ଶିଖିବା ଦରକାର। କାରଣ ଏବେ ସେମାନେ ହୁଏତ ପାଠ ପଢୁଛନ୍ତି, ଭବିଷ୍ୟତରେ ଚାକିରି କରିବେ। ସେ ସମୟରେ କିପରି ନିଜ କାମକୁ ତୁଲାଇବେ ସେ ବିଷୟରେ ନିଜ କର୍ମଜୀବୀ ମା'ଙ୍କ ନିକଟରୁ କିଛି ଶିଖି ନିଅନ୍ତୁ।

**କାର୍ଯ୍ୟ ସମ୍ପାଦନ କରିବା ପ୍ରଣାଳୀ :** ବେଳେବେଳେ ଜଣଙ୍କୁ ଏକାଧିକ କାମ ତୁଲାଇବାକୁ ପଡ଼ିଥାଏ। ଏହି ସମୟରେ ସଂଯମର ଆବଶ୍ୟକତା ରହିଛି। କାର୍ଯ୍ୟ ଭାରରେ କଦାପି ଧୈର୍ଯ୍ୟହରା ହୁଅନ୍ତୁ ନାହିଁ। କାମଗୁଡ଼ିକୁ ଗୋଟିଏ ପରେ ଗୋଟିଏ ତୁଲାନ୍ତୁ। ଏକାଥରେ ଗୁଡ଼ାଏ କାମ ତୁଲାଇବା ସହଜ କଥା ନୁହେଁ। ତେଣୁ କାମ ଧରିବା ସମୟରେ ନିଜର ସାମର୍ଥ୍ୟ ବିଷୟରେ ଅବଗତ ହୁଅନ୍ତୁ। କାରଣ ଜଣେ କର୍ମଜୀବୀ ଅଫିସରେ ନିଜ କାମ ସହ ବେଳେବେଳେ ଅନ୍ୟ କିଛି କାମ ତୁଲାଇବାକୁ ପଡ଼ିଥାଏ। ଏଭଳି କାମକୁ ମା' କିପରି ଶେଷ କରୁଛନ୍ତି ତାହାର କାଇଦା ପିଲାମାନେ ଶିଖିନେବା ଦରକାର। ଏହାଦ୍ୱାରା ଭବିଷ୍ୟତରେ ଯଦି ପିଲା ଏଭଳି ପରିସ୍ଥିତିର ସାମ୍ନା କରନ୍ତି ତେବେ ବିଚଳିତ ନ ହୋଇ କାମଗୁଡ଼ିକୁ ବେଶ୍ ସୁଚାରୁ ରୂପେ ସମ୍ପାଦନ କରିପାରିବେ।

**ସ୍ୱାବଲମ୍ବୀ ହେବାର କାଇଦା**
ପାଠ ପଢ଼ିବା ପରେ ନିଜ ଗୋଡ଼ରେ ନିଜେ ଠିଆହେବାର ଅନେକ ଉଦାହରଣ ରହିଛି। ଏଥିପାଇଁ ଉପଯୁକ୍ତ ଯୋଜନାର ଆବଶ୍ୟକତା ରହିଛି। ପାଠ ପଢ଼ିବା ସମୟରେ ମା' ଭବିଷ୍ୟତରେ କ'ଣ କରିବାକୁ ଚାହୁଁଥିଲେ ତାହା ପଚାରି ବୁଝନ୍ତୁ।





## ଏମାନେ କ'ଣ କରନ୍ତି



**ପିଲାକୁ ଆତ୍ମନିର୍ଭରଶୀଳ ହେବା ଶିଖାଇଛି:** ଯେହେତୁ ମୁଁ ଜଣେ କର୍ମଜୀବୀ ତେଣୁ ମୋତେ ଉଭୟ ଚାକିରି ଏବଂ ପରିବାର, ସନ୍ତାନ ପ୍ରତି ସମାନ ଦୃଷ୍ଟି ଦେବାକୁ ପଡିଥାଏ। ମୋ ଝିଅ ଏବେ ସ୍କୁଲରେ ପଢୁଛି। ଏବେଠାରୁ ତାକୁ ନିଜର କିଛି କାମ ନିଜେ କରିବାକୁ ଶିଖାଇଛି। ସ୍କୁଲ୍‌ରୁ ଆସିଲା ପରେ ସେ ତା'ର ନିଜେ ଗୋଡ଼ହାତ ଧୋଇ ଖାଇବାକୁ ବସିପଡ଼େ। ସ୍କୁଲ୍‌ରେ ଯଦି କିଛି ଟ୍ୟାକ୍ସ ଦିଆ ହୋଇଛି ସେ ତାକୁ କରିଦେଇଥାଏ। ସନ୍ଧ୍ୟା ହେଲେ ସେ ନିଜେ ପଢ଼ିବାକୁ ବସିପଡେ। ଯେଉଁଦିନ ମୋର ଅଫିସ୍‌ରୁ ଫେରିବା ଲେଟ୍ ହେଲା ତା'ର ହୋମୱାର୍କ ଆଦି ସେ ସାରି ଦେଇଥାଏ। ସେଥିପାଇଁ ଟିକେ ଗାଇଡ୍ କରେ । ଏବେଠାରୁ ହିଁ ମୋ ଝିଅକୁ ମୁଁ ଆତ୍ମନିର୍ଭରଶୀଳ ହେବା ଶିଖାଇଛି। **-ସ୍ୱପ୍ନାମିତ୍ରା ପଟ୍ଟନାୟକ,** ଜଗନ୍ନାଥବିହାର,ବରମୁଣ୍ଡା



**ସବୁ ଦିଗ ପ୍ରତି ଦୃଷ୍ଟି ଦିଏ :** ଜଣେ କର୍ମଜୀବୀକୁ ବିଭିନ୍ନ ଦିଗ ପ୍ରତି ନଜର ଦେବାକୁ ପଡିଥାଏ। ମୁଁ ଏବେ ଅଧ୍ୟାପନା ସହ ଜଡ଼ିତ। ତେଣୁ ଗୋଟିଏ ପଟେ କଲେଜ ଅନ୍ୟପଟେ ପରିବାର। ତେଣୁ ଏହି ଦୁଇଟି ଜିନିଷକୁ ମୁଁ ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଉଛି। ଏଭଳି ଦୁଇଟି ଗୁରୁଦାୟିତ୍ୱ ତୁଲାଇବା ଏତେ ସହଜ ନୁହେଁ। ତେଣୁ ମୋତେ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡ଼ିଥାଏ। ବିଶେଷଭାବରେ ପିଲାଟିର ଲାଳନପାଳନ ଏବଂ ତାହାର ଭବିଷ୍ୟତ ଗଢ଼ିବାରେ ମା'ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

**-ମନୀଷାକାନ୍ତି ଜେନା,** ବିଭାଗୀୟ ମୁଖ୍ୟ, ଓଡିଆ ବିଭାଗ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା

ସୌନ୍ଦର୍ଯ୍ୟ

# ଫେସିଆଲ ପରେ କରନ୍ତୁନି ଏମିତି ଭୁଲ୍

ବାୟୁ ପ୍ରଦୂଷଣ ଯୋଗୁ ଆମ ସ୍କିନ୍‌ରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ। ଫଳରେ ସ୍କିନ୍ ବହୁ ଶୀଘ୍ର ଖରାପ୍ ହେବାକୁ ଲାଗେ। ସ୍କିନ୍‌କୁ ଡଲ୍ ହେବାଠୁ ବଞ୍ଚାଇବାକୁ ହେଲେ ପ୍ରତି ମାସରେ ଫେସିଆଲ୍ କରିବା ନିହାତି ଜରୁରୀ। ଫଳରେ ଏହାର ଫାଇଦା ଆପଣଙ୍କୁ ମିଳିପାରିବ। କିନ୍ତୁ କେତେକେ ଅଛନ୍ତି ଫେସିଆଲ୍ କରିବା ସତ୍ତ୍ୱେ ତାଙ୍କ ମୁହଁରେ ଗ୍ଲୋ ଦେଖାଯାଇ ନ ଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦିଆଯାଉଛି ଯାହାକୁ ଫଲୋ କରିବା ଦ୍ୱାରା ଆପଣଙ୍କ ସ୍କିନ୍ ଗ୍ଲୋ କରିଥାଏ

**ମୁହଁରେ ବାରମ୍ବାର ହାତ ମାରିବା**
ଫେସିଆଲ୍ ପରେ ଯଦି ଆପଣ ନିଜ ମୁହଁରେ ବାରମ୍ବାର ହାତ ମାରୁଛନ୍ତି ତେବେ ହାତରେ ଥିବା ସଂକ୍ରମଣ ସ୍କିନ୍‌ରେ ପହଞ୍ଚିବ । ଫଳରେ ମୁଖବ୍ରଣ ସମସ୍ୟା ଦେଖାଯିବା ଆଶଙ୍କା ରହିଛି।



**ମେକ୍‌ଅପ୍ କରିବା**
ସବୁବେଳେ ଗୋଟିଏ କଥା ଧ୍ୟାନରେ ରଖନ୍ତୁ ଯେ ଫେସିଆଲ୍ ପରେ ତୁରନ୍ତ ମେକ୍‌ଅପ୍ ନିଅନ୍ତୁ ନାହିଁ। ଏହାଦ୍ୱାରା ସ୍କିନ୍‌ର କ୍ଷତି ହୋଇପାରେ। ଏଥିପାଇଁ ଭଲ ହେବ ଯଦି ଆପଣଙ୍କୁ କୌଣସି ଫଙ୍କସନକୁ ଯିବାର ଥାଏ ତେବେ ଏହାର ୩ ଦିନ ପୂର୍ବରୁ ଫେସିଆଲ୍ କରାଇ ନିଅନ୍ତୁ। ଏମିତି କରିବା ଦ୍ୱାରା ଫେସିଆଲ ପରେ ଓପନ ପୋର୍ସକୁ ମେକ୍‌ଅପ୍ କେମିକାଲଠୁ ସ୍କିନ୍‌କୁ ରକ୍ଷା କରିହେବ।

**ଫେସ୍‌ୱାଶ୍ କିମ୍ବା ସ୍କ୍ରବ୍ କରନ୍ତୁ ନାହିଁ**
ଫେସିଆଲ୍ କରିବାର ୪-୬ ଘଣ୍ଟା ମଧ୍ୟରେ ଫେସ୍‌ୱାଶ୍ କିମ୍ବା ସ୍କ୍ରବ୍ ବ୍ୟବହାର କରନ୍ତୁ ନାହିଁ। ଯଦି ଆପଣ ଭାବୁଥାନ୍ତି ମୁହଁକୁ ଧୋଇବା ଆବଶ୍ୟକ ବୋଲି ତେବେ ମୁହଁକୁ କେବଳ ଖାଲି ପାଣିରେ ହିଁ ଧୋଇଦିଅନ୍ତୁ। ଧ୍ୟାନରଖନ୍ତୁ ମୁହଁକୁ ପୋଛିବା ସମୟରେ ଟାୱେଲକୁ ମୁହଁରେ ରଗଡ଼ନ୍ତୁ ନାହିଁ। ଏମିତି କରିବା ଦ୍ୱାରା ସ୍କିନ୍ ଡ୍ୟାମେଜ୍ ହୋଇପାରେ ଫେସିଆଲର ପ୍ରଭାବ କମ୍ ହୋଇଯିବା ଆଶଙ୍କା ରହିଛି।



**ଖରାରେ ବାହାରକୁ ବାହାରନ୍ତୁନି**
ଫେସିଆଲ୍ କରିବା ପରେ ତୁରନ୍ତ ଖରାକୁ ବାହାରନ୍ତୁ ନାହିଁ। ଫେସିଆଲ୍ ପରେ ତ୍ୱଚା ବହୁତ ନମନୀୟ ରହିଥାଏ। ଧୂଳି,ଖରା ଆଦି ତ୍ୱଚା ଲାଗି ହାନିକାରକ ହୋଇପାରେ। ଏଥିପାଇଁ କୌଣସି ପ୍ରକାର ଆଲର୍ଜିଠାରୁ ଦୂରେଇ ରହିବାକୁ ହେଲେ ଫେସିଆଲ୍ ପରେ ଖରାକୁ ବାହାରନ୍ତୁ ନାହିଁ।

**ୱାକ୍ସିଂ କରନ୍ତୁ ନାହିଁ**
ଯଦି ଆପଣ ୱାକ୍ସିଂ କରିବାକୁ ଭାବୁଥାନ୍ତି ତେବେ ଭଲ ହେବ ଫେସିଆଲ ପୂର୍ବରୁ ଏହାକୁ କରାଇ ନିଅନ୍ତୁ। କାରଣ ଫେସିଆଲ୍ କରିବା ପରେ ସ୍କିନ୍ ବହୁତ ସେନ୍‌ସିଟିଭ୍ ରହିଥାଏ। ଏମିତିରେ ଯଦି ଆପଣ ମୁହଁରେ ୱାକସିଂ କରିବାକୁ ଭାବୁଥାନ୍ତି ଏହା ସ୍କିନ୍‌କୁ ଡ୍ୟାମେଜ୍ କରିବାର ଯଥେଷ୍ଟ ଆଶଙ୍କା ରହିଛି।

ଖାଦ୍ୟରୁଚି

# ପଣସ କଠା କୁର୍ମା

**ଆବଶ୍ୟକ ସାମଗ୍ରୀ:** ସିଝା ହୋଇଥିବା ପଣସକଠା, ୧ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ୧ ଚାମଚ ଜିରା ପାଉଡର, ଅଧାଚାମଚ ଧନିଆ ପାଉଡର, ଛୋଟ ଆକାରରେ କଟା ହୋଇଥିବା ପିଆଜ , ୧ ଚାମଚ ଅଦା ରସୁଣ ପେଷ୍ଟ, ୨ ଚାମଚ ତେଲ କିମ୍ବା ଘିଅ, ଅଧା ଚାମଚ ଗୋଲାପଜଳ, ଅଧା ଚାମଚ ହଳଦୀ ପାଉଡର,୨ ଚାମଚ ଦହି, ,୧୦ ଗ୍ରାମ୍ ବାଦାମ, ୩ କାଜୁ, ଖଣ୍ଡେ ଡାଲଚିନି, ୨ଟି ଅଳେଇଚ,୨ଟି ତେଜପତ୍ର ଓ ଆବଶ୍ୟକ ମୁତାବକ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ତେଲ ପକାଇ ଗରମହେବାକୁ ଛାଡ଼ି ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଜିରା ପକାଇ ଦିଅନ୍ତୁ। ପରେ ତେଜପତ୍ର ଓ ପିଆଜ ପକାଇ ଭଲଭାବେ ଭାଜି ଦିଅନ୍ତୁ। ଯେତେବେଳ ପିଆଜ ରଙ୍ଗ ଲାଇଟ୍ ବ୍ରାଉନ୍ କଲର ହୋଇଯିବ ସେଥିରେ ଅଦା ରସୁଣ ପେଷ୍ଟ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ମସଲାକୁ ଭଲଭାବେ କଷନ୍ତୁ। ଏବେ ଏଥିରେ କଶ୍ମୀରୀ ମିର୍ଚ୍ଚ ପାଉଡର ,ହଳଦୀ ପାଉଡର,ଧନିଆ ପାଉଡର,ଜିରା ପାଉଡର,ଗରମ ମସଲା ପକାଇ ୨ମିନିଟ୍ ପର୍ଯ୍ୟନ୍ତ ଭଲଭାବେ କଷନ୍ତୁ। ଏହି ମିଶ୍ରଣରେ ଟମାଟେ ପେଷ୍ଟ ପକାଇ ସବୁ ମସଲାକୁ ମିଶିବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏବେ ଏଥିରେ କାଜୁ ପେଷ୍ଟ ସହ ବଟର ପକାଇ ଟିକେ କଷନ୍ତୁ। ଏହା ପରେ ସେଥିରେ କସ୍ତୁରୀ ମେଥି ,ଲୁଣ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଆଗରୁ ସିଝା ହୋଇଥିବା ପଣସକୁ ପକାନ୍ତୁ। ଦେଢ଼ କପ୍ ପାଣି ଦେଇ ତାକୁ ୨ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଛାଡ଼ି ଦିଅନ୍ତୁ। ଏବେ ଆପଣଙ୍କ ପଣସକଠା କୁର୍ମା ପ୍ରସ୍ତୁତ ହୋଇଗଲା। ଏହାକୁ ଆପଣ ରୁଟି କିମ୍ବା ଭାତ ସହ ଖାଇପାରିବେ।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଶୁଭାରମ୍ଭ ହେଉଛି ରାଉରକେଲା ରେ
ଆଜି!
KALYAN JEWELLERS
0% MAKING CHARGE
ON ALL ITEMS*
*SHOP FOR A MINIMUM OF ₹1 LAKH TO AVAIL 0% MAKING CHARGE ON HALF THE PURCHASE VALUE.
T&C apply.
ଉଦ୍‌ଘାଟନ କରିବେ
ଶ୍ରୀ ରନବୀର କପୁର
ମଧ୍ୟାହ୍ନ 1:15 ରେ
LARGEST COLLECTION IN GOLD & DIAMOND JEWELLERY
SPACIOUS SHOWROOM
AMPLE CAR PARKING FACILITY
ROURKELA - NEXA BUILDING, PANPOSH ROAD, CIVIL TOWNSHIP. PH: 9938942633
184 BRANCHES SPREAD ACROSS INDIA AND MIDDLE EAST | FOR MORE DETAILS CONTACT US ON TOLL FREE NUMBER: 1800 425 7333
WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET